ବର୍ଷ-୫୬ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଜଣେ ଶିଷ୍ୟ ସକାଶେ ପ୍ରାର୍ଥନା | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଧ୍ୟାନ | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଏକବିଂଶ ପରିଚ୍ଛେଦ) ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଜୀବନ – (୨) | ··· | ଶେଖ ଅବଦୁଲ କାଶମ | ··· | ୭ |
| ପ୍ରଗତିର ଅଦୃଶ୍ୟ ସହାୟକ | ··· | ମନୋଜ ଦାସ | ··· | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୦) | ··· | ··· | ··· | ୧୫ |
| ଦେବ ଜନନୀ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୯ |
| ଭଗବତ୍ ବିଶ୍ୱାସ ଓ ନିର୍ଭରତା | ··· | ରାମକୃଷ୍ଣ ଦାସ | ··· | ୨୦ |
| ଧନ୍ୟ ସେହିମାନେ ! (କବିତା) | ··· | ସୁନାମଣି ରାଉତ | ··· | ୨୨ |
| ଭବିଷ୍ୟ ଦୃଷ୍ଟି | ··· | ପ୍ରପତ୍ତି | ··· | ୨୩ |
| ସାର୍ଥକ କର ମା' ଜୀବନ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୫) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୬ |
| ସାତ ଟଙ୍କାର ପ୍ରତିଦାନ | ··· | ··· | ··· | ୩୦ |
| କାରା-ଜୀବନୀ (୧) | ··· | ଉଲ୍ଲାସକର ଦତ୍ତ | ··· | ୩୧ |
| ନୂତନ ଶିକ୍ଷାର ଆହ୍ୱାନ (୧୮) | ··· | ଗୟାଧର ଦାଶ | ··· | ୩୩ |
| ଦଶକର୍ମଧାରା (୩) | ··· | ପ୍ରସାଦ ତ୍ରିପାଠୀ | ··· | ୩୭ |
| ଜଣେ ବନ୍ଧୁଙ୍କର ପ୍ରଶ୍ନ ଏବଂ ମୋର ଅନୁଚିନ୍ତା | ··· | ଆର୍ତ୍ତତ୍ରାଣ ମିଶ୍ର | ··· | ୪୦ |
| ପ୍ରପତ୍ତି – ଏକ ଅମ୍ଲାନ ପ୍ରେରଣାର ଉତ୍ସ | ··· | ପଞ୍ଚାନନ ମହାନ୍ତି | ··· | ୪୧ |
| ଇନ୍ଦ୍ରଜାଲ ଓ ଦିବ୍ୟ ଇନ୍ଦ୍ରଜାଲ | ··· | ମନୋଜ ଦାସ | ··· | ୪୪ |
| କିଟ୍ଟୁର ରାଣୀ ଚେନ୍ନାମା | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୬ |
| ବର୍ଷଣମୁଖର ଗୋଧୂଳିରେ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୯ |
| କୌତୁକପୂର୍ଣ୍ଣ ୨୦୨୫ : ସ୍ୱାଗତମ୍ | ··· | ଧର୍ମକୁମାର ଶତପଥି | ··· | ୫୨ |
| ହିଂସା-ଭିତ୍ତିକ ଦୃଶ୍ୟାବଳି ପ୍ରଭାବ ଓ ପ୍ରତିଷେଧକ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ଆମର ଯାତ୍ରାରମ୍ଭ କାଳରୁ ଏବଂ ପ୍ରତ୍ୟହ ଅଧିକରୁ ଅଧିକ ଭାବରେ, ସବୁ ବ୍ୟାପାରରେ ଆମେ ଦେଖିପାରୁ ତୁମ ଦିବ୍ୟ-ହସ୍ତକ୍ଷେପ, ସବୁଠିଁ ଅଭିବ୍ୟକ୍ତ ତୁମରି ବିଧାନ, ଏବଂ ଏହା ଯେ ସଂପୂର୍ଣ୍ଣ ସ୍ୱାଭାବିକ ତାହା ଅନୁଭବ କରିବା ନିମନ୍ତେ ମୋର ଲୋଡ଼ା ସମସ୍ତ ଅନ୍ତଃପ୍ରତ୍ୟୟ, ଯାହା ଫଳରେ ମୋ ପାଇଁ ଆସୁ ନଥିବ ବିସ୍ମୟ ପରେ ବିସ୍ମୟ ।

ମୁହୂର୍ତ୍ତକ ସକାଶେ ମଧ ମୁଁ ତୁମ ବାହାରେ ଜୀବନ ଧାରଣ କରୁଛି ବୋଲି ଅନୁଭବ କରେନା ଏବଂ ଏଥି ପୂର୍ବରୁ ଦିଗ୍‌ବଳୟ କଦାଚ ମୋତେ ବ୍ୟାପକତର ଏବଂ ଗଭୀରତା ଅଧିକ ପ୍ରଜ୍ୱଳ ଏବଂ ଅତଳସ୍ପର୍ଶୀ ମନେ ହୋଇ ନାହିଁ । ହେ ଦିବ୍ୟ ଗୁରୁ, ଏହାହିଁ ମଞ୍ଜୁର କର, ଆମେ ଯେପରି ଧରାପୃଷ୍ଠରେ ଆମ କର୍ତ୍ତବ୍ୟାଭିଯାନ ଅଧିକରୁ ଅଧିକ ଉତ୍ତମ ଏବଂ ପ୍ରତୁଳରୁ ଅଧିକ ପ୍ରତୁଳ ରୂପେ ଜାଣିପାରୁଁ ଏବଂ ସାଧନ କରିପାରୁଁ, ଯେପରି ଆମ ଭିତରେ ଥିବା ସମସ୍ତ ଶକ୍ତିର ପୂର୍ଣ୍ଣ ଉପଯୋଗ କରିପାରୁଁ, ଏବଂ ସର୍ବଦା **ତୁମ** ସାର୍ବଭୌମ ଉପସ୍ଥିତି ଆମ ଆତ୍ମାର ନିରବ ଗଭୀରତାରେ, ଆମର ସମସ୍ତ ଭାବନାରେ, ଆମର ସମସ୍ତ ଅନୁଭବରେ, ଆମର ସମସ୍ତ କର୍ମରେ ପୂର୍ଣ୍ଣ ରୂପେ ପ୍ରତିଭାତ ହୋଇପାରେ ।

ମୋ ଭିତରେ ତୁମ ସ୍ଥିତି, ଭାବନା ଓ ପ୍ରେମର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ମୁଁ ତୁମକୁ କିଛି କହିବା ମୋତେ ଅସ୍ୱାଭାବିକ ମନେ ହେଉଛି ।

ମାର୍ଚ୍ଚ ୨୮, ୧୯୧୪ — ଶ୍ରୀମା



# ଜଣେ ଶିଷ୍ୟ ସକାଶେ ପ୍ରାର୍ଥନା

Mother, be with me, now and always. Envelope me with your presence. Raise and purify me with your touch. Inhabit me with your living image.

Transform all dullness and darkness into bright and perfect faith.
Transform all restlessness and agitation into inviolable calm and peace.
Transform all attachment into a deep and stainless purity.
Mother, liberate and change me, perfect your child.

(*Prayer for a disciple*) Sri Aurobindo

ମା, ରହିଥାଅ ମୋ ସାଥେ ସାଥେ, ବର୍ତ୍ତମାନ ଏବଂ ସର୍ବଦା । ମୋତେ ଆବରିତ କର ତୁମ ଉପସ୍ଥିତି ଯୋଗେ । ତୁମ ସ୍ପର୍ଶ ଯୋଗେ ମୋତେ କର ଉନ୍ନୀତ ଏବଂ ଶୁଦ୍ଧାୟିତ । ମୋ ଭିତରେ ଅଧିଷ୍ଠାନ କରୁ ତୁମର ଜୀବନ୍ତ ଭାବମୂର୍ତ୍ତି ।

ସମସ୍ତ ଜଡ଼ତା ଏବଂ ଅନ୍ଧକାରକୁ ରୂପାନ୍ତର କର ଉଜ୍ଜ୍ୱଳ ଏବଂ ପୂର୍ଣ୍ଣ ସଂହତ ବିଶ୍ୱାସରେ ।
ସବୁ ଅସ୍ଥିରତା ଓ ଉତ୍ତେଜନାକୁ ରୂପାନ୍ତର କର ଅଲଙ୍ଘ୍ୟ ସ୍ଥୈର୍ଯ୍ୟ ଓ ଶାନ୍ତିରେ ।
ସବୁ ଆସକ୍ତିକୁ ରୂପାନ୍ତର କର ଏକ ଗଭୀର ଏବଂ ନିଷ୍କଳଙ୍କ ବିଶୁଦ୍ଧତାରେ ।
ମା, ମୋତେ କର ପ୍ରମୁକ୍ତ ଓ ପରିବର୍ତ୍ତିତ, ତୁମ ସନ୍ତାନକୁ କର ପୂର୍ଣ୍ଣସଂହତ ।

(*ଜଣେ ଶିଷ୍ୟ ସକାଶେ ପ୍ରାର୍ଥନା*) — ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୧୫)

## ଶ୍ରୀଅରବିନ୍ଦ

The unseen grew visible to student eyes,
Explained was the immense
Inconscient's scheme,
Audacious lines were traced upon the Void;
The Infinite was reduced to square and cube.

ଶିକ୍ଷାର୍ଥୀ ନେତ୍ର ସକଳ ପାଇଁ ଅଦୃଶ୍ୟ ଦୃଶ୍ୟମାନ ହେଉଥିଲେ, ବିପୁଳ ନିଶ୍ଚେତନାର ଯୋଜନା ବ୍ୟାଖ୍ୟାତ ହେଉଥିଲା, ଶୂନ୍ୟ ପ୍ରସାର ଉପରେ ଅଙ୍କା ଯାଇଥିଲା ଦୁଃସାହସଭରା ରେଖାବଳୀ; ଅସୀମ ସଙ୍କୁଚିତ ହୋଇଥିଲେ ବର୍ଗାକୃତି ଓ ଘନାକୃତି ବସ୍ତୁକୁ ।

Arranging symbol and significance,
Tracing the curve of a transcendent Power,
They framed the cabbala of the cosmic Law,
The balancing line discovered
of Life's technique
And structured her magic and her mystery.

ପ୍ରତୀକ ଓ ତାତ୍ପର୍ଯ୍ୟକୁ ସଜାଇ ଧରି, ଏକ ଲୋକାତୀତ ଶକ୍ତିର ବକ୍ରଗତିପଥର ନିରୂପଣ କରି, ସେମାନେ ମହାଜାଗତିକ ବିଧାନର ସଂଗୁପ୍ତ ସିଦ୍ଧାନ୍ତସବୁକୁ ସୂତ୍ରବଦ୍ଧ କରିଥିଲେ, ଆବିଷ୍କାର କରିଥିଲେ ଜୀବନର କଳାକୌଶଳର ଭାରସାମ୍ୟ ରେଖା ଏବଂ ଗଢ଼ିତୋଳିଥିଲେ ତା'ର ଯାଦୁ ତଥା ରହସ୍ୟର ସୌଧ ।

Imposing schemes of knowledge on the Vast
They clamped to syllogisms of finite thought
The free logic of an infinite Consciousness,
Grammared the hidden rhythms
of Nature's dance,
Critiqued the plot of the drama of the worlds,
Made figure and number a key to all that is:
The psycho-analysis of cosmic Self
Was traced, its secrets hunted down, and read
The unknown pathology of the Unique.

ବିରାଟଙ୍କ ଉପରେ ଜ୍ଞାନର ଯୋଜନାମାନ ଆରୋପ କରି ଅସୀମ ଚେତନାର ମୁକ୍ତ ତର୍କବିଧିକୁ ନେଇ ସେମାନେ ଭାବନାର ତ୍ରିପଦୀଯୁକ୍ତିରାଜି ସହ ଦୃଢ଼ଭାବେ ସଂଯୁକ୍ତ କରିଥିଲେ, ପ୍ରକୃତିର ନୃତ୍ୟର ଗୁପ୍ତ ଛନ୍ଦାବଳୀକୁ ବ୍ୟାକରଣବଦ୍ଧ କରିଥିଲେ, ବିଶ୍ୱଭୁବନଚୟର ନାଟକର କାହାଣୀକୁ ସମୀକ୍ଷା କରୁଥିଲେ, ଆକାର ଓ ସଂଖ୍ୟାକୁ ନେଇ ବିଦ୍ୟମାନ ଯାବତୀୟ ବସ୍ତୁର ସମାଧାନସୂତ୍ରରୂପୀ କୁଞ୍ଚିକାରେ ପରିଣତ କରିଥିଲେ : ବିଶ୍ୱଗତ ଆତ୍ମାର ମନୋବିଶ୍ଳେଷଣ ପଦ୍ଧତି ଚିହ୍ନିତ ହୋଇଥିଲା, ଅନ୍ୱେଷଣ ପ୍ରକ୍ରିୟାରେ ପ୍ରକଟ ହୋଇଥିଲା ତା'ର ରହସ୍ୟରାଜି, ଏବଂ ପାଠ କରାଯାଇଥିଲା ଅନନ୍ୟଙ୍କର ଅଜ୍ଞାତ ନିଦାନ ।

Assessed was the system of the probable,
The hazard of fleeing possibilities,
To account for the Actual's
unaccountable sum,
Necessity's logarithmic tables drawn,
Cast into a scheme the triple act of the One.

ସମ୍ଭାବ୍ୟର ପଦ୍ଧତି, ପଳାୟମାନ ସମ୍ଭାବନାସକଳର ଆକସ୍ମିକତା ହୋଇଥିଲା ମୂଲ୍ୟାୟିତ, ବାସ୍ତବର ଗଣନାତୀତ ସମଷ୍ଟିର ହିସାବ ଦେବାକୁ ନିୟତିର ଘାତାଙ୍କ-ଗଣିତସିଦ୍ଧ ସାରଣୀମାନ ଅଙ୍କିତ ହୋଇଥିଲା, ଏକ ଯୋଜନା ମଧ୍ୟରେ ପ୍ରକ୍ଷିପ୍ତ ହୋଇଥିଲା ଅଦ୍ୱିତୀୟର ତ୍ରିଧା କ୍ରିୟା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଧ୍ୟାନ

## ଶ୍ରୀମା

### ଧ୍ୟାନ ଓ ଅଗ୍ରଗତି – ୧

ତୁମେ କେତେ ଘଣ୍ଟା ଧ୍ୟାନରେ କଟାଇଲ ତାହା ତୁମ ଆଧ୍ୟାତ୍ମିକ ଅଗ୍ରଗତିର ପ୍ରମାଣ ନୁହେଁ । ସେତିକିବେଳେ ତୁମ ଅଗ୍ରଗତିର ପ୍ରମାଣ ମିଳିବ ଯେତେବେଳେ ତୁମକୁ ଆଉ ଧ୍ୟାନ କରିବା ପାଇଁ ପ୍ରଚେଷ୍ଟା କରିବାକୁ ପଡୁ ନଥିବ । ସେତେବେଳେ ବରଂ ତୁମକୁ ଧ୍ୟାନ ବନ୍ଦ କରିବା ପାଇଁ ପ୍ରଚେଷ୍ଟା କରିବାକୁ ପଡ଼ିବ : ସେତେବେଳେ ଧ୍ୟାନ ବନ୍ଦ କରିବା କଷ୍ଟକର ହୋଇ ଉଠିବ ଏବଂ ଈଶ୍ୱରଙ୍କ ବିଷୟରେ ନ ଭାବିବାହିଁ କଷ୍ଟକର ହୋଇ ପଡ଼ିବ, ସାଧାରଣ ଚେତନାକୁ ଖସି ଆସିବା ମଧ୍ୟ କଷ୍ଟକର ହୋଇ ଉଠିବ । ତା'ହେଲେ ଯାଇ ତୁମେ ଅଗ୍ରଗତି କରିଛ ବୋଲି ନିଶ୍ଚିତ ହେବ, ଯେତେବେଳେ ତୁମେ ଅନୁଭବ କରିବ ଯେ, ଈଶ୍ୱରଙ୍କ ପ୍ରତି ଏକାଗ୍ର ହେବା ତୁମ ଜୀବନର ଏକ ଆବଶ୍ୟକତା ହୋଇ ଉଠିଛି, ଯେତେବେଳେ ତୁମେ ଈଶ୍ୱରଙ୍କ ଭାବନା ବ୍ୟତୀତ ଆଉ ଚଳି ପାରୁନ, ଯେତେବେଳେ ତୁମେ ସକାଳୁ ରାତି ପର୍ଯ୍ୟନ୍ତ ଯେଉଁ କାମ କରୁଥାଅନା କାହିଁକି, ଯେପରି ଭାବେ ଥାଅନା କାହିଁକି, ଏହା ଅବ୍ୟାହତ ରହିଥାଏ, ସେତିକିବେଳେ ଜାଣିବ ଯେ, ତୁମର ଯଥାର୍ଥରେ ଅଗ୍ରଗତି ହୋଇଛି । ତୁମେ ଧ୍ୟାନ କରିବା ପାଇଁ ଯେଉଁଠି ବସ କିଂବା କୁଆଡ଼େ ଏଣେ ତେଣେ ବୁଲୁଥାଅ ବା କେଉଁ କର୍ମ କାର୍ଯ୍ୟରେ ବ୍ୟସ୍ତ ଥାଅ, ତୁମ ଲାଗି ଯାହା ଦରକାର ତାହା ହେଲା ଚେତନା; ତାହା କେବଳ ଆବଶ୍ୟକ – ଈଶ୍ୱରଙ୍କ ସମ୍ପର୍କରେ ନିରବଚ୍ଛିନ୍ନ ଭାବେ ସଚେତ ରହିବା ।

### ଧ୍ୟାନ ଓ ଅଗ୍ରଗତି – ୨

କେବଳ ଶୃଙ୍ଖଳା ପାଇଁ ଶୃଙ୍ଖଳା ରକ୍ଷା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମେ ଯାହା ଚାହୁଁଛୁ ତା'ହେଲା – ସବୁ ସମୟରେ, ଯାହାକିଛି ଆମେ କରୁଥାଉନା କାହିଁକି, ଆମର ସବୁ କର୍ମରେ ଓ ସବୁ ପ୍ରକାର ଗତିବୃତ୍ତିରେ ଆମେ ଯେପରି **ଈଶ୍ୱର**ଙ୍କ ପ୍ରତି ଏକାଗ୍ର ରହୁ । ଏଠାରେ କେତେକେ ଅଛନ୍ତି ଯେଉଁମାନଙ୍କୁ ଧ୍ୟାନ କରିବା ପାଇଁ କୁହାଯାଇଛି; କିନ୍ତୁ ଆଉ କେତେକେ ଅଛନ୍ତି ଯେଉଁମାନଙ୍କୁ କୌଣସି ଧ୍ୟାନ କରିବା ପାଇଁ ଆଦୌ କୁହାଯାଇ ନାହିଁ । କିନ୍ତୁ ଏପରି ଭାବିବା ଉଚିତ ନୁହେଁ ଯେ, ସେମାନେ ଅଗ୍ରଗତି କରୁ ନାହାନ୍ତି । ସେମାନେ ମଧ୍ୟ ଗୋଟିଏ ଶୃଙ୍ଖଳା ଅବଲମ୍ବନ କରିଥା'ନ୍ତି, କିନ୍ତୁ ସେ ଶୃଙ୍ଖଳାର ଧାରା ଅଲଗା । ଭକ୍ତିର ସହିତ ଏବଂ ଆନ୍ତରିକ ଉତ୍ସର୍ଗର ସହିତ ଯଦି ସମସ୍ତ କାର୍ଯ୍ୟ କରାଯାଏ, ତାହା ମଧ୍ୟ ଏକ ଆଧ୍ୟାତ୍ମିକ ଶୃଙ୍ଖଳା । ଆମର ସର୍ବଶେଷ ଲକ୍ଷ୍ୟ ହେଲା **ଈଶ୍ୱର**ଙ୍କ ସହିତ ନିରବଚ୍ଛିନ୍ନ ଭାବେ ମିଳିତ ହୋଇ ରହିବା, କେବଳ ଧ୍ୟାନ ବେଳେ ନୁହେଁ କିନ୍ତୁ ସମସ୍ତ ପରିସ୍ଥିତିରେ ଏବଂ ସବୁ ପ୍ରକାର ସକ୍ରିୟ ଜୀବନ ଭିତରେ ... ।

ଯଦି ଧ୍ୟାନସ୍ଥ ହେବାକୁ ତୁମକୁ ପ୍ରୟାସ କରିବାକୁ ପଡୁଥାଏ, ତା'ହେଲେ ତୁମେ ଆଧ୍ୟାତ୍ମିକ ଜୀବନଠାରୁ ବହୁ ଦୂରରେ ଅଛ ବୋଲି ବୁଝିବାକୁ ହେବ । ଅନ୍ୟ ପକ୍ଷରେ ଯଦି ଐଶ୍ୱରିକ ଭାବଠାରୁ ତୁମକୁ ଅଲଗା ହେବା ପାଇଁ ପ୍ରୟାସ ଦରକାର ପଡ଼େ, ତା'ହେଲେ ବୁଝିବାକୁ ହେବ ଯେ, ତୁମେ ଆଧ୍ୟାତ୍ମିକ ଜୀବନରେ ଅଛ ବୋଲି ତୁମର ଧ୍ୟାନ ସୂଚନା ଦେଇପାରୁଛି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଏକବିଂଶ ପରିଚ୍ଛେଦ)

## ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଜୀବନ – (୨)

**ଶେଖ ଅବଦୁଲ କାଶମ**

ଧର୍ମଗତ ବିଧିବିଧାନ, ଅନୁଷ୍ଠାନ ଆଦି ବହିରଙ୍ଗ କ୍ରିୟା ଓ ବାହ୍ୟ ସାଧନାଗୁଡ଼ିକ ଦ୍ୱାରା ଧର୍ମ ଭିତରେ ରହିଥିବା ଆଧ୍ୟାତ୍ମିକ ଉପାଦାନକୁ ଦଳି ଦେଇ ତାକୁ କ୍ରମଶଃ ଲୋପ କରିଦେବା ଏକ ସାଂଘାତିକ ବ୍ୟାପାର । ଏହା ଦ୍ୱାରା ଧର୍ମ ତା'ର ଅସଲ ମହତ୍ତ୍ୱ ଓ ଶକ୍ତି ହରାଇ ବସେ । ସମାଜର କେତୋଟି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ସନ୍ତୋଷ ବିଧାନ ଓ ସ୍ୱାର୍ଥ ସାଧନ ପାଇଁ ଧର୍ମକୁ ବ୍ୟବହାର କରିବା ହେଉଛି ଏକ ପ୍ରକାଣ୍ଡ ମିଥ୍ୟା । ଏହାର ପରିଣାମ ସମାଜ ଲାଗି ଭାରି ଭୟଙ୍କର ହୋଇପାରେ । ଇତିହାସରୁ ଆମେ ଏପରି ଅନେକ ଦୃଷ୍ଟାନ୍ତ ପାଇବା ଯେଉଁଥିରେ କି ଧର୍ମ ନାମରେ ଅଜ୍ଞାନତା, ନୃଶଂସତା, ଅନ୍ୟାୟ ଓ ଅତ୍ୟାଚାରର ବୃଦ୍ଧି ଲାଗି ପ୍ରଶ୍ରୟ ଦିଆଯାଇଛି । ଗୋଟିଏ ଦିଗରେ ଧର୍ମ ପରାୟଣତା ଓ ଧାର୍ମିକ ଉତ୍ସାହ ପ୍ରବଳ ଭାବରେ ପ୍ରଦର୍ଶିତ ହୋଇଛି, କିନ୍ତୁ ଅନ୍ୟ ଦିଗରେ ମନୁଷ୍ୟ ଜୀବନ ମିଥ୍ୟା, ଅଜ୍ଞାନ ଓ ଅଶୁଦ୍ଧିର ଘନ ଅନ୍ଧକାର ଭିତରେ ପଡ଼ି ରହିଛି । ବୌଦ୍ଧିକ ସ୍ପର୍ଶ ପାଇଥିଲେ ମଧ୍ୟ ସେଇ ଜୀବନଟି ଆସ୍ପୃହା ଅଭାବରୁ ସାଧାରଣ ସ୍ତରୀୟ ହୋଇ ରହି ଯାଇଛି । ଏହାର ଶେଷ ପରିଣାମ ରୂପେ ପ୍ରତିଷ୍ଠିତ ଧର୍ମ ବିରୋଧରେ ଏକ ବିଦ୍ରୋହ ଭାବ ସୃଷ୍ଟି ହୋଇ ଚତୁର୍ଦ୍ଦିଗରେ ବ୍ୟାପୀ ଯାଇଛି ।

କୌଣସି ସାମାଜିକ-ଧର୍ମଗତ ବ୍ୟବସ୍ଥା ଏବଂ ତା'ର ବିଧି ଓ ବାହ୍ୟ ରୂପଗୁଡ଼ିକୁ ନିଖୁଣଭାବେ ପାଳନ କଲାବେଳେ ଗୌଣ ବିଷୟଗୁଡ଼ିକୁହିଁ ପ୍ରାଧାନ୍ୟ ଦିଆଯାଇଥାଏ । ଫଳରେ ସେଗୁଡ଼ିକ (ଧର୍ମଗତ ଓ ସମାଜଗତ ବିଧି ଓ ବାହ୍ୟରୂପସବୁ) ଆପଣାର ଅସଲ ରୂପକୁ ହରାଇ ବସିଥା'ନ୍ତି । ବ୍ୟକ୍ତି ତଥା ଜାତିର ଆଧ୍ୟାତ୍ମିକ ବିକାଶହିଁ ଧର୍ମର ଅସଲ ଲକ୍ଷ୍ୟ ହେବା ଉଚିତ । କିନ୍ତୁ ତା' ନ ହୋଇ ବିଧିବିଧାନ ଓ ବହିରଙ୍ଗ କ୍ରିୟାର ପାଳନହିଁ ଧର୍ମର ମୁଖ୍ୟ ଲକ୍ଷ୍ୟ ହୋଇପଡ଼େ । ଏହା ମନୁଷ୍ୟର ଧର୍ମଗତ ଜୀବନର ଏକ ବିଫଳତା । ଆଉ ଏକ ବିଫଳତା ସେତେବେଳେ ଦେଖାଦିଏ ଯେତେବେଳେ ବ୍ୟକ୍ତି ଆପଣାର ଆଧ୍ୟାତ୍ମିକ ବିକାଶ ପାଇଁ ସ୍ଥାନ ଖୋଜିବା ସକାଶେ ସମାଜ ଛାଡ଼ି ଅନ୍ୟତ୍ର ପଳାଇଯାଏ । ଯେତେବେଳେ ସେ ଦେଖେ ଯେ ତା'ର ଜୀବନ ଅଶୁଦ୍ଧ ମନ, ପ୍ରାଣ, ଶରୀର ଦ୍ୱାରା କଳୁଷିତ ହୋଇଯାଉଛି ଏବଂ କେତେଟା ବାହ୍ୟରୂପର ବନ୍ଧନ ଦ୍ୱାରା ତଥା ଧର୍ମମନ୍ଦିର ଓ ଧର୍ମଶାସ୍ତ୍ରର ବନ୍ଧନ ଦ୍ୱାରା ତା'ର ଆଧ୍ୟାତ୍ମିକ ସ୍ୱାଧୀନତା ବ୍ୟାହତ ହେଉଛି, ସେତେବେଳେ ସେ ସେଥିରୁ ମୁକ୍ତି ଖୋଜି ମଠ, ଆଶ୍ରମ, ଗୁମ୍ଫା ବା ଅରଣ୍ୟକୁ ଚାଲିଯାଏ ଯେଉଁଠି ସେ ଅବାଧରେ ନିଜର ଆଧ୍ୟାତ୍ମିକ ବିକାଶ ଘଟାଇ ପାରିବ । ଜୀବନ ଓ ଅଧ୍ୟାତ୍ମ ମଧ୍ୟରେ ଏହି ବିଭାଜନ ଫଳରେ ଜୀବନ ପ୍ରତି ଘୃଣା ଓ ତିରସ୍କାର ଭାବ ସୃଷ୍ଟି ହୁଏ । ଜୀବନକୁ ଅସତ୍ୟ ଓ ମୂଲ୍ୟହୀନ ବୋଲି କହି ତାହାର ନିନ୍ଦା କରାଯାଏ । ପାର୍ଥିବ ଲକ୍ଷ୍ୟଗୁଡ଼ିକ ଉପରୁ ବିଶ୍ୱାସ ତୁଟିଯାଏ ।

ଉଚ୍ଚତର ଆଧ୍ୟାତ୍ମିକ ଚେତନା ପ୍ରାପ୍ତ ହେବା ଲାଗି ମନୁଷ୍ୟକୁ ନିଶ୍ଚୟ ଉଦ୍ୟମ କରିବାକୁ ହେବ, କାରଣ ଏହି ଉଦ୍ୟମ ବିନା ମନୁଷ୍ୟ ସମାଜ ଅଚଳ ଓ ସ୍ଥାଣୁ ହୋଇଯିବ । କିନ୍ତୁ ଯଦି ଜୀବନକୁ ବର୍ଜନ କରାଯାଇ ଅଧ୍ୟାତ୍ମର ଅନୁସରଣ କରାଯାଏ ତାହା ମଧ୍ୟ ସମାଜରେ ଏକ ସ୍ଥାଣୁତା ସୃଷ୍ଟି କରିବ । କାରଣ ଅଧ୍ୟାତ୍ମ ଭୂମିରେ ଗୁଡ଼ିଏ ସନ୍ଥ ଓ ସନ୍ନ୍ୟାସୀଙ୍କ ଆବିର୍ଭାବ ହୋଇଗଲେ ସମାଜ ଓ ଜୀବନ ଆପେ ପରିବର୍ତ୍ତିତ ହୋଇଯିବ ନାହିଁ । ସମସ୍ତ ସମାଜ ଓ ଜାତି ଜୀବନର ଅଧ୍ୟାତ୍ମୀକରଣ ଆଡ଼କୁ ସଞ୍ଚାଳିତ ନହେବା ପର୍ଯ୍ୟନ୍ତ, ଅର୍ଥାତ୍ ଜୀବନର ସକଳ କ୍ଷେତ୍ର ଓ ବିଭାବ ଏକ ଉଚ୍ଚତର ଆଧ୍ୟାତ୍ମିକ ଆଦର୍ଶ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଅଗ୍ରସର ନହେବା ପର୍ଯ୍ୟନ୍ତ, ମନୁଷ୍ୟ ସମାଜକୁ କ୍ଷୁଦ୍ରତା, ଦୁର୍ବଳତା ଓ ସ୍ଥାଣୁତାରୁ ମୁକ୍ତ କରିହେବ ନାହିଁ । ଅଥବା, ପୁଣିଥରେ ବୁଦ୍ଧିବାଦର ଯୁଗପଥରେ ବୁଲିଆସିବାକୁ ହେବ ଏବଂ ସମଗ୍ର ଜୀବନର ଅଧ୍ୟାତ୍ମୀକରଣ ପାଇଁ ନୂତନ କରି ପ୍ରୟାସ କରିବାକୁ ହେବ ।

ସମାଜର ଯଥାର୍ଥ ପରିପୂର୍ଣ୍ଣ ଲକ୍ଷ୍ୟଟି ମଣିଷକୁ ମନ, ପ୍ରାଣ ଓ ଦେହ ବିଶିଷ୍ଟ ଏକ ସତ୍ତା ରୂପେ ଦେଖିବ ନାହିଁ, ସେ ତାହାକୁ ଏକ ଆତ୍ମା ରୂପେହିଁ ଦେଖିବ ଯିଏ କି ଦିବ୍ୟ ଇଚ୍ଛାର

ପରିପୂର୍ଣ୍ଣ ଉପଲବ୍ଧି ସକାଶେ ପୃଥିବୀକୁ ଓହ୍ଲାଇ ଆସିଛି । ଦିବ୍ୟ ପରିପୂର୍ଣ୍ଣତା କେବଳ ସ୍ୱର୍ଗରେହିଁ ଯେ ସମ୍ଭବ ତାହା ନୁହେଁ, ଏହି ପୃଥିବୀରେ ମଧ୍ୟ ତାହା ସମ୍ଭବ । ତାହା ହୋଇ ନଥିଲେ ମନୁଷ୍ୟ-ଆତ୍ମା ପୃଥିବୀକୁ କାହିଁକି ବା ଆସିଥା'ନ୍ତା ? ଭୌତିକ, ପ୍ରାଣଗତ ଓ ମନୋମୟ ପ୍ରକୃତିବିଶିଷ୍ଟ ଏହି ପାର୍ଥିବ ଜୀବନର ନିଶ୍ଚୟ ଏକ ଦିବ୍ୟ ଉଦ୍ଦେଶ୍ୟ ଓ ଦିବ୍ୟ ନିୟତି ରହିଥିବ । ଏକ ଯଥାର୍ଥ ଆଧ୍ୟାତ୍ମିକ ଲକ୍ଷ୍ୟ ମନ, ପ୍ରାଣ ଓ ଶରୀରକୁ ମନୁଷ୍ୟର ଗୋଟିଏ ଗୋଟିଏ ସ୍ୱୟଂପୂର୍ଣ୍ଣ ଚରମ ଲକ୍ଷ୍ୟ ବୋଲି ବିଚାର କରିବ ନାହିଁ । ତାହା ଏଗୁଡ଼ିକୁ ଆତ୍ମାର ଏକ ଏକ ସାଧନ ରୂପେହିଁ ଗ୍ରହଣ କରିବ । ଏଗୁଡ଼ିକ ଅପୂର୍ଣ୍ଣ ହେଲେ ମଧ୍ୟ ଏଗୁଡ଼ିକର ସର୍ବୋଚ୍ଚ ସମ୍ଭାବନା ଓ ଚରମ ନିୟତି ଉପରେ ତାହା ଆସ୍ଥା ରଖିଥିବ । ଦେହ, ମନ ଓ ପ୍ରାଣକୁ ବ୍ୟାଧିପୂର୍ଣ୍ଣ ଏକ ଏକ ନଶ୍ୱର ତତ୍ତ୍ୱ ଓ ବର୍ଜ୍ୟ ବସ୍ତୁ ରୂପେ ବିଚାର ନକରି ସେଗୁଡ଼ିକୁ ଆଧ୍ୟାତ୍ମିକ ତତ୍ତ୍ୱରେ ରୂପାନ୍ତରିତ କରାଯାଇପାରିବ ବୋଲି ଏହି ଲକ୍ଷ୍ୟ ବିଶ୍ୱାସ ରଖିଥାଏ । ଏହାର ଦୃଷ୍ଟିରେ ସେହି ସାଧନଗୁଡ଼ିକ ନିଶ୍ଚୟ ଦିନେ ଚିନ୍ମୟତାକୁ ଅଭିବ୍ୟକ୍ତ କରିବେ ଏବଂ ଅଧିକ ଚେତନାଯୁକ୍ତ ଓ ପରିପୂର୍ଣ୍ଣ ହୋଇ ପାରିବେ ।

ପ୍ରକୃତିଗତ ନାନା ବିରୋଧ ସତ୍ତ୍ୱେ ମନୁଷ୍ୟର ସମୁଦାୟ ସତ୍ତା ଯେ ଦିନେ ଦିବ୍ୟତ୍ୱ ଅର୍ଜନ କରିବ ଏହି ସମ୍ଭାବନା ସେହି ଆଧ୍ୟାତ୍ମିକ ଲକ୍ଷ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ପୁନଶ୍ଚ ଏହା କେବଳ ବ୍ୟକ୍ତି-ମନୁଷ୍ୟକୁ ନୁହେଁ ସମୂହସ୍ଥ ମଣିଷ (man the collectivity)କୁ ମଧ୍ୟ ପରମ ଅନନ୍ତଙ୍କର ଏକ ଆତ୍ମ-ରୂପ ବୋଲି ସ୍ୱୀକାର କରିବ । ଏକହିଁ ସମୂହ-ଆତ୍ମା (collective soul) ଦିବ୍ୟ ପରିପୂର୍ଣ୍ଣତାର ଉପଲବ୍ଧି ପାଇଁ ବହୁବିଧ ସମ୍ବନ୍ଧ ଓ ବହୁସଂଖ୍ୟକ କ୍ରିୟାତ୍ମକତା ମଧ୍ୟଦେଇ ଏହି ପୃଥିବୀରେ ଅଗଣିତ ଧାରାରେ ଆପଣାକୁ ଅଭିବ୍ୟକ୍ତ କରି ଚାଲିଛି । ତେଣୁ ସେହି ଆଧ୍ୟାତ୍ମିକ ଲକ୍ଷ୍ୟଟି ମନୁଷ୍ୟ-ଜୀବନର ସକଳ ଦିଗକୁ, ଅର୍ଥାତ୍ ତା'ର ଭୌତିକ, ପ୍ରାଣଗତ, ଗତିଶୀଳ, ସଂବେଗଗତ, ସୌନ୍ଦର୍ଯ୍ୟଗତ, ନୈତିକ, ବୌଦ୍ଧିକ ଓ ଚୈତ୍ୟିକ ବିବର୍ତ୍ତନକୁ ପବିତ୍ର ବୋଲି ଅନୁଭବ କରିବ ଏବଂ ଏଗୁଡ଼ିକ ଦିବ୍ୟ ଜୀବନ ଆଡ଼କୁ ବିକଶିତ ହୋଇଯିବା ଲାଗି ଏକ ଏକ ସହାୟକ ମାଧ୍ୟମ ବୋଲି ଜାଣି ରଖିବ । ତାହା ମନୁଷ୍ୟ ସମାଜର ସକଳ ଜାତି ଓ ସକଳ ଗୋଷ୍ଠୀଙ୍କୁ ବିକାଶଶୀଳ ଉପ-ଆତ୍ମା ବା ଅଂଶ-ଆତ୍ମା (sub-soul) ରୂପେ ଦେଖିବ । ସେ ସମସ୍ତ ଏକହିଁ ଚିନ୍ମୟ ପରମସତ୍ତାଙ୍କର ବହୁମୁଖୀ ଅଭିବ୍ୟକ୍ତି ଓ ଆତ୍ମ-ପରିପୂର୍ଣ୍ଣତାର ଏକ ଏକ ସାଧନ । ମୂଳ ସ୍ୱରୂପରେ ମନୁଷ୍ୟ ଭଗବାନଙ୍କ ଠାରୁ କଦାପି ଭିନ୍ନ ନୁହେଁ । ସୁତରାଂ ସକଳ ମନୁଷ୍ୟ ଭିତରେ ଦିବ୍ୟତ୍ୱର ପରିପ୍ରକାଶହିଁ ସମାଜର ଆଧ୍ୟାତ୍ମିକ ଲକ୍ଷ୍ୟ ।

ମନୁଷ୍ୟ ଭିତରେ ଦେବତ୍ୱର ସମ୍ଭାବନାକୁ ଆମେ ଏକ ଉତ୍ତୋଳନକାରୀ ସୂତ୍ର ବୋଲି କହିପାରିବା । କାରଣ ସେହି ସମ୍ଭାବନା ଉପରେ ବିଶ୍ୱାସ ସ୍ଥାପନ କଲେ ମନୁଷ୍ୟ ନିଜକୁ ବହୁ ଉଚ୍ଚତର ଚେତନାର ସ୍ତରକୁ ଉଠାଇ ନେଇ ପାରିବ । ମାତ୍ର ଏହି ସୂତ୍ରଟିକୁ ଯଦି ବାଧ୍ୟବାଧକତା ଦ୍ୱାରା ସତ୍ତାର ନିମ୍ନତର ଅଙ୍ଗଗୁଡ଼ିକ ଉପରେ ଜୋର୍ କରି ଲଦି ଦିଆଯାଏ, ତେବେ ତାହା ମନୁଷ୍ୟ ପ୍ରକୃତିକୁ ସଙ୍କୁଚିତ କରି ପକାଇବ । ଏହା ଦ୍ୱାରା ମନ୍ଦଶକ୍ତିଗୁଡ଼ିକ କେବଳ ଅବଦମିତ ହୋଇ ରହିଯିବ ସିନା, ମାତ୍ର ଭଲ ଉପାଦାନଗୁଡ଼ିକ ସୁସ୍ଥ ଭାବରେ ବୃଦ୍ଧି ପ୍ରାପ୍ତ ହୋଇ ପାରିବ ନାହିଁ । ସମାଜର ଆଧ୍ୟାତ୍ମିକ ଲକ୍ଷ୍ୟ ମନୁଷ୍ୟର ଏକ ସ୍ୱତଃ-ପ୍ରବୃତ୍ତ ବିକାଶ ଉପରେ ବିଶ୍ୱାସ ରଖିଥାଏ ଯେପରିକି ଜୀବନର ସକଳ ଅଙ୍ଗ ସ୍ୱତଃ ନିଜ ଭିତରୁ ଦେବତ୍ୱ ଆଡ଼କୁ ବିକଶିତ ହୋଇ ଆସିବେ ।

ନିଗ୍ରହ ଓ ବାଧ୍ୟବାଧକତା ଦ୍ୱାରା ମନୁଷ୍ୟ ପ୍ରକୃତିର ଯଥାର୍ଥ ପରିବର୍ତ୍ତନ ସଂଘଟିତ ହୁଏ ନାହିଁ । ସମାଜ ମନୁଷ୍ୟ ଆଗରେ ଦେବତ୍ୱର ସମ୍ଭାବନାଟିକୁ ଏକ ଆଦର୍ଶ ରୂପେ ଟେକି ଧରିଥିବ ଏବଂ ମନୁଷ୍ୟ ସ୍ୱୀୟ ସଂକଳ୍ପ ଓ ସ୍ୱାଧୀନ ଇଚ୍ଛା ଦ୍ୱାରା ସେହି ସମ୍ଭାବନାକୁ ବାସ୍ତବ ରୂପ ଦେବ । ସୁତରାଂ ଆଧ୍ୟାତ୍ମିକ ଲକ୍ଷ୍ୟ ମନୁଷ୍ୟ ତଥା ସମାଜକୁ ସକଳ ପ୍ରକାର ଅବରୁଦ୍ଧତା, ଅବଦମନ ଓ ଦୁର୍ବଳତାରୁ ମୁକ୍ତ କରି ଆଣିବ ଏବଂ ତାକୁ ଏକ ପ୍ରଶସ୍ତତା, ମୁକ୍ତି ଓ ଆଲୋକର ଅନୁଭୂତି ପ୍ରଦାନ କରିବ । ଏହି ପ୍ରଶସ୍ତ ମୁକ୍ତତାହିଁ ଆଧ୍ୟାତ୍ମିକ ସମାଜର ବିଧାନ ହୋଇ ରହିବ । ମନୁଷ୍ୟ ଯେତେ ଯେତେ ମୁକ୍ତିର ସ୍ୱାଦ ଚାଖୁଥିବ ସମାଜଟି ସେତେ ସେତେ ଆଧ୍ୟାତ୍ମିକ ହେଉଛି ବୋଲି ବୁଝିବାକୁ ହେବ ।

ଏହି ଦୃଷ୍ଟିରୁ ବିଚାର କଲେ ସମାଜ ନାନା ଦାସତ୍ୱର ଅଧୀନ ହୋଇ ରହିଥିବା ପର୍ଯ୍ୟନ୍ତ ତା'ର ଅଧ୍ୟାତ୍ମୀକରଣ ସମ୍ଭବ ହୋଇପାରିବ ନାହିଁ । ସମାଜର ବ୍ୟକ୍ତିମାନେ ଯଦି କ୍ଷମତା ଓ କର୍ତ୍ତୃତ୍ୱର ଦାସ ହୋଇ ରହିଥିବେ, ଯଦି ସେମାନେ ପ୍ରଥା, ସଂସ୍କାର, ଧର୍ମସୂତ୍ର ଓ ନାନା ବାହ୍ୟ ନିୟମର ଦାସ ହୋଇ ରହିଥିବେ କିଂବା ଯଦି ସେମାନେ ନାନା ଦୁର୍ବଳତା, ଅଜ୍ଞାନ ଓ ବାସନାର ଦାସ ହୋଇ ରହିଥିବେ ଓ ସେଥିରୁ ମୁକ୍ତ ହେବାକୁ

ଚାହୁଁ ନଥିବେ ତାହାହେଲେ ସେମାନଙ୍କୁ ଆଧ୍ୟାତ୍ମିକ ସ୍ତରକୁ ଉତ୍ତୋଳିତ କରାଯାଇ ପାରିବ ନାହିଁ । ଏକ ଉଚ୍ଚତର ମୁକ୍ତିର ଯୋଗ୍ୟ ହେବାକୁ ହେଲେ ସେମାନଙ୍କୁ ପ୍ରଥମେ ଆପଣାର ବେଡ଼ିକୁ ଭାଙ୍ଗି ଦେବାକୁ ପଡ଼ିବ, ଆତ୍ମ-ଚେଷ୍ଟା ଦ୍ୱାରା ସେହି ଦାସତ୍ୱଗୁଡ଼ିକ ଭିତରୁ ବାହାରି ଆସିବାକୁ ପଡ଼ିବ । ପ୍ରକୃତରେ ମୁକ୍ତି ହେଉଛି ଆଧ୍ୟାତ୍ମିକତାର ଏକ ପ୍ରଧାନ ଧର୍ମ ।

ଊର୍ଦ୍ଧ୍ୱମୁଖୀ ଯାତ୍ରା ପଥରେ ମନୁଷ୍ୟକୁ କୌଣସି ଯୁଆଳି ବା ଶୃଙ୍ଖଳାର ଭାର ଯେ ବୋହିବାକୁ ପଡ଼ିବ ନାହିଁ ସେପରି ଆଦୌ ନୁହେଁ, କିନ୍ତୁ ଯେଉଁ ଯୁଆଳି ବା ଶୃଙ୍ଖଳା ମନୁଷ୍ୟ ପ୍ରକୃତିର ଉଚ୍ଚତମ ଆନ୍ତର ବିଧାନକୁ ପ୍ରତିନିଧିତ୍ୱ କରୁଥିବ ଏବଂ ଯାହା ତା'ର ଆଗ୍ରହ ଓ ଆସ୍ପୃହାର ଅନୁକୂଳ ହୋଇଥିବ ତାହାହିଁ ପ୍ରକୃତରେ ତା'ର ଅଗ୍ରଗତି ଲାଗି ସହାୟକ ହୋଇପାରିବ ।

ମନୁଷ୍ୟସତ୍ତାର ପ୍ରତ୍ୟେକ ଅଙ୍ଗ ବା ବିଭାବ ଯେପରି ଆପଣା ବଳରେ ବୃଦ୍ଧିପ୍ରାପ୍ତ ହୋଇପାରିବେ, ଆପଣାର ସ୍ୱରୂପ ଓ ସମ୍ଭାବନାକୁ ଯେପରି ପୂର୍ଣ୍ଣତଃ ଉପଲବ୍ଧି କରିପାରିବେ ସେଥିଲାଗି ପର୍ଯ୍ୟାପ୍ତ ମୁକ୍ତ ପରିସର ଯୋଗାଇ ଦିଆଯିବା ଉଚିତ । ମୁକ୍ତ ବାତାବରଣର ଏହି ଆବଶ୍ୟକତା ଉପରେ ଆଧ୍ୟାତ୍ମିକ ଲକ୍ଷ୍ୟଟି ଖୁବ୍ ଗୁରୁତ୍ୱ ଦିଏ । ମନୁଷ୍ୟ ଜୀବନର ସେହି ବିଭାଗ ବା ବିଭାବଗୁଡ଼ିକ ମୁକ୍ତ ଭାବରେ କାର୍ଯ୍ୟ କଲାବେଳେ ହୁଏତ ଅନେକ ତ୍ରୁଟି କରି ବସିବେ, କିନ୍ତୁ ସେହି ତ୍ରୁଟିଗୁଡ଼ିକରୁହିଁ ସେମାନେ ଯଥାର୍ଥ ଅଭିଜ୍ଞତା ଲାଭ କରିପାରିବେ । ସେମାନଙ୍କ ଅଭିଜ୍ଞତା ଯେତେ ଗଭୀର ହେବ, ସେମାନେ ସେତେ ଆପଣାର ଅନ୍ତର୍ନିହିତ ଦିବ୍ୟ ତତ୍ତ୍ୱକୁ ଆବିଷ୍କାର କରିପାରିବେ । ତେଣୁ ଯଥାର୍ଥ ଆଧ୍ୟାତ୍ମିକତା ବିଜ୍ଞାନ କିଂବା ଦର୍ଶନ ଉପରେ କଦାପି କୌଣସି କଟକଣା ବା ଶୃଙ୍ଖଳା ଆଣି ଲଦିଦେବ ନାହିଁ । ତାହା କୌଣସି ଧର୍ମୀୟ ମତବାଦ ବା ଆଧ୍ୟାତ୍ମିକ ସତ୍ୟର ବିବୃତିକୁ ମାନିନେବା ପାଇଁ ବିଜ୍ଞାନ ଓ ଦର୍ଶନକୁ ବାଧ୍ୟ କରିବ ନାହିଁ ।

ମାନବ ସତ୍ତାର ପ୍ରତ୍ୟେକ ବିଭାଗର ଏକ ସ୍ୱକୀୟ ଧର୍ମ ରହିଛି । ସେହି ଧର୍ମକୁ ଅନୁସରଣ କରିବା ଲାଗି ତାହାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବା ଉଚିତ । ବିଜ୍ଞାନ ଓ ଦର୍ଶନର ଧର୍ମ ହେଲା ବୁଦ୍ଧି ଓ ବିଚାରଶକ୍ତି ଦ୍ୱାରା ନିରପେକ୍ଷ ଭାବରେ ସତ୍ୟର ଅନୁସନ୍ଧାନ କରିବା । ଏହି ଅନୁସନ୍ଧାନରେ କୌଣସି ପୂର୍ବାଗ୍ରହ ବା ପୂର୍ବପୋଷିତ ଧାରଣା ହସ୍ତକ୍ଷେପ କରିବା ଉଚିତ ନୁହେଁ । ଧର୍ମଗତ ସୂତ୍ର, ନୀତିଗତ ବିଧାନ ବା ସୌନ୍ଦର୍ଯ୍ୟବୋଧଗତ କୌଣସି ପ୍ରଚଳିତ ଧାରଣାକୁ ସ୍ୱୀକାର କରିନେବା ଲାଗି ବିଜ୍ଞାନ ବା ଦର୍ଶନ କଦାପି ବାଧ୍ୟ ନୁହନ୍ତି । ଏଗୁଡ଼ିକର ପ୍ରଭାବରେ ସେମାନଙ୍କ ବିଚାର ଓ ଅବଲୋକନର ସ୍ୱାତନ୍ତ୍ର୍ୟ କ୍ଷୁଣ୍ଣ ହେବା ଉଚିତ ନୁହେଁ । ବିଜ୍ଞାନ ଓ ଦର୍ଶନକୁ ଯଦି କାର୍ଯ୍ୟ କରିବା ଲାଗି ପୂର୍ଣ୍ଣ ସ୍ୱାଧୀନତା ଦିଆଯାଏ ତେବେ ସେ ଦୁଇଟି ପରିଶେଷରେ ଶିବ, ସୁନ୍ଦର ଓ ଭଗବାନଙ୍କ ସହିତ ସତ୍ୟର ଏକତ୍ୱଟିକୁ ନିଶ୍ଚୟ ଆବିଷ୍କାର କରିପାରିବେ ଏବଂ ଏପରିକି ସେଗୁଡ଼ିକୁ ଅଧିକ ତାତ୍ପର୍ଯ୍ୟ ମଧ୍ୟ ପ୍ରଦାନ କରିପାରିବେ । ସେମାନେ ଭଗବାନଙ୍କୁ ପ୍ରଥମେ ଅସ୍ୱୀକାର କଲେ ମଧ୍ୟ ପରିଶେଷରେ ଆପଣାର ସତ୍ୟନିଷ୍ଠ ଅବଲୋକନ ଶକ୍ତି ଦ୍ୱାରା ତାଙ୍କ ପାଖକୁହିଁ ବାହୁଡ଼ି ଆସିବେ । ବ୍ୟକ୍ତି କ୍ଷେତ୍ରରେ ତଥା ସମାଜ କ୍ଷେତ୍ରରେ ନାସ୍ତିକତାର ବି ଏକ ଆବଶ୍ୟକତା ରହିଛି ବୋଲି ଅନେକ ସମୟରେ ଅନୁଭବ କରିହୁଏ । ବେଳେବେଳେ ଭଗବାନଙ୍କୁ ଲାଭ କରିବାକୁ ହେଲେ ତାଙ୍କୁ ପ୍ରଥମେ ଅସ୍ୱୀକାର କରିବାକୁ ପଡ଼ିଥାଏ । ଭଗବାନଙ୍କ ପ୍ରତି ସଂଶୟ ଓ ବର୍ଜନ ଭାବ ଯଦି ନିଷ୍କାପଟ ହୋଇଥାଏ ତେବେ ପରିଶେଷରେ ନିର୍ଶ୍ଚିତଭାବେ ଭଗବାନଙ୍କ ଦର୍ଶନ ପ୍ରାପ୍ତ ହୋଇପାରେ ।

କଳା କ୍ଷେତ୍ରରେ ମଧ୍ୟ ଠିକ୍ ଏହି ନିୟମ ଲାଗୁ ହୁଏ । ମନୁଷ୍ୟର ସୌନ୍ଦର୍ଯ୍ୟକାମୀ ସତ୍ତା (aesthetic being) ଏକ ବକ୍ର ପଥରେ ଗତି କରି ପରିଶେଷରେ ଆପଣାର ଦିବ୍ୟତାର ସମ୍ଭାବନାକୁ ଆବିଷ୍କାର କରିବ । କଳା ମାଧ୍ୟମରେ ସୌନ୍ଦର୍ଯ୍ୟ ଖୋଜୁ ଖୋଜୁ ତନ୍ମଧ୍ୟରେ ଭଗବାନଙ୍କୁହିଁ ଉପଲବ୍ଧି କରିବ । ସୁତରାଂ ଆମେ କହିପାରିବା ଯେ ସୌନ୍ଦର୍ଯ୍ୟକାମୀ ମନୁଷ୍ୟ-ସତ୍ତାର ସର୍ବୋଚ୍ଚ ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ମାଧ୍ୟମରେ ଭଗବାନଙ୍କର ସନ୍ଧାନ କରିବା ଓ ତାଙ୍କୁ ପ୍ରାପ୍ତ କରିବା । ସର୍ବଶ୍ରେଷ୍ଠ କଳାର କାମ ହେଲା ତାତ୍ପର୍ଯ୍ୟପୂର୍ଣ୍ଣ ଓ ଅର୍ଥଦ୍ୟୋତକ ରୂପର ପ୍ରେରଣାଯୁକ୍ତ ଉପଯୋଗ ଦ୍ୱାରା ଅନ୍ତର୍ନିହିତ ଚିନ୍ମୟ ସତ୍ତାଙ୍କୁ ଉନ୍ମୋଚିତ କରିଦେବା । କିନ୍ତୁ ଏହି ଶ୍ରେଷ୍ଠ କାର୍ଯ୍ୟଟିକୁ ଠିକ୍ ଭାବରେ କରିବା ପୂର୍ବରୁ ତାକୁ ଯେଉଁ ପ୍ରାରମ୍ଭିକ କାମଟି କରିବାକୁ ପଡ଼ିବ ତାହା ହେଲା ମନୁଷ୍ୟ, ପ୍ରକୃତି ଓ ଜୀବନକୁ ସେଗୁଡ଼ିକର ଆପଣା ସ୍ୱରୂପରେ ସନ୍ଦର୍ଶନ କରି ଚିତ୍ରଣ କରିବା । ଏଗୁଡ଼ିକୁ ଆନ୍ତରିକ ପ୍ରୟାସ ଦ୍ୱାରା ଯଥାର୍ଥ ଭାବେ ରୂପାନ୍ତରିତ କରିପାରିଲେ ତନ୍ମଧ୍ୟରୁ ଲୁକ୍‌କାୟିତ ହୋଇ ରହିଥିବା ଭଗବାନଙ୍କ ସତ୍ୟ ଓ ସୌନ୍ଦର୍ଯ୍ୟ ଦିନେ ଫୁଟି ଉଠିବ ।

କଳାରେ ଯେ କେବଳ ଧର୍ମ କଥାହିଁ ଅଭିବ୍ୟକ୍ତ ହେବା ଉଚିତ ଏବଂ ଧର୍ମସଂପୃକ୍ତ ନହୋଇ କଳା ଯେ ତିଷ୍ଠି ରହି ପାରିବ

ନାହିଁ, ଏପରି ଭାବିବା ଏକ ମିଥ୍ୟା ଧାରଣା । କଳା କେବଳ ଧର୍ମ ନୁହେଁ, ନୈତିକତା, ପ୍ରୟୋଜନୀୟତା, ବୈଜ୍ଞାନିକ ସତ୍ୟ କିଂବା ଦାର୍ଶନିକ ଧାରଣାର ଅଧୀନ ହୋଇ ରହିବା ଅନୁଚିତ । ଏଗୁଡ଼ିକ ଗୋଟିଏ ଗୋଟିଏ ଉପାଦାନ ଭାବରେ କଳାରେ ହୁଏତ ବ୍ୟବହୃତ ହୋଇ ପାରନ୍ତି କିନ୍ତୁ କଳା ଆପଣାର ସ୍ୱଧର୍ମକୁ ଛାଡ଼ି ଅନ୍ୟ କାହାରି ବିଧାନକୁ ମାନିବା ଉଚିତ ନୁହେଁ । କଳା ଯଦି ଆପଣାର ସ୍ୱାଭାବିକ ଧର୍ମକୁହିଁ ଅନୁସରଣ କରିଚାଲେ ତେବେ ପରିଶେଷରେ ଏହା ନିଶ୍ଚିତ ଭାବରେ ଆଧ୍ୟାତ୍ମିକତାର ପ୍ରଶସ୍ତତମ କ୍ଷେତ୍ରରେ ଯାଇ ଉପନୀତ ହେବ ।

ଆଧ୍ୟାତ୍ମିକ ଲକ୍ଷ୍ୟ ମନୁଷ୍ୟର ନିମ୍ନତର ସ୍ୱଭାବଟିକୁ ବାଧ କରି ବଦଳାଇବାକୁ ଚାହେଁ ନାହିଁ । ଏହା ମନୁଷ୍ୟର ଗତିଶୀଳ ଓ ପ୍ରାଣଗତ ସତ୍ତାଟି ଉପରେ ବାହାରୁ କୌଣସି ଦମନନୀତି ପ୍ରୟୋଗ ନକରି ତା' ପାଇଁ ଏକ ବନ୍ଧନମୁକ୍ତ ଆତ୍ମଶାସନ ବା ସ୍ୱତଃସ୍ଫୂର୍ତ୍ତ ଆତ୍ମବିକାଶର ସୁଯୋଗ ସୃଷ୍ଟି କରେ । କର୍ମକ୍ଷେତ୍ରରେ ତଥା ଜ୍ଞାନକ୍ଷେତ୍ରରେ ଭୁଲ୍ କରିବା ଲାଗି ମଧ୍ୟ ମନୁଷ୍ୟକୁ ଏକ ପ୍ରକାର ସ୍ୱାଧୀନତା ଦିଆଯିବା ଉଚିତ । କାରଣ ସେହି ଭୁଲ୍‌ଗୁଡ଼ିକରୁହିଁ ସେ ଯଥାର୍ଥ ଶିକ୍ଷା ଗ୍ରହଣ କରି ଆପଣାର ବିକାଶ ଘଟାଇ ପାରିବ । ସମାଜ ନିଜର ନିରାପତ୍ତା ପାଇଁ ଗତିଶୀଳ ଓ ପ୍ରାଣଗତ ମନୁଷ୍ୟକୁ ବାଧ କରି କିଛିଟା ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିପାରେ । ମାତ୍ର ଏପରି ବାଧବାଧକତା ଦ୍ୱାରା ମନୁଷ୍ୟ ଭିତରେ କ୍ରିୟାଶୀଳ ସଇତାନକୁ କଦାପି ବିଲୁପ୍ତ କରି ହୁଏ ନାହିଁ । ମନୁଷ୍ୟର ପ୍ରାଣସତ୍ତା ଯେତେବେଳେ ନିଜ ଭିତରୁହିଁ ଏକ ଉଚ୍ଚତର ବିଧାନକୁ ଆବିଷ୍କାର କରିପାରିବ ସେତେବେଳେ ଯାଇ ସିଏ ତା'ର ଅସଲ ଗୁଣକୁ ପ୍ରକାଶ କରିପାରିବ । ସୁତରାଂ ଆଧ୍ୟାତ୍ମିକତାର ପଥରେ ନୂତନ କିଛିର ଅଭ୍ୟୁଦୟ ଘଟାଇବାକୁ ହେଲେ ଆମକୁ ପ୍ରାଣସତ୍ତା ଲାଗି ସେଇ ଉଚ୍ଚତର ବିଧାନକୁ ଆଣିଦେବାକୁ ହେବ । ତା'ର ଆବେଗଗୁଡ଼ିକୁ କୌଣସି ମତେ ନଷ୍ଟ ନ କରି ତାକୁ ଆଲୋକିତ ଓ ରୂପାନ୍ତରିତ କରିଦେବାକୁ ହେବ । ସେହି ବିଶୁଦ୍ଧୀକୃତ ଓ ରୂପାନ୍ତରିତ ପ୍ରାଣସତ୍ତାହିଁ ଆମର ଯଥାର୍ଥ ଆଧ୍ୟାତ୍ମିକ ସାଧନ ହୋଇପାରିବ ।

ସୁତରାଂ ଆଧ୍ୟାତ୍ମିକତା ଜୀବନର ନିମ୍ନତର ବିଭାଗଗୁଡ଼ିକର ସ୍ୱାଧୀନତାକୁ ସବୁବେଳେ ସମ୍ମାନ ଦେଉଥିବ । କିନ୍ତୁ ତାହା ସେଗୁଡ଼ିକୁ ବିଶୃଙ୍ଖଳିତ ଓ ଅଶୁଦ୍ଧ ଅବସ୍ଥାରେ ରହିବାକୁ ଛାଡ଼ିଦେବ ନାହିଁ । ଆଧ୍ୟାତ୍ମିକତା ସେଗୁଡ଼ିକ ଭିତରେ ରହିଥିବା ଚିନ୍ମୟ ସତ୍ୟକୁ ସେଗୁଡ଼ିକର ଆଗରେ ନେଇ ଥୋଇ ଦେଉଥିବ ଏବଂ ସେଗୁଡ଼ିକ ଯେମିତି ଆପଣାର କାର୍ଯ୍ୟକ୍ଷେତ୍ରରେ ସେଇ ସତ୍ୟଟିକୁ ପ୍ରୟୋଗ କରିପାରିବେ ସେଥିଲାଗି ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବ । ଫଳରେ ଜୀବନର ସେଇ ନିମ୍ନତର ଅଙ୍ଗଗୁଡ଼ିକ ସ୍ୱକୀୟ ସ୍ୱାଧୀନତାର ଉଚ୍ଚତର ବିଧାନଟିକୁ ଉପଲବ୍ଧି କରିପାରିବେ ଏବଂ ସେମାନଙ୍କ ସକଳ କାର୍ଯ୍ୟ ଚିନ୍ମୟ ସତ୍ୟର ଆଲୋକରେ ଆଲୋକିତ ହୋଇପାରିବ ।

ଆଧ୍ୟାତ୍ମିକତା ବୈଜ୍ଞାନିକ ଭୌତିକବାଦ (scientific materialism)ଠାରୁ ଦୂରକୁ ପଳାଇଯିବାକୁ ଚେଷ୍ଟା କରିବ ନାହିଁ । ତାହା ଭୌତିକ ଜୀବନକୁ ଘୃଣା କରିବ ନାହିଁ କି ଜଡ଼କୁ ଅସ୍ୱୀକାର କରିବ ନାହିଁ । ବରଂ ତାହା ସଂଶୟବାଦୀ ମନର ଯାବତୀୟ ଗ୍ରହଣ ଓ ବର୍ଜନ ସମୟରେ ତାହାର ସାଥୀ ହୋଇରହିବ ଏବଂ ତାକୁ ସେଇ ଅବସରରେହିଁ ଭଗବାନଙ୍କ ସହିତ ପରିଚିତ କରାଇଦେବ । ଆଧ୍ୟାତ୍ମିକତା ଯଦି ଏତିକି କରି ନପାରିବ ତେବେ ତାହା ସ୍ୱୟଂ ଅନାଲୋକିତ ଓ ଦୋଷଯୁକ୍ତ ବୋଲି କହିବାକୁ ହେବ । ଆଧ୍ୟାତ୍ମିକତା ଏକଦିଗଦର୍ଶୀ ହୋଇ ନଥିଲେ ଏହି ଅସାମର୍ଥ୍ୟ ଦେଖାଦେବ ନାହିଁ ।

ଯଥାର୍ଥ ଆଧ୍ୟାତ୍ମିକତା ଜୀବନର ବର୍ଜନ କରି ମନୁଷ୍ୟ ଭିତରେ ରହିଥିବା ପ୍ରାଣଶକ୍ତିକୁ ହତ୍ୟା କରିବାକୁ ଯିବ ନାହିଁ । ବରଂ ତାହା ପ୍ରାଣ ଭିତରେ ରହିଥିବା ଦିବ୍ୟତାକୁ ଉନ୍ମୋଚିତ କରି ଆଣିବ ଏବଂ ସେହି ଦିବ୍ୟତାରୂପୀ ରୂପାନ୍ତରକାରୀ ଶକ୍ତି ଦ୍ୱାରା ପ୍ରାଣର ରୂପାନ୍ତର ଘଟାଇବ । ଆଧ୍ୟାତ୍ମିକତା ଯଦି ଏତିକି କରି ନ ପାରିବ ତେବେ ତାହା ସୃଷ୍ଟିର ତାତ୍ପର୍ଯ୍ୟକୁ ତଥା ଅବତାରର ରହସ୍ୟକୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ବୁଝି ପାରି ନାହିଁ ବୋଲି କହିବାକୁ ହେବ ।

ସୁତରାଂ ବ୍ୟକ୍ତିଗତ ଓ ସମୂହଗତ ସ୍ତରରେ ଜୀବନ ଓ ମନୁଷ୍ୟର ପରିପୂର୍ଣ୍ଣତା ସଂଘଟିତ କରିବା ହେଉଛି ଆଧ୍ୟାତ୍ମିକତାର ପରମ ଲକ୍ଷ୍ୟ । ଚିନ୍ମୟତାର ଶିଖରଗୁଡ଼ିକରେ ଯାଇ ପହଞ୍ଚିବା ଲାଗି ବ୍ୟକ୍ତିଜୀବନ ଓ ସମୂହଜୀବନ ଏକ ଏକ ଭୂମି ରୂପେ ବ୍ୟବହୃତ ହେବେ ଏବଂ ପରିଶେଷରେ ଭୂମି ଓ ଶିଖରଗୁଡ଼ିକ ଏକହିଁ ଉପାଦାନରେ ପରିଣତ ହେବେ । ଯଥାର୍ଥ ଆଧ୍ୟାତ୍ମିକ ଲକ୍ଷ୍ୟ ଦେହର ଅବଜ୍ଞା ବା ଅବହେଳା କରିବ ନାହିଁ, ବୈରାଗ୍ୟର ମୋହରେ ପଡ଼ି ପ୍ରାଣକୁ ଉପବାସୀ ବା ଅବଦମିତ କରି ରଖିବ ନାହିଁ । ଏହା କଳା, ସୌନ୍ଦର୍ଯ୍ୟ, ବିଜ୍ଞାନ ଓ ଦର୍ଶନକୁ ଅବହେଳା କରିବ ନାହିଁ । ବରଂ ଜୀବନର ଏହି ସକଳ ଅଙ୍ଗଗୁଡ଼ିକୁ ପରିପୂର୍ଣ୍ଣ କରିବା ଲାଗି ଆଧ୍ୟାତ୍ମିକ ଲକ୍ଷ୍ୟ ସବୁବେଳେ ଚେଷ୍ଟା କରିବ ।

ସମାଜରେ ପ୍ରତିପତ୍ତିପୂର୍ଣ୍ଣ ଗୀର୍ଜା, ମନ୍ଦିର ବା ପୁରୋହିତବର୍ଗର ମିଛ ଈଶ୍ୱରତନ୍ତ୍ର (false theocracy) ପରିବର୍ତ୍ତେ ଏକ ଯଥାର୍ଥ ଈଶ୍ୱରତନ୍ତ୍ର (true inner theocracy) ପ୍ରତିଷ୍ଠା କରିବା ହେଉଛି ଏକ ଯଥାର୍ଥ ଆଧ୍ୟାତ୍ମିକ ଲକ୍ଷ୍ୟ । ମନୁଷ୍ୟ ନିଜ ଅନ୍ତରରେହିଁ ପରମ ଯାଜକ, ପରମ ସନ୍ଦେଶବାହକ ଓ ପରମ ସମ୍ରାଟଙ୍କୁ ଉପଲବ୍ଧି କରିବ ଏବଂ ତାଙ୍କରି ନିର୍ଦ୍ଦେଶ ଦ୍ୱାରା ନିଜର ଜୀବନକୁ ପରିଚାଳିତ କରିବ ।

ଆଧ୍ୟାତ୍ମିକ ଲକ୍ଷ୍ୟ ମନୁଷ୍ୟ ଭିତରେ ଅଧିଷ୍ଠିତ ଦିବ୍ୟତାକୁ ଅନ୍ତରସ୍ଥ ପରମ ଆଲୋକ, ପରମ ବଳ, ପରମ ସୌନ୍ଦର୍ଯ୍ୟ, ପରମ କଲ୍ୟାଣ, ପରମ ଆନନ୍ଦ ଓ ପରମ ଅମୃତତ୍ୱ ରୂପେ ଉଦ୍‌ଘାଟିତ କରିଦେବ । ମନୁଷ୍ୟର ବାହ୍ୟ ଜୀବନକୁ ମଧ୍ୟ ତାହା ଦିବ୍ୟତାର ଆଲୋକରେ ଭରିଦେବ । ଫଳରେ ମନୁଷ୍ୟ ଯେଉଁ ପରିସ୍ଥିତିରେ ଥିଲେ ମଧ୍ୟ ସକଳ ଭାବରେ ପରମ ସତ୍ୟ ମଧ୍ୟରେହିଁ ସର୍ବଦା ବାସ କରିବ ଓ ଆପଣାର ସକଳ କାର୍ଯ୍ୟ ଦିବ୍ୟଭାବରେ କରିବ ।

(ଏକବିଂଶ ପରିଚ୍ଛେଦ ସମାପ୍ତ) ❑

ଦିବ୍ୟଜନନୀଙ୍କ ପ୍ରତି ଚୈତ୍ୟଭାବେ ଉନ୍ମୁଖ ରହିବା ଦ୍ୱାରା ସାଧନା ପାଇଁ ଯାହା କିଛି ଆବଶ୍ୟକ ତାହାସବୁ ଅତି ଶୀଘ୍ର ବିକଶିତ ହୋଇ ଉଠେ, ତାହାହିଁ ଅନ୍ୟତମ ମୁଖ୍ୟ ଗୋପନ ବିଷୟ, ସାଧନାର କେନ୍ଦ୍ରୀୟ ଗୂଢ଼ ତତ୍ତ୍ୱ ।

ଯୋଗସାଧନା ଅର୍ଥ ସମସ୍ତ ଆସକ୍ତିକୁ ପ୍ରତିହତ କରି କେବଳ ଭଗବାନଙ୍କ ପ୍ରତି ଉନ୍ମୁଖ ହେବା । ଏହି ଯୋଗର ପ୍ରଧାନ ବିଷୟ ହେଲା, ସାଧନାର ପ୍ରତି ପଦକ୍ଷେପରେ ଭଗବାନଙ୍କ ଦିବ୍ୟକୃପା ଉପରେ ବିଶ୍ୱାସ ରଖିବା । ଭଗବାନଙ୍କ ଉଦ୍ଦେଶ୍ୟରେ ସମସ୍ତ ଚିନ୍ତାଧାରାକୁ ନିରବଚ୍ଛିନ୍ନ ଭାବରେ ପ୍ରେରଣ କରିବା ଏବଂ ନିଜ ସତ୍ତା ସଂପୂର୍ଣ୍ଣ ଉନ୍ମୀଳିତ ହୋଇ ଶ୍ରୀମା'ଙ୍କର ଶକ୍ତି ଆଧାର ମଧ୍ୟରେ କାର୍ଯ୍ୟ କରୁଥିବାର ଅନୁଭୂତି ହେବା ପର୍ଯ୍ୟନ୍ତ ନିଜକୁ ସମର୍ପଣ କରିବା ।

ଦିବ୍ୟଜନନୀଙ୍କ ପ୍ରତି ଉନ୍ମୀଳିତ ହୋଇ ରହିଲେ ତୁମେ ଅନୁଭବ କରିବ ଅନ୍ତର ମଧ୍ୟରେ ନିରନ୍ତର ନିରବତା, ଆନନ୍ଦ ଓ ଦୃଢ଼ତା । ସେତେବେଳେ ଚେତନା ମଧ୍ୟରେ କୌଣସି ପ୍ରକାରର ଅସ୍ଥିରତା, ଦୁଃଖ ବା ନୈରାଶ୍ୟ ତିଷ୍ଠି ପାରିବ ନାହିଁ । ଦିବ୍ୟଜନନୀଙ୍କ ଶକ୍ତି ତୁମ ମଧ୍ୟରେ କାର୍ଯ୍ୟ କରିବ, ପଥପ୍ରଦର୍ଶନ କରିବ, ଚେତନାକୁ ଜ୍ଞାନଦୀପ୍ତ କରିବ ଏବଂ ଶାନ୍ତି ଓ ଆନନ୍ଦରେ ପୂର୍ଣ୍ଣ କରିବ ।

ନିରବଚ୍ଛିନ୍ନ ସ୍ମରଣ ଦ୍ୱାରା ସତ୍ତା ସଂପୂର୍ଣ୍ଣ ଉନ୍ମୀଳନ ପାଇଁ ପ୍ରସ୍ତୁତ ହୁଏ । ହୃଦୟଚକ୍ରର ଉନ୍ମୀଳନ ଦ୍ୱାରା ଦିବ୍ୟଜନନୀଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ ହୁଏ । ତାଙ୍କର ଉଚ୍ଚତର ଦିବ୍ୟଶକ୍ତି ପ୍ରତି ଉନ୍ମୀଳିତ ହେବା ଦ୍ୱାରା ଉଚ୍ଚତର ଚେତନାର ଶକ୍ତି ଶରୀର ମଧ୍ୟକୁ ଅବତରଣ କରି ଆସେ ଏବଂ ସମଗ୍ର ପ୍ରକୃତିର ପରିବର୍ତ୍ତନ ସକାଶେ କାର୍ଯ୍ୟ କରେ ।

ଚୈତ୍ୟସତ୍ତାର ପ୍ରତ୍ୟକ୍ଷ ଉନ୍ମୀଳନ ସେତିକି ବେଳେ ସହଜ ହୋଇଉଠେ କେବଳ ଯେତେବେଳେ ମଣିଷର ଅହଂଭାବ ବହୁଳାଂଶରେ ବିନଷ୍ଟ ହୋଇଥାଏ ଏବଂ ଦିବ୍ୟଜନନୀଙ୍କ ପ୍ରତି ଏକ ଦୃଢ଼ ଭକ୍ତି ରହିଥାଏ । ଏକ ଆଧ୍ୟାତ୍ମିକ ନମ୍ରତା, ଆନୁଗତ୍ୟ ଏବଂ ନିର୍ଭରତା ଅତ୍ୟନ୍ତ ଆବଶ୍ୟକ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ) - ଶ୍ରୀଅରବିନ୍ଦ

# ପ୍ରଗତିର ଅଦୃଶ୍ୟ ସହାୟକ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୨୪

When I pine at misfortune and call it evil, or am jealous and disappointed, then I know that there is awake in me again the eternal fool.

(Thoughts and Aphorisms)

ଯେତେବେଳେ ମୁଁ ଦୁଃଖକଷ୍ଟରେ ପଡ଼ି କ୍ଷୁବ୍ଧ ହୁଏଁ ଏବଂ କହେଁ ଏହା ବଡ଼ ଖରାପ – କିଂବା ଯେତେବେଳେ ମୋ ଭିତରେ ଦେଖା ଦିଏ ଈର୍ଷ୍ୟା ଏବଂ ହତାଶା, ସେତେବେଳେ ମୁଁ ଜାଣେ ମୋ ଭିତରେ ଥିବା ସବୁଦିନିଆ ନିର୍ବୋଧଟି ଜାଗି ଉଠିଛି ।

### କାରିକା-୨୫

When I see others suffer, I feel that I am unfortunate, but the wisdom that is not mine, sees the good that is coming and approves. (ibid)

ଅନ୍ୟମାନେ କଷ୍ଟ ପାଇବାର ଦେଖିଲେ ମୁଁ ନିଜକୁ ହତଭାଗ୍ୟ ମନେ କରେଁ । କିନ୍ତୁ ଯେଉଁ ପ୍ରଜ୍ଞା ମୋର ନୁହେଁ, ସେ କିନ୍ତୁ (ସେହି ଅବସ୍ଥା ଭିତରେ) ଆଗତପ୍ରାୟ ଶୁଭ ଦେଖିପାରେ ଏବଂ ତାକୁ ସମର୍ଥନ ଜଣାଏ ।

ସ୍ଥାନ କାଳ ଭିତ୍ତିରେ ଆମ ଜୀବନରେ ଯେତେ ଯାହା ଘଟୁଛି, ସେ ସମସ୍ତ ଅବସ୍ଥା ଭିତରେ ଲୁଚି ରହିଛି ଆମରି ମଙ୍ଗଳ, – ଏ ସତ୍ୟଟି ଆମେ ବୁଝି ପାରିବା ଯଦି ଆମେ ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ସମ୍ପର୍କରେ ଦୃଢ଼ ନିଶ୍ଚିତ ରହିଥିବୁଁ ।

କ'ଣ ସେ ଚୂଡ଼ାନ୍ତ ଲକ୍ଷ୍ୟ ? ନିଜକୁ ଜାଣିବା ଏବଂ ଭଗବାନଙ୍କ ସହ ଏକତ୍ୱ ଉପଲବ୍ଧି କରିବା । ଯଦି ଏହି ଲକ୍ଷ୍ୟ ଆମେ ପାସୋରି ଦେଉ ନଥିବୁଁ, ତେବେ ବଳେ ବଳେ ଜୀବନର ସବୁ ଅଭିଜ୍ଞତାର ବ୍ୟାଖ୍ୟା ମିଳିଯିବ । ସଙ୍ଗେ ସଙ୍ଗେ ନହେଲେ ବି ପରେ । ଆମେ ବୁଝି ପାରିବା ଯେ ଏପରି କୌଣସି ଘଟଣା ଘଟି ନପାରେ, ଲକ୍ଷ୍ୟ ଦିଗରେ ଆମ ପ୍ରଗତିରେ ଯାହା ସହାୟକ ନୁହେଁ । ଆପାତ ଦୃଷ୍ଟିରେ ଯାହା ଅତ୍ୟନ୍ତ ପୀଡ଼ାଦାୟକ, କ୍ଲେଶକର ବା ଏପରିକି ବିୟୋଗାନ୍ତକ, ଆମ ଚେତନାକୁ ପରିପକ୍ୱ କରିବା ଦିଗରେ ତା'ର ଭୂମିକା ରହିଥିବା ଅନିବାର୍ଯ୍ୟ ।

ତେବେ ଆମେ ଦୁଃଖକଷ୍ଟ ବେଳେ କାତର ହେଉଁ କାହିଁକି ? ମୋ ଭିତରେ ଯେଉଁ ନିର୍ବୋଧଟି ସବୁଦିନ 'ମୁଁ' ବୋଲାଇ ଆସିଛି, ତାହାରି ଯୋଗୁଁ । ଅର୍ଥାତ୍, ମୋ ଅଜ୍ଞାନତାହିଁ ଈର୍ଷ୍ୟା, ହତାଶା ଭଳି ଦୁର୍ବଳତା ସକାଶେ ଦାୟୀ ।

ସାଧାରଣତଃ ଆମ ଭିତରେ ନାନାଦି କାମନା ପୂର୍ତ୍ତି ନିମନ୍ତେ ଅଭିଳାଷ ରହିଥାଏ । ନିର୍ବୋଧତା ଯୋଗୁଁ ଆମେ ଧରି ନେଉଁ, କାମନା ପୂର୍ତ୍ତି ହେବାଟା ସୌଭାଗ୍ୟ, ନ ହେବାଟା ଦୁର୍ଭାଗ୍ୟ । ସମସ୍ତ କାମନା ଅସ୍ଥାୟୀ; ଆଜିର କାମନା ଆଗାମୀ କାଲି ହାସ୍ୟାସ୍ପଦ ମନେ ହୋଇପାରେ । କାମନା-ପୂର୍ତ୍ତିଜନିତ ସନ୍ତୋଷ ମଧ୍ୟ ଅତ୍ୟନ୍ତ ସାମୟିକ । ସେ ସନ୍ତୋଷ ବିତିଯିବା ପରେ ଆସିଥାଏ ଅବସାଦ । ଚେତନାର ପ୍ରଗତିହିଁ ଅବ୍ୟାହତ ସନ୍ତୋଷର ଏକମାତ୍ର ମାର୍ଗ । ତହିଁରେ ଅବସାଦ ନାହିଁ । ଅଛି ଚେତନାର ନିତ୍ୟନୂତନ ସ୍ଫୁରଣର ପୁଲକ ।

କହିବା ବାହୁଲ୍ୟ, ଯେଉଁ ସବୁଦିନିଆ ନିର୍ବୋଧ କଥା ଶ୍ରୀଅରବିନ୍ଦ କହୁଛନ୍ତି, ତାହା ଆମର ଅନ୍ଧକାରାଚ୍ଛନ୍ନ ଅହଂ ।

ସବୁକଥା ଯଥାର୍ଥ ଭାବରେ ବୁଝିବା ପାଇଁ, ଅନୁଭବ କରିବା ପାଇଁ ହେଲେ ଜଣକୁ ଜଗତ୍ ବ୍ୟାପ୍ତ ଦୃଷ୍ଟି ଆୟତ୍ତ କରିବାକୁ ହେବ; ପ୍ରତି କଥାରେ, ପ୍ରତି ପରିସ୍ଥିତିରେ ଦିବ୍ୟ ଉପସ୍ଥିତି ଓ ଦିବ୍ୟ ଇଚ୍ଛାର ଉପସ୍ଥିତି ସମ୍ପର୍କରେ ସଚେତନ ହେବାକୁ ପଡ଼ିବ ।

''ସେତେବେଳେ ଆମେ ଜାଣିବା ଯେ ଯେତେ ଯାହା ଘଟୁଛି ସବୁ ଆମ ଭଲ ପାଇଁ – ଯଦି ଉନ୍ମୋଚନରତ ସମୟ-ନିହିତ ତାତ୍ପର୍ଯ୍ୟ ଦୃଷ୍ଟିରୁ ଆମେ ସବୁ ଦେଖିପାରୁ,''– କାରିକାଟି ଉପରେ ମନ୍ତବ୍ୟ ଦେଇ ଶ୍ରୀମା କହିଛନ୍ତି ।

ଯେଉଁମାନେ ଚେତନାର ଗଭୀରକୁ ଯାଇ ଏ କାରିକାର ମର୍ମ ହୃଦୟଙ୍ଗମ କରିବେ, ସେମାନଙ୍କ ପାଇଁ ସବୁ ପ୍ରକାର ଯାତନାମୟ ପରିସ୍ଥିତି ଓ ଘଟଣା ଅର୍ଥପୂର୍ଣ୍ଣ ହୋଇଉଠିବ । କିନ୍ତୁ ଯେଉଁମାନଙ୍କ ଭିତରେ ସେଭଳି ଗଭୀରକୁ ଗଲା ଭଳି ଚେତନାର ସ୍ଫୁରଣ ଘଟି ନାହିଁ, ସେମାନଙ୍କ ଅବଗତି ନିମନ୍ତେ, ଅତ୍ୟନ୍ତ ସ୍ଥୂଳ ଦୃଷ୍ଟାନ୍ତ ମାଧ୍ୟମରେ ଭାରତର ପ୍ରାଜ୍ଞ ଲୋକକଥା ଏ ସତ୍ୟଟି ବୁଝାଇଛି ନିମ୍ନମତେ :

ମନ୍ତ୍ରୀ ମହୋଦୟ ପ୍ରାୟ ପ୍ରତି କଥାରେ କହନ୍ତି, ''ଯାହା ହୁଏ ସବୁ ଭଲ ପାଇଁ ହୁଏ !'' ଯୁବକ ରାଜାଙ୍କୁ ଏହା ବଡ଼ ବିରକ୍ତିକର ମନେ ହୁଏ । କିନ୍ତୁ ମନ୍ତ୍ରୀ ଜଣକ ଯେହେତୁ ପୂର୍ବ ରାଜାଙ୍କ, ତାଙ୍କ ପରଲୋକଗତ ପିତାଙ୍କ ଶ୍ରଦ୍ଧାଭାଜନ ବ୍ୟକ୍ତି ଥିଲେ, ସେ ତାଙ୍କୁ ରୁକ୍ଷ ଭାବରେ କିଛି କହନ୍ତି ନାହିଁ ।

ଦିନେ ରାଜା ଶିକାର ଉଦ୍ଦେଶ୍ୟରେ ଗଲେ ବଣକୁ । ସାଥିରେ ଥା'ନ୍ତି ପାତ୍ରମିତ୍ର, ଦେହରକ୍ଷୀ ସମେତ ମନ୍ତ୍ରୀ ମଧ୍ୟ । ଅଚାନକେ ଆସିଲା ଝଡ଼ । ପ୍ରବଳ ପବନରେ ଗଛଲତା ଉତ୍ପାଟିତ ହେବାକୁ ଲାଗିଲେ । ହଠାତ୍ ଖଣ୍ଡିଏ ବୃକ୍ଷ-ବିଚ୍ୟୁତ ଡାଳ ରାଜାଙ୍କ କାନ୍ଧରେ ପିଟି ହୋଇଗଲା । ରାଜା କିଞ୍ଚିତ୍ ଖଣ୍ଡିଆ ହେଲେ । ରକ୍ତ ବାହାରିବାର ଦେଖି ପାତ୍ରମିତ୍ର ଆହା, ଚୁଃ ଚୁଃ କଲେ । କିନ୍ତୁ ମନ୍ତ୍ରୀ ମହୋଦୟ କହିଲେ, ''ଯାହା ହୁଏ ସବୁ ଭଲ ପାଇଁ ।''

ଏଥର ରାଜା କ୍ରୋଧ ସମ୍ବରଣ କରିପାରିଲେ ନାହିଁ । ତେଣେ କାନ୍ଧରେ ଯନ୍ତ୍ରଣା, ଏଣେ ମନ୍ତ୍ରୀଙ୍କ ମନ୍ତବ୍ୟରେ ମନରେ ଯନ୍ତ୍ରଣା । ''ଯାହା ହୁଏ ସବୁ ଭଲ ପାଇଁ ? ଆଚ୍ଛା ! ତୁମ ନିଜ ତତ୍ତ୍ୱର ସ୍ୱାଦ ଚାଖୁଥାଅ ।'' ରାଜା ଗର୍ଜନ କଲା ଭଳି ଏହା କହି ମନ୍ତ୍ରୀଙ୍କୁ ଉଠାଇ ଗୋଟିଏ ଗଭୀର ଖାତ ଭିତରେ ପକାଇ ଦେବା ନିମନ୍ତେ ନିଜ ଦେହରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦେଶ ତତ୍‌କ୍ଷଣାତ୍ ପାଳିତ ହେଲା । ମନ୍ତ୍ରୀ ବିଚରାଙ୍କର କିଛି କହିବାର ଅବକାଶ ନଥିଲା ।

ପରେ ପରେ ଝଡ଼ ବର୍ଷା ହେଲା ପ୍ରବଳ ଓ ପ୍ରଚଣ୍ଡ । ପ୍ରତି ନିମେଷରେ ଇତସ୍ତତଃ ହେଲା ବଜ୍ରପାତ । ରାଜାଙ୍କ ଲୋକେ କିଏ କୁଆଡ଼େ ଆତ୍ମରକ୍ଷା ପାଇଁ ପଳାୟନ କଲେ କିଂବା ପବନ ବେଗରେ ବିଛେଇ ହୋଇ ପଡ଼ିଲେ, ଅନ୍ଧକାରରେ ତାହା ଠଉରାଇବା ରାଜାଙ୍କ ପାଇଁ ଅସମ୍ଭବ ହେଲା ।

ସେହି ଭୟଙ୍କର ରାତିରେ ଅରଣ୍ୟନିବାସୀ ଏକ ଦୁର୍ଦ୍ଧର୍ଷ ଦସ୍ୟୁଦଳ ସେମାନଙ୍କ ଆରାଧ୍ୟାଙ୍କ ସମ୍ମୁଖରେ ବଳି ପକାଇବା ନିମନ୍ତେ ସୁଲକ୍ଷଣଯୁକ୍ତ ମଣିଷଟିଏ ଖୋଜୁଥିଲେ । ରାଜାଙ୍କୁ ଏକାକୀ ପାଇଯାଇ ଗୁମ୍ଫା ଭିତରକୁ ନେଇଗଲେ । ମଶାଲ ଆଲୁଅରେ ଦେଖିଲେ, ଯେଉଁସବୁ ଚିହ୍ନ ଥିଲେ ଜଣେ ବଳି ସକାଶେ ଯୋଗ୍ୟ ବିବେଚିତ ହେବା କଥା, ରାଜାଙ୍କ ଦେହରେ ସେ ସମୁଦାୟ ଚିହ୍ନ ବିରାଜିତ । ଦସ୍ୟୁମାନଙ୍କ ହର୍ଷ କହିଲେ ନସରେ । ରାଜାଙ୍କୁ ଧରି ସେମାନେ ଅନ୍ୟ ଏକ ଗୁମ୍ଫାରେ ଥିବା ଭୈରବୀ ମୂର୍ତ୍ତି ଆଗକୁ ନେଇଗଲେ । ବଳିଦାନ ପୂର୍ବରୁ ତାଙ୍କ କପାଳରେ ରକ୍ତ ତିଳକ ଲେପନ କଲେ ପୁରୋହିତ । ଯୂପକାଠକୁ ପୂଜା ଦିଆଗଲା ।

ସର୍ବଦା ପାତ୍ରମିତ୍ର ସଭାସଦ୍ ଓ ଦେହରକ୍ଷୀ ପରିବୃତ ରାଜାଙ୍କର ସେତେବେଳର ଅସହାୟ ଅବସ୍ଥା ଅନୁମେୟ । ତାଙ୍କର ସେହି ହତଭମ୍ବ ଅବସ୍ଥାରେ ତାଙ୍କ ବେକରେ ଫୁଲମାଳ ପକାଇବା ଅବସରରେ ପୁରୋହିତ ଦେଖିଲେ, ତାଙ୍କ କାନ୍ଧରେ କଞ୍ଚାକ୍ଷତ । ସଦ୍ୟ କ୍ଷତଯୁକ୍ତ ଆଧାର ବଳିର ଉପଯୁକ୍ତ ନୁହେଁ । ଦସ୍ୟୁଦଳ ହତାଶ ହେଲେ । ରାଜାଙ୍କୁ ଛାଡ଼ି ଦେଲେ ।

ଏହା ଭିତରେ ଝଡ଼ ପ୍ରଶମିତ ହେଉଥାଏ । ପାତ୍ରମିତ୍ର ଦେହରକ୍ଷୀମାନେ ରାଜାଙ୍କୁ ଖୋଜିବାରେ ତତ୍ପର ଥା'ନ୍ତି । ମଧ୍ୟରାତ୍ର ବେଳକୁ ଆକାଶ ହେଲା ମେଘମୁକ୍ତ । ଜହ୍ନ ପ୍ରକଟିତ ହେଲା । ରାଜା ଓ ଅନ୍ୟମାନେ ପରସ୍ପର ଭେଟାଭେଟି ହେଲେ ।

''ମନ୍ତ୍ରୀ ମହୋଦୟ ଠିକ୍ କହିଥିଲେ । ମୁଁ ସାମାନ୍ୟ ଆହତ ହୋଇଥିବା ଯୋଗୁଁହିଁ ଆଜି ମୋର ପ୍ରାଣରକ୍ଷା ହେଲା ।'' ଏହା କହି ରାଜା ସେ ଖାତ ପାଖକୁ ଯାଇ ମନ୍ତ୍ରୀଙ୍କୁ ଉଦ୍ଧାର କଲେ ଓ କ୍ଷମା ପ୍ରାର୍ଥନା କରି କହିଲେ, ''କେତେ କଷ୍ଟ ଦେଲି ତୁମକୁ !''

''କଷ୍ଟ ଦେଲେ କ'ଣ ମଣିମା ? ଆପଣ ତ ମୋର ପ୍ରାଣ ରକ୍ଷା କଲେ !'' ମନ୍ତ୍ରୀ କହିଲେ ।

''ମାନେ ?'' ରାଜା ପଚାରିଲେ ।

''ମୁଁ ତ ଅନ୍ୟମାନଙ୍କ ଭଳି ନିରାପଦ ସ୍ଥାନକୁ ଦୌଡ଼ି ପଳାଇବାରେ ସମର୍ଥ ନଥିଲି ! ମୁଁ ଏଇ ବଣରେ, ଏଇଠି କେଉଁଠି ଥା'ନ୍ତି । ଆପଣଙ୍କୁ ଛାଡ଼ି ଦେଇ ଦସ୍ୟୁମାନେ ତିନି ତିନି ଥର ଏଇ ବାଟରେ ଦୌଡ଼ାଦୌଡ଼ି କରି ବଳି ସକାଶେ ବିକଳ୍ପ ଆଧାରଟିଏ ଖୋଜୁଥିଲେ । ମୁଁ ଖାତ ଭିତରେ ଥିବା ଯୋଗୁଁ ମୋତେ ଦେଖି ପାରିଲେ ନାହିଁ । ଯାହା ହୁଏ ତାହା ଭଲ ପାଇଁ ହୁଏ !'' ମନ୍ତ୍ରୀ ବୁଝାଇ ଦେଲେ ।

ଏଠାରେ କାହାଣୀଟି ସ୍ଥୂଳ ଯୋଗାଯୋଗ-ପ୍ରଧାନ

ହୋଇଥିଲେ ବି ଯେଉଁ ତତ୍ତ୍ୱ ଉପରେ ଏହା ପର୍ଯ୍ୟବସିତ ତାହା ଆଧ୍ୟାତ୍ମିକ ଦୃଷ୍ଟିରୁ ସତ୍ୟ ।

ନିଜର ଯନ୍ତ୍ରଣାଦାୟକ ଅଭିଜ୍ଞତାର ଯେପରି ଆଭ୍ୟନ୍ତରୀଣ ତାତ୍ପର୍ଯ୍ୟ ରହିଛି, ଅନ୍ୟମାନଙ୍କର ଯନ୍ତ୍ରଣା ଭୋଗ ମଧ୍ୟ ସେମାନଙ୍କ ପାଇଁ ସେହିପରି ତାତ୍ପର୍ଯ୍ୟପୂର୍ଣ୍ଣ । ଏହାର ଅର୍ଥ ନୁହେଁ ଯେ ଅନ୍ୟର ଯନ୍ତ୍ରଣାର ଉପଶମ ସକାଶେ ଆମର ସାଧ ବା ସୁଯୋଗ ଥିଲେ ମଧ୍ୟ ଆମେ କିଛି କରିବୁ ନାହିଁ । ଜଣେ ଯନ୍ତ୍ରଣା ଭୋଗିବା ଭିତରେ ଯେପରି ତା'ର ପ୍ରଗତି ନିହିତ, ସେ ଯନ୍ତ୍ରଣାର ଅପନୋଦନ ସକାଶେ ଆମ ପ୍ରେରଣା ଓ କର୍ମ ଭିତରେ, ଆମ କ୍ଳେଶ ସ୍ୱୀକାର ଓ ତ୍ୟାଗ ଭିତରେ ସେହିପରି ଆମ ପ୍ରଗତି ନିହିତ । କିନ୍ତୁ କାହାରି ଯନ୍ତ୍ରଣା ଆଖିରେ ପଡ଼ିବା ଫଳରେ ନିଜକୁ ହତଭାଗ୍ୟ ମନେ କରିବା ଆମ ଅଜ୍ଞାନ ଅହଂର ପରିଚୟ । ସତେ ଅବା ଆମେ ଏଡ଼େ କୋମଳ, ପବିତ୍ର ଓ ମହତ୍ ଯେ ସେମିତି ଦୃଶ୍ୟ ଆମର ପ୍ରାପ୍ୟ ନୁହେଁ ! ଏହା ଏକ ପ୍ରକାର ଅଭିମାନ ।

ଏଠାରେ ଯେଉଁ 'ପ୍ରଜ୍ଞା' ଆମକୁ ଜଣାଇ ଦିଏ ଯେ ସେଭଳି ଅବସ୍ଥା ଭିତରେ ମଧ୍ୟ ଲୁଚି ରହିଛି ଯାଥାର୍ଥ୍ୟ, ଲୁଚି ରହିଛି ଅନାଗତ ଶୁଭର ସଂକେତ, ସେ ପ୍ରଜ୍ଞା ଦିବ୍ୟଜ୍ଞାନ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକତ୍ର ଅନୁଭବ କରିପାରିବା ଭଳି ଚେତନା ପାଇଁ ସେସବୁ ପ୍ରହେଳିକା ନୁହେଁ ।

ଯେତେବେଳେ ଆମେ ଏ ସତ୍ୟ ଉପଲବ୍ଧି କରିପାରିବା ଏବଂ ବିଧିର ବିଧାନ ସହିତ ସହଯୋଗ କରିପାରିବା, ସେତେବେଳେ ଯାତନା ଅପସରି ଯିବ – କାରିକାଟି ଉପରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଶ୍ରୀମା ।

['ପ୍ରଜ୍ଞା-ପ୍ରଦୀପିକା'ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୫୫ - ୫୮] ❑

---

*ପ୍ରଶ୍ନ : ମଧୁମୟି ମା', ଆମ ମଧ୍ୟରେ ସଂଗୁପ୍ତ ହୋଇ ରହିଥିବା ଭଗବାନଙ୍କୁ ଆମେ କିପରି ଖୋଜି ପାଇବୁ ?*

**ଶ୍ରୀମା** : ଏ ବିଷୟ ଆମେ ବହୁବାର ବୁଝାଇଛୁ । କିନ୍ତୁ ପ୍ରଥମ କଥା ହେଲା ଆମେ ପ୍ରଥମେ ତାହା ଚାହିଁବା, ନିର୍ଦ୍ଦିଷ୍ଟଭାବେ ଜାଣିବା ଯେ ଏହାହିଁ ଆମର ପ୍ରଥମ କାମ୍ୟ, ଅନ୍ୟସବୁ ପରେ, ତାହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା ହେଉଛି ପ୍ରଥମ ସର୍ତ୍ତ; ଅନ୍ୟ ସବୁକଥା ପରେ ଆସିପାରେ, ଏହା ହେଉଛି ଅପରିହାର୍ଯ୍ୟ ସର୍ତ୍ତ । ଦେଖ, ଯଦି ସମୟ ସମୟରେ କେବେ କେମିତି ତୁମର କୌଣସି କାମ ନଥିଲା ବେଳେ ତୁମେ ହଠାତ୍ ମନେ ମନେ ଭାବ, ''ଭଗବାନଙ୍କୁ ପାଇ ପାରିଲେ କେତେ ଭଲ ହୁଅନ୍ତା''– ଏହିପରି ହେଲେ ତୁମକୁ ଶହେ ହଜାର ବର୍ଷ ଲାଗିଯିବ ତାଙ୍କୁ ପ୍ରାପ୍ତ କରିବା ପାଇଁ ।

କିନ୍ତୁ ଏହା ଯଦି ତୁମ ପାଇଁ ଅତି ଆବଶ୍ୟକ ବିଷୟ ହୋଇଥାଏ, କେବଳ ମାତ୍ର ତାହାରି ଉପରେ ତୁମେ ଯଦି ଗୁରୁତ୍ୱ ଦେଉଥାଉ, ଅନ୍ୟମାନଙ୍କୁ ପଛକୁ ଆଡ଼େଇ ଦେଇଥାଅ, ଏବଂ ଏହା ବ୍ୟତୀତ ତୁମେ ଅନ୍ୟକିଛି ଚାହୁଁ ନାହଁ – ତେବେ ତାହାହିଁ ହେଉଛି ପ୍ରଥମ ସର୍ତ୍ତ । ସର୍ବପ୍ରଥମେ ତୁମେ ଏହି ମନୋଭାବ ରଖିବ, ପରେ ଯାହାସବୁ ଘଟିବ ସେ ବିଷୟ ମୁଁ କହିବି । ପ୍ରଥମେ ଏହାହିଁ ଆବଶ୍ୟକ, ଅନ୍ୟ ସବୁର କିଛି ମୂଲ୍ୟ ନାହିଁ, କେବଳ ଏହାହିଁ ଆବଶ୍ୟକ, ଏହାକୁ ପ୍ରାପ୍ତ କରିବା ପାଇଁ ବ୍ୟକ୍ତି ଅନ୍ୟସବୁ କିଛିକୁ ପରିତ୍ୟାଗ କରିବା ପାଇଁ ପ୍ରସ୍ତୁତ ଅଛି, ଏହାହିଁ ହେଉଛି ଜୀବନର କେବଳ ମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ । ଏତିକି ହେଲେ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଜଣେ ସମର୍ଥ ହୁଏ ।

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୦)

### ଆଶ୍ରମରେ 'ବୁଲେଟିନ୍' ପ୍ରକାଶନ :

ଚମ୍ପକଲାଲଙ୍କର 'ପୂର୍ବସ୍ମୃତି ଓ ଦିନଲିପିର ବିବରଣୀ'ରୁ ଉଦ୍ଧୃତି :

୦୭. ୦୨. ୧୯୪୯

ଶ୍ରୀଅରବିନ୍ଦଙ୍କ କକ୍ଷକୁ ଶ୍ରୀମା ପ୍ରବେଶ କରି ତାଙ୍କୁ କହିଲେ 'ବୁଲେଟିନ୍' ସକାଶେ ଶାରୀରିକ ପୂର୍ଣ୍ଣତା ସମ୍ବନ୍ଧେ ଏକ ଲେଖା (ବାଣୀ) ଲେଖିବାକୁ ଏବଂ ସ୍ମିତହାସ୍ୟରେ ତାଙ୍କୁ ଅନାଇଲେ । ('ଚମ୍ପକଲାଲ କହନ୍ତି' : ପୃ. ୯୭)

'ବୁଲେଟିନ୍' ଅର୍ଥାତ୍, 'ବୁଲେଟିନ୍ ଅଫ୍ ଫିଜିକାଲ୍ ଏଡୁକେଶନ୍' ନାମକ ଏକ ତ୍ରୈମାସିକ ପତ୍ରିକା ପ୍ରକାଶନର ସିଦ୍ଧାନ୍ତ ନିଆଯାଇ ୨୧ ଫେବ୍ରୁଆରୀର ଦର୍ଶନ ଦିବସରେ ଏହାର ପ୍ରଥମ ସଂଖ୍ୟା ପ୍ରକାଶ ପାଇବାର ପ୍ରସ୍ତୁତି ଚାଲିଥାଏ । ଶ୍ରୀମା ଏଥିନିମିତ୍ତ ଶ୍ରୀଅରବିନ୍ଦଙ୍କୁ ଏକ ବାଣୀ (message) ଲେଖିବାକୁ କହିଲେ ।

ପ୍ରଥମ ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କର ଏକ ବାଣୀ ଓ ପରବର୍ତ୍ତୀ ସଂଖ୍ୟାମାନଙ୍କରେ ଧାରାବାହିକ ଭାବେ ତାଙ୍କର ସାତଟି ପ୍ରବନ୍ଧ ପ୍ରକାଶ ପାଇଥିଲା । ଏହା ଥିଲା ଶ୍ରୀଅରବିନ୍ଦଙ୍କର ଅନ୍ତିମ ପ୍ରବନ୍ଧ ରଚନା । ୧୯୪୯ ଫେବ୍ରୁଆରୀରୁ ଆରମ୍ଭ ହୋଇ ଏହା ୧୯୫୦, ନଭେମ୍ବର ପର୍ଯ୍ୟନ୍ତ ପ୍ରକାଶ ପାଇଥିଲା । ପତ୍ରିକାଟି ପ୍ରତି ଦର୍ଶନ ଦିବସରେ ପ୍ରକାଶ ପାଉଥିଲା । ଏବେ ବି ପ୍ରକାଶ ପାଉଛି । ବୁଲେଟିନ୍‌ରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ବାଣୀ ସହ ସାତଟି ପ୍ରବନ୍ଧ ୧୯୫୨ରେ 'The Supramental Manifestation upon Earth' ନାମରେ ପୁସ୍ତକାକାରରେ ପ୍ରକାଶ ପାଇଥିଲା; ଯାହାର ଓଡ଼ିଆ ନାମାନ୍ତର 'ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ଓ କ୍ରିୟା' ।

ଅବଶ୍ୟ ୧୯୫୯ରେ ଉପରୋକ୍ତ ତ୍ରୈମାସିକ ପତ୍ରିକାଟିର ନୂତନ ନାମକରଣ କରାଯାଇଥିଲା : 'Bulletin of Sri Aurobindo International Centre of Education' ।

ଏହି ସମୟରେ ଶ୍ରୀମା ସ୍କୁଲର ବାର୍ଷିକୋତ୍ସବ ସକାଶେ ଅନୁଷ୍ଠିତ ୧ ଡିସେମ୍ବରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨ ଡିସେମ୍ବରରେ ଶାରୀରିକ କ୍ରୀଡ଼ା ପ୍ରଦର୍ଶନର କାର୍ଯ୍ୟକ୍ରମ – ଏହି ଉଭୟ କାର୍ଯ୍ୟକ୍ରମର ପ୍ରତିଟି କ୍ରିୟାକଳାପକୁ ସ୍ୱୟଂ ତଦାରଖ କରୁଥିଲେ । ଏହାର ଏକ ଆଗ୍ରହୋଦ୍ଦୀପକ ଘଟଣା ଚମ୍ପକଲାଲଙ୍କ ସ୍ମୃତି କଥାରୁ ଉପସ୍ଥାପନ କରୁଛୁ :

''ସେଦିନ ଥିଲା ୧୨ ଫେବ୍ରୁଆରୀ ୧୯୪୯ । ଶ୍ରୀଅରବିନ୍ଦଙ୍କର ପ୍ରାତଃଭୋଜନର ସମୟ । ଆଜି ଶ୍ରୀମା ଟିକିଏ ଶୀଘ୍ର ଶ୍ରୀଅରବିନ୍ଦଙ୍କ କକ୍ଷକୁ ଆସିଥିଲେ (୧୦ଟା ୩୩ ମିନିଟରେ) । କକ୍ଷଟିରେ ଅମୃତ ଉପସ୍ଥିତ ଥିଲେ । ମୁଁ ଶ୍ରୀଅରବିନ୍ଦଙ୍କୁ ଭୋଜନ ପରଷୁ ଥିଲି । ତେଣୁ ଶ୍ରୀମା'ଙ୍କର ସେହି ସମୟରେ ହାତରେ କିଛି କାମ ନଥିଲା, ସେ କର୍ମମୁକ୍ତ ଥିଲେ । ଇତ୍ୟବସରରେ ଶ୍ରୀମା କ'ଣ କଲେନା ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ସେହି ବର୍ଷ ୨ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଯାଉଥିବା 'ମାସ୍ ଡ୍ରିଲ୍'ରୁ କେତୋଟି ଡ୍ରିଲ୍ ଅମୃତଙ୍କୁ ଶିଖାଇବାକୁ ଆରମ୍ଭ କଲେ । (ଶ୍ରୀମା ଜାଣିଥିଲେ ଯେ ଅମୃତଙ୍କୁ ଶାରୀରିକ ବ୍ୟାୟାମ କରିବାକୁ ବେଶ୍ ନାକେଦମ୍ ହେବାକୁ ପଡ଼େ । ତେଣୁ ଶ୍ରୀମା ସ୍ୱୟଂ ତାଙ୍କୁ ଶିଖାଇବାର ଦାୟିତ୍ୱ ନେଇଥିଲେ ।)

''ଶ୍ରୀମା'ଙ୍କର ପ୍ରତିଟି ଅଙ୍ଗଭଙ୍ଗୀକୁ ଅମୃତ ଆନ୍ତରିକ ଭାବରେ ଅନୁକରଣ କରିବାକୁ ଆପ୍ରାଣ ଚେଷ୍ଟା ଚଳାଇ ଥିଲେ, କିନ୍ତୁ ଫଳାଫଳ ତାଙ୍କର ଆୟତ୍ତରୁ ବାହାରି ଯାଇ ବେଶ୍ ମନୋରଞ୍ଜକ ହୋଇ ଉଠୁଥିଲା । ତାଙ୍କର ଶରୀରଟି ଆଦୌ ସହଯୋଗ କରିପାରୁ ନଥିଲା ଏବଂ ତାଙ୍କର ଏହି ପ୍ରଚେଷ୍ଟା ସାଙ୍ଗକୁ ତାଙ୍କ ମନୋଭାବ ପ୍ରକାଶ କରୁଥିବା ବିକଳ ମୁଖଭଙ୍ଗୀଟି ଦେଖିବା ଭଳି ଥିଲା । ଶ୍ରୀଅରବିନ୍ଦଙ୍କ ସହିତ ଶ୍ରୀମା ଏବଂ ମୁଁ ସେହି ଦୃଶ୍ୟକୁ ବେଶ୍ ଉପଭୋଗ କରୁଥିଲୁ । (ଏହି ଘଟଣାଟି ଉଲ୍ଲେଖ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ଶ୍ରୀମା କିପରି ସମ୍ପୂର୍ଣ୍ଣ ଅସମର୍ଥ ସାଧକକୁ ବି ଶ୍ରୀଅରବିନ୍ଦଙ୍କ ଜାଗ୍ରତ୍ ସାନ୍ନିଧ୍ୟରେ ଧୈର୍ଯ୍ୟର ସହିତ କିୟତ୍ ପରିମାଣରେ ଉପଯୁକ୍ତ କରି ଗଢ଼ି ତୋଳିବାରେ ପ୍ରୟାସୀ ଥିଲେ ।) (ତତ୍ରୈବ : ପୃ. ୯୭ ଦ୍ରଷ୍ଟବ୍ୟ)

ପୁନଶ୍ଚ ଚମ୍ପକଲାଲଙ୍କ 'ଦିନଲିପି'ରୁ ଉଦ୍ଧୃତି :

''୭ ଜୁଲାଇ, ୧୯୪୯ । ଶ୍ରୀଅରବିନ୍ଦଙ୍କୁ ଶ୍ରୀମା ଜଣାଇଲେ 'ମୁଁ ଆପଣଙ୍କ ଲେଖାସବୁ (ଅର୍ଥାତ୍ ଫେବ୍ରୁଆରୀ ଓ ଏପ୍ରିଲ ବୁଲେଟିନ୍‌ରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କ ପ୍ରବନ୍ଧ)ର ବ୍ୟାବହାରିକ ଦିଗ ଉପରେ ଲେଖିବାକୁ ଆରମ୍ଭ କରିଛି ।'

''୧୦ ଜୁଲାଇ, ୧୯୪୯ । ଶ୍ରୀମା ହସ ହସ ମୁହଁରେ ଶ୍ରୀଅରବିନ୍ଦଙ୍କ କକ୍ଷରେ ପ୍ରବେଶ କରି କହିଲେ : 'ଅଗଷ୍ଟ ବୁଲେଟିନ୍‌ରେ ପ୍ରକାଶ କରିବାକୁ ଲେଖିଥିବା ଆପଣଙ୍କ ପ୍ରବନ୍ଧଟି ମୋତେ ନଳିନୀ ପଢ଼ି ଶୁଣାଇଲେ । ଏହା ଚମତ୍କାର ଏବଂ ଆବଶ୍ୟକ ମୁତାବକ ହୋଇଛି ।'

''ଶ୍ରୀଅରବିନ୍ଦଙ୍କୁ ଅନାଇ ଶ୍ରୀମା ତାଙ୍କର ଉପରୋକ୍ତ ମନ୍ତବ୍ୟ ଦେଉଥିବା ସମୟରେ ତାଙ୍କର ମୁଖନିଃସୃତ ଶବ୍ଦାବଳି ଅପେକ୍ଷା ତାଙ୍କ ମୁଖକମଳର ପ୍ରକାଶଭଙ୍ଗୀ ଥିଲା ଅଧିକ ଆକର୍ଷଣୀୟ ଯାହାକି ଲକ୍ଷ୍ୟ କରିବାର କଥା ।

''ଶ୍ରୀଅରବିନ୍ଦ ତାଙ୍କର ସ୍ୱଭାବସିଦ୍ଧ ପ୍ରକାଶଭଙ୍ଗୀରେ କହିଲେ, 'ଓ, ଓ, ଓ, !' ''

(ତତ୍ରୈବ : ପୃ. ୧୦୫)

*

ପ୍ରଣବଙ୍କ ଉକ୍ତିରେ : ''... ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ସହ ଆଶ୍ରମର ଶାରୀରିକ ବିଭାଗର ଦାୟିତ୍ୱ ଗ୍ରହଣ କରିବାର ପରେ ପରେ (ଖୁବ୍ ସମ୍ଭବତଃ ୧୯୫୦ର ପ୍ରାରମ୍ଭରେ) ମୁଁ ଶ୍ରୀମା'ଙ୍କୁ ଶାରୀରିକ ଶିକ୍ଷା ଉପରେ ବେଶ୍ କେତୋଟି ପ୍ରଶ୍ନ ପଚାରିଥିଲି । ଶ୍ରୀମା ସେହିସବୁ ପ୍ରଶ୍ନକୁ ଗୋଟିକ ପରେ ଗୋଟିଏ ଆଗ୍ରହ ସହକାରେ ଲେଖି ନେଲେ ଏବଂ ଶ୍ରୀଅରବିନ୍ଦଙ୍କୁ ଦେଖାଇ ଥିଲେ । ଶ୍ରୀଅରବିନ୍ଦଙ୍କୁ ମଧ ମୋର ପ୍ରଶ୍ନଗୁଡ଼ିକ ଖୁବ୍ ଭଲ ଲାଗିଥିଲା । ସେ ଏହି ମର୍ମରେ ଶ୍ରୀମା'ଙ୍କୁ କହିଥିଲେ, 'ଯଦି ମୋର ସମୟ ଥା'ନ୍ତା, ତେବେ ଏହିସବୁ ପ୍ରଶ୍ନ ଉପରେ ଲେଖିଥା'ନ୍ତି ।'

''ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ଶ୍ରୀମା ମୋର ସେହିସବୁ ପ୍ରଶ୍ନକୁ ଆଧାରିତ କରି ବିସ୍ତୃତ ଭାବରେ କେତୋଟି ପ୍ରବନ୍ଧ ଲେଖିଥିଲେ । ଶ୍ରୀମା'ଙ୍କର ସେହିସବୁ ପ୍ରବନ୍ଧ ପ୍ରଥମେ 'ବୁଲେଟିନ୍'ରେ ୧୯୪୯ରୁ ୧୯୫୫ ପର୍ଯ୍ୟନ୍ତ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ଏହିସବୁ ପ୍ରବନ୍ଧକୁ ଏକତ୍ରିତ କରି 'On Education' (ଶିକ୍ଷା ପ୍ରସଙ୍ଗ) ପୁସ୍ତକଟି ପ୍ରକାଶିତ ହୋଇଥିଲା । ('ହଠାତ୍ ମନେପଡ଼େ' : ପୃ. ୩୮- ୩୯)

ଉପରୋକ୍ତ 'ଶିକ୍ଷା ପ୍ରସଙ୍ଗ' ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧାବଳି ଥିଲା : 'ଜୀବନ-ବିଜ୍ଞାନ', 'ଶିକ୍ଷା', 'ଶାରୀରିକ ଶିକ୍ଷା', 'ପ୍ରାଣିକ ଶିକ୍ଷା' 'ମନଃସ୍ତରୀୟ ଶିକ୍ଷା', 'ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା' । ଏବଂ ପରେ ଏଥି ସହ 'ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି' ପ୍ରବନ୍ଧଟି ପ୍ରକାଶ ପାଇଥିଲା ।

*

ଏବେ ସେଇ ପ୍ରାରମ୍ଭ କାଳରେ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ 'ଆଶ୍ରମ ସ୍କୁଲ' ଏବଂ 'ଶାରୀରିକ ଶିକ୍ଷା ବିଭାଗ'ର କ୍ରମବିକାଶ ସମ୍ବନ୍ଧେ କିଛି ସୂଚନା ଦେବୁ । ସର୍ବପ୍ରଥମେ 'ଶ୍ରୀଅରବିନ୍ଦଙ୍କ ସ୍ମୃତିରକ୍ଷାର୍ଥେ ବିଶ୍ୱବିଦ୍ୟାଳୟ' ସମ୍ବନ୍ଧେ କିଛି ବିବରଣୀ ନିମ୍ନରେ ପ୍ରଦତ୍ତ :

କଲିକତାରୁ ପ୍ରକାଶ ପାଉଥିବା 'ଅମୃତ ବଜାର ପତ୍ରିକା' (ଇଂରାଜୀ)ରେ 'University in Memory of Sri Aurobindo' ଶିରୋନାମାରେ ପ୍ରକାଶିତ ବିବରଣୀ :

''ପଣ୍ଡିଚେରୀ, ଜାନୁଆରୀ ୯, ୧୯୫୧ : ... ଶ୍ରୀଅରବିନ୍ଦ ଆଶ୍ରମର ସେକ୍ରେଟାରୀ ଶ୍ରୀ ନଳିନୀ କାନ୍ତ ଗୁପ୍ତ ନିମ୍ନୋକ୍ତ ବିବୃତ୍ତି ଦେଇଛନ୍ତି :

''ଶ୍ରୀଅରବିନ୍ଦଙ୍କୁ ଗଭୀର ଭାବରେ ସମ୍ମାନ ପ୍ରଦର୍ଶନ କରୁଥିବା ଏବଂ ତାଙ୍କର ଭକ୍ତ ଓ ଅନୁରାଗୀ ବ୍ୟକ୍ତିଗଣଙ୍କର ଏହି ପ୍ରସ୍ତାବ ଥିଲା ଯେ ଆଶ୍ରମ ଅନିର୍ଦ୍ଦିଷ୍ଟ କାଳ ସକାଶେ ସ୍ଥାୟୀ ଭାବରେ ତିଷ୍ଠି ରହିବା ଉଚିତ ଏବଂ ଏହି ପ୍ରସ୍ତାବ ସାଙ୍ଗକୁ ଅନ୍ୟ ଏକ ପରିକଳ୍ପନା ବି ରହିଛି ଯେ ଏକ 'ଆନ୍ତର୍ଜାତିକ ୟୁନିଭର୍‌ସିଟି ସେଣ୍ଟର୍' ମଧ ପଣ୍ଡିଚେରୀରେ ପ୍ରତିଷ୍ଠା ହେବା ଉଚିତ । କହିବାକୁ ଗଲେ ପୃଥିବୀପୃଷ୍ଠରେ ଶ୍ରୀଅରବିନ୍ଦ ତାଙ୍କ ଦିବ୍ୟ କର୍ମ ସମ୍ପାଦନରେ କଳ୍ପିତ କ୍ରମୋନ୍ନତ ବହୁବିଧ ବିକାଶ-ପ୍ରକ୍ରିୟା ମଧ୍ୟରୁ ଏଇଟି ହେଉଛି ପ୍ରଧାନତଃ ସାମ୍ପ୍ରତିକ ପ୍ରତୀୟମାନ ରୂପରେଖ । ଏହି ୟୁନିଭର୍‌ସିଟିରେ ପ୍ରଧାନତଃ ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଯୌଗିକ ଶିକ୍ଷାଧାରା ଏବଂ ଗ୍ରନ୍ଥାବଳି ଉପରେ ଆଧାରିତ ପ୍ରଶିକ୍ଷଣ ଧାରା ପର୍ଯ୍ୟବସିତ ରହିବ ଏବଂ ସାଧାରଣତଃ ତାଙ୍କରି ଦ୍ୱାରା ସୂଚିତ ଧାରାରେହିଁ ଶିକ୍ଷା ଦିଆଯିବ ।

''ସର୍ବସମ୍ମତି କ୍ରମେ ଏହି ସିଦ୍ଧାନ୍ତ ନିଆଗଲା ଯେ ତାଙ୍କରି ନାମରେ ସ୍ଥାପିତ ଏହି ଅନୁଷ୍ଠାନଟି ହେବ ତାଙ୍କ ସ୍ମୃତିରକ୍ଷା ସକାଶେ ସବୁଠାରୁ ଉପଯୁକ୍ତ ପଦକ୍ଷେପ । ଯଦ୍ଦ୍ୱାରା ପ୍ରକୃତ ପକ୍ଷେ ଅପ୍ରତିହତ ଭାବରେ ତାଙ୍କ ଦିବ୍ୟ କର୍ମ ଜନସମାଜରେ

ତୀବ୍ର ଉତ୍ସାହର ସହିତ କ୍ରମାଗତ ଭାବରେ ଦୀର୍ଘସ୍ଥାୟୀ ହୋଇ ଉଠିବ । — ଏହା ଏକ ବାସ୍ତବ ଅଭିବ୍ୟକ୍ତି ।

''ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ସକାଶେ ପ୍ରଚୁର ଅର୍ଥ ସଂଗ୍ରହ କରିବା ଅପରିହାର୍ଯ୍ୟ ଏବଂ ସର୍ବସାଧାରଣଙ୍କୁ ଏହି ପାର୍ଣ୍ଣିକୁ ବଦାନ୍ୟ ଭାବରେ ସାହାଯ୍ୟ କରିବା ସକାଶେ ଅନୁରୋଧ ।''

*

ଇତିମଧ୍ୟରେ ୩୧ ଡିସେମ୍ବର, ୧୯୫୦ରେ 'ଶ୍ରୀଅରବିନ୍ଦ ମେମୋରିଆଲ୍ ଫଣ୍ଡ୍'କୁ ଦାନ କରାଯାଇଥିବା ଦଶ ହଜାର ଟଙ୍କାର ଏକ ରସିଦର ପ୍ରାପ୍ତି ସ୍ୱୀକାରପୂର୍ବକ ଶ୍ରୀମା ଦସ୍ତଖତ କରିଥିଲେ ।

ଏହାର ଠିକ୍ ପରେ ପରେ ଏକ 'ମେମୋରିଆଲ୍ କମିଟି' ଗଠନ କରାଯାଇ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ (ତଦାନୀନ୍ତନ ଭାରତବର୍ଷରେ ଜଣେ ଦକ୍ଷ ରାଜନୀତିଜ୍ଞ ଏବଂ ଜଣେ ପ୍ରବୀଣ ଶିକ୍ଷାବିତ୍)ଙ୍କୁ ଏହାର ଚେୟାର୍‌ମ୍ୟାନ୍ ରୂପେ ଗ୍ରହଣ କରାଗଲା । ଏପ୍ରିଲ ପହିଲା ୧୯୫୧ରେ ନଳିନୀକାନ୍ତ ପତ୍ରପତ୍ରିକା ମାଧ୍ୟମରେ ଘୋଷଣା କଲେ, ''ଆସନ୍ତା ଏପ୍ରିଲ ୨୪ ଓ ୨୫ରେ ଏଠାରେ (ଆଶ୍ରମରେ) ବିଶିଷ୍ଟ ସମ୍ମାନିତ ବ୍ୟକ୍ତିଗଣ ଏବଂ ଅଭିଜ୍ଞ ଶିକ୍ଷାବିତ୍‌ଙ୍କ ସମାବେଶରେ ଏକ ସମାବର୍ତ୍ତନ ଉତ୍ସବ ପାଳନ କରାଯିବ ।''

ଏହି ଉତ୍ସବରେ ଯୋଗ ଦେବାକୁ ଇଚ୍ଛୁକ ପ୍ରତ୍ୟେକ ପ୍ରତିନିଧିଙ୍କ ନିକଟକୁ ଏକ ପୁସ୍ତିକା ଆକାରରେ ନିମନ୍ତ୍ରଣ ପତ୍ର ପଠାଗଲା । ଏହି ନିମନ୍ତ୍ରଣ ପତ୍ରରେ, 'ଶ୍ରୀଅରବିନ୍ଦଙ୍କ ମେମୋରିଆଲ୍ କନ୍‌ଭେନ୍‌ସନ୍'ର କର୍ମସୂଚୀ ଏବଂ ଯାତ୍ରା କରିବା ସକାଶେ କେତୋଟି ଅତ୍ୟାବଶ୍ୟକୀୟ ସୂଚନା, ଉଦାହରଣ ସ୍ୱରୂପ ମାଡ୍ରାସ ଓ ପଣ୍ଡିଚେରୀକୁ ଯାତାୟତ କରୁଥିବା ଟ୍ରେନ୍‌ର ସମୟସୂଚୀ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ।

ନିମନ୍ତ୍ରଣ ପତ୍ରଟି କନ୍‌ଭେନ୍‌ସନ୍‌ର ଚେୟାର୍‌ମ୍ୟାନ୍ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଦ୍ୱାରା ଦିଲ୍ଲୀରୁ ୬ ଏପ୍ରିଲ, ୧୯୫୧ରେ ସ୍ୱାକ୍ଷରିତ ନିମନ୍ତ୍ରଣ ଥିଲା ।

(୨୪ ଓ ୨୫ ଏପ୍ରିଲ ୧୯୫୧ରେ ଅନୁଷ୍ଠିତ ଉପରୋକ୍ତ ଉତ୍ସବ ପାଳନର ସମ୍ମିଳନ ସ୍ଥଳଟି ଥିଲା ଆଶ୍ରମର ଟେନିସ୍ ଗ୍ରାଉଣ୍ଡ ।)

(Manoj Das Gupta : "Dr. Syama Prasad Mookherjee – 'a pure and manly life' Preliminary pp. IV - V")

ଉପରୋକ୍ତ କାର୍ଯ୍ୟକ୍ରମରେ ଶ୍ରୀମା'ଙ୍କ ଦ୍ୱାରା ଲିଖିତ ଓ ପଠିତ ଉଦ୍‌ବୋଧନୀ ବାର୍ତ୍ତାର ମର୍ମବାଣୀ ଏହିପରି :

''ଶ୍ରୀଅରବିନ୍ଦ ଆମରି ଭିତରେ ଉପସ୍ଥିତ ରହିଛନ୍ତି ଏବଂ ତାଙ୍କର ସେହି ସୃଜନମୟ ପ୍ରତିଭାର ସକଳ ଶକ୍ତି ତଥା ବିଭାବ ସହିତ ସେ ଏହି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ହେବାର ଉପଲକ୍ଷଟିରେ ଅଧ୍ୟକ୍ଷତା ମଧ୍ୟ କରୁଛନ୍ତି । ଯେଉଁ ଅତିମାନସ ଆଲୋକ ବର୍ତ୍ତମାନର ସର୍ବୋତ୍କୃଷ୍ଟ ଭାବରେ ପ୍ରସ୍ତୁତ ମନୁଷ୍ୟମାନଙ୍କୁ ଏହି ଧରାପୃଷ୍ଠରେ ସେହି ନୂତନ ଆଲୋକ, ଶକ୍ତି ତଥା ନୂତନ ଜୀବନକୁ ଅଭିବ୍ୟକ୍ତ କରିଆଣି ପାରୁଥିବା ଏକ ନୂତନ ସମୂହରେ ରୂପାନ୍ତରିତ କରିଦେଇ ପାରିବ, ସେହି ଆଲୋକଟିକୁ ଗ୍ରହଣ କରି ପାରିବା ଲାଗି ଭବିଷ୍ୟତର ମାନବଜାତିକୁ ପ୍ରସ୍ତୁତ କରି ଆଣିବାର ଏକ ପ୍ରକୃଷ୍ଟ ସାଧନ ରୂପେ ସିଏ ଏହି ଶିକ୍ଷାକେନ୍ଦ୍ରଟିର କଥା ଚିନ୍ତା କରୁଥିଲେ ।

''ଶ୍ରୀଅରବିନ୍ଦଙ୍କ ଦ୍ୱାରା ଅତ୍ୟନ୍ତ ଆଦୃତ ଆଦର୍ଶଗୁଡ଼ିକ ମଧ୍ୟରୁ ଅନ୍ୟତମ ଏହି ଆଦର୍ଶର ଉପଲବ୍ଧି କରିବାର ଲକ୍ଷ୍ୟ ହିସାବରେ ତାଙ୍କରି ନାମରେହିଁ ମୁଁ ଆଜି ଏଠାରେ ଏହି ସମ୍ମିଳନୀଟିର ଉଦ୍‌ଘାଟନ କରୁଛି ।''

(MCW, Vol. 12, p. 112)

ଏହାପରେ ସଭାପତିଙ୍କ ଅଭିଭାଷଣ ଦେଇଥିଲେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ।

*

୬ ଜାନୁଆରୀ ୧୯୫୨ରେ ଆଶ୍ରମ ସମ୍ମୁଖସ୍ଥ ଏକ ବୃହତ୍ ବାସଭବନରେ ଶ୍ରୀମା ଆଶ୍ରମ ସ୍କୁଲର ଉଦ୍‌ଘାଟନ କଲେ ଓ ଏହାର ନାମକରଣ କଲେ 'ଶ୍ରୀଅରବିନ୍ଦ ଇଣ୍ଟର୍ ନ୍ୟାସନାଲ୍ ୟୁନିଭର୍‌ସିଟି ସେଣ୍ଟର୍' । ୧୯୫୯ ମସିହାରେ ଶ୍ରୀମା ଏହାର ନିଷ୍ପତ୍ତିମୂଳକ ନାମକରଣ କଲେ 'ଶ୍ରୀଅରବିନ୍ଦ ଇଣ୍ଟର୍ ନ୍ୟାସନାଲ୍ ସେଣ୍ଟର୍ ଅଫ୍ ଏଡୁକେଶନ୍' । ଏହି ନାମଟି ସରକାରୀ ସ୍ତରରେ ନଥିଭୁକ୍ତ ହେଲା ।

ସ୍ୱାଭାବିକ ରୂପେ ପ୍ଲେ-ଗ୍ରାଉଣ୍ଡର ପରିସର ଭିତରେ ଥିବା ସ୍କୁଲ ଗୃହସବୁରେ ନୂତନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା । ଦକ୍ଷିଣ-ପୂର୍ବ କୋଣରେ ଥିବା ବାସଭବନକୁ ନୂତନ ଡିଜାଇନରେ ପ୍ରସ୍ତୁତ କରି ଏକ ଅଗଣା, ଛାତ ଥିବା ବାରଣ୍ଡା, ବଡ଼ି ବିଲ୍‌ଡିଂର ଉପକରଣସବୁ ରଖାଯିବା ଗୃହ, ପ୍ଲେ-ଗ୍ରାଉଣ୍ଡରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି, ସାଜସରଞ୍ଜାମ ଆଦି

ରଖିବା ସକାଶେ ଏକ ଭଣ୍ଡାର ଘର, ଶୌଚାଗାର ଏବଂ ଏହା ସାଙ୍ଗକୁ ୱେଟ୍ ଲିଫ୍‌ଟିଙ୍ଗ୍ ଏବଂ ବଡ଼ି ବିଲ୍‌ଡ଼ିଂ ଜିମ୍‌ନାସିୟମ୍ ଆଦି ଗଠନ କରାଗଲା । ୨୪ ଏପ୍ରିଲ, ୧୯୫୨ରେ ଶ୍ରୀମା ଏହାର ଉଦ୍‌ଘାଟନ କଲେ ।

୨୧ ଫେବ୍ରୁଆରୀ, ୧୯୫୩ରେ ଶ୍ରୀମା ଉପରୋକ୍ତ ଜିମ୍‌ନାସିୟମ୍ ଅନ୍ତର୍ଭୁକ୍ତ ଖୋଲା ପ୍ରାଙ୍ଗଣରେ ମାଲ୍‌ଖମ୍ଭ ଅଭ୍ୟାସ କରିବାର ସେକ୍‌ସନ୍ ଏବଂ ଆସନ-ଗୃହର ଉଦ୍‌ଘାଟନ କଲେ । ବର୍ତ୍ତମାନ ସେହି ସମାନ ସ୍ଥାନରେ ଏହିସବୁ ବିଭାଗ ନୂତନ ରୂପ ଧାରଣ କରି ଦଣ୍ଡାୟମାନ ହୋଇଛି ।

ସେତେବେଳକାର ପ୍ଲେ-ଗ୍ରାଉଣ୍ଡର ଉତ୍ତର-ପୂର୍ବ କୋଣରୁ ଆରମ୍ଭ ହୋଇ 'ଦରତୋଆର୍' ବୋର୍ଡ଼ିଂ ପର୍ଯ୍ୟନ୍ତ ଅଂଶରେ ଥିବା ସ୍କୁଲ ହଲ୍‌ଟିକୁ ମରାମତି କରି ଜିମ୍‌ନାଷ୍ଟିକ୍‌ସ ଅଭ୍ୟାସ କରିବା ସକାଶେ ବଡ଼ ଗୃହ, ତା' ସାଙ୍ଗକୁ ଥିବା ଛୋଟ ଏକ ଘରେ ଗ୍ରୁପ୍ ପିଲାମାନଙ୍କ ସକାଶେ ଟିଫିନ୍ ବିତରଣର ବ୍ୟବସ୍ଥା କରାଗଲା । ଏହା ପରେ ସିନେମା ଦେଖାଯିବା ସକାଶେ ସ୍କ୍ରିନ୍ ଝୁଲାଇବା ସ୍ଥାନ ଇତ୍ୟାଦି ମଧ୍ୟ ପ୍ରସ୍ତୁତ ହୋଇଥିଲା ।

୧୬ ମାର୍ଚ୍ଚ ୧୯୬୬ରେ 'ଦର୍‌ତୋଆର୍' ବୋର୍ଡ଼ିଂକୁ ଆଶ୍ରମ ସମ୍ମୁଖସ୍ଥ ଦକ୍ଷିଣ-ପଶ୍ଚିମ କୋଣର ବାସଭବନକୁ ସ୍ଥାନାନ୍ତରିତ କରାଗଲା । (ଏବେ ବି ବୋର୍ଡ଼ିଂଟି ସେହି ସମାନ ସ୍ଥାନରେ ରହିଛି ।)

୧୨ ଜୁନ୍, ୧୯୬୬ରେ ବୋର୍ଡ଼ିଂ ସହିତ ପ୍ଲେ-ଗ୍ରାଉଣ୍ଡର ଉତ୍ତର ପଟ ଅଂଶକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂତନ କରି ଅଲମ୍ପିକ୍‌ସ୍ ଜିମ୍‌ନାଷ୍ଟିକ୍‌ସ୍ ହଲ୍ ସହିତ ଷ୍ଟୋର ରୁମ୍‌ର ନିର୍ମାଣର ପରିକଳ୍ପନାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶ୍ରୀଯୁକ୍ତ ନଳନୀକାନ୍ତ ଗୁପ୍ତ । ୧୯୭୮ରେ ଏହି ପରିକଳ୍ପନାର ନୂତନ ରୂପର ପରିସମାପ୍ତି ଘଟିଥିଲା ।

ପ୍ଲେ-ଗ୍ରାଉଣ୍ଡର ଉତ୍ତର ପଟରେ ନବନିର୍ମିତ ଅଟ୍ଟାଳିକାଟି ସମ୍ପୂର୍ଣ୍ଣ ହେବା ପରେ ଦକ୍ଷିଣ ପଟରେ ଥିବା ଶ୍ରୀମା'ଙ୍କ ରୁମ୍, ଶ୍ରୀମା'ଙ୍କର ଇଣ୍ଟରଭ୍ୟୁ ରୁମ୍ ତଥା ଏହା ଉପରେ ଥିବା ରେକଡ଼ିଂ ରୁମ୍‌କୁ ଯଥାରୀତି ରଖି ଅନ୍ୟାନ୍ୟ ଅଂଶକୁ ସମ୍ପୂର୍ଣ୍ଣ ଭାଙ୍ଗି ତା' ସ୍ଥାନରେ ନୂତନ କରି ବଡ଼ି ବିଲ୍‌ଡ଼ିଂ, ଜିମ୍‌ନାସିୟମ୍ ହଲ୍, ୱେଟ୍ ଲିଫ୍‌ଟିଂ ସେକ୍‌ସନ୍ ପରିକଳ୍ପନା ସହ ଭିତ୍ତିପ୍ରସ୍ତର ଦିଆଗଲା । ଏହାର ନିର୍ମାଣ କାର୍ଯ୍ୟର ସମାପ୍ତି ଘଟିଥିଲା ୧୯୬୮ରେ ।

ସେହି ପ୍ରାରମ୍ଭିକ ଅବସ୍ଥାରେ ସ୍କୁଲର ପ୍ରଧାନ ବାସଭବନରେ ସବୁକିଛିର ବନ୍ଦୋବସ୍ତ କରାଯାଉଥିଲା । ଉଦାହରଣ ସ୍ୱରୂପ ସବୁଠାରୁ ଛୋଟ ପିଲାମାନଙ୍କର ଶ୍ରେଣୀଗୃହ (କିଣ୍ଡରଗାର୍ଟନ୍) ଏବଂ ପ୍ରାଇମେରୀ କ୍ଲାସ ଇତ୍ୟାଦି । ୧୯୫୩ରେ ଏହା ଫ୍ଲାୱାର୍ ରୁମ୍ ବା ଦଲାଫଁ (Delafon) ବାସଭବନକୁ ସ୍ଥାନାନ୍ତରିତ ହୋଇଥିଲା । ୧୯୬୩ରେ କିଣ୍ଡର୍‌ଗାର୍ଟନ୍ ବିଭାଗଟି ଏକ ସ୍ୱତନ୍ତ୍ର ବାସଭବନକୁ ସ୍ଥାନାନ୍ତରିତ ହେଲା । (ଏବେ ବି ଉପରୋକ୍ତ ଦୁଇଟି ବାସଭବନରେ କିଣ୍ଡରଗାର୍ଟନ୍ ଓ ପ୍ରାଇମେରୀ ସ୍କୁଲ ଛାତ୍ରଙ୍କର କ୍ଲାସ ଚାଲୁ ରହିଛି ।) ଉଚ୍ଚତର ଶିକ୍ଷା ସୋପାନଗୁଡ଼ିକ ମଧ୍ୟ ଏକ ସ୍ୱତନ୍ତ୍ର ବାସଭବନ (Knowledge)କୁ ସ୍ଥାନାନ୍ତରିତ ହେଲା । ଏହି ବାସଭବନଟିର ନିର୍ମାଣ କାର୍ଯ୍ୟ ଡିସେମ୍ବର ୧୯୭୧ରେ ସମାପ୍ତ ହେବା ପରେ ୧୫ ଡିସେମ୍ବରରେ ଏହାର ଉଦ୍‌ଘାଟନ କରାଯାଇ ୧୬ ଡିସେମ୍ବରରୁ ସ୍କୁଲର ନୂତନ ଶିକ୍ଷାବର୍ଷର କାର୍ଯ୍ୟକ୍ରମ ଆରମ୍ଭ ହେଲା ।

ଏତତ୍ ବ୍ୟତୀତ ସଂକ୍ଷେପରେ ସ୍କୁଲର ସଙ୍ଗୀତ ବିଭାଗ (୧୯୫୨ରେ), ଲାଇବ୍ରେରି ଏବଂ ଲାବୋରେଟୋରୀ (୧୯୫୪), ଭାରତୀୟ ନୃତ୍ୟ ଓ ବାଲେ (Ballet) ନୃତ୍ୟର ଶିକ୍ଷଣ ବିଭାଗ (୧୯୪୦ ଦଶକରୁ ଆରମ୍ଭ ହୋଇ ୧୯୫୩ରେ), ବିଜ୍ଞାନ ପରୀକ୍ଷାଗାର (୧୯୪୦ ଦଶକରୁ ଆରମ୍ଭ ହୋଇ ୧୯୫୧ରେ) ନୂତନ ପରିସରରେ (ଏବେ ଯେପରି ଆମେ ଦେଖୁଛୁ) ଆରମ୍ଭ ହୋଇଥିଲା । ...

ପରିଶେଷରେ ସ୍କୁଲର ପାଠ୍ୟକ୍ରମ ସମୁଦାୟ ଅଠର ବର୍ଷ । ଅଧିକାଂଶ ଛାତ୍ର ତିନି ବର୍ଷରେ ସ୍କୁଲରେ ପ୍ରବେଶ କରି ୨୧ ବର୍ଷ ପର୍ଯ୍ୟନ୍ତ ବିଦ୍ୟାର୍ଜନ କରିଥା'ନ୍ତି । କିଣ୍ଡରଗାର୍ଟନରେ ୩ ବର୍ଷ, ପ୍ରାଇମେରୀ ସ୍ତରରେ ୩ ବର୍ଷ, ନିମ୍ନ ମାଧ୍ୟମିକ ସ୍ତରରେ ୩ ବର୍ଷ, ଉଚ୍ଚ ମାଧ୍ୟମିକ ସ୍ତରରେ ୬ ବର୍ଷ ଏବଂ କଲେଜ ସ୍ତରରେ ୩ ବର୍ଷ । ...

(Namita Sarkar : 'The Ashram School – Glimpses of the Early Years'ରୁ ସଂଗୃହୀତ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

# ଦେବ ଜନନୀ

## ଶ୍ରୀଅରବିନ୍ଦ

ସଚେତନ ସନାତନ ଶକ୍ତି ଏକ ବିରାଜିତ
ଦୁଃଖ ଓ ମରଣଶୀଳ ଜନ୍ମର ଅନ୍ତରାଳେ
ଭ୍ରାନ୍ତ ବୁଦ୍ଧି, କାଳ-ବିଭ୍ରାନ୍ତ ମତ୍ତରତାର ପଶ୍ଚାତେ ।
ବିଧାତା ଜନନୀ, ବଧୂ ପୁଣି ତାଙ୍କ ଭଗ୍ନୀ,
ଜ୍ଞାନର ତନୟା ଆଉ ଶକ୍ତିର ସଙ୍ଗିନୀ,
ବିଶ୍ୱାତୀତଙ୍କ ପ୍ରଚ୍ଛନ୍ନ ବକ୍ଷରୁ ଉତ୍‌କ୍ରାନ୍ତ
ଗଢ଼ିବେ ମନ, ପ୍ରାଣର ଇନ୍ଦ୍ରଧନୁ ଜଗତ ।
ଏକ ଦିଗେ ପରାଚେତନାର ମହତ୍ତମ ଜ୍ୟୋତିଃ
ଅନ୍ୟ ଦିଗେ ଅଚେତନାର ଚିନ୍ତାହୀନ ବିପୁଳ ପ୍ରୟାସ,
ଜଡ଼-ସୁପ୍ତିର ଅସ୍ଥିର ନୈମିତ୍ତିକ ଧାରା,
ନକ୍ଷତ୍ର ମଣ୍ଡଳର ନିଦ୍ରା ବିଜଡ଼ିତ ଗତି
ମଝିରେ ଶୂନ୍ୟର ଶୀତଳତା ମଧ୍ୟରେ ସେ ସବଳେ ପ୍ରୟୋଗ କଲେ
ତାଙ୍କ ଜୀବନର ଅଭିଯାନ, ଭାବାବେଗର ସ୍ୱପ୍ନ ।
ତମଃ ଶକ୍ତିର କାର୍ଯ୍ୟ ମଧ୍ୟରେ ସେ ସବଳେ ପ୍ରୟୋଗ କଲେ
ତାଙ୍କ ଜୀବନର ଅଭିଯାନ, ଭାବାବେଗର ସ୍ୱପ୍ନ ।
ତମଃ ଶକ୍ତିର କାର୍ଯ୍ୟ ମଧ୍ୟରେ ସେ ଏଠାରେ ଉପସ୍ଥିତ
କରିବାକୁ ନିରାମୟ ବ୍ୟୋମର ପାପ ଓ ପ୍ରମାଦ,
ଅଜ୍ଞାନମୟ ଜଗତର କରୁଣଗାଥା ପରିଣତ
ହେବ, ଆନନ୍ଦର ଦିବ୍ୟ ମହାମିଳନରେ
ଭାଗବତ ରଭସର ହାସ୍ୟ ଓ ଉଲ୍ଲାସରେ ।
ଭାଗବତୀ ଜନନୀ, ପ୍ରଭୁ ଆମ ଅନ୍ତରାତ୍ମାର;
କାଳର ଗତିରେ ଭଗବାନଙ୍କର ଯେଉଁ ଜନ୍ମ,
ଆମେ ତାଙ୍କ ଲୀଳା ସଙ୍ଗୀ,
ତାଙ୍କ ଉତ୍ତରାଧିକାରୀ, ଆନନ୍ତ୍ୟର ଅଂଶୀଦାର ।



[ଶ୍ରୀଅରବିନ୍ଦଙ୍କ ରଚିତ **"The Mother of God"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

# ଭଗବତ୍ ବିଶ୍ୱାସ ଓ ନିର୍ଭରତା

**ରାମକୃଷ୍ଣ ଦାସ**

ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ହେଉଛି ଦିବ୍ୟ, ସଜୀବ, ପ୍ରତ୍ୟକ୍ଷ, କଳ୍ପବୃକ୍ଷ ଏବଂ କାମଧେନୁ । ସାଧାରଣ କଳ୍ପବୃକ୍ଷ, କାମଧେନୁ – ମୁକ୍ତି, କୈବଲ୍ୟ ଏବଂ ଭଗବତ୍ ଆନନ୍ଦ, ପରମ ଜ୍ଞାନ, ପରମ ଶାନ୍ତି ଦେବାରେ ଅସମର୍ଥ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ପାଖରେ ଅଦେୟ କିଛି ନ ଥାଏ । ମନୁଷ୍ୟ ଯାହା ଚାହେଁ ତାହା ନିଶ୍ଚିତ ରୂପେ ପାଏ, ଏଥିରେ ସନ୍ଦେହ ନଥାଏ । କୌଣସି ବ୍ୟକ୍ତି ଏହାକୁ ପରୀକ୍ଷା କରି ଦେଖିପାରେ । ଭଗବତ୍ ବିଶ୍ୱାସ ଏବଂ ନିର୍ଭରତାରେ ବ୍ୟକ୍ତି ଦୁର୍ଦାନ୍ତ ବିପଦ, ଦାରୁଣ ଜାଗତିକ ଦୁଃଖକଷ୍ଟରୁ ମୁକ୍ତ ହୋଇପାରେ; ଆଦର୍ଶ, ପୂର୍ଣ୍ଣ, ମହାନ୍ ଓ ସୁଖମୟ ଜୀବନଯାପନ କରିପାରେ ଅଥବା ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି କରି ଭୟଙ୍କର ଦୁଃଖ, ଜନ୍ମ-ମରଣରୁ ମୁକ୍ତ ହୋଇପାରେ । କିଂବା ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ସମର୍ପଣ, ଅଭୀପ୍‌ସା, ସାଧନାରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଦିବ୍ୟ-ତତ୍ତ୍ୱରେ ରୂପାନ୍ତରିତ କରି ଏହି ସଂସାରରେ, ଏହି ଶରୀରରେ ତଥା ସମସ୍ତ କର୍ମରେ ଭଗବାନଙ୍କୁ ଉପଲବ୍ଧି କରିପାରେ । ଏହି ଭଗବତ୍ ବିଶ୍ୱାସ ଏବଂ ନିର୍ଭରତା ହେଉଛି ଆତ୍ମାର ଅମୂଲ୍ୟ ସଂପଦ । ଆତ୍ମା ବିଦ୍ୟମାନ ଥାଏ ସମସ୍ତ ବ୍ୟକ୍ତି ମଧ୍ୟରେ । କିନ୍ତୁ ଦୁର୍ଭାଗ୍ୟବଶତଃ ବ୍ୟକ୍ତି ସେ ସମ୍ବନ୍ଧେ ସଚେତ ନଥାଏ । ଅଜ୍ଞାତରେ ଘରେ ଚିନ୍ତାମଣି, କାମଧେନୁ ଥାଇ ବ୍ୟକ୍ତି ଦରିଦ୍ରତାର ଦୁଃଖ ଭୋଗ କରୁଥିବା ସଦୃଶ ମନୁଷ୍ୟ ମହାନ୍ କଷ୍ଟ ଭୋଗ କରୁଥାଏ ।

ମନୁଷ୍ୟ ସତ୍-ଚିତ୍-ଆନନ୍ଦ ପରମାତ୍ମାଙ୍କ ଅଂଶ, ପ୍ରତିଭୂ ବା ସତ୍-ଚିତ୍-ଆନନ୍ଦତତ୍ତ୍ୱ; ଦିବ୍ୟାନନ୍ଦ, ଦିବ୍ୟ ଶାନ୍ତି, ପରମା ଶକ୍ତିର ମୂର୍ତ୍ତିମାନ୍ ବିଗ୍ରହ । ଭଗବାନ୍ ନିଜକୁ ଏହି ମର ଜଗତରେ ବହୁରୂପେ ପ୍ରକାଶ କରିବାକୁ ଧାରଣ କରିଅଛନ୍ତି ବହୁବିଧ ରୂପ । ସ୍ୱଇଚ୍ଛାରେ ହୋଇଛନ୍ତି ଅଜ୍ଞାନ-ମାୟାରେ ମୋହିତ; ପାଉଛନ୍ତି ମହାନ୍ ଦୁଃଖକଷ୍ଟ । ଦୁଃଖକଷ୍ଟ ରୂପାନ୍ତରିତ ହୁଏ ଅଖଣ୍ଡ ଆନନ୍ଦରେ; ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ ଅବିନାଶୀ ଦିବ୍ୟ ତତ୍ତ୍ୱରେ; ସତ୍-ଚିତ୍-ଆନନ୍ଦ ପ୍ରକାଶ ହୁଅନ୍ତି ସମସ୍ତ କର୍ମରେ । ତେବେ ଏହି ମୃତ୍ୟୁପୁରୀ ପରିଣତ ହୁଏ ଦିବ୍ୟ ସ୍ୱର୍ଗରେ । ଏହାହିଁ ଭଗବାନଙ୍କର ଉଦ୍ଦେଶ୍ୟ । ଏହି ସକାଶେ ସେ ନିଜ ସଂକଳ୍ପରେ 'ଏକୋଽହଂ ବହୁସ୍ୟାମି' ହୋଇଅଛନ୍ତି । ଭଗବାନଙ୍କର ଏହି ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ ମୁକ୍ତି, ନିର୍ବାଣ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ଭଗବତ୍ ପ୍ରାପ୍ତିରେ; ହୁଏ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ । ଅତିମାନସ ଶକ୍ତି ଏହି ରୂପାନ୍ତର କରିପାରେ କେବଳ ସମର୍ପଣ ଏବଂ ଅଭୀପ୍ସାରେ । ଏହି ଅଭୀପ୍ସା ତଥା ସମର୍ପଣର ପ୍ରାଣ ହେଉଛି ବିଶ୍ୱାସ ଓ ନିର୍ଭରତା । ବିଶ୍ୱାସ ଓ ନିର୍ଭରତା ବିନା ଅଭୀପ୍‌ସା ଏବଂ ସମର୍ପଣ ପ୍ରାଣବିହୀନ ଶରୀର । ଏହା ବ୍ୟତୀତ ରୂପାନ୍ତର-ସିଦ୍ଧି ଏକେବାରେ ଅସମ୍ଭବ । ଯେଉଁ ପୁରାତନ ସମସ୍ତ ଯୋଗରେ ଭଗବାନଙ୍କ ସୃଷ୍ଟି କରିବାର ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ; ଭୁଲ୍-ଭ୍ରାନ୍ତିରେ ଏହି ଦୁଃଖ-କଷ୍ଟମୟ ଜଗତକୁ ଆସିଥିବା ସଦୃଶ ପୁନରାୟ ନିର୍ଦ୍ଦିଷ୍ଟ ସ୍ଥାନ ମୁକ୍ତି, କୈବଲ୍ୟ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ, ଭଗବତ୍ ଧାମକୁ ଫେରିଯିବାକୁ ହୁଏ; ସେହିସବୁ ପୁରାତନ ଯୋଗ-ସାଧନାର ପ୍ରାଣ – ବିଶ୍ୱାସ ଏବଂ ନିର୍ଭରତା । ପ୍ରାଣ ବିନା ଶରୀର ମୃତ । ସେହିପରି ବିଶ୍ୱାସ-ନିର୍ଭରତା ବିନା ସାଧନା ନିରର୍ଥକ ତଥା ବ୍ୟର୍ଥ । ବିଶ୍ୱାସ ଅବିନାଶୀ ଅମୃତତତ୍ତ୍ୱ – ସମସ୍ତ ସାଧନାର ସିଦ୍ଧିଦାତା । ସାଧକର ବିଶ୍ୱାସ ଅମୂଲ୍ୟ, ଅଲୌକିକ ସଂପଦ । ସର୍ବଶକ୍ତିମତ୍ତା, ସର୍ବସାମର୍ଥ୍ୟ, ସର୍ବ-ଐଶ୍ୱର୍ଯ୍ୟଶାଳିତା, କ୍ଷମା, ଦୟା, କରୁଣା, ଭକ୍ତବତ୍ସଳତାଦି ଦିବ୍ୟଗୁଣ ବିଭୂଷିତ ଭଗବାନଙ୍କୁ ପାଇବାର ଅମୋଘ, ଅବ୍ୟର୍ଥ ମନ୍ତ୍ର ହେଲା ବିଶ୍ୱାସ ଓ ନିର୍ଭରତା । ମନୁଷ୍ୟ ହେଲା ସର୍ବଶକ୍ତିମାନ୍, ସର୍ବଜ୍ଞାନସଂପନ୍ନ, ସେହି ଦିବ୍ୟାନନ୍ଦର ମୂର୍ତ୍ତିମାନ୍ ବିଗ୍ରହ ଭଗବାନଙ୍କର ଅଂଶ, ପ୍ରତିଭୂ ବା ସ୍ୱରୂପ । ସେ ମୂଳତତ୍ତ୍ୱରେ ଭଗବାନଙ୍କ ସହିତ ଅଭେଦ୍ୟ, ଏକ । ବର୍ତ୍ତମାନ ତା'ର ଦୃଶ୍ୟରୂପ ମାୟା, ମୋହ, ଅଜ୍ଞାନ ଆବରଣରେ ହୋଇଛି ଆବୃତ । କିନ୍ତୁ ତା' ମଧ୍ୟରେ ଅଛି ଭଗବାନଙ୍କର ସମସ୍ତ ଗୁଣ ସୁପ୍ତ ।

ତା'ର ଏହି ସମସ୍ତ ଦିବ୍ୟଗୁଣ ଜାଗ୍ରତ୍ ହୁଏ କେବଳ ଭଗବତ୍ ବିଶ୍ୱାସ ଦ୍ୱାରା । ବ୍ୟକ୍ତି ନିଜକୁ ଜାଣିପାରେ ନାହିଁ;

ନିଜ ମଧ୍ୟରେ ସୁପ୍ତ ଭଗବତ୍ ଦିବ୍ୟଗୁଣର ସନ୍ଧାନ ପାଇପାରେ ନାହିଁ; ଭଗବତ୍ ଦିବ୍ୟତତ୍ତ୍ୱର ବିକୃତ ରୂପ ସଂସାର ବୋଲି ସେ ଅନୁଭବ କରିପାରେ ନାହିଁ । ସଂସାରର ମାୟା-ମରୀଚିକା ସୁଖଭୋଗରେ ଧାବିତ ହୋଇ ସେ ନିରାଶ ହୁଏ ଏବଂ ପରିଣାମରେ ଦୁଃଖକଷ୍ଟ ଭୋଗୁଥାଏ, ବାରଂବାର ଜନ୍ମ-ମରଣଚକ୍ରରେ ଭ୍ରମଣ କରୁଥାଏ । ଦରିଦ୍ର ଭିକାରି ସଦୃଶ ସମସ୍ତ ଦେବଦେବୀଙ୍କ ପାଖରେ ଧନ-ପୁତ୍ର ସାଂସାରିକ ବସ୍ତୁ ଚାହୁଁଥାଏ । ବ୍ୟକ୍ତି କେବଳ ଭଗବତ୍ ବିଶ୍ୱାସ କରି ପାରିଲେ ଗାର୍ହସ୍ଥ୍ୟ ଜୀବନରେ ସୁଖ-ଶାନ୍ତି-ଆନନ୍ଦରେ ରହିପାରେ ଅଥବା ଇନ୍ଦ୍ର, ଚନ୍ଦ୍ରାଦି ଦେବ-ଦୁର୍ଲଭ ମୁକ୍ତି ନିର୍ବାଣ ପରମପଦ ପ୍ରାପ୍ତ ହୋଇପାରେ; କିଂବା ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିପାରେ; ପୂର୍ଣ୍ଣରୂପେ ମୃତ୍ୟୁ, ଜରା, ରୋଗ, ମାୟା, ଅଜ୍ଞାନରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସଂପୂର୍ଣ୍ଣ ରୂପେ ଏକତ୍ୱପ୍ରାପ୍ତ ହୁଏ । ତାଙ୍କରି ଯନ୍ତ୍ର ରୂପେ ତାଙ୍କରି ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୁଏ ।

ମନୁଷ୍ୟ-ଶରୀର ସମ୍ଭାବନାରେ ପୂର୍ଣ୍ଣ । ତା' ମଧ୍ୟରେ ବିଶ୍ୱ ଏବଂ ବିଶ୍ୱାତୀତ ଅଦିବ୍ୟ ତଥା ଦିବ୍ୟ ସଂପଦ ବୀଜାକାରରେ ରହିଛି ନିହିତ । ଏହି ଅନନ୍ତ ସଂପଦ ମଧ୍ୟରୁ ଭଗବତ୍ ବିଶ୍ୱାସ ଏକ ମହାନ୍ ଶ୍ରେଷ୍ଠ, ଅତୁଳନୀୟ, ଅଲୌକିକ ସଂପଦ । ବ୍ୟକ୍ତି ଏହି ଭଗବତ୍ ବିଶ୍ୱାସ ଜାଗ୍ରତ୍ କରିପାରିଲେ ଭୌତିକ ଇପ୍ସିତ ବସ୍ତୁ ଲାଭ କରିପାରେ ଏବଂ ସମସ୍ତ ବିପଦ-ଆପଦ, ରୋଗ-ଶୋକରୁ ମୁକ୍ତ ହୋଇପାରେ; ମହାନ୍ ପ୍ରୟାସସାଧ୍ୟ ଅସମ୍ଭବ କାର୍ଯ୍ୟ ଅନାୟାସରେ ସାଧ୍ୟ ହୋଇପାରେ । ଅଥବା ତପଃ, ତୀର୍ଥ, ବ୍ରତ, ଉପବାସ, ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା ତଥା କଠୋର, ମହାନ୍ ପ୍ରୟାସସାଧ୍ୟ ସାଧନା ନକରି କେବଳ ଭଗବତ୍ ବିଶ୍ୱାସରେ ଭଗବତ୍‌ପ୍ରାପ୍ତି କରିପାରେ । ସାଧନା-ମାର୍ଗରେ ବାଧା ରୂପେ ହିମାଳୟ ସଦୃଶ ଛିଡ଼ା ହୋଇଥିବା କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ସ୍ୱାର୍ଥ, ହିଂସା, ମାନ, ଯଶଃ, ଦୁର୍ଜେୟ ଶତ୍ରୁମାନଙ୍କୁ ଭଗବତ୍ ବିଶ୍ୱାସ ବଳରେ ଭଗବାନଙ୍କ କୃପାରେ ସହଜରେ ଅତିକ୍ରମ କରିପାରେ ଏବଂ ସେସବୁକୁ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ କରି ଭଗବାନଙ୍କ ଯନ୍ତ୍ର କରିପାରେ ।

ମହାନ୍ ପାପୀ, ମହାନ୍ ଦୁରାଚାରୀ, ମହାନ୍ ପତିତ, ମହାନ୍ ଘୃଣ୍ୟ, ମହାନୀଚ, ଯାହାର ଛାୟାସ୍ପର୍ଶ ମଧ୍ୟ ଦୋଷାବହ, ଏପରି ପତିତ ବ୍ୟକ୍ତିର ଯଦି ଭଗବତ୍ ବିଶ୍ୱାସ ହୁଏ ତେବେ ଭଗବାନ୍ ତାକୁ ସ୍ୱୀକାର କରନ୍ତି । ବିଶ୍ୱାସର ପ୍ରଭାବରେ ତା'ର ସମସ୍ତ ପାପ, ଦୋଷ ଦୂର ହୁଏ । ସେ ମହାନ୍ ସଦାଚାରୀ ଶ୍ରୋତ୍ରିୟ ବିଦ୍ୱାନ୍ ବ୍ରାହ୍ମଣଙ୍କଠାରୁ ଅତ୍ୟନ୍ତ ପବିତ୍ର ହୁଏ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହୁଏ । ତା' ମଧ୍ୟରେ ଭଗବତ୍ ଦିବ୍ୟଗୁଣ, ଦିବ୍ୟାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ ପ୍ରକାଶ ହୁଏ । ସେ ଏହି ମୃତ୍ୟୁପୁରୀରେ ନିବାସ କରି ଭଗବତ୍ ଦିବ୍ୟଧାମର ଅଧିକାରୀ ହୁଏ । ତା' ସକାଶେ ଏହି ମୃତ୍ୟୁପୁରୀ ଏବଂ ଦିବ୍ୟ ଭଗବତ୍ ଧାମ ମଧ୍ୟରେ ବ୍ୟବଧାନ ରହେ ନାହିଁ । ସେ ଅବାଧରେ ସମସ୍ତ ଦିବ୍ୟଧାମରେ ବିଚରଣ କରିପାରେ ।

ସାଂସାରିକ କୌଣସି କାର୍ଯ୍ୟ ମଧ୍ୟ ବିଶ୍ୱାସ ବିନା ପୂର୍ଣ୍ଣ ହୁଏ ନାହିଁ କିଂବା ସଫଳ ହୁଏ ନାହିଁ । କିନ୍ତୁ ସଂସାରରେ କେତେକ କାର୍ଯ୍ୟ ବିଶ୍ୱାସ ବିନା ପୂର୍ଣ୍ଣ ସଫଳ ନ ହେଲେ ମଧ୍ୟ କିଛି ଅଂଶରେ ସଫଳ ହୋଇପାରେ; କିନ୍ତୁ ଅଧ୍ୟାତ୍ମ ମାର୍ଗରେ ବିଶ୍ୱାସ ବିନା ବ୍ୟକ୍ତି ଗୋଟିଏ ପାଦ ବି ଅଗ୍ରସର ହୋଇପାରେ ନାହିଁ । ଔଷଧ ଏବଂ ବୈଦ୍ୟ ଉପରେ ବିଶ୍ୱାସ ନ ହେଲେ ରୋଗ ଦୂର ହୁଏ ନାହିଁ । ପାଶ୍ କରିବାରେ ଛାତ୍ରର ଅବିଶ୍ୱାସ ହେଲେ ସେ ଫେଲ୍ ହୁଏ । ବ୍ୟବସାୟରେ ଅବିଶ୍ୱାସ ଯୋଗୁଁ ମୂଳଧନ ବୁଡ଼େ । ଅବିଶ୍ୱାସରେ ମିତ୍ର ଶତ୍ରୁ ହୁଏ । ବିଶ୍ୱାସ ନ ରହିଲେ ଭାଇ ଭିନ୍ନ ହୁଏ । ବିଶ୍ୱାସବିହୀନ ଦାମ୍ପତ୍ୟ ଜୀବନ ବିଷବତ୍ ହୁଏ ଅଥବା ପତ୍ନୀ ଆତ୍ମହତ୍ୟାରୂପୀ ମହାନ୍ ପାପ କରେ । ଅବିଶ୍ୱାସରେ ଆନୁଗତ୍ୟ ରହେ ନାହିଁ । ସ୍ୱାସ୍ଥ୍ୟରେ ଅବିଶ୍ୱାସ ହେଲେ ରୋଗ ଉତ୍ପନ୍ନ ହୁଏ । ନିଜର ପ୍ରତିରୋଧ ଶକ୍ତିର ଅବିଶ୍ୱାସରେ ସଂକ୍ରାମକ ରୋଗ ନିଶ୍ଚିତରୂପେ ହୁଏ । ସାଧାରଣତଃ ବିଶ୍ୱାସ ବିନା ମାନସିକ କୌଣସି କାର୍ଯ୍ୟ ସଫଳ ହୁଏ ନାହିଁ । କୃଷି, ଗୃହନିର୍ମାଣ, କୂପ-ପୁଷ୍କରିଣୀ ଆଦି ଖନନ – ଏହି ସ୍ଥୂଳ କର୍ମ ବିଶ୍ୱାସ ବିନା ଯଦ୍ୟପି ସଫଳ ହୁଏ ତଥାପି ପୂର୍ଣ୍ଣ ଏବଂ ସର୍ବାଙ୍ଗସୁନ୍ଦର ହୁଏ ନାହିଁ । କିନ୍ତୁ ଅଧ୍ୟାତ୍ମ ସାଧନା କେବଳ ଭଗବତ୍ ବିଶ୍ୱାସ ଉପରେ ନିର୍ଭର କରେ ।

ଅଧ୍ୟାତ୍ମ ମାର୍ଗରେ ଗୁରୁ, ସାଧନା, ଇଷ୍ଟ – ଏହି ତିନି ବସ୍ତୁ ଉପରେ ପୂର୍ଣ୍ଣରୂପେ ବିଶ୍ୱାସ ରଖିବା ଏକାନ୍ତ ଆବଶ୍ୟକ । ଏହି ତିନିଟି ମଧ୍ୟରୁ ଗୋଟିକ ଉପରେ ବିଶ୍ୱାସ ନ ରଖିଲେ ସାଧକ ସାଧନାରେ ଅଗ୍ରସର ହୋଇପାରେ ନାହିଁ । ଏପରିକି ନିଜକୁ ବ୍ରହ୍ମ କହୁଥିବା ଅଦ୍ୱୈତବାଦୀ ସାଧକମାନେ ନିଜ ଗୁରୁ ଏବଂ ଲକ୍ଷ୍ୟ ସିଦ୍ଧିରେ ବିଶ୍ୱାସ ନ ରଖିଲେ ସାଧନା ବ୍ୟର୍ଥ ହୁଏ ।

ଅଧ୍ୟାତ୍ମ ସାଧନାରେ ଦୃଢ଼ ବିଶ୍ୱାସ ରଖିବାକୁହିଁ ହେବ । ଏହାଛଡ଼ା ସିଦ୍ଧି ଅସମ୍ଭବ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର, ରୂପାନ୍ତରିତ ମନ-ପ୍ରାଣ-ଶରୀର ରୋଗ-ଜରା-ମୃତ୍ୟୁ ତଥା ଅଜ୍ଞାନ-ଅନ୍ଧକାର ଶକ୍ତି କବଳରୁ ପୂର୍ଣ୍ଣମୁକ୍ତି, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତି ଏବଂ ଭଗବତ୍ ଶକ୍ତିର ଯନ୍ତ୍ରହେବା, ସମସ୍ତ ସତ୍ତାରେ ତଥା ସମସ୍ତ କର୍ମରେ ଭଗବାନଙ୍କୁ ପ୍ରକାଶ କରିବା – ଏହି ରୂପାନ୍ତର ମହାନ୍ କଠିନ କାର୍ଯ୍ୟ । ଏହା ସିଦ୍ଧ ହୋଇପାରେ କେବଳ ପୂର୍ଣ୍ଣରୂପେ ମା'ଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା ରଖିଲେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : *୬୧୧ - ୬୧୩*)

❑❑❑

# ଧନ୍ୟ ସେହିମାନେ !

## ସୁନାମଣି ରାଉତ

"Blessed are those who take a leap towards the Future."
(MCW, Vol. 15, p. 175) – The Mother

''ଧନ୍ୟ ସେହିମାନେ ଯେଉଁମାନେ ଭବିଷ୍ୟତ୍ ଅଭିମୁଖେ ଲମ୍ଫ ପ୍ରଦାନ କରନ୍ତି ।''
– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଧନ୍ୟ ସେହିମାନେ !**' କବିତାଟିର ପରିକଳ୍ପନା ଓ ରୂପାୟନ ।]

---

'ଅତୀତ'ର ଯେତେ ସୁଖଦୁଃଖ, ହସଲୁହ
ବାଆ ବଇଶାଖ, ମାଘ ମେଘ ଖରା ତାତି,
ରହିଲାଣି ସବୁ ଦୂର ଅତୀତରେ କାହିଁ
କେତେ ବିଫଳତା, ସଫଳତା-ଜହ୍ନରାତି ॥୧॥


ଅତୀତ ସକାଶେ ଶୋଚନା କରି କି ଲାଭ
ଅତୀତ ତ ଅଟେ ଗଡ଼ିଗଲା ନଈ ପାଣି,
ଫେରିବନି କେବେ ଯେତେ ଝୁରି ହେଲେ ତାକୁ
ଝରା-ପତର କି ଡେମ୍ଫକୁ ଲେଉଟେ ପୁଣି ? ॥୨॥

'ବର୍ତ୍ତମାନ' ଯିଏ ସବୁଠୁଁ ବାସ୍ତବ ସତ୍ୟ
ସମୟ ଦୁଆର ଅଗଣାରେ ହସୁଥାଏ,
ବଚନ ନୁହଁଇ, କର୍ମ ଯେ ନିତ୍ୟ କରେ
ଜୀବନରେ ଏକା ସଫଳତା ସେହି ପାଏ ॥୩॥

ବର୍ତ୍ତମାନଟି ଏଇ ଅଛି ଏଇ ନାହିଁ
ଆଖି ପିଛୁଳାକେ ଅତୀତେ ମିଶୁଛି ଯାଇ,
ଆଜି କାମ ଏଇ ସାଥେ ସାଥେ ଦିଅ ସାରି
ବୋଝ ଭାରି ହେବ ରଖ ନାହିଁ କାଲି ପାଇଁ ॥୪॥

କିଏ କହେ ପୁଣି ଭବିଷ୍ୟତ୍ ଅନ୍ଧକାର
ତଥାପି ସେ ଆଶା ଭରସାର କେନ୍ଦ୍ରବିନ୍ଦୁ,
ସେଥିପାଇଁ ଗଢ଼େ ବାୟା ଚଢ଼େଇ ତା' ବସା
ଜହ୍ନ ରାତିରେ ଉଚ୍ଛୁଳଇ ମହାସିନ୍ଧୁ ॥୫॥

ଭବିଷ୍ୟତ୍ ଗଢ଼େ ନୂତନ ଜୀବନ ନକ୍ସା,
ଦୂର ଦିଗନ୍ତରୁ ଆହ୍ୱାନ ଆସେ ଭାସି,
ଧନ୍ୟ ସେହିମାନେ ଲମ୍ଫ ଦିଅନ୍ତି ଯିଏ
ଭବିଷ୍ୟ ତାହାଙ୍କୁ ସ୍ୱାଗତ କରଇ ହସି ॥୬॥ ❑



# ଭବିଷ୍ୟ ଦୃଷ୍ଟି

## ପ୍ରପତ୍ତି

ପ୍ରତ୍ୟେକ ମନୁଷ୍ୟ ଭିତରେ ନିଜର ଭବିଷ୍ୟତ୍ ରୂପରେଖ ଘଟଣାବଳି ବା ଶୁଭ-ଅଶୁଭ ଜାଣିବା ପାଇଁ ଗୋଟାଏ ତୀବ୍ର ଆକାଂକ୍ଷା ଥାଏ । ଭବିଷ୍ୟତ୍ ଗର୍ଭରେ କ'ଣ ଥାଏ, ମନୁଷ୍ୟ ତାହା ନିଜେ ବହୁ ପ୍ରକାର କଳ୍ପନାଜଳ୍ପନା କରି ମଧ୍ୟ ଜାଣି ପାରେ ନାହିଁ; ଗ୍ରହ, ନକ୍ଷତ୍ର ଓ ରାଶିର ଫଳାଫଳକୁ ବହୁ ଗଣନା କରି ମଧ୍ୟ ଠିକ୍ ଭାବେ ସମସ୍ତ ବିଷୟରେ ଜାଣି ପାରେ ନାହିଁ । ପୁନଶ୍ଚ ପ୍ରତ୍ୟେକ ମନୁଷ୍ୟ ସବୁ ସମୟରେ ଏବଂ ସବୁ ବିଷୟରେ ନିଜର ସର୍ବୋତ୍ତମ ମଙ୍ଗଳ ଓ କଲ୍ୟାଣ ପ୍ରତି ଆଶା ରଖେ । କ'ଣ କଲେ ସର୍ବଦା, ସବୁ ବିଷୟରେ ଏବଂ ସକଳ ସ୍ଥାନରେ ସବୁଠାରୁ ଉତ୍ତମ ଘଟିବ, ଏହା ମଧ୍ୟ ଏକ ଜଟିଳ ଓ ପ୍ରଧାନ ପ୍ରଶ୍ନ । ଶ୍ରୀମା ନିମ୍ନଲିଖିତ ପଙ୍‌କ୍ତିଗୁଡ଼ିକରେ ଏହି ଉଭୟ ବିଷୟର ଏକ ସଂକ୍ଷିପ୍ତ ଆଲୋଚନା କରିଛନ୍ତି । ପ୍ରତ୍ୟେକ ସମୟରେ, ପ୍ରତ୍ୟେକ ଘଟଣାରେ ପ୍ରତ୍ୟେକେ ନିଜର ମହତ୍ତମ କଲ୍ୟାଣ ଘଟାଇବାର ଏକମାତ୍ର ଉପାୟ ହେଲା ନିଜ ଚେତନାର ସର୍ବୋଚ୍ଚ ସୋପାନରେ ଅବସ୍ଥାନ କରିବା । ଆମ୍ଭେମାନେ ଶ୍ରୀମା'ଙ୍କର ନିମ୍ନଲିଖିତ ପଙ୍‌କ୍ତିଗୁଡ଼ିକୁ ଧୀରସ୍ଥିର ଭାବେ ପାଠ କଲେ ଏହା ବେଶ୍ ବୁଝିପାରିବା ।

''ଭବିତବ୍ୟ ଓ ନିୟତିକୁ ଦେଖିପାରିବା କେତେଦୂର ସମ୍ଭବ ! କେତେ କେତେ ଲୋକ ଓ ସମ୍ପ୍ରଦାୟ ଏଥିପାଇଁ ଚେଷ୍ଟା ନ କରିଛନ୍ତି, ଏ ସମ୍ପର୍କରେ କେତେ ପନ୍ଥା ଓ ସାଧନାର ବିସ୍ତାର ନ ହୋଇଛି, ଆଗତ ଭବିଷ୍ୟତ୍ ଜାଣିବା ସମ୍ପର୍କରେ କେତେ କେତେ ବିଜ୍ଞାନ ସୃଷ୍ଟି ନ ହୋଇଛି, ତା'ର କେତେ ଉନ୍ନତି ସାଧନ ନ ହୋଇଛି ଓ ପୁଣି କୁସଂସ୍କାର ଓ ଜାଲିଆତିର ଦୋଷରେ ଏହିପରି କେତେ ବିଜ୍ଞାନର ମୃତ୍ୟୁ ନ ହୋଇଛି ? କିନ୍ତୁ ଭବିତବ୍ୟକୁ ଜାଣିପାରିବା ବା ଦେଖିପାରିବା କାହିଁକି ଏତେ କଷ୍ଟସାଧ୍ୟ, ଯେତେବେଳେ ଏହା ପ୍ରମାଣିତ ହୋଇସାରିଛି ଯେ ପ୍ରତ୍ୟେକ ଜିନିଷର ନିୟତି ପୂର୍ବ ନିର୍ଦ୍ଧାରିତ ଓ ପୂର୍ବରୁ ସ୍ଥିରୀକୃତ ? ଏହି ପୂର୍ବ ନିର୍ଦ୍ଧାରିତ ବିଷୟକୁ ଅଭ୍ରାନ୍ତ ଓ ନିଶ୍ଚିତ ରୂପେ ଜାଣିବା କାହିଁକି ସମ୍ଭବ ହୁଏ ନାହିଁ ?

''ଏ କ୍ଷେତ୍ରରେ ମଧ୍ୟ ସମସ୍ୟାଟିର ସମାଧାନ ଯୋଗରେ ରହିଛି । ଯୋଗ ସାଧନା ଦ୍ୱାରା ଜଣେ କେବଳ ଯେ ଭାଗ୍ୟ ଓ ଭବିତବ୍ୟକୁ ପୂର୍ବରୁ ଜାଣି ପାରିବ, ଖାଲି ସେତିକି ନୁହେଁ, ଏହାକୁ ବଦଳାଇ ଦେଇପାରେ, ପୂରା ପରିବର୍ତ୍ତନ କରି ଦେଇପାରେ । ପ୍ରଥମତଃ, ଯୋଗ ଆମକୁ ଶିକ୍ଷା ଦିଏ ଯେ ଆମେ ଗୋଟିଏ ଏକକ ସତ୍ତା ନୋହୁଁ, ଏହା ସହଜ ଭାବରେ ଗଠିତ ଗୋଟିଏ ମାତ୍ର ସତ୍ତା ନୁହେଁ, ଯାହାର କେବଳ ଗୋଟିଏ ସହଜ, ସରଳ ଓ ଯୁକ୍ତିସମ୍ମତ ନିୟତି ରହିବ । ଆମକୁ ସ୍ୱୀକାର କରିବାକୁ ହେବ ଯେ ଅଧିକାଂଶ ଲୋକଙ୍କର ନିୟତି ଅତ୍ୟଧିକ ଜଟିଳ, ଏପରି ଜଟିଳ ଯେ ସମୟ ସମୟରେ ଏହା ନିତାନ୍ତ ଅସଂଲଗ୍ନ ବୋଲି ମନେହୁଏ, ଏହି ଜଟିଳତା ଯୋଗୁଁହିଁ ମନରେ ଏହି ଭାବ ସୃଷ୍ଟି ହୋଇଥାଏ ଯେ ସବୁକିଛି ଅପ୍ରତ୍ୟାଶିତ, କିଛି ନିର୍ଦ୍ଧାରିତ କରି ହେବ ନାହିଁ, ତେଣୁ କୌଣସି ବିଷୟରେ ଭବିଷ୍ୟତ୍ କହି ହେବ ନାହିଁ ।

''ଏ ସମସ୍ୟା ସମାଧାନ କରିବାକୁ ହେଲେ ଆମକୁ ପ୍ରଥମେ ବୁଝିବାକୁ ହେବ ଯେ ସମସ୍ତ ଜୀବନ୍ତ ସତ୍ତା, ବିଶେଷ କରି ମନୁଷ୍ୟସତ୍ତା ଅନେକଗୁଡ଼ିଏ ଉପାଦାନ ଓ ଅନେକ ସତ୍ତାର ସମ୍ମିଶ୍ରଣରେ ଗଠିତ, ଯେଉଁଗୁଡ଼ିକ କି ଏକତ୍ରିତ ହୋଇଥା'ନ୍ତି, ପରସ୍ପର ଭିତରେ ଅନୁପ୍ରବେଶ କରିଥା'ନ୍ତି, କେବେ କେବେ ପରସ୍ପର ଅନୁପୂରକ ଓ ସହାୟକ ହୋଇ ନିଜକୁ ସଙ୍ଗଠିତ କରନ୍ତି, ପୁଣି କେବେ କେବେ ନିଜ ନିଜ ମଧ୍ୟରେ ନାନା ଦ୍ୱନ୍ଦ୍ୱ ଓ ବିରୋଧ ସୃଷ୍ଟି କରନ୍ତି । ଏହି ସମସ୍ତ ସତ୍ତା ଓ ଅବସ୍ଥା ଭିତରୁ ପ୍ରତ୍ୟେକଙ୍କର ନିଜର ଗୋଟିଏ ଗୋଟିଏ ଜଗତ୍ ଅଛି ଏବଂ ପ୍ରତ୍ୟେକେ ନିଜ ଭିତରେ ନିଜର ନିୟତି ଓ ନିର୍ଦ୍ଧାରିତ ଭାଗ୍ୟ ବହନ କରୁଥା'ନ୍ତି । ଏହି ସମସ୍ତ ନିୟତିର ସମ୍ମିଶ୍ରଣ, ଯାହାକି କେତେକ ସମୟରେ ଖୁବ୍ ଅସାମଞ୍ଜସ୍ୟ ମିଶ୍ରଣ ହୋଇଥାଏ, ଏହାହିଁ ବ୍ୟକ୍ତିର ନିୟତି ନିର୍ଦ୍ଧାରିତ କରେ । କିନ୍ତୁ ଏହିସବୁ ସତ୍ତାଙ୍କ ଭିତରେ ପାରସ୍ପରିକ ସମ୍ପର୍କ ଓ ସଙ୍ଗଠନକୁ ବ୍ୟକ୍ତିଗତ ସାଧନା ଓ ସଙ୍କଳ୍ପ ଦ୍ୱାରା ପରିବର୍ତ୍ତିତ କରାଯାଇପାରେ, ଚେତନାର କେନ୍ଦ୍ରୀକରଣ ବା ଅଭିନିବେଶ ଅନୁଯାୟୀ ଏହିସବୁ ନିୟତିର ବିଭିନ୍ନ ଧାରା ପରସ୍ପର ଉପରେ ବିଭିନ୍ନ ଭାବରେ କ୍ରିୟା କରିପାରେ । ସୁତରାଂ ଏଗୁଡ଼ିକର ସମଷ୍ଟିଗତ କ୍ରିୟା ସବୁବେଳେ ପରିବର୍ତ୍ତନୀୟ, ତେଣୁ ସେଗୁଡ଼ିକର ଭବିଷ୍ୟତ୍ ଜାଣି ପାରିବା ଅସମ୍ଭବ ବୋଲି ମନେ ହୁଏ ।

''ଉଦାହରଣ ସ୍ୱରୂପ କୌଣସି ଲୋକର ଭୌତିକ ବା ଶାରୀରିକ ନିୟତି ସ୍ଥିର ହୋଇଥାଏ — ତା'ର ମାତାପିତାଙ୍କଠାରୁ ସେ ଯେପରି ଶରୀର ପାଇଥାଏ ଓ ସେ ଯେପରି ପରିସ୍ଥିତି ଓ ଅବସ୍ଥାରେ ଜନ୍ମ ହୋଇଥାଏ ତାହା ଦ୍ୱାରା । ତେଣୁ ତା'ର ଶାରୀରିକ ଜୀବନ, ଅର୍ଥାତ୍ ଦେହର ଗଠନ, ସ୍ୱାସ୍ଥ୍ୟ ଓ ହାରାହାରି ପରମାୟୁ କ'ଣ ହେବ, ଏସବୁର ଭବିଷ୍ୟତ୍ ସମ୍ପର୍କରେ କିଛିଟା ଅନୁମାନ କରାଯାଇପାରେ । କିନ୍ତୁ ଏହା ସଙ୍ଗେ ସଙ୍ଗେ ପୁଣି ଜଡ଼ିତ ହୁଏ ତା'ର ପ୍ରାଣିକ ସତ୍ତାର ଗଠନ (ବାସନା-କାମନା, ଆବେଗ, ଆସକ୍ତି ତଥା ଉତ୍ସାହ, ପ୍ରେରଣା ଓ ସଙ୍କଳ୍ପ ଆଦି ଯେଉଁ ସତ୍ତାର କାମ), ତାହା ନିଜର ନିୟତିକୁ ସଙ୍ଗରେ ନେଇଆସେ । ପ୍ରାଣର ଏହି ନିୟତି ଶରୀରର ନିୟତିକୁ ପ୍ରଭାବିତ କରେ, ଏପରିକି ପୂରାପୂରି ତାହାକୁ ବଦଳାଇ ଦେଇପାରେ, ଅନେକ ସମୟରେ ଏହି ପରିବର୍ତ୍ତନ ହୋଇଥାଏ ମନ୍ଦ ଦିଗରେ । ଉଦାହରଣ ସ୍ୱରୂପ ଜଣେ ଲୋକ ଯେ କି ଖୁବ୍ ଉତ୍ତମ ଶରୀର ନେଇ ଜନ୍ମ ନେଇଛି, ସାଧାରଣତଃ ସେ ଖୁବ୍ ସୁନ୍ଦର ସୁସ୍ଥ ସବଳ ଜୀବନ ଯାପନ କରିବା କଥା । କିନ୍ତୁ ତା'ର ପ୍ରାଣ ଯଦି ତାକୁ ବିଭିନ୍ନ ପ୍ରକାର ମନ୍ଦ ଅଭ୍ୟାସ, ନାନା ଆତିଶଯ୍ୟ ଓ ଦୁଷ୍ପ୍ରବୃତ୍ତି ଦିଗରେ ଘେନିଯାଏ, ତେବେ ତାହା ଏହିପରି ଭାବରେ ତା'ର ଶରୀରର ଉତ୍ତମ ନିୟତି ବା ଭବିଷ୍ୟତକୁ ନଷ୍ଟ କରିଦେବ ଏବଂ ତା'ର ସ୍ୱାସ୍ଥ୍ୟ ଓ ଶକ୍ତିର ଯେଉଁ ସୁସାମଞ୍ଜସ୍ୟ ଥାଆନ୍ତା ତାହା ଏହି ପ୍ରାଣ ସତ୍ତାର କ୍ଷତିକାରକ ହସ୍ତକ୍ଷେପ ଫଳରେ ନଷ୍ଟ ହୋଇଯିବ । ଏହା ଗୋଟିଏ ଉଦାହରଣ ମାତ୍ର, କିନ୍ତୁ ଘଟଣାଟି ଆହୁରି ଅନେକ ଜଟିଳ, କାରଣ ଶାରୀରିକ ଓ ପ୍ରାଣିକ ନିୟତି ସାଙ୍ଗକୁ ମାନସିକ ଓ ଆତ୍ମିକ ନିୟତି ତଥା ଅନ୍ୟାନ୍ୟ ଅନେକ ନିୟତି ଆସି କ୍ରିୟା କରନ୍ତି ।

''ବସ୍ତୁତଃ ମାନବୀୟ ବିକାଶର ସୋପାନରେ ଯେ ଯେତେ ଉଚ୍ଚରେ ରହିଛି, ତା'ର ସତ୍ତାର ଗଠନ ସେତିକି ଅଧିକ ଜଟିଳ, ତା'ର ନିୟତି ସେତିକି ବହୁସଂଖ୍ୟକ; ତେଣୁ ତା'ର ଭବିତବ୍ୟ ବା ଭାଗ୍ୟକୁ ଦେଖିପାରିବା ସେତିକି କଷ୍ଟକର । ଅବଶ୍ୟ କେବଳ ଆପାତଃ ଦୃଷ୍ଟିର କ୍ଷେତ୍ରରେ ଏହା ଏହିପରି । ସତ୍ତାର ଏହିସବୁ ବିଭିନ୍ନ ଅବସ୍ଥା ଓ ସେମାନଙ୍କର ଅନ୍ତର୍ଜଗତ ସମ୍ପର୍କରେ ଜ୍ଞାନ ଆସିଲେ, ତହିଁ ସଙ୍ଗେ ସଙ୍ଗେ ସେମାନଙ୍କର ବିଭିନ୍ନ ନିୟତି, ଏହିସବୁ ନିୟତିର ପାରସ୍ପରିକ ଅନୁପ୍ରବେଶ, ସେମାନଙ୍କର ମିଳିତ ଓ ପ୍ରଧାନ କ୍ରିୟା ସମ୍ପର୍କରେ ମଧ୍ୟ ଜାଣି ପାରିବାର ସାମର୍ଥ୍ୟ ଆସିବ । ଉଚ୍ଚତର ନିୟତିର ଧାରାସବୁ ସ୍ୱଭାବତଃ ବିଶ୍ୱର କେନ୍ଦ୍ରୀୟ ସତ୍ୟର ନିକଟବର୍ତ୍ତୀ, ତେଣୁ ସେମାନଙ୍କର କ୍ରିୟା ଓ ହସ୍ତକ୍ଷେପ ନିଶ୍ଚିତରୂପେ ମଙ୍ଗଳପ୍ରଦ । ସୁତରାଂ ଜୀବନ ଯାପନର କୌଶଳ ହେଉଛି ନିଜକୁ ବରାବର ନିଜର ସର୍ବୋଚ୍ଚ ଚେତନାରେ ରଖିବା, ତା'ହେଲେ ନିଜର ଯାହା ସର୍ବୋଚ୍ଚ ନିୟତି ତାହା ଅନ୍ୟାନ୍ୟ ନିୟତି ଉପରେ ପ୍ରଭାବ ବିସ୍ତାର କରି ଜୀବନ ଓ କର୍ମରେ ନିଜକୁ ପ୍ରତିଷ୍ଠିତ କରିବ । ତେଣୁ ପ୍ରମାଦର କୌଣସି ଆଶଙ୍କା ନରଖି ଏହା କୁହାଯାଇପାରେ ଯେ ବରାବର ତୁମ ଚେତନାର ସର୍ବୋଚ୍ଚ ଶିଖରରେ ବାସ କର, ତା' ହେଲେ ତୁମ ପାଇଁ ଯାହା ସବୁଠୁ ଉତ୍ତମ ତାହାହିଁ ଘଟିବ । କିନ୍ତୁ ଏହି ଅବସ୍ଥାରେ ପହଞ୍ଚିବା ସହଜ ନୁହେଁ । ତେଣୁ ଯେପର୍ଯ୍ୟନ୍ତ ଏହି ଲକ୍ଷ୍ୟରେ ନ ପହଞ୍ଚିଛ, ସେ କ୍ଷେତ୍ରରେ ଅନ୍ତତଃ ପକ୍ଷେ ତୁମେ ଏତିକି କରିପାର ଯେ ଯେତେବେଳେ କୌଣସି ବିପଦ ବା ସମସ୍ୟାସଙ୍କୁଳ ପରିସ୍ଥିତିର ସମ୍ମୁଖୀନ ହୁଅ, ସେତେବେଳେ ନିଜର ସର୍ବୋଚ୍ଚ ନିୟତିକୁ ଅଭୀପ୍ସା, ପ୍ରାର୍ଥନା ଓ ଭଗବତ୍ ସଙ୍କଳ୍ପ ପାଖରେ ନିର୍ଭର ଆତ୍ମ-ନିବେଦନ କରି ଆବାହନ କର । ତା'ହେଲେ ସେ ଅବସ୍ଥାରେ ଆହ୍ୱାନର ଆନ୍ତରିକତା ଅନୁପାତରେ ଏହି ଉଚ୍ଚତର-ନିୟତି ସତ୍ତାର ସାଧାରଣ ନିୟତି କ୍ଷେତ୍ରରେ ଅନୁକୂଳ ଭାବରେ ହସ୍ତକ୍ଷେପ କରିବ ଏବଂ ବ୍ୟକ୍ତିଗତ ଭାବେ ତୁମର ମଙ୍ଗଳ ଦୃଷ୍ଟିରୁ ଘଟଣାର ଗତିପଥକୁ ବଦଳାଇ ଦେବ । ଏହିସବୁ ଘଟଣାହିଁ ବାହ୍ୟ ଚେତନା ପାଇଁ ଅଲୌକିକ ଘଟଣା ରୂପେ ବା ଭଗବତ୍ କୃପା ରୂପେ ପ୍ରତୀୟମାନ ହୁଏ ।''

(CWM, Vol. 12. pp. 77-79)

**ଦୈବୀ ଘଟଣାର ଅର୍ଥ :**

ଯେଉଁସବୁ ଆଶ୍ଚର୍ଯ୍ୟଜନକ ଓ ଅଭୂତପୂର୍ବ ଘଟଣାବଳୀ ଘଟିଯାଏ, ତାହାର ଅର୍ଥ କ'ଣ ଏବଂ କିପରି ଭାବରେ ତାହା ଘଟୁଛି, ସେ ସମ୍ବନ୍ଧରେ ବହୁ ଲୋକଙ୍କର ପ୍ରଶ୍ନ ହୁଏ । ଭଗବତ୍ କୃପା ବା ଦିବ୍ୟ ଅନୁକମ୍ପାର ଅର୍ଥ କ'ଣ ? ଯାହାକୁ ଭଗବତ୍ କୃପା ବୋଲି ଆମ୍ଭେମାନେ କହୁ, ପ୍ରକୃତରେ ତାହା ଅନ୍ୟ ଏକ ଉଚ୍ଚତର ଭୂମିର ସାମର୍ଥ୍ୟ, ଶକ୍ତି, ଜ୍ୟୋତିଃ ଓ ଆଲୋକ, ଯାହାର ଅବତରଣ ଫଳରେ ଏହି ନିମ୍ନ ଭୂମିର ଘଟଣା ଉପରେ ଗୋଟାଏ ଚାପଦିଏ, ଯାହାର ପରିଣାମରେ ନିମ୍ନ ଘଟଣାବଳୀର ପ୍ରାକୃତିକ ବିଧାନ ଓ ବନ୍ଧନ ଛିନ୍ନ ହୋଇ ଅନ୍ୟ କିଛି ଘଟିଯାଏ ।

ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ଏକ ବାଣୀ ଏ କ୍ଷେତ୍ରରେ ଉଦ୍ଧାର କରୁଛି :

''ଚେତନାର ଅସଂଖ୍ୟ ସ୍ତର ଦ୍ୱାରା ଏହି ପୃଥିବୀ ଗଠିତ ଏବଂ ପ୍ରତ୍ୟେକ ସ୍ତରର ବିଭିନ୍ନ ବିଧିବିଧାନ ଅଛି । ଗୋଟିଏ ସ୍ତରର ବିଧାନ ଅନ୍ୟ ସ୍ତରରେ ଘଟେ ନାହିଁ । ଦୈବୀ ଘଟଣାର ଅର୍ଥ ଅନ୍ୟ ଚେତନା ଓ ଶକ୍ତିର ହଠାତ୍ ଏହି ଜଡ଼ ଭୂମିରେ ଅବତରଣ ଓ ବିସ୍ଫୋରଣ । ସାଧାରଣତଃ ଏହି ଶକ୍ତି ପ୍ରାଣ-ଭୂମିରୁ ଉତରି ଆସେ – ଉର୍ଦ୍ଧ୍ୱଲୋକର କ୍ରିୟାବଳୀ ହଠାତ୍ ଭୂଲୋକର କ୍ରିୟାବଳୀ ଉପରେ ଉତରି ଆସେ । ଏହା ଯେପରି ଆମ୍ଭମାନଙ୍କ ଅଧସ୍ତନ ଚେତନାର ମେଘମାଳାକୁ ଅକସ୍ମାତ୍ ଭେଦ କରି ଉର୍ଦ୍ଧ୍ୱଲୋକର ବିଦ୍ୟୁତ୍ ତୁଲ୍ୟ ଚମକି ଉଠେ ଓ ତାହା ମଧ୍ୟରେ ଢାଳି ଦିଏ ନୂତନ ଶକ୍ତି, ସାମର୍ଥ୍ୟ, ନୂତନ ଗତିବୃତ୍ତି, ନୂତନ କାର୍ଯ୍ୟକାରଣ ପରମ୍ପରା । ଆମ୍ଭେମାନେ ଏହାକୁହିଁ ଦୈବୀ ଘଟଣା ବୋଲି କହୁ; କାରଣ ହଠାତ୍ ଦେଖୁ ଗୋଟାଏ ପରିବର୍ତ୍ତନ, ଆମ୍ଭମାନଙ୍କ ସାଧାରଣ ଜୀବନର ପ୍ରାକୃତିକ ବିଧିବିଧାନରେ ଗୋଟାଏ ଆକସ୍ମିକ ବିପର୍ଯ୍ୟୟ; କିନ୍ତୁ ବୁଝିପାରି ନଥାଉ ତାହା କିପରି ଓ କାହିଁକି ହେଲା, କାରଣ ସେହି ଅଲୌକିକ ଘଟଣାର ମୂଳ ହେଉଛି ଅନ୍ୟ ଏକ ସ୍ତରରେ, ଉର୍ଦ୍ଧ୍ୱଲୋକରୁ ଏହି ଜଡ଼ଲୋକରେ ଶକ୍ତିର ହଠାତ୍ ଏହି ରୂପେ ଅବତରଣ ଗୋଟାଏ ଅସାଧାରଣ ଘଟଣା ନୁହେଁ, ବରଂ ଏହା ବହୁତ ସମୟରେ ଘଟେ, ଯଦି ଆମ୍ଭମାନଙ୍କର ଦୃଷ୍ଟିଶକ୍ତି ଥାଏ ଏବଂ କିପରି ଦେଖିବାକୁ ହୁଏ ତାହା ଜାଣୁ ତେବେ ବହୁ ଅଲୌକିକ ଘଟଣା ଜାଣିପାରୁ । ବିଶେଷତଃ ଯେଉଁମାନେ ଉର୍ଦ୍ଧ୍ୱତନ ଚେତନାକୁ ଏହି ନିମ୍ନ ପାର୍ଥିବ ଚେତନାରେ ଉତାରି ଆଣିବାକୁ ଚେଷ୍ଟା କରୁଅଛନ୍ତି, ସେମାନେ ଏପରି ଘଟଣା ସର୍ବଦା ଦେଖିପାରନ୍ତି ।''

– ଶ୍ରୀମା

'ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ',
ପ୍ରଥମ ଖଣ୍ଡ, ପୃ. ୩୦୪ - ୩୦୭)

❑❑❑

# ସାର୍ଥକ କର ମା' ଜୀବନ

## ଶରତ କୁମାରୀ ସ୍ୱାଇଁ

ବିନ୍ଦୁ ବିନ୍ଦୁ ଏଇ ଶିଶିର ବୁନ୍ଦାରେ
ତୁମରି କରୁଣା ସାଗର,
ଉତ୍ତାଳ ତରଙ୍ଗ କର ତା' ପ୍ରସାରି
ପ୍ରଦାନୁଛି ପ୍ରୀତି ସମ୍ଭାର ।

ତୁମରି ମହତୀ ଇଚ୍ଛାର ଲାବଣ୍ୟ
ରୂପ ଝଲସାଇ ଅରୁଣ,
ପୂର୍ବାଶା ଲଲାଟ ମଣ୍ଡି ଉଇଁ ଆସେ
ଝରାଇ କନକ କିରଣ ।

ଆଲୋକ-ଆସ୍ପୃହା- ରତ ପାଦପର
ମଥା ସ୍ପର୍ଶୀ ମଧୁ-ମଳୟ,
ତବ ନିର୍ଦ୍ଦେଶରେ ଘୂରି ବୁଲେ ମାଗୋ !
ଘେରାଇ ପ୍ରୀତି ବଳୟ ।

ତବ ସୁଲଳିତ ସଙ୍ଗୀତ ମାଧୁରୀ
ବିହଙ୍ଗୀର ସୁରେ ମଧୁର,
କୁସୁମ ସୁବାସେ ଚଉଦିଗ ବାସେ
ଗଗନ-ପବନ ଅଧୀର ।

ନୂତନ ସୃଷ୍ଟିର ଗୋପନ ରହସ୍ୟ
ପଢ଼ି ଦେଖେ ନୂଆ ପ୍ରଭାତ,
ମହା ଉଲ୍ଲାସର ଭବ୍ୟ ସମାରୋହେ
ପ୍ରଣମି ଜଣାଏ ସ୍ୱାଗତ ।

ନବ ଚେତନାର ଉନ୍ମେଷ ଘଟାଇ
ସାର୍ଥକ କର ମା' ! ଜୀବନ
ଚରଣ କମଳେ ନମ୍ର ନିବେଦନ
ଜଣାଉଛୁ ଶିଶୁ ସନ୍ତାନ ।

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୫)

ମହେନ୍ଦ୍ରନାଥ ସ୍ୱାଇଁ

**ଦିବ୍ୟ ହସ୍ତକ୍ଷେପ :**

ମାର୍ଚ୍ଚ ୧, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖିଛନ୍ତି :

"IT is in one's own self that all the obstacles lie, it is in one's own self that all the difficulties are found, it is in one's own self that there is all the darkness and ignorance. Were we to travel throughout the earth, were we to go and bury ourselves in some solitude, break with all our habits, lead the most ascetic life, yet if some bond of illusion held back our consciousness far from Thy absolute Consciousness, if some egoistic attachment cut us off from the integral communion with Thy divine Love, we would be no nearer Thee despite all outer circumstances. Can any circumstances be considered more or less favourable? I doubt it; it is the idea we have about them which enables us to profit much or little by the lessons they give us.

"O Lord, I implore Thee! Grant that I may be perfectly conscious and master of all that constitutes this personality, so that I may be delivered from myself and Thou alone mayst live and act through these multiple elements.

"To live in Love, by Love, for Love, indissolubly united to Thy highest manifestation. ...

"Always more light, more beauty, more truth!" (Prayers and Meditations, P. 86)

ଅର୍ଥାତ୍, ''ଯେକୌଣସି ବ୍ୟକ୍ତିର ନିଜ ସତ୍ତା ଭିତରେ ସକଳ ପ୍ରକାର ପ୍ରତିବନ୍ଧକ ନିହିତ ଅଛି, ବ୍ୟକ୍ତିର ସତ୍ତା ଭିତରେ ବହୁବିଧ ଅସୁବିଧାମାନ ରହିଛି, ଯେଉଁଠି ବ୍ୟକ୍ତିର ନିଜ ଆନ୍ତରସତ୍ତାର ଅଭ୍ୟନ୍ତରରେ ସବୁପ୍ରକାର ଅନ୍ଧକାର ଏବଂ ଅଜ୍ଞାନତା ରହିଛି । ଆମକୁ କ'ଣ ସାରା ବିଶ୍ୱରେ ଭ୍ରମଣ କରିବାକୁ ହେବ, ଆମେ ଏକ ନିଃସଙ୍ଗତା ଭିତରକୁ ପ୍ରବେଶ କରି ସେଠାରେ ନିଜକୁ କ'ଣ ହଜାଇ ଦେଇ ପାରିବା, ସକଳ ପ୍ରକାର ଅଭ୍ୟାସ ତଥା ପ୍ରବୃତ୍ତି ସହିତ ଥିବା ଆମର ବନ୍ଧନକୁ ତୁଟାଇ ଦେଇ ପାରିବା, ସବୁଠାରୁ କଷ୍ଟସାଧ୍ୟ ଏକ ସନ୍ନ୍ୟାସ ଜୀବନ ଆଡ଼କୁ ପାଦ ବଢ଼ାଇ ପାରିବା, ତଥାପି ଯଦ୍ୟପି କୌଣସି ପ୍ରକାର ମାୟା ବନ୍ଧନ ଆମ ଚେତନାକୁ ତୋର ସର୍ବୋତ୍ତମ ଚେତନାଠାରୁ ଦୂରେଇ କରି ରଖେ, ଯଦି କୌଣସି ଅହଂଗତ ଆକର୍ଷଣ ଆମକୁ ତୋ'ର ଦିବ୍ୟ-ପ୍ରେମ ସହିତ ପୂର୍ଣ୍ଣାଙ୍ଗ ମିଳନରୁ ବିଚ୍ୟୁତ କରିଦିଏ, ଆମର ସକଳ ପ୍ରକାର ବାହ୍ୟ ପରିବେଶ ଯେତେ ଅନୁକୂଳ ହୋଇଥିଲେ ମଧ୍ୟ ଆମେ ତୋ'ର ନିକଟତର ହୋଇପାରିବୁ ନାହିଁ । କ'ଣ ଏପରି କିଛି ଅବସ୍ଥା ଅଛି ଯାହାକୁ କମ୍ ବା ଅଧିକ ଅନୁକୂଳ ବୋଲି ବିଚାର କରାଯାଇ ପାରିବ ? ମୋର ସନ୍ଦେହ ହୁଏ; ଏହା ହେଉଛି ସେହି ଧାରଣା ଯାହାକୁ ଆମେ ଆମ ଭିତରେ ଧରି ରଖିଛେ, ଯାହା ଆମକୁ ସକ୍ଷମ କରୁଛି ସେମାନେ ଯେଉଁସବୁ ଶିକ୍ଷା ଦେଉଛନ୍ତି ତାହା ଦ୍ୱାରା ଆମେ ଅଧିକ ଅଥବା ସ୍ୱଳ୍ପ ଲାଭ ପାଇ ପାରିବା ।

''ହେ ପ୍ରଭୁ, ମୁଁ ତୁମକୁ ମିନତି କରୁଛି ! ମୋର ଏହି ବ୍ୟକ୍ତିତ୍ୱକୁ ଯେଉଁସବୁ ଉପାଦାନ ପ୍ରସ୍ତୁତ କରିଛନ୍ତି ମୁଁ ଯେପରି ସେମାନଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ସଚେତନ ହୋଇପାରିବି ଏବଂ ମୋର ପ୍ରଭୁତ୍ୱ ବିସ୍ତାର କରି ପାରିବି, ଫଳତଃ ମୁଁ ମୋ ନିଜଠାରୁ ମୁକ୍ତି ଲାଭ କରିପାରିବି ଏବଂ କେବଳ ମାତ୍ର ତୁମେ ହିଁ ଏହି ବିବିଧ ଉପାଦାନମାନଙ୍କ ମାଧ୍ୟମରେ ବାସ କରିପାରିବ, କାର୍ଯ୍ୟ କରି ପାରିବ ।

''ଦିବ୍ୟ-ପ୍ରେମ ଭିତରେ ଜୀବନଧାରଣ କରିବା, ସେହି ଦିବ୍ୟ ପ୍ରେମ ଦ୍ୱାରା, ଦିବ୍ୟ ପ୍ରେମ ନିମନ୍ତେ ତୁମର ସର୍ବୋତ୍ତମ ପରିପ୍ରକାଶ ସହ ଅବିଚ୍ଛେଦ୍ୟ ଭାବରେ ଏକୀଭୂତ ହୋଇଯିବା ... ।

''ସର୍ବଦା ଅଧିକ ଆଲୋକ, ଅଧିକ ସୌନ୍ଦର୍ଯ୍ୟ, ଅଧିକ ସତ୍ୟ !''

ଯେତେବେଳେ ସବୁକିଛି ଠିକ୍‌ଠାକ୍ ଚାଲୁଥାଏ, ପ୍ରଭାତର ସ୍ୱର୍ଣ୍ଣାଭ ଗୌରବୋଜ୍ଜ୍ୱଳ ସୂର୍ଯ୍ୟକିରଣ ଆମ ଚେତନା ଉପରେ ସର୍ବତ୍ର ବିଛାଡ଼ି ହୋଇ ପଡ଼ିଥାଏ, ଶରୀର-ଚେତନା ତା'ର ସ୍ୱକୀୟ ଆନନ୍ଦରେ ଫାଟି ପଡୁଥାଏ – ସଂକ୍ଷେପରେ କହିବାକୁ ଗଲେ ଆମର ବାହ୍ୟ ଜୀବନ ସଙ୍ଗଠିତ ହୋଇ ଯାଇଥାଏ, ଅନ୍ତର ମଧ୍ୟସ୍ଥ ସୁବର୍ଣ୍ଣ ଦୀପାଳୀରେ ଅଗ୍ନି ସଂଯୋଗପୂର୍ବକ ଭିତରକୁ ଆଲୋକିତ କରିଦେବା ପାଇଁ; ଠିକ୍ ସେତିକିବେଳେ ନିଷ୍ଫଳତା ବୋଧର ଏକ ବିପରୀତ ପ୍ରତିକ୍ରିୟା ଆରମ୍ଭ ହୋଇ ଯାଇଥାଏ । ସେହି ପ୍ରତିକ୍ରିୟାଟି ଆସିଥାଏ ଆମ ବିକ୍ଷୋଭିତ ଚିନ୍ତା ଓ ସ୍ମୃତିପଟରେ ଥିବା ଅତୀତର କୌଣସି ପ୍ରବଞ୍ଚନା ଅଥବା ଭବିଷ୍ୟତ୍ ବିପଦର ଆଶଙ୍କାର ଛାୟା ଭିତରୁ । ଫଳତଃ ଆମେ ସଯତ୍ନରେ ସଜାଡ଼ିଥିବା ଭିତର ଏବଂ ବାହାର ବାତାବରଣଟି ବିଷାକ୍ତ ହୋଇଯାଏ, ସଦ୍ୟ-ପ୍ରସ୍ଫୁଟିତ ଫୁଲଟିର ରଙ୍ଗ ଫିକା ପଡ଼ିଯାଏ, ପୂର୍ବ ପ୍ରସ୍ତୁତ ପୂଜା-ଅର୍ଘ୍ୟ ନିବେଦିତ ହୋଇପାରେ ନାହିଁ । ଆମ ଭିତରେ ଥିବା ଭୟ ଓ ତିକ୍ତତା ହୃଦୟକୁ ବିଦାରିତ କରିଦିଏ, ସେତେବେଳେ ଆମର ଏକମାତ୍ର ସହାୟକ ହେଲା ଭଗବତ୍ କୃପା ଯାହା ଆମକୁ ଭୟଙ୍କର ବାତାବରଣ ଭିତରୁ ଟାଣି ବାହାର କରି ଆଣେ ଏବଂ ଆଲୋକିତ ପଥଟି ଧରାଇ ଦେଇଥାଏ । ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ସେହି ବିଷୟକୁ ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି ।

ଆଧ୍ୟାତ୍ମିକ ପଥରେ ଅଗ୍ରସର ହେଉଥିବା ଯାତ୍ରୀଟି ନିମନ୍ତେ ତା'ର ଚତୁଃପାର୍ଶ୍ୱରେ ଥିବା ଅଥବା ଅନ୍ତରରେ ଥିବା ପରିବେଶ ସର୍ବଦା ପ୍ରତିକୂଳ ବାତାବରଣ ସୃଷ୍ଟି କରୁଥାଏ । ବିଫଳତାର ମଞ୍ଜି ତା'ର ନିଜ ଭିତରେ ଗୁପ୍ତ ଭାବରେ ରହିଥାଏ । ପ୍ରଭୁ ଆମକୁ ଉପଯୁକ୍ତ ବାତାବରଣ ଯୋଗାଇ ଦେଇଥା'ନ୍ତି ଆମ ଚେତନାର ଉତ୍ତରଣ ନିମନ୍ତେ; କିନ୍ତୁ ଏହି ସୁଯୋଗର ଆମେ ଉପଯୁକ୍ତ ବ୍ୟବହାର କରିପାରୁ ନାହିଁ, କାରଣ ଆମ ଭିତରେ ଥିବା ମାୟା ବନ୍ଧନରେ ଆମେ ବାନ୍ଧି ହୋଇ ରହିଥାଉ । ଏହି ମାୟାବନ୍ଧନ ତିନିପ୍ରକାର ଯଥା : ମାନସିକ, ପ୍ରାଣିକ ଓ ଶାରୀରିକ – ଏହାହିଁ ହେଉଛି ସକଳ ପ୍ରକାର ଅସୁବିଧାର ମୂଳ । ସେମାନେ ହେଉଛନ୍ତି ଲୌହ ଶୃଙ୍ଖଳ ଯେଉଁଥିରେ ଆମର ଦିବ୍ୟତ୍ୱ ଏବଂ ନିୟତି ବନ୍ଧା ହୋଇ ରହିଛନ୍ତି । ତେଣୁ ଆମେ ଆମ ଭିତରେ ବନ୍ଧା ହୋଇ ରହିଛୁ । ଏଥିରୁ ମୁକ୍ତ ହେବାକୁ ହେଲେ ଆମକୁ ଆମର ସକଳପ୍ରକାର ଅଭ୍ୟାସକୁ ତ୍ୟାଗ କରିବାକୁ ପଡ଼ିବ । ଥରେ ପୃଥକ୍ ବ୍ୟକ୍ତିତ୍ୱର ମାୟାଜାଲରୁ ମୁକ୍ତ ହୋଇଗଲେ ଆମକୁ ଆଉ କେହି ଦୋହଲାଇ ପାରିବେ ନାହିଁ । ଆମେ ବିରୋଧୀ ଶକ୍ତିମାନଙ୍କର ସମ୍ମୁଖୀନ ହୋଇପାରିବା । ଏହା ପରେ ଆମେ କ'ଣ ଆଉ କାହାକୁ ଘୃଣା କରିପାରିବା ନା ଶତ୍ରୁ ବୋଲି ମନେ କରିପାରିବା ! ଆମେ ସମସ୍ତେ ଆମ ନିଜ ଭିତରେ ବନ୍ଧା ହୋଇ ରହିଛେ । ସେହି ବନ୍ଧନରୁ ମୁକ୍ତ ହେବାର ଉପାୟ ଶ୍ରୀମା ଉକ୍ତ ପ୍ରାର୍ଥନାଟିରେ ବତାଇ ଦେଇଛନ୍ତି । ଶ୍ରୀମା କହୁଛନ୍ତି ଯେ ଆମ ବ୍ୟକ୍ତିତ୍ୱଟି ଯେଉଁସବୁ ଉପାଦାନରେ ଗଢ଼ା ହୋଇଛି ସେମାନଙ୍କ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାକୁ ହେବ, ତାକୁ ହାତ ମୁଠାରେ ରଖିବାକୁ ପଡ଼ିବ, ସଚେତନ ହେବାକୁ ପଡ଼ିବ, ଏଥିନିମନ୍ତେ ପରମ ପ୍ରଭୁଙ୍କୁ ବିନୀତ ପ୍ରାର୍ଥନା ଜଣାଇବାକୁ ପଡ଼ିବ । କହିବାକୁ ହେବ, ''ହେ ପ୍ରଭୁ ମୋତେ ମୋ' ଠାରୁ ମୁକ୍ତ କର ।'' ପ୍ରଭୁ କୃପା କଲେ ଆମେ ନିଜ ଭିତରୁ ମୁକ୍ତ ହୋଇଯିବା । ଏହି ମୁକ୍ତି ଲାଭ କଲା ପରେ ଆମେ ପରମ ଆନନ୍ଦରେ ବଞ୍ଚି ରହିପାରିବା ଏବଂ କର୍ମ କରିପାରିବା । ଏହି ସକଳ ଉପାଦାନ ମାଧ୍ୟମରେ ସକଳ ଦିବ୍ୟ କର୍ମ ଯଥାର୍ଥ ଭାବରେ ସମ୍ପାଦନ କରିବାକୁ ସମର୍ଥ ହୋଇ ପାରିବା, ଏଥିପାଇଁ ଶ୍ରୀମା ଆମକୁ ଏକ ମନ୍ତ୍ର ପ୍ରଦାନ କରିଛନ୍ତି । ତାହାହେଲା, ''To live in Love, by Love, for Love, indissolubly united to Thy highest manifestation. ...''

''ହେ ପ୍ରଭୁ, ତୁମର ଦିବ୍ୟ ପ୍ରେମ ଭିତରେ, ସେହି ପ୍ରେମ ଦ୍ୱାରା, ତାହାରି ନିମନ୍ତେ, ତାହାରି ଭିତରେ ନିଜକୁ ଦ୍ରବୀଭୂତ କରିଦେଇ ତୁମର ସର୍ବୋତ୍ତମ ପରିପ୍ରକାଶ ଭିତରେ ଏକୀଭୂତ ହୋଇଯିବା ପାଇଁ । ...''

ଆମର ପ୍ରାର୍ଥନାର ଅନ୍ତଃସ୍ରୋତ ମଧ୍ୟରେ ପ୍ରବାହିତ ହେଉଛି ଆଲୋକ, ସୌନ୍ଦର୍ଯ୍ୟ ଏବଂ ସତ୍ୟ । ''ହେ ପ୍ରଭୁ, ଆମକୁ ଏହାଠାରୁ ଅଧିକ ଆନନ୍ଦ, ଅଧିକ ସୌନ୍ଦର୍ଯ୍ୟ ଏବଂ ଅଧିକ ସତ୍ୟ ପ୍ରଦାନ କରନ୍ତୁ ।''

ଯେତେବେଳେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ମାୟାଜାଲ ଭିତରୁ

ମୁକ୍ତ ହୋଇଯିବା ସେତେବେଳେ ଆମେ ଦେଖିବା ଯେ ସକଳ ପରିବେଶ, ପରିସ୍ଥିତି ଆମର ଅନୁକୂଳ ହୋଇଯାଇ କର୍ମ ସମ୍ପାଦନ ନିମନ୍ତେ ହାତଠାରି ଡାକୁଛି; ଏତାଦୃଶ ପରିସ୍ଥିତି ଭିତରେ ଯଦି ଆମେ କର୍ମରେ ବାହ୍ୟ ସଫଳତା ହାସଲ କରି ନପାରୁ, ତଥାପି ଏକ ମହାନ୍ ଆନ୍ତର ବିଜୟ ଆଡ଼କୁ ଏହି ଅସଫଳତା ବାଟ କଢ଼ାଇ ନେଇଯିବ । ଏହା ନିର୍ଭର କରେ ଆମ୍ଭମାନଙ୍କର ମନୋଭାବ ଉପରେ । ଏହି କଥାଟି ଅଧିକ ଭାବରେ ସ୍ପଷ୍ଟ ହୋଇଯିବ ଯଦି ଆମେ ଚଳିତ ବର୍ଷ ୨୦୨୫ ମସିହା ଜାନୁଆରୀ ମାସର ପ୍ରଥମ ଦିବସରେ ଆଶ୍ରମରୁ ପ୍ରକାଶିତ ହୋଇଥିବା କ୍ୟାଲେଣ୍ଡରସ୍ଥିତ ଦିବ୍ୟଜନନୀ ଶ୍ରୀମାଙ୍କର ଅପୂର୍ବ ଦିବ୍ୟ ଆଲୋକଚିତ୍ରଟି ସମ୍ମୁଖରେ ଉପବେଶନପୂର୍ବକ ମା'ଙ୍କର ସୁରକ୍ଷା ପ୍ରଦାନକାରୀ ଉନ୍ମିଳୀତ ଚକ୍ଷୁଦ୍ୱୟରୁ ନିର୍ଗତ କୃପାବାରିର ଧାରା ଏବଂ ଦିବ୍ୟ ମଧୁବୋଳା ଓଷ୍ଠାଧରରୁ ଝରି ଆସୁଥିବା ସ୍ମିତହାସ୍ୟର ଧାରା କିପରି ଆମ ହୃଦୟ ଭିତରକୁ ପ୍ରବେଶ କରୁଛି ତାହା ମୁଦ୍ରିତ ଚକ୍ଷୁରେ ଅନୁଭବ କରିବା । ଆମର ସମଗ୍ର ଚେତନା କିପରି ଏହି ଦିବ୍ୟ ମାତୃଶକ୍ତି ଓ ଜ୍ୟୋତିଃ ଦ୍ୱାରା ଅଧିକୃତ ଓ ଆଚ୍ଛାଦିତ ହୋଇଯାଇଛି ! ଏହି ଅବସ୍ଥାଟି ହେଉଛି ଦିବ୍ୟଜନନୀଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଦେଇ ତାଙ୍କ ସହିତ ଏକୀଭୂତ ହୋଇଯିବାର ଅନୁଭୂତି । ତତ୍ପରେ ଚକ୍ଷୁ ଉନ୍ମୋଚନ କରି ଲକ୍ଷ୍ୟ କରିବା ଶ୍ରୀମାଙ୍କର ଦିବ୍ୟ ପ୍ରତିକୃତିର ନିମ୍ନଦେଶରେ ଉଲ୍ଲିଖିତ ନବବର୍ଷର ବାଣୀଟିକୁ, ତାହା ହେଲା – ''All now was luminosity and force'' ଯାହା ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀ, ତୃତୀୟ ପର୍ବ, ତୃତୀୟ ଅଧ୍ୟାୟ ''The House of the Spirit and the New creation,''ରେ ଅର୍ଥାତ୍, ''ଆତ୍ମାର ଗୃହ ଏବଂ ନବସୃଷ୍ଟି''ରୁ ଉଦ୍ଧୃତ ହୋଇଛି ।

ଉକ୍ତ ଧାଡ଼ିଟିର ମୁକ୍ତ ଅନୁବାଦର ପ୍ରୟାସ –

''ବର୍ତ୍ତମାନ ସର୍ବେ ତାଙ୍କରି ଜ୍ୟୋତିଃରେ
ଜ୍ୟୋତିଷ୍ମାନ୍ ହୋଇଛନ୍ତି
ତାଙ୍କରି ଶକ୍ତିରେ ବଳୀୟାନ୍ ହୋଇ
କର୍ମେ ଲିପ୍ତ ହୋଇଛନ୍ତି ।''

ଦିବ୍ୟଜନନୀଙ୍କ ଦିବ୍ୟ ଆଲୋକ ଓ ଶକ୍ତିର ସ୍ରୋତ ସର୍ବତ୍ର ପ୍ରବାହିତ । ଯିଏ ପ୍ରାର୍ଥନା କଲା, ଯିଏ ଡାକିଲା, ସିଏ ପାଇଲା । ନିମ୍ନୋକ୍ତ ଘଟଣାଟିକୁ ଆଲୋଚନା କଲେ ଏହା ସ୍ପଷ୍ଟ ହୋଇଯିବ ।

ଅନେକ ବର୍ଷ ଆଶ୍ରମର ଅନ୍ତେବାସୀ ରୂପେ ଅବସ୍ଥାନ କଲାପରେ 'ଭି' ନାମକ ଜନୈକ ସାଧକ ଭକ୍ତ ତାଙ୍କ ମାତାପିତାଙ୍କୁ ଦେଖିବା ପାଇଁ ପୁନେ ଏବଂ କେରଳ ଯାଇଥିଲେ । ସେ ତାଙ୍କ ପ୍ରତ୍ୟାବର୍ତ୍ତନର ରେଳ ଟିକଟ ମଧ୍ୟ କରିଥିଲେ । କିନ୍ତୁ ଫେରିବାର ଠିକ୍ ଦୁଇଦିନ ପୂର୍ବରୁ ତାଙ୍କ ଦେହ ଖରାପ ହୋଇଗଲା । ତେଣୁ ସେ ଟିକଟ ବାତିଲ କଲେ ଏବଂ ପରବର୍ତ୍ତୀ ତାରିଖ ପାଇଁ ଅନ୍ୟ ଏକ ଟିକଟ ନେଇ ଆସିଲେ । କିନ୍ତୁ ପୁନର୍ବାର ଯାତ୍ରା ଆରମ୍ଭ ହେବା ପୂର୍ବରୁ ତାଙ୍କର ଦେହ ଖରାପ ହେଲା । ସେହି ଟିକଟଟିକୁ ମଧ୍ୟ ବାତିଲ କରିବାକୁ ପଡ଼ିଲା । ଭିତରେ ଭିତରେ 'ଭି' ଟିକିଏ ଦବିଗଲେ । ଭାବିଲେ ବିରୋଧୀ ଶକ୍ତିମାନେ କ'ଣ ମୋର ଆଶ୍ରମ ପ୍ରତ୍ୟାବର୍ତ୍ତନକୁ ବିରୋଧ କରୁଛନ୍ତି ?

ସେହିଦିନ ରାତିରେ ଶୋଇବାକୁ ଯିବା ପୂର୍ବରୁ 'ଭି' ମା'ଙ୍କୁ ସବୁକଥା ଜଣାଇ ଦେଲେ ଏବଂ ଏହି ଘଟଣାରେ ହସ୍ତକ୍ଷେପ କରି ତାଙ୍କୁ ଆଶ୍ରମ ପ୍ରତ୍ୟାବର୍ତ୍ତନରେ ସାହାଯ୍ୟ କରିବାକୁ ନିବେଦନ କରି ପ୍ରାର୍ଥନା ଜଣାଇ ଦେଲେ । ରାତିରେ ସେ ଏକ ସ୍ୱପ୍ନ ଦେଖିଲେ, ''ସେ ଦ୍ରୁତ ପଦକ୍ଷେପରେ ଏକ ପାହାଡ଼ ଆଡ଼କୁ ଚାଲିଛନ୍ତି, ପାହାଡ଼ ଉପରେ ଗୋଟିଏ ଛୋଟ ସୁନ୍ଦର ମନ୍ଦିରଟିଏ ଅଛି । ତାଙ୍କ ଲକ୍ଷ୍ୟ ମନ୍ଦିର ପାଖରେ ପହଞ୍ଚିବା, ପାହାଡ଼ର ପାଦତଳର ମାଟି ପରିବର୍ତ୍ତିତ ହୋଇଯାଇ ସନ୍ତସନ୍ତିଆ ଓ କାଦୁଅପଙ୍କରେ ପୂର୍ଣ୍ଣ ହୋଇ ଯାଇଥିବାର ସେ ଅନୁଭବ କଲେ; ତଥାପି ଆଗକୁ ବଢୁଥା'ନ୍ତି । କିନ୍ତୁ ସେ ଯେତେ ଆଗକୁ ବଢୁଥା'ନ୍ତି ସେତେ ଅଧିକ ପରିମାଣରେ ପଙ୍କ ଭିତରକୁ ତାଙ୍କ ଗୋଡ଼ ଦବି ଯାଉଥାଏ । ଶେଷରେ ଅନୁଭବ କଲେ ସେ ସମ୍ପୂର୍ଣ୍ଣ ରୂପେ ପଙ୍କ ଭିତରେ ଫସି ଯାଇଛନ୍ତି, ନା ଆଗକୁ ଯାଇପାରୁଛନ୍ତି ନା ପଛକୁ ଫେରି ପାରୁଛନ୍ତି । ଯେତେବେଳେ ପଙ୍କରୁ ଉଦ୍ଧାର ପାଇବାର ଆଉ କୌଣସି ବାଟ ପାଇଲେ ନାହିଁ ତତ୍କ୍ଷଣାତ୍ ଦୁଇହାତ ଉପରକୁ ଟେକି ଉଚ୍ଚ ସ୍ୱରରେ କହିଲେ, 'ମା, ରକ୍ଷାକର ।' ତତ୍ପରେ କୌଣସି ଏକ ଅଲୌକିକ ଶକ୍ତି ଆସିଲା ଏବଂ 'ଭି'ଙ୍କୁ ସିଧାସଳଖ ପଙ୍କ ଭିତରୁ ଟେକି ନେଇ ପାହାଡ଼ର ଶୀର୍ଷ ଦେଶରେ ଠିଆ କରାଇ ଦେଲା । ଏହାପରେ ସ୍ୱପ୍ନର ପରିସମାପ୍ତି ଘଟିଲା । 'ଭି'ଙ୍କର ନିଦ ଭାଙ୍ଗିଲା, ସେ ଆନନ୍ଦରେ ଉଠି ପଡ଼ିଲେ ଏବଂ ତାଙ୍କର ଦୃଢ଼ ବିଶ୍ୱାସ ହେଲା ଯେ ସେହି ଶକ୍ତିଟି ଯିଏ ତାଙ୍କୁ ତାଙ୍କ ଲକ୍ଷ୍ୟସ୍ଥଳକୁ ଉଠାଇ ନେଇଗଲା ତାହା ହେଉଛି ଦିବ୍ୟଜନନୀ ଶ୍ରୀମା'ଙ୍କ ଶକ୍ତି । ସେହିଦିନ ସେ ରେଳ-

ଷ୍ଟେସନକୁ ଗଲେ ଏବଂ ପଣ୍ଡିଚେରୀ ଫେରିବା ନିମନ୍ତେ ଟିକଟ କ୍ରୟ କଲେ ।

'ଭି' ପଣ୍ଡିଚେରୀରେ ପହଞ୍ଚି ସମାଧିରେ ନିଜର ପ୍ରଣାମ ନିବେଦନ କଲେ । ତତ୍ପରେ ଖବର ପାଇଲେ ଯେ, ତାଙ୍କୁ ଆଶ୍ରମର ନିର୍ମାଣାଧୀନ ଏକ ''ଗେଷ୍ଟହାଉସ୍''ର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ନିଯୁକ୍ତ କରାଯାଇଛି । କାର୍ଯ୍ୟଟି ଥିଲା ବିଲ୍ଡିଂର ନିମ୍ନ ଭାଗରେ ଏକ ବେସ୍‌ମେଣ୍ଟ (basement) ନିର୍ମାଣ କରିବା । ଏଥିପାଇଁ ବମ୍ବେରୁ ଜନୈକ ଜଣାଶୁଣା ଇଂଜିନିୟରଙ୍କ ଠାରୁ ଡିଜାଇନ୍ ଏବଂ 'structural calculation'' ଅଣା ଯାଇଥିଲା । ଏହି ଜଳନିରୋଧୀ-ବେସ୍‌ମେଣ୍ଟ (water proofed basement) କାର୍ଯ୍ୟଟିକୁ ସେଠାରେ କାର୍ଯ୍ୟରତ କୁଶଳୀ ଶ୍ରମିକମାନେ ଯଥାଯଥ ଭାବେ ସମାପନ କରିପାରିବେ କି ନାହିଁ, ସେହି ବିଷୟ ଚିନ୍ତାକରି 'ଭି' ବ୍ୟସ୍ତ ହୋଇ ପଡୁଥା'ନ୍ତି । ବେସ୍‌ମେଣ୍ଟ ନିର୍ମାଣ ନିମନ୍ତେ ତିନି ମିଟର ଗଭୀରର ଗର୍ତ୍ତ ଖନନ କରାଯାଇଥାଏ । 'ଭି' ତାଙ୍କର ଚିନ୍ତାଗ୍ରସ୍ତ ମସ୍ତକକୁ ଖୋଦିତ ଗର୍ତ୍ତ ଭିତରକୁ ପ୍ରବେଶ କରାଇ କାର୍ଯ୍ୟ ନିରୀକ୍ଷଣ କରୁଥିଲେ । ହଠାତ୍ ବିଦ୍ୟୁତ୍ ଆଲୋକର ଝଲକ ସଦୃଶ ଏକ ଉଜ୍ଜ୍ୱଳ ଆଲୋକରେ ବେସ୍‌ମେଣ୍ଟ ଭିତର ଆଲୋକିତ ହୋଇଗଲା ଏବଂ ତାଙ୍କ ଚକ୍ଷୁ ସମକ୍ଷରେ ଉଦ୍‌ଘାଟିତ ହୋଇଗଲା ପ୍ରାୟ ଦଶ ମିଟର ଉଚ୍ଚତା ବିଶିଷ୍ଟ ଦିବ୍ୟ ଜନନୀଙ୍କର ଏକ ଜ୍ୟୋତିର୍ମୟୀ ମୂର୍ତ୍ତି । ମା'ଙ୍କର ଓଷ୍ଠାଧରରେ କୃପା ଓ କରୁଣାର ସ୍ମିତହାସ୍ୟର ନିର୍ଝର । ସେ ସେଠାରେ ଉଭା ହୋଇ ଦର୍ଶନ ଦେଉଥିଲେ କେବଳ 'ଭି'ଙ୍କର ହୃଦୟ ଓ ମସ୍ତିଷ୍କରେ ଥିବା ସକଳ ପ୍ରକାର ଦୁଃଶ୍ଚିନ୍ତାଜନିତ ବୋଝକୁ ଦୂରୀଭୂତ କରିବା ପାଇଁ ଏବଂ ତାଙ୍କୁ ନିଶ୍ଚିତ କରିଦେବା ପାଇଁ ଯେ ତାଙ୍କର ଉପସ୍ଥିତି ସଦାସର୍ବଦା ସେଠାରେ ରହିଛି ଏବଂ ରହିଥିବ ।

'ଭି'ଙ୍କୁ ଏହି ପରିପ୍ରେକ୍ଷୀରେ କେହି ଜଣେ କହିଥିଲେ ଯେ ପ୍ରାୟ ୧୯୫୦ ମସିହା ପାଖାପାଖି ଯେତେବେଳେ ଆଶ୍ରମର ଅନ୍ୟତମ ସାଧକ ଶ୍ରୀ ମନୋରଞ୍ଜନ ଗାଙ୍ଗୁଲି ସେହି ଗେଷ୍ଟହାଉସ୍ ଏବଂ ସମୁଦ୍ର ମଧ୍ୟରେ ଏକ ସୁରକ୍ଷା ପ୍ରାଚୀର ନିର୍ମାଣ କରିବା ସମୟରେ ନିର୍ମାଣାଧୀନ ପ୍ରାଚୀରଟି ବାରଂବାର ଭାଙ୍ଗି ଯାଉଥିଲା; ତାଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା, ସେ ଏହି କଥା ମା'ଙ୍କୁ ଜଣାଇ ଦେଇଥିଲେ । ତତ୍ପରେ ମା' ସେହି ସ୍ଥାନକୁ ଆସିଥିଲେ; ସମୁଦ୍ର ଆଡ଼କୁ ମୁହଁକରି ଦଣ୍ଡାୟମାନ ହୋଇ ଧ୍ୟାନ କରିଥିଲେ ଏବଂ ସମୁଦ୍ର ଦେବତାଙ୍କୁ ସେହି ପ୍ରାଚୀର ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ପ୍ରାର୍ଥନା କରିଥିଲେ । ଏହା ପରେ ମନୋରଞ୍ଜନ ଗାଙ୍ଗୁଲି ସମର୍ଥ ହୋଇଥିଲେ କାର୍ଯ୍ୟଟିକୁ ସମ୍ପୂର୍ଣ୍ଣରୂପେ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ।

(How they came to Sri Aurobindo and
The Mother, Vol. 2 ପୁସ୍ତକରୁ
ପୃଷ୍ଠା : ୨୧୬ - ୨୧୭)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) Musing on the Mother's Prayers and Meditations, Vol. 1, Shyam Kumari

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜ ଅନ୍ତରର ଗଭୀରତାରେ ପରମେଶ୍ୱରଙ୍କ ଦିବ୍ୟ ଉପସ୍ଥିତିକୁ ଆବିଷ୍କାର କରିବା ଏବଂ **ଏହା** ନିକଟରେ ନିଜକୁ ସମର୍ପିତ କରିବା ଯାହାଫଳରେ **ଏହା** ଜୀବନର, ସକଳ ଅନୁଭୂତିର ଏବଂ ଶରୀରର ସକଳ କର୍ମର ନେତୃତ୍ୱ ନେଇଥାଏ ।

ଏହା ଜୀବନକୁ ଏକ ଯଥାର୍ଥ ଓ ସମୁଜ୍ଜ୍ୱଳ ଲକ୍ଷ୍ୟ ପ୍ରଦାନ କରିଥାଏ ।

— ଶ୍ରୀମା

# ସାତ ଟଙ୍କାର ପ୍ରତିଦାନ

ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତା ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ୧୯୪୮ ମସିହାରେ ବାଙ୍ଗାଲୋରଠାରେ 'Raman Institute' ସ୍ଥାପିତ ହୋଇଥିଲା । ସାରା ଭାରତରେ ଖୁସିର ଲହରୀ – ପୃଥିବୀ ବିଖ୍ୟାତ ପୁରସ୍କାରରେ ଜଣେ ଭାରତୀୟ ପୁରସ୍କୃତ ହେବାର ଗୌରବ ମେଧାସମ୍ପନ୍ନ ଭାରତୀୟମାନଙ୍କୁ ଉତ୍ସାହ ଦେଇଥିଲା । ସାର୍ ସି. ଭି. ରମଣ କେମିତି ବ୍ୟକ୍ତି ହୋଇଥିବେ, ତାଙ୍କ ଚାଲିଚଳନ, ଆଚାର ବ୍ୟବହାର କେମିତି ହୋଇଥିବ, ଏମିତି ଅନେକ କୌତୁକ ମନରେ ଉଙ୍କି ମାରୁଥିଲା । ଏଇ ଅନୁଷ୍ଠାନର ପଦାର୍ଥ ବିଜ୍ଞାନ ବିଭାଗରେ ତିନିଜଣ ଅଧ୍ୟାପକ ପଦବୀରେ ନିଯୁକ୍ତିର ଆବଶ୍ୟକତା ଥିଲା । ଏଣୁ ନୀତିସମ୍ମତ ମାର୍ଗରେ ବିଜ୍ଞାପନ ଦିଆଗଲା । ବିଜ୍ଞାପନ ପଢ଼ି ଅନେକ ପଦାର୍ଥ ବିଜ୍ଞାନୀ ଉତ୍ସାହୀ ଓ ଆଶାୟୀ ହୋଇ ଉଠିଲେ । 'Raman Institute'ରେ ଅଧ୍ୟାପକ ହେବା, ସାର୍ ସି.ଭି.ରମଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବା ଯେ ଏକ ଗୌରବର ବିଷୟ ଏକଥା ଚିନ୍ତା କରି ଆବେଦନମାନ ଆସିଲା । କେହି କେହି ଭାବିଲେ ଯେ ଯଦି ନିଯୁକ୍ତି ନ ମିଳିବ ତେବେ ନୋବେଲ ବିଜେତା ରମଣଙ୍କ ସହ ସାକ୍ଷାତ୍ ହେବ, ତାଙ୍କ ନିକଟବର୍ତ୍ତୀ ହେବାର ସୁଯୋଗ ମିଳିବ । ଏପରିକି ତାଙ୍କ ସହ କଥୋପକଥନ ହୋଇ ନିଜକୁ ସୌଭାଗ୍ୟବାନ୍ ମଣିବାକୁ ଚିନ୍ତା କରିବେ । ଏଣୁ ଅନେକ ଦରଖାସ୍ତ, ଆଶାୟୀଙ୍କ ନାମ ଆସିଲା ।

ପ୍ରାର୍ଥୀମାନଙ୍କ ଦରଖାସ୍ତସବୁକୁ ତନ୍ନତନ୍ନ ଯାଞ୍ଚ କରି ଶେଷରେ ପାଞ୍ଚଜଣଙ୍କୁ ସାକ୍ଷାତ୍କାର ପାଇଁ ଡକା ହେଲା । ନିଜେ ସାର୍ ସି. ଭି. ରମଣ ଏମାନଙ୍କର ସାକ୍ଷାତ୍କାର ନେଲେ ଓ ତିନିଜଣଙ୍କୁ ନିଯୁକ୍ତି ଦେବାକୁ ସ୍ୱୀକୃତି ଦେଲେ ।

ଏହାର ପରଦିନର ଘଟଣା । ସେଇ କାର୍ଯ୍ୟାଳୟର ବାରଣ୍ଡାରେ ଚାଲୁଥିବା ସମୟରେ ରମଣ ଦେଖିଲେ ଆଗଦିନ ସାକ୍ଷାତ୍କାର ପାଇଁ ଆସିଥିବା ଜଣେ ଅଧ୍ୟାପକ ତାଙ୍କୁ ଆଜି ପୁଣି ସାକ୍ଷାତ୍ କରିବାକୁ ଅପେକ୍ଷା କରିଛନ୍ତି । ତାଙ୍କୁ ଦେଖୁ ଦେଖୁ ରମଣ ଚିହ୍ନି ପାରିଲେ ଯେ ଅଧ୍ୟାପକ ଜଣକ ନିଯୁକ୍ତି ଚୟନରୁ ବାଦ୍ ପଡ଼ିଛନ୍ତି । ପ୍ରଫେସର ଅଧ୍ୟାପକଙ୍କ ନିକଟବର୍ତ୍ତୀ ହୁଅନ୍ତେ ତାଙ୍କୁ ପଚାରିଲେ, ''ମହାଶୟ, କାହାକୁ ଖୋଜୁଛନ୍ତି ?'' ଅଧ୍ୟାପକ ଅଟେଙ୍ଗଇ ଅଟେଙ୍ଗଇ ଭୟମିଶ୍ରିତ କଣ୍ଠରେ କହିଲେ, ''ମୁଁ ଗତକାଲିର ଅଧ୍ୟାପକ ନିଯୁକ୍ତିର ସାକ୍ଷାତ୍କାରକୁ ଆସିଥିଲି । ମୋର ଯାତାୟାତ ଖର୍ଚ୍ଚ ବାବଦରେ ଆପଣଙ୍କ ଅଫିସ ମୋତେ ଭୁଲ୍‌ରେ ସାତ ଟଙ୍କା ଅଧିକ ଦେଇଛନ୍ତି । ସେଇ ସାତ ଟଙ୍କା ଫେରାଇବାକୁ ଆସିଛି । ମାତ୍ର ଆକାଉଣ୍ଟ୍ ବନ୍ଦ ହୋଇ ଯାଇଥିବା କହି ଅଫିସବାଲା ଟଙ୍କା ଫେରାଇ ନେବାକୁ ରାଜି ହେଉ ନାହାନ୍ତି । ସତ କଥା କହିଲେ, ଯାହା ମୋର ପ୍ରାପ୍ୟ ନୁହେଁ ତାକୁ ମୁଁ କେମିତି ନେବି ! କ'ଣ କରିବି ଟିକେ ଉପାୟ ବତାଇବେ ?''

ପ୍ରଫେସର ରମଣ ଟିକିଏ ହସିଦେଲେ । ଖୁବ୍ ଆକର୍ଷଣୀୟ ସେ ହସ ! ସରଳ, ବିମଳ ଓ ଶୀତଳତାଭରା ସେ ହସ ! ଅର୍ଥପୂର୍ଣ୍ଣ ! ଜମାଟ ବରଫକୁ ଆହୁରି ଜମାଟ କରିପାରେ ପୁଣି ତରଳ କରି ନିମ୍ନମୁଖୀ ଝରଣା ପରି ବହି ଯାଇପାରେ, ନରମ ଫୁଲର ପାଖୁଡ଼ାକୁ ପ୍ରସାରିତ କରି ବାସଯୁକ୍ତ କରିପାରେ ! ଅଧ୍ୟାପକ ପ୍ରସନ୍ନ ଜଣାଗଲେ । ତାଙ୍କର ମନେ ହେଲା – ଜଣେ ମହାନ୍ ବ୍ୟକ୍ତିଙ୍କ ହସ ମଧ୍ୟ ମହାନ୍, ଦୁର୍ଲଭ ହୋଇପାରେ !

ପ୍ରଫେସର ରମଣ ଉତ୍ତର ଦେଲେ,''ତୁମେ ସାତ ଟଙ୍କା ଫେରାଇବାକୁ ଚାହୁଁଛ ! ଠିକ୍ ଅଛି, ଦିଅ !'' ସେ ଅଧ୍ୟାପକଙ୍କ ହାତରୁ ସାତ ଟଙ୍କା ନେଲେ । ନୋଟଗୁଡ଼ିକ ଉପରେ ନଜର ରଖି କେଇ ପାହୁଣ୍ଡ ଆଗେଇ ଗଲେ । ପଛପଟକୁ ବୁଲି ପଡ଼ି ଯୁବ-ଅଧ୍ୟାପକଙ୍କୁ ତା' ପରଦିନ ୧୦ଟା ୩୦ରେ ଆସି ଅଫିସରେ ଦେଖା କରିବାକୁ କହିଲେ । ଯୁବ-ଅଧ୍ୟାପକ ''ହଁ'' ଭରି ସି. ଭି. ରମଣଙ୍କ ପରି ମହାନ୍ ବ୍ୟକ୍ତିଙ୍କୁ ପୁଣି ଥରେ ଭେଟି ପାରିବାର ଏକ ମଉକା ମିଳିଲା ଭାବି କୁରୁଳି ଉଠିଲେ । ଅପେକ୍ଷା କଲେ, ପରଦିନ ୧୦ଟା ୩୦ ସମୟ କେତେବେଳେ ଆସିବ ! ତା'ପର ଦିନ ସେହି ସମୟରେ ଦେଖା ହେବା ପରେ ପ୍ରଫେସର ରମଣ କହିଲେ, ''ଅଧ୍ୟାପକ ! ତୁମେ ପଦାର୍ଥ ବିଜ୍ଞାନରେ ଫେଲ୍ ହୋଇଛ, ମାତ୍ର ମାନବିକତା ବିଜ୍ଞାନ ପରୀକ୍ଷାରେ ଶହେରୁ ଶହେ ନମ୍ବର ପାଇ ଉତ୍ତୀର୍ଣ୍ଣ ହୋଇଛ ! ତୁମ 'ସାଧୁତା' ବାସ୍ତବିକ ପ୍ରଶଂସନୀୟ । ତେଣୁ ତୁମ ପାଇଁ ଏକ ନୂତନ ଅଧ୍ୟାପକ ପଦବୀ ସୃଷ୍ଟି କରାଗଲା । ସେଇ ପଦବୀରେ ଆସି ଯୋଗଦାନ କରିପାର !''

ଯୁବ ଅଧ୍ୟାପକ ଚକିତ ଓ ଆନନ୍ଦରେ ବିହ୍ୱଳ ହୋଇଗଲେ ! ତାଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳି ଉଠିଲା । ତାଙ୍କର ଏ

*(ଅବଶିଷ୍ଟାଂଶ ପୃଷ୍ଠା ୩୨ରେ ଦେଖନ୍ତୁ)*

# କାରା-ଜୀବନୀ

## (୧)

## ଉଲ୍ଲାସକର ଦତ୍ତ

[**ପ୍ରଥମ ସଂସ୍କରଣର ଭୂମିକା :** ''ଚିହ୍ନା ବ୍ରାହ୍ମଣର ପଇତାର ଆବଶ୍ୟକତା ନାହିଁ ।'' ଉଲ୍ଲାସକରଙ୍କର ମଧ ପରିଚୟ ଅନାବଶ୍ୟକ । ଆଲିପୁର ବୋମା ମାମଲାରେ ଫାଶୀର ହୁକୁମ ମୁଣ୍ଡରେ ନେଇ ଯେଉଁ ଉଲ୍ଲାସକର ସ୍ୱୀୟ ସ୍ୱଭାବସୁଲଭ ସରଳତା, ଅନାବିଳ ହାସ୍ୟ-କୌତୁକ ଓ ମର୍ମସ୍ପର୍ଶୀ ରାଗରାଗିଣୀରେ ଫୌଜଦାରୀ ଅଦାଲତର କଠୋରତା ଓ ନିର୍ମମତା ବିଦୂରିତ କରିଥିଲେ, ଯେଉଁ ଉଲ୍ଲାସକରଙ୍କର ନିର୍ଭୀକତା ଓ ସତ୍ୟବାଦିତା ସର୍ବସାଧାରଣଙ୍କ ପ୍ରାଣରେ ଏକ ଅନିର୍ବଚନୀୟ ଉଚ୍ଚ-ନୈତିକ ଭାବର ସଞ୍ଚାର କରିଥିଲା ଏବଂ ଯେଉଁ ଉଲ୍ଲାସକରଙ୍କର ଅକୃତ୍ରିମ ସ୍ୱଦେଶ-ପ୍ରେମ ଏଇ ପ୍ରାଣହୀନ ଦେଶରେ ମଧ ଏକ ଅଭିନବ ଭାବର ବନ୍ୟା-ପ୍ରବାହିତ କରାଇଥିଲା, ସେଇ ଉଲ୍ଲାସକର ଆଜି ତାଙ୍କର କାରା-ଜୀବନୀ ବର୍ଣ୍ଣନା କରି ପାଠକବର୍ଗଙ୍କ ସମକ୍ଷରେ ଉପସ୍ଥିତ । ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ ଓ ଶ୍ରୀଯୁକ୍ତ ବାରୀନ୍ଦ୍ର କୁମାର ଘୋଷଙ୍କର କାରା-କାହାଣୀ ପାଠ କରିବା ପରେ ଉଲ୍ଲାସକରଙ୍କର କାରା-ଜୀବନୀ ପାଠ କରିବାର ଆଗ୍ରହ ପାଠକବର୍ଗଙ୍କ ପାଖରେ ରହିବା ସ୍ୱାଭାବିକ । ସେଇ କୌତୂହଳ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଏଇ କ୍ଷୁଦ୍ର ପୁସ୍ତିକା ପ୍ରକାଶ କରାହେଲା । ପାଠକବର୍ଗଙ୍କର କୌତୂହଳ ପରିତୃପ୍ତ ହେଲେ ଉଲ୍ଲାସକରଙ୍କର ଶ୍ରମ ସାର୍ଥକ ହେବ । ଏଇ ଗ୍ରନ୍ଥରେ କାରା-ଜୀବନର ଘଟଣାରାଶିର ଧାରାବାହିକ ବିବରଣ ଅତି ସଂକ୍ଷେପରେ ଲିପିବଦ୍ଧ ହେଲେ ବି ଉଲ୍ଲାସକର ତାହାର ଅପୂର୍ବ ପୂର୍ବାନୁଭୂତିର ଅଲୌକିକ କାହାଣୀ ସନ୍ନିବେଶ କରି ସତ୍ୟାନ୍ୱେଷୀ ସୁଧୀବର୍ଗଙ୍କର ତତ୍ତ୍ୱାନୁସନ୍ଧାନର ଉପାଦାନ ସଂଗ୍ରହ କରିଅଛି । ଅଲମ୍ ଅତି ବିସ୍ତାରେଣ । (ଇତି)

ଶ୍ରୀ ନରେନ୍ଦ୍ରଚନ୍ଦ୍ର ଦତ୍ତ]

### (୧)

ମୁଁ ସେତେବେଳେ କଲିକତାର ସିଟି କଲେଜରେ ପଢୁଥାଏ । ଦିନେ ଷ୍ଟାର୍ ଥିଏଟର ହଲ୍‌ରେ ବିପିନ ବାବୁଙ୍କ ବକ୍ତୃତା ଶୁଣିବାକୁ ଯାଇ ରାଜନୀତି ବିଷୟରେ ଆଲୋଚନାର ପ୍ରଥମ ଆସ୍ୱାଦନ ପାଇଲି । ମନେଅଛି ଗୋଟିଏ କଥା ସେତେବେଳେ ସେ ଯାହା ଏପରି କୌତୂହଳ ଓ ସୁଯୁକ୍ତିପୂର୍ଣ୍ଣ ଭାଷାରେ କହିଥିଲେ – ଆଉ କାହା ପାଖରୁ ମୁଁ ଶୁଣି ନାହିଁ । ଏହା ପୂର୍ବରୁ କଂଗ୍ରେସ କନ୍‌ଫରେନ୍‌ସ ଇତ୍ୟାଦି ପ୍ରାୟ କୋଡ଼ିଏ, ପଚିଶ ବର୍ଷ ପର୍ଯ୍ୟନ୍ତ ସରକାର ବାହାଦୂରଙ୍କ ନିକଟରେ ଦେଶର କଲ୍ୟାଣ କାମନାରେ ଆବେଦନ-ନିବେଦନ ଇତ୍ୟାଦି କରି କୌଣସି ଆଶାନୁରୂପ ଫଳ ନପାଇବାରୁ ଉକ୍ତ ପନ୍ଥା ଯେ ପ୍ରକୃତ ପନ୍ଥା ନୁହେଁ, ଏହାହିଁ ପ୍ରତୀୟମାନ କରାଇବା ନିମନ୍ତେ ବିପିନ ବାବୁ କହିଲେ, ''ଆମେ କେବଳ ଚାହୁଁ କ୍ରନ୍ଦନର ରୋଳରେ ସୁକୋମଳ-କମ୍ବଳ ଲାଳିତ ଇଂରେଜର ସୁଖ ନିଦ୍ରାରେ ବ୍ୟାଘାତ ଜନ୍ମାଇ ଆମମାନଙ୍କ ଉଦ୍ଦେଶ୍ୟ ସଫଳ କରିନେବୁ'' ଇତ୍ୟାଦି । ଯଦିଓ ସେତେବେଳେ କହିବାକୁ ଗଲେ, ଏଇ ପ୍ରଥମ ବକ୍ତୃତା ଶୁଣିବାକୁ ଯାଇ, ଏହା ପୂର୍ବେ ରାଜନୀତି କ'ଣ, ଧର୍ମନୀତି କ'ଣ – କୌଣସି ବିଷୟରେ ବି ବକ୍ତୃତା ଶୁଣିବାର ଖୁବ୍ ଗୋଟିଏ ସ୍ପୃହା ନଥିଲା ଏବଂ ଶୁଣିଲେ ବି ବୁଝିବାର କ୍ଷମତା ହୋଇ ନଥିଲା, ତଥାପି ଏଇ କଥାଗୁଡ଼ିକ ଯେ କେମିତି କାନରେ ପଡ଼ିଲା ଏବଂ ଏଇ ପନ୍ଦର, କୋଡ଼ିଏ ବର୍ଷ ପରେ ମଧ କେମିତି ଯେପରି ଭୁଲିପାରି ନାହିଁ । ତା'ପରେ ମନେ ଅଛି ମିନର୍ଭା ଥିଏଟର ହଲ୍‌ରେ (Minerva Theatre Hall) ରବି ବାବୁଙ୍କ ବକ୍ତୃତା – ବିଷୟ 'ସ୍ୱଦେଶୀ ସମାଜ' । ଦୁର୍ଭାଗ୍ୟର ବିଷୟ ବକ୍ତୃତାଟି ଶୁଣିବାର ସେତେବେଳେ ଆଉ ଅବସର ହୋଇ ନାହିଁ । ପ୍ରବେଶ ଦ୍ୱାରରେହିଁ ପୁଲିସ ପହରା ଇତ୍ୟାଦି ସଙ୍ଗରେ ପ୍ରବେଶାଧିକାରକୁ ନେଇ ହାତାହାତି, ମରାମରି ଏବଂ ଥାନାରେ ଏତାଲା; ଥାନାକୁ ଯିବା ପଥରେ ଏକେବାରେ ବେଓ୍ୱାରିସ ମାଲ ପାଇ ପୁଲିସ ମହାପ୍ରଭୁମାନଙ୍କର ହସ୍ତ-କଣ୍ଡୂୟନ ଓ ରୋଳବାଡ଼ିର ସାହାଯ୍ୟରେ ସେମାନଙ୍କର ପ୍ରଭୁତ୍ୱ ଚରିତାର୍ଥତା । ଥାନାରେ ଦାରୋଗା ବାବୁଙ୍କ ନିକଟରେ ହାଜର ହେବା ପରେ ଆମ ବିରୁଦ୍ଧରେ ଓଲଟା

ଗୋଇଠା, ଘୁସି ଇତ୍ୟାଦି ମାରିବାର ଏବଂ ଶାନ୍ତିଭଙ୍ଗର ଅଭିଯୋଗ । ମୁଁ ତ ଏ ବ୍ୟାପାର ଦେଖି ଏକେବାରେ ହତଭମ୍ବ । ଦାରୋଗା ବାବୁ ମୋତେ ପୁଲିସଙ୍କ ତରଫରୁ କେହି ପ୍ରହାର କରିଥିଲେ ତାକୁ ଅଥବା ସେମାନଙ୍କୁ ଚିହ୍ନଟ କରି ପାରିବି କି ନା ପଚାରିବାରୁ ମୋତେ ବାଧ ହୋଇ ଉତ୍ତର ଦେବାକୁ ହେଲା, ‘‘ନା’’, କାରଣ ସେମାନେ ଯେତେବେଳେ ଆକ୍ରମଣ କରିଛନ୍ତି, ମୋର ପଛ ପଟରୁହିଁ କରିଛନ୍ତି । ସୁତରାଂ କାହାରି ମୁହଁ ଚିହ୍ନିବାକୁ ମୋତେ ସୁବିଧା ଦିଆ ହୋଇ ନାହିଁ । ଏହି ପ୍ରକାରର ଆଲୋଚନା ହେଉଥିବା ସମୟରେ ବିପିନ ବାବୁ ଏବଂ ଡାକ୍ତର ଡି. ଏନ୍ ମୈତ୍ର କୌଣସି ସୂତ୍ରରୁ ଖବର ପାଇ ଥାନାରେ ଆସି ଉପସ୍ଥିତ ହେଲେ । ସେମାନଙ୍କୁ ଦେଖି ଦାରୋଗା ବାବୁ ଟିକିଏ ଅପ୍ରସ୍ତୁତ ହେଲେ ଓ ଦୁଃଖ ପ୍ରକାଶ କଲେ । କିନ୍ତୁ ଘଟଣାର ବିବରଣୀ ଡାଏରିରେ ଲେଖା ସରିଛି, କ’ଣ କରାଯିବ; ସୁତରାଂ ମୋତେ ପୁଣି ପରଦିନ ପୁଲିସ କୋର୍ଟରେ ହାଜିର ହେବାକୁ ହେବ, ସେଠାରେ ମକଦମାର ଶୁଣାଣି ସମୟରେ ଦାରୋଗା ବାବୁ ନିଜେହିଁ ଯଥାଯଥ ବ୍ୟବସ୍ଥା କରିନେବେ, ସେଥିପାଇଁ ଆମର ଚିନ୍ତିତ ହେବାର କୌଣସି କାରଣ ନାହିଁ । ଏହା କହି ଆମ ପକ୍ଷର ସମସ୍ତଙ୍କୁ ଆଶ୍ୱସ୍ତ କଲେ, ଏବଂ ସେଇ ରାତିରେ ଯେପରି ଆମକୁ ହାଜତରେ ରହି ଭୋଗିବାକୁ ନହୁଏ, ସେଥିପାଇଁ ଡାକ୍ତର ମୈତ୍ର ସ୍ୱୟଂ ଜାମିନ ହୋଇ ମୋତେ ଛଡ଼ାଇ ନେଲେ । ଆମେ ସେତେବେଳେ ଶିବପୁର ଇଞ୍ଜିନିୟରିଂ କଲେଜରେ ରହୁଥିଲୁ । ସେଇ ରାତିରେ ପୁଣି ଶିବପୁର ନଯାଇ ଡାକ୍ତର ସୁନ୍ଦରୀମୋହନ ଦାସ ମହାଶୟଙ୍କ ବସାରେ ଆସି ରହିଲି; ଏବଂ ସେଠାରେ ଆସି ଦେଖାଗଲା ଯେ ପିଠିରେ ରୋଲର୍ ମାଡ଼ର ଦାଗଗୁଡ଼ିକ କଳା ହୋଇ ଫୁଲି ଯାଇଛି । ଡାକ୍ତରଙ୍କର ତ ଘର – ଔଷଧପତ୍ରରେ କୌଣସି ତ୍ରୁଟି ହେଲା ନାହିଁ । ପରଦିନ ପୁଲିସ କୋର୍ଟକୁ ଯାଇ ମଧ୍ୟ ବିଶେଷ କୌଣସି କ୍ଳେଶ ପାଇବାକୁ ହୋଇ ନାହିଁ । ବିଚାରକ ବାହାଦୂର ହ୍ୟାଲିଡେ ସାହେବ କୌଣସି ଉଚ୍ଚବାଚ ନକରି ମକଦମାଟିକୁ ଚାପି (hush up) ଦେଲେ । ସେଇ ସମୟଠାରୁ ପୁଲିସର ବ୍ୟବହାର ତଥା ସରକାରଙ୍କର କାର୍ଯ୍ୟକଳାପ ସମ୍ବନ୍ଧରେ ବେଶ୍ ଗୋଟିଏ ସ୍ୱଷ୍ଟ ଧାରଣା ଜନ୍ମିବାକୁ ଲାଗିଲା ।

ଏହା ମଧ୍ୟରେ ବଙ୍ଗଭଙ୍ଗ ନେଇ ସମଗ୍ର ବଙ୍ଗଦେଶ ବ୍ୟାପୀ ତୁମୁଳ ଆନ୍ଦୋଳନ ଚାଲିଛି । ଆମର ମଧ୍ୟ ଅନ୍ତରାତ୍ମା ଯେପରି ଏଇ ସମୟରେ ସ୍ୱଦେଶ-ପ୍ରେମର ଏକ ଅପୂର୍ବ ଆସ୍ୱାଦନ ଲାଭ କରି ଦିନକୁ ଦିନ ନିଜର ଅକିଞ୍ଚିତ୍କର, ନଗଣ୍ୟତା ଭୁଲିଯାଇ, ଜୀବନର ସର୍ବାଙ୍ଗୀଣ ସାର୍ଥକତା ଲାଭ ପାଇଁ ଗୋଟିଏ ବିଶେଷ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ଚାହିଁଲୁ । ଇତିମଧ୍ୟରେ କଲିକତା ବିଶ୍ୱବିଦ୍ୟାଳୟ ରିପୋର୍ଟରେ ଅଧ୍ୟାପକ ରାସେଲ ସାହେବ କଲିକତା ଛାତ୍ରବୃନ୍ଦଙ୍କ ପ୍ରତି ଏକ କୁତ୍ସିତ ଦୋଷାରୋପ କରିବାରେ ତାଙ୍କ ବିରୋଧରେ କେତୋଟି ସଭା ଆହୂତ ହେଲା ଏବଂ ସମସ୍ତେ ସେଠାରେ ରାସେଲ ସାହେବଙ୍କୁ ବହୁତ ଭର୍ତ୍ସନା କଲେ । ମୁଁ ବି ସେତେବେଳେ ଏଫ୍.ଏ ପରୀକ୍ଷାରେ ଅନୁତ୍ତୀର୍ଣ୍ଣ ହୋଇ ଦ୍ୱିତୀୟ ଥର ପ୍ରେସିଡେନ୍ସି କଲେଜରେ ପଢୁଥିଲି । ଏହିସବୁ ଆଲୋଚନା ପରେ ଏପରି ଏକ ଘଟଣା ଘଟିଲା ଯାହା ପାଇଁ ମୋତେ ଆଉ ପ୍ରେସିଡେନ୍ସି କଲେଜରେ ପଢ଼ିବାକୁ ହେଲା ନାହିଁ, ଏକେବାରେ ସିଧାସଳଖ ଚମ୍ପଟ ଦେବାକୁ ବାଧ ହେଲି, ଏବଂ ବମ୍ବେ ଭିକ୍ଟୋରିୟା ଟେକ୍ନିକାଲ୍ ୟୁନିଭରସିଟିରେ ଯାଇ ଭର୍ତ୍ତି ହୋଇଗଲି ଏବଂ ପ୍ରଥମ ବାର୍ଷିକ ଶ୍ରେଣୀରେ କିଛି ଦିନ ଅଧ୍ୟୟନ ପରେ ଛୁଟିରେ ଥରେ ଘରକୁ ଆସିଲି ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

---

*(ପୃଷ୍ଠା ୩୦ର ଅବଶିଷ୍ଟାଂଶ)*

ମାମୁଲି ସାକ୍ଷାତ୍କାର ଯେ ତାଙ୍କୁ ଏପରି ଏକ ମହତ୍ ଆସନରେ ବିରାଜିତ କରାଇବ, ଏହା ସେ ଭାବି ନଥିଲେ ।

ସେ ସେଇ ଅନୁଷ୍ଠାନର ଚତୁର୍ଥ ଅଧ୍ୟାପକ ପଦବୀରେ ନିଯୁକ୍ତ ହୋଇ ଅତ୍ୟନ୍ତ ସାଧୁତାର ସହ ଦାୟିତ୍ୱ ନିର୍ବାହ କଲେ ।

ଏଇ ଯୁବ ପଦାର୍ଥ ବିଜ୍ଞାନୀ ୧୯୮୩ ମସିହାରେ ନିଜେ ‘ନୋବେଲ ପୁରସ୍କାର’ ପାଇଥିଲେ । ପଦାର୍ଥ ବିଜ୍ଞାନରେ ଦ୍ୱିତୀୟ ଭାରତୀୟ – ସେ ହେଉଛନ୍ତି ପ୍ରଫେସର ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର !

ଏଇ ଛୋଟ ଘଟଣାର ଉଲ୍ଲେଖ ଦେଖିବାକୁ ମିଳେ ତାଙ୍କ ଆତ୍ମକଥାରେ । ସାତ ଟଙ୍କାର କରାମତିରେ ଜୀବନର ଗତିଧାରା କିପରି ବଦଳେ ତାହାହିଁ ଅନୁଭବ କରିବାର କଥା !

(ସଂଗ୍ରାହକ : ଧର୍ମକୁମାର ଶତପଥି) ❑

# ନୂତନ ଶିକ୍ଷାର ଆହ୍ୱାନ

## (୧୮)

## ଗୟାଧର ଦାଶ

### ଭାରତୀୟ ଶିକ୍ଷାର ବିକାଶ ଧାରାରେ ଚିକିତ୍ସା ବିଜ୍ଞାନ

ଭାରତୀୟ ଶିକ୍ଷାର ବିକାଶ ଧାରାରେ ଚିକିତ୍ସା ବିଜ୍ଞାନ ବା ଡାକ୍ତରୀ ଶିକ୍ଷାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଆଦିମ କାଳରୁ ଏହି ବିଦ୍ୟା ଭାରତୀୟ ସଂସ୍କୃତି ସହିତ ଜଡ଼ିତ । ଗୁରୁକୁଳରେ ବିଭିନ୍ନ ବିଦ୍ୟା ସହ ଆୟୁର୍ବେଦର ଶିକ୍ଷା ଦିଆଯାଏ । ସ୍ୱର୍ଗର ବୈଦ୍ୟ ଧନ୍ୱନ୍ତରୀଙ୍କୁ ଆୟୁର୍ବେଦର ଜନକ ବୋଲି କୁହାଯାଏ । ସୁଶ୍ରୁତ ଓ ଚରକ ମଧ୍ୟ ଆୟୁର୍ବେଦର ମହାନ୍ ଗୁରୁ ଥିଲେ । ଚାଣକ୍ୟ, ପାଣିନି, ଚରକ ଓ ଜୀବକ ଆଦି ଆଚାର୍ଯ୍ୟମାନେ ତକ୍ଷଶିଳା ବିଶ୍ୱ ବିଦ୍ୟାଳୟର ଛାତ୍ର ଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନେକ ଆଚାର୍ଯ୍ୟ ଥିଲେ, ଯେଉଁମାନଙ୍କର ଆୟୁର୍ବେଦ ଜ୍ଞାନ ଉଚ୍ଚକୋଟୀର ଥିଲା ଏବଂ ବିଶ୍ୱବିଖ୍ୟାତ ମଧ୍ୟ ହୋଇ ପାରିଥିଲା । ପ୍ରାଚୀନ ଗୁରୁକୁଳରେ ଋଷିମାନେ ମଧ୍ୟ ଏହି ଚିକିତ୍ସା ବିଜ୍ଞାନର ମହାନ୍ ସୂତ୍ରଗୁଡ଼ିକୁ ସେମାନଙ୍କର ଶିଷ୍ୟମାନଙ୍କୁ ପ୍ରଦାନ କରିଥିଲେ । ସୁତରାଂ ଆୟୁର୍ବେଦହିଁ ଭାରତର ମହାନ୍ ବିଦ୍ୟା ଯାହା କ୍ରମଶଃ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଛି ।

ଆୟୁର୍ବେଦ କହେ, ଶରୀର ସର୍ବଦା କ୍ରିୟାଶୀଳ ହେବା ଉଚିତ, ନଚେତ୍ ତାହା ଜଡ଼ତା, ତାମସିକତା, ରୋଗ, ବାର୍ଦ୍ଧକ୍ୟ ଓ ମୃତ୍ୟୁର ଦାସତ୍ୱରେ ବନ୍ଧା ପଡ଼ିଯିବ । ଆନନ୍ଦ ପାଇଁ ଜୀବନ । ଯଦି ଆନନ୍ଦ ନରହେ ତେବେ ଜୀବନ ମଧ୍ୟ ରହେ ନାହିଁ । ଏହା ଦ୍ୱାରା ଶରୀରଟି ରୋଗ ଓ ମୃତ୍ୟୁର ଶିକାର ହୁଏ । ଶରୀରହିଁ ଦେବତାମାନଙ୍କର ଦୁର୍ଗ ବା ନିବାସ ସ୍ଥଳ । ଏହାହିଁ ଚେତନାର ସ୍ଥୂଳ ରୂପ ଏବଂ ଏହା ମଧ୍ୟ ଆମ ଜାଗତିକ ଅସ୍ତିତ୍ୱର ପାଦପୀଠ । ଶରୀର ମଧ୍ୟ ଆତ୍ମାର ନିବାସ ସ୍ଥଳ । ସୁତରାଂ ଆତ୍ମବିକାଶ ପାଇଁ ସ୍ଥୂଳ ଶରୀରର ଆବଶ୍ୟକତା ରହିଛି । ଶରୀରର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗରେ ଦିବ୍ୟଶକ୍ତିର ଅଭିବ୍ୟକ୍ତି ଘଟିଥିବାରୁ ଆମେ ଆଖି ଦ୍ୱାରା ଦେଖିପାରୁ, କାନ ଦ୍ୱାରା ଶୁଣିପାରୁ, ନାକ ଦ୍ୱାରା ଶ୍ୱାସପ୍ରଶ୍ୱାସ କ୍ରିୟା କରିପାରୁ, ଜିଭ ଦ୍ୱାରା ସ୍ୱାଦ ଜାଣିପାରୁ ଓ ହାତ, ଗୋଡ଼ ଦ୍ୱାରା ବିଭିନ୍ନ କାର୍ଯ୍ୟ ମଧ୍ୟ କରିପାରୁ । ଶରୀରଟି ଏକ ସୁନିୟନ୍ତ୍ରିତ ସଙ୍ଗଠନ । ଏହାର ଏକ ନିଜସ୍ୱ ବ୍ୟକ୍ତିତ୍ୱ ଅଛି । ଏହା ନିଜର ସାମର୍ଥ୍ୟ ଓ ପ୍ରତିଭା ପ୍ରତି ସଚେତନ । ସ୍ୱାଧୀନ ଭାବେ କ'ଣ କରିବା ଏବଂ କ'ଣ ନକରିବା ଉଚିତ ତାହା ମଧ୍ୟ ଏହା ବିଚାର କରିପାରେ । ବିଭିନ୍ନ ପରିସ୍ଥିତିରେ ନିଜକୁ କିପରି ଖାପଖୁଆଇ ଚଳିବାକୁ ହେବ ଏବଂ ବିରୋଧୀଶକ୍ତିମାନଙ୍କ ସହିତ କିପରି ଲଢ଼ିବାକୁ ହେବ, ସେ ପ୍ରକାର ଜ୍ଞାନ ଓ ଶକ୍ତି ମଧ୍ୟ ଶରୀର ଚେତନାର ରହିଛି । ମୁକ୍ତଭାବେ କାର୍ଯ୍ୟ କରିବାକୁ ଶରୀର ଚେତନା ଚାହେଁ । ଆତ୍ମାର ପ୍ରେରଣାକୁ ସହଜରେ ଗ୍ରହଣ କରି ସେହି ଅନୁସାରେ କ୍ରିୟାଶୀଳ ହେବାର ଜ୍ଞାନ ମଧ୍ୟ ତା'ର ଅଛି । ଶରୀରର ସ୍ୱଭାବ ଉପରେ ହସ୍ତକ୍ଷେପ କରି ତା' ଉପରେ ଗୁଡ଼ାଏ ବୋଝ ଲଦି ଦେଲେ ସେ କାମ କରିବାକୁ ଅସ୍ୱୀକାର କରେ । ଏପରିକି ରୋଗରୁ ମୁକ୍ତ ହେବାର କୌଶଳ ମଧ୍ୟ ଶରୀରକୁ ଜଣା । ସେ ସ୍ୱାଭାବିକ ଭାବେ ରୋଗରୁ ନିଜକୁ ମୁକ୍ତ କରି ଆଣେ, କିନ୍ତୁ ଆମେ ଶରୀର ବିଜ୍ଞାନ ସହ ପୂର୍ଣ୍ଣମାତ୍ରାରେ ପରିଚିତ ନଥିବାରୁ ଅଯଥା ଔଷଧ ସେବନ କରୁ ଏବଂ ନାନା କାର୍ଯ୍ୟପନ୍ଥା ଅବଲମ୍ବନ କରି ତା'ର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରୁ, ଏପରିକି ମନ ଓ ପ୍ରାଣର ଦାବିଗୁଡ଼ାକୁ ମଧ୍ୟ ଶରୀର ଉପରେ ଲଦି ଦିଆଯାଏ । ତଦ୍ୱାରା ଶରୀରଟି ଦୁର୍ବଳ ହୋଇପଡ଼େ ଏବଂ ନାନା ରୋଗର ଶିକାର ହୋଇଥାଏ । ଶରୀର ସତ୍ତାରେ ଯେଉଁ ଅନ୍ନମୟ ପୁରୁଷ ବିଦ୍ୟମାନ, ତାଙ୍କ ପ୍ରତି ଆମର ଶ୍ରଦ୍ଧା ଓ ବିଶ୍ୱାସର ଅଭାବ ଯୋଗୁଁ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ନାନା ତ୍ରୁଟି ଦେଖାଯାଏ ।

ଭାରତୀୟ ଋଷିମାନଙ୍କର କଣ୍ଠରୁ ନିଃସୃତ ହୋଇଛି ଶାନ୍ତିମନ୍ତ୍ର :

''ଓଁ ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।''

''ସମସ୍ତେ ସୁଖରେ ରୁହନ୍ତୁ, ସମସ୍ତେ ନିରାମୟ ବା ସୁସ୍ଥ ରୁହନ୍ତୁ, ସମସ୍ତେ ସତ୍ୟ ବା ମଙ୍ଗଳମୟଙ୍କୁ ଦେଖି ପାରନ୍ତୁ ।

କେହି ଦୁଃଖ ଭୋଗ ନ କରନ୍ତୁ ।'' ଏହି ଶାନ୍ତି ପାଠରେ ସମସ୍ତେ ନୀରୋଗ ବା ସ୍ୱାସ୍ଥ୍ୟବାନ୍ ରୁହନ୍ତୁ ବୋଲି କୁହାଯାଇଛି । ସୁସ୍ଥ ରହିବାର ଅର୍ଥକୁ ଆମେ ସାଧାରଣତଃ ରୋଗଶୂନ୍ୟ ଅବସ୍ଥା ବୋଲି କହିଥାଉ । ଏଠାରେ ଆମକୁ ମନେ ରଖିବାକୁ ହେବ ଯେ ଶରୀରର କେବଳ ରୋଗ ନଥାଏ; ଆମର ମନ, ପ୍ରାଣର ମଧ୍ୟ ବିଭିନ୍ନ ରୋଗ ରହିଥାଏ । ଆମର ଚିନ୍ତା, ଭାବନା, ଆବେଗ, କଳ୍ପନା, ଅଭ୍ୟାସ ଓ ବିଶ୍ୱାସରେ ମଧ୍ୟ ରୋଗ ରହିଥାଏ । ସ୍ଥୂଳ ଶରୀରର ପ୍ରତ୍ୟେକ ଅଙ୍ଗ, ସକଳ ଇନ୍ଦ୍ରିୟ, କୋଷାଣୁ ସହିତ ମନ ଓ ପ୍ରାଣର ସକଳ ଉପାଦାନକୁ ମଧ୍ୟ ନୀରୋଗ ରଖିବାକୁ ପଡ଼ିବ । ଏପରିକି ସୂକ୍ଷ୍ମ ଶରୀର, ସୂକ୍ଷ୍ମପ୍ରାଣ ଓ ସୂକ୍ଷ୍ମମନ ମଧ୍ୟରେ ସଙ୍ଗତି ସ୍ଥାପନ କରିବାକୁ ହେବ ।

ସ୍ୱାସ୍ଥ୍ୟ ଶବ୍ଦଟି 'ସ୍ୱ' ଓ 'ସ୍ଥଃ' (ସ୍ୱ + ସ୍ଥଃ)କୁ ନେଇ ଗଠିତ । 'ସ୍ୱ'ର ଅର୍ଥ ହେଲା ନିଜର ଆତ୍ମା ଏବଂ 'ସ୍ଥଃ'ର ଅର୍ଥ ହେଲା ସଂଯୁକ୍ତ, ସମାହିତ ବା ଅବସ୍ଥାନ । ସୁତରାଂ ସ୍ୱାସ୍ଥ୍ୟର ପ୍ରକୃତ ଅର୍ଥ ହେଉଛି ଆତ୍ମାରେ ସମାହିତ ହେବା ବା ଆତ୍ମ ସ୍ଥିତିରେ ଅବସ୍ଥାନ କରିବା । ଅନ୍ୟ ଅର୍ଥରେ କହିବାକୁ ହେଲେ ଶରୀର, ପ୍ରାଣ, ମନ ଓ ଆତ୍ମାର ଏକ ସଙ୍ଗତିପୂର୍ଣ୍ଣ ବା ମଧୁମୟ ସ୍ଥିତିକୁ ଆମେ ସ୍ୱାସ୍ଥ୍ୟ ବୋଲି କହିପାରିବା । ସୁଶ୍ରୁତ ସଂହିତା ଓ ଚରକ ସଂହିତାରେ ଏହା କୁହାଯାଇଛି ଯେ ତ୍ରିଦୋଷ (ବାତ, ପିତ୍ତ ଓ କଫ)ର ସନ୍ତୁଳନ ଅବସ୍ଥାକୁ ସ୍ୱାସ୍ଥ୍ୟ କୁହାଯାଏ । ଅର୍ଥାତ୍, ଏହି ତିନୋଟି ଦୋଷ ସନ୍ତୁଳିତ ନହେଲେ ମଣିଷ ରୋଗଗ୍ରସ୍ତ ହୋଇଥାଏ । ବାତ (ସ୍ଥାନ ବା ବ୍ୟୋମ ଓ ବାୟୁ) ଶରୀରର ବିଭିନ୍ନ ଗତିକୁ ପରିଚାଳିତ କରେ । ପିତ୍ତ (ଅଗ୍ନି ଓ ଜଳ) ଯାହା ପାଚନ ବା ପରିପାକ କ୍ରିୟାକୁ ନିୟନ୍ତ୍ରଣ କରେ । କଫ (କ୍ଷିତି ଓ ଜଳ) ଯାହା ହଜମ କରି ଶରୀରରେ ଗ୍ରହଣ କରିବା ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ । ଆୟୁର୍ବେଦ କହେ ଯେ ଏହି ପୃଥିବୀ ଏବଂ ମନୁଷ୍ୟର ଶରୀର ପଞ୍ଚ ମହାଭୂତରେ ଗଠିତ । କ୍ଷିତି (Earth), ଅପ୍ (Water), ତେଜଃ (Fire), ମରୁତ (Air) ଓ ବ୍ୟୋମ (Space) ଆଦି ପଞ୍ଚ ମହାଭୂତର ଏକ ଅନୁପମ ସଂଯୋଗ ବା ମିଶ୍ରଣ ହେଉଛି ବାତ, ପିତ୍ତ ଓ କଫ ଆଦି ତ୍ରିଦୋଷ । କେଉଁ ଦୋଷଟି କାହାର ଶରୀରରେ ଆଧିପତ୍ୟ ବିସ୍ତାର କରିଛି ତାହା ପ୍ରତ୍ୟେକ ବ୍ୟକ୍ତି ଜାଣିବା ଉଚିତ । ଯେଉଁ ଦୋଷଟିର ଆଧିକ୍ୟ ରହେ, ସେହି ଅନୁସାରେ ଶରୀରରେ ଅସନ୍ତୁଳନ ଘଟେ ଏବଂ ବିଶୃଙ୍ଖଳା ସୃଷ୍ଟି ହୁଏ, ଯଦ୍ୱାରା ଶରୀରଟି ରୋଗଗ୍ରସ୍ତ ହୋଇପଡ଼େ ।

ସ୍ୱାସ୍ଥ୍ୟକୁ ମୁଖ୍ୟତଃ ୫ଟି ବିଭାବ ଅନୁସାରେ ବ୍ୟାଖ୍ୟା କରାଯାଇଛି । ସେଗୁଡ଼ିକ ହେଲା – (୧) ଆରୋଗ୍ୟ (Health), (୨) ପୂର୍ଣ୍ଣତା (Soundness), (୩) ପ୍ରସନ୍ନତା (Wellness), (୪) ସନ୍ତୋଷ (Satisfaction) ଓ (୫) ସନ୍ତୁଳନ (Harmony) । ପୂର୍ଣ୍ଣ ସୁସ୍ଥ ମଣିଷର ସଂଜ୍ଞାରେ ଯେଉଁ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ତାହା ହେଲା ୧. ଶାରୀରିକ ସ୍ୱାସ୍ଥ୍ୟ, ୨. ମାନସିକ ସ୍ୱାସ୍ଥ୍ୟ, ୩. ଆବେଗ-ଗତ ସ୍ୱାସ୍ଥ୍ୟ, ୪. ସାମାଜିକ ସ୍ୱାସ୍ଥ୍ୟ, ୫. ବୌଦ୍ଧିକ ସ୍ୱାସ୍ଥ୍ୟ ଓ ୬. ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ । ସୁତରାଂ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ପାଇଁ ଆମକୁ ଏସବୁ ଦିଗ ପ୍ରତି ସତର୍କ ଦୃଷ୍ଟି ଦେବା ବିଧେୟ ।

ମହାକବି କାଳିଦାସଙ୍କ ରଚିତ 'କୁମାରସମ୍ଭବମ୍'ରେ କୁହାଯାଇଛି –''ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍'' । ଏହାର ଅର୍ଥ ହେଉଛି ଶରୀରହିଁ ସକଳ ଧର୍ମ ସମ୍ପାଦନରେ ପ୍ରଥମ ସାଧନ ଅଟେ । ଆଧ୍ୟାତ୍ମିକ ଅଗ୍ରଗତି ସକାଶେ ସୁସ୍ଥ, ସବଳ ଓ ସୌଷମ୍ୟ-ଯୁକ୍ତ ଶରୀରର ଆବଶ୍ୟକତା ଅନିବାର୍ଯ୍ୟ । କର୍ମର ମୂଳ ହେଉଛି ଶରୀର । କର୍ମ ଦ୍ୱାରା ମନୁଷ୍ୟ ଚେତନାର ପରିବର୍ତ୍ତନ ହୋଇଥାଏ । ସୁତରାଂ ମନୁଷ୍ୟକୁ ତା'ର ଲକ୍ଷ୍ୟ ପ୍ରାପ୍ତ କରିବାରେ ଶରୀରର ସାଧନା ବା ଶରୀରର ତପସ୍ୟା ଏକାନ୍ତ ଅପରିହାର୍ଯ୍ୟ । ଏଥି ସକାଶେ ଆୟୁର୍ବେଦ ଜ୍ଞାନ (Knowledge of Life) ପ୍ରତ୍ୟେକ ମନୁଷ୍ୟର ରହିବା ଆବଶ୍ୟକ । ଏହି ବିଦ୍ୟାର ବିକାଶଧାରାରେ ଭାରତର ଯେଉଁ ମହାନ୍ ଭୂମିକା ରହିଛି ତାହା ଅବିସ୍ମରଣୀୟ ହେଲେ ବି ଭାରତବର୍ଷରେ ଏହାର ବିକାଶଧାରା ପ୍ରତି ସଚେତନ ଦୃଷ୍ଟି ରଖି ଏ ଦିଗରେ ପ୍ରତ୍ୟେକ ବ୍ୟକ୍ତି, ସମାଜ ଓ ଦେଶ ଯଥାର୍ଥ ପଦକ୍ଷେପ ନେଲେ ଭାରତର ଉଜ୍ଜ୍ୱଳ ଭବିଷ୍ୟତଟି ରୂପାୟିତ ହୋଇପାରିବ ।

ନର ଭିତରେ ନାରାୟଣ ଥିବାରୁ ମାନବ ସେବାହିଁ ମାଧବ ସେବା ବୋଲି କୁହାଯାଇଛି । ମାନବ ସେବାକୁ ଯିଏ ଜୀବନର ବ୍ରତ ରୂପେ ଗ୍ରହଣ କରେ, ହୃଦୟ ଭରି ମଣିଷକୁ ଭଲପାଏ, ଅନ୍ୟର ମୁଖରେ ହସ ଫୁଟାଇ ନିଜେ ଖୁସି ହୁଏ, ଅନ୍ୟ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରେ, ସତ୍ୟ, ନ୍ୟାୟ, ତ୍ୟାଗ ଓ ପ୍ରେମର ନମୁନା ରୂପେ ସମାଜର ହିତ ପାଇଁ ସଦା ତତ୍ପରତା ପ୍ରକାଶ କରେ, ସମସ୍ତଙ୍କର ମଙ୍ଗଳ କାମନା କରି ଭଗବାନଙ୍କ ଠାରେ ନିଜକୁ ସମର୍ପି ଦିଏ, ସିଏହିଁ ମାନବ ରୂପରେ ଭଗବାନଙ୍କର ପ୍ରତିଭୂ ଏବଂ ଶକ୍ତିସ୍ୱରୂପ ଚିକିତ୍ସକ; ଯାହାର ହସ୍ତସ୍ପର୍ଶ ତଥା ମଧୁର କଥାରେ ରୋଗୀ ଭିତରେ ଶକ୍ତି ଓ

ସାହସ ଭରିଯାଏ ଏବଂ ସେ ସ୍ୱତଃ ଆରୋଗ୍ୟ ଲାଭ କରେ । ସେପରି ଚିକିତ୍ସକ ଅଶ୍ୱିନୀକୁମାରଙ୍କ ଅବତାର ରୂପେ ଜଗତର ସେବା ପାଇଁ ଜନ୍ମଲାଭ କରିଥା'ନ୍ତି । ଭାରତୀୟ ଚିକିତ୍ସା ପରମ୍ପରାରେ ଏପରି ଅନେକ ଉଦାହରଣ ରହିଛି ଯାହା ଆଧୁନିକ ଡାକ୍ତରମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଶ୍ରୀମା'ଙ୍କ ଭାଷାରେ – "Doctors are the great and noble army fighting in this world for the conquest of Truth." ଅର୍ଥାତ୍, ''ଡାକ୍ତରମାନେ ହେଲେ ସେହି ମହାନ୍ ସେନାନୀ ଯେଉଁମାନେ ସତ୍ୟର ବିଜୟ ପାଇଁ ଏ ଜଗତରେ ସଂଗ୍ରାମରତ ।'' ଜଣେ ଭଗବାନଙ୍କ ସହିତ ଯୋଗଯୁକ୍ତ ହୋଇ ନିଜକୁ ନୀରୋଗ ରଖିପାରେ ଏବଂ ଅନ୍ୟକୁ ମଧ ନୀରୋଗ ରହିବାରେ ସାହାଯ୍ୟ କରିପାରେ । ସୁତରାଂ ବ୍ୟକ୍ତିସତ୍ତା ମଧରେ ରହିଥିବା ଅସଙ୍ଗତିହିଁ ସକଳ ରୋଗର କାରଣ । ଏହି ଅସଙ୍ଗତି ଦୂର କରିବା ସକାଶେ ଭାରତବର୍ଷରେ ଯୋଗର ମହାନ୍ ଓ ସୁଦୃଢ଼ ପରମ୍ପରା ରହିଛି । ଆଜିକାଲି ହୋମିଓପାଥି, ଏଲୋପାଥି, ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ଯୋଗ ଭଳି ଅନେକ ଆରୋଗ୍ୟ ପଦ୍ଧତି ପୃଥିବୀରେ ପ୍ରଚଳିତ ଅଛି । ଏହି ସମସ୍ତ ପଦ୍ଧତିର ମୂଳତତ୍ତ୍ୱ ହେଲା ମନୁଷ୍ୟ, ପଶୁପକ୍ଷୀ, କୀଟ ପତଙ୍ଗ ଭିତରେ ରହିଥିବା ଅସଙ୍ଗତି ଦୂର କରିବା । ମନୁଷ୍ୟ କ୍ଷେତ୍ରରେ "Natural healing based on principles of harmony and balance, unites the physical, mental and spiritual realms."

ଅର୍ଥାତ୍, ''ପ୍ରାକୃତିକ ବା ସ୍ୱାଭାବିକ ନିରାମୟତା ସଙ୍ଗତି ଓ ସମତାର ବିଧାନ ଉପରେ ପର୍ଯ୍ୟବସିତ ଯାହା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ରାଜ୍ୟଗୁଡ଼ିକୁ ସଂଯୁକ୍ତ କରିଥାଏ ।'' ଶରୀର, ପ୍ରାଣ, ମନ ଓ ଆତ୍ମାର ସଂଯୁକ୍ତକରଣ ବା ପୂର୍ଣ୍ଣାଙ୍ଗ ନିରାମୟତା ପ୍ରଦାନ କରିବାରେ ଆଜିର ଚିକିତ୍ସା ବିଜ୍ଞାନ ବା ଡାକ୍ତରୀ ଶିକ୍ଷା କେତେଦୂର ସକ୍ଷମ ହୋଇ ପାରିଛି, ଆମର ଡାକ୍ତର, ବୈଦ୍ୟ, ଚିକିତ୍ସକ, ହକିମ ବନ୍ଧୁମାନେ ଏହି କ୍ଷେତ୍ରରେ କେତେଦୂର ଅଗ୍ରଗତି କରିଛନ୍ତି ତାହା ଅନୁଧ୍ୟାନ କରିବାର ସମୟ ଉପସ୍ଥିତ ।

ଖ୍ରୀ:ପୂ: ୫୦୦୦ ବର୍ଷ ପୂର୍ବରୁ ଭାରତରେ ଚିକିତ୍ସା ବିଜ୍ଞାନ ଥିଲା ଏବଂ ସେହି ବିଦ୍ୟାକୁ ହାସଲ କରିବାକୁ ହେଲେ ଜଣକୁ କଠୋର ତପସ୍ୟା କରିବାକୁ ପଡୁଥିଲା ଏବଂ ଗୁରୁଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ପଡୁଥିଲା । ଗୁରୁ ଶୁକ୍ରାଚାର୍ଯ୍ୟଙ୍କଠାରୁ ମୃତ୍ୟୁ ସଞ୍ଜୀବନୀ ମନ୍ତ୍ର ଶିକ୍ଷା କରିବା ସକାଶେ ବୃହସ୍ପତିଙ୍କ ପୁତ୍ର କଚ୍ଚ ତାଙ୍କର ଶରଣାପନ୍ନ ହୋଇଥିଲା ଏବଂ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କ ମାଧ୍ୟମରେ ସେ ସେହି ବିଦ୍ୟା ହାସଲ କରିପାରିଥିଲା । ମହାଭାରତ ଓ ରାମାୟଣରେ ଅନେକ କାହାଣୀ ରହିଛି । ରାମାୟଣରେ ସୁଷେଣ ସଞ୍ଜୀବନୀ ବୁଟି ଦ୍ୱାରା ଲକ୍ଷ୍ମଣଙ୍କୁ ଜୀବନଦାନ ଦେଇଥିବାର କାହାଣୀ ମଧ ରହିଛି । ତେଣୁ ଚିକିତ୍ସା ବିଜ୍ଞାନ ଭାରତର ପ୍ରାଚୀନ ବିଦ୍ୟା ଯାହାର ଆଦର ଧୀରେ ଧୀରେ କମି ଯାଇଥିଲେ ବି ତାହାର ମୂଳତତ୍ତ୍ୱରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ଏବେ ବି ସେହି ମୂଳତତ୍ତ୍ୱକୁ ଜାଣିବା ପାଇଁ ଭାରତ ସମେତ ସାରା ବିଶ୍ୱରେ ଗବେଷଣା ଜାରି ରହିଛି ।

ଇଂରେଜ ଶାସନ କାଳରେ ଡାକ୍ତରୀ ଶିକ୍ଷାର ବହୁଳ ପ୍ରସାର ହୋଇ ପାରି ନଥିଲା । ଗ୍ରାମମାନଙ୍କରେ ବୈଦ୍ୟ ଓ ହକିମମାନେ ଜଡ଼ିବୁଟିର ବ୍ୟବହାର କରି ଚିକିତ୍ସା କରୁଥିଲେ । ଲର୍ଡ଼ ବେଣ୍ଟିକ୍‌ଙ୍କ ସମୟରେ ୧୮୩୫ ମସିହାରେ କଲିକତାରେ ପ୍ରଥମ Medical College ପ୍ରତିଷ୍ଠା କରାଯାଇଥିଲା । ଏହା ପୂର୍ବରୁ ବମ୍ବେ ଓ ମାନ୍ଦ୍ରାଜରେ ଚିକିତ୍ସା ବିଦ୍ୟାଳୟ ରହିଥିଲା । ଧୀରେ ଧୀରେ ଏହି ଦୁଇ ସହରରେ ଚିକିତ୍ସା ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ତଥାପି ଆୟୁର୍ବେଦର ପ୍ରାଧାନ୍ୟ ରହିଥିଲା । ଯେଉଁମାନେ ଚିକିତ୍ସା ବିଜ୍ଞାନରେ ଅଧିକ ଜ୍ଞାନ ହାସଲ କରିବାକୁ ଚାହୁଁଥିଲେ ସେମାନେ ଇଂଲଣ୍ଡ ଯାଇ ଡାକ୍ତରୀ ଶିକ୍ଷା ଲାଭ କରୁଥିଲେ । ପ୍ରଥମ ପୁରୁଷ ଡାକ୍ତର ମଧୁସୂଦନ ଗୁପ୍ତ ୧୮୩୫ ମସିହାରେ Calcutta Medical College ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଆନନ୍ଦିଗୋପାଳ ଯୋଷୀ ଭାରତର ପ୍ରଥମ ମହିଳା ଡାକ୍ତର ଥିଲେ ଏବଂ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଧୀରେ ଧୀରେ ଡାକ୍ତରୀ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବାରୁ ଅଧିକ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ଏସବୁର ପରିଚାଳନା ତଥା ଭାରତରେ ଡାକ୍ତରୀ ଶିକ୍ଷାର ଅଭିବୃଦ୍ଧି ସକାଶେ ୧୯୩୩ ମସିହାରେ Medical Council of India (MCI) ପ୍ରତିଷ୍ଠା କରାଗଲା । ୧୯୫୬ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ Indian Medical Council (IMC) ରଖାଗଲା । ୧୯୨୦ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଉଭୟ ଆୟୁର୍ବେଦିକ ଓ ଏଲୋପାଥିକ ଚିକିତ୍ସା ଆରମ୍ଭ କରାଯାଇଥିଲା । ଏହି ଡାକ୍ତରୀ ଶିକ୍ଷାର ବହୁଳ ପ୍ରସାର ନିମିତ୍ତ ୧୯୪୭ ମସିହାରେ

Indian Nursing Council,୧୯୪୮ରେ Dental Council of India ଓ Pharmacy Council of India ପ୍ରତିଷ୍ଠା କରାଯାଇଥିଲା । ୧୯୯୫ ମସିହାରେ ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ Indian Systems of Medicine and Homeopathy ବିଭାଗଟି କାର୍ଯ୍ୟ କରିଥିଲା । ୧୯୬୧ ମସିହାରେ National Academy of Medical Science ଓ Indian Council of Medical Research ସଂସ୍ଥା ଦ୍ୱୟ ପ୍ରତିଷ୍ଠା କରାଯାଇଥିଲା । ଧୀରେ ଧୀରେ ଡାକ୍ତରୀ ଶିକ୍ଷାର ଚାହିଦା ବଢ଼ିଲା ଏବଂ ୨୦୨୦ ମସିହାରେ MCI ର ନାମ ପରିବର୍ତ୍ତନ କରାଯାଇ ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗ (National Medical Commission) ରଖାଗଲା । ଏହା ଏବେ ଭାରତବର୍ଷରେ ଡାକ୍ତରୀ ଶିକ୍ଷାର ବିକାଶ ନିମିତ୍ତ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରୁଛି ଏବଂ National Board of Education ଜରିଆରେ National Eligibility cum Entrance Test (NEET) ପରିଚାଳନା କରୁଛି ଏବଂ ରାଜ୍ୟରେ ବହୁ ସଂଖ୍ୟାରେ Medical College ଖୋଲିବା ଦିଗରେ ପ୍ରୋତ୍ସାହନ ପ୍ରଦାନ କରୁଛି । ଏହି ଦିଗରେ ଜାତୀୟ ଶିକ୍ଷାନୀତି-୨୦୨୦ରେ କେତେକ ନୂତନ ପଦକ୍ଷେପମାନ ନିଆଯାଇଛି ।

(କ୍ରମଶଃ)

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଦଶକର୍ମଧାରା

## (୩)

## ପ୍ରସାଦ ତ୍ରିପାଠୀ

ଦଶକର୍ମଧାରା କେଉଁଠାରୁ ଆରମ୍ଭ, କେଉଁଠାରେ ଶେଷ ଏପରି କିଛି ନାହିଁ । ଆମେ ଯେକୌଣସି ବିଷୟରୁ ମଧ୍ୟ ଆରମ୍ଭ କରିବା । ପ୍ରଥମଟି ନିଆଯାଉ 'କୁସାଗ' । 'କୁସାଗ' ଇଂରାଜୀରେ (CUSAG) – ଅର୍ଥାତ୍, Commerce Under Sri Aurobindo's Guidance । ପୂର୍ବରୁ ମୁଁ କହିଛି ପ୍ରପତ୍ତି କହିଥିଲେ ଆମକୁ ଶିକ୍ଷା, କୃଷି, ଶିଳ୍ପ-ବାଣିଜ୍ୟ ଏବଂ ରାଜନୀତି ଏଇସବୁ ମାର୍ଗ ଦେଇ ସମାଜ ମଧ୍ୟରେ ପ୍ରବେଶ କରିବାକୁ ହେବ । ମାତ୍ର ମନେ ରଖିବାକୁ ହେବ, ମାର୍ଗ ମୁଖ୍ୟ ନୁହେଁ – ଲକ୍ଷ୍ୟ ହିଁ ମୁଖ୍ୟ । ଏକ ନୂତନ ମାନବ ସମାଜ ପ୍ରତିଷ୍ଠା ଦିଗରେ ଯେକୌଣସି କର୍ମ ମଧ୍ୟ ସାହାଯ୍ୟ କରିପାରିବ ଯଦି ତାକୁ ଉଚିତ ଧାରାରେ କରାଯାଇଥାଏ । ଆମ ଅନୁଷ୍ଠାନମାନଙ୍କରେ ଆମେ ବାଣିଜ୍ୟ ବ୍ୟବସାୟ କରିବା । ମାତ୍ର ବାଣିଜ୍ୟ ବ୍ୟବସାୟ ପାଇଁ ନୁହେଁ, ପୃଥିବୀରେ ଅତିମାନବ ଜାତି ତଥା ଅତିମାନସ ଜଗତ୍ ସୃଷ୍ଟିର ଲକ୍ଷ୍ୟରେ । ମା ଅନେକ ଦିନ ତଳେ ଶ୍ରୀ ଉଦାରଜୀଙ୍କୁ ଏହି ବିଭାଗ କଥାଟି କହିଥିଲେ : Commerce Under Sri Aurobindo's Guidance । ତା'ପରେ ଭିନ୍ନ ଭିନ୍ନ ସ୍ଥାନରେ 'କୁସାଗ' ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସବୁ ଆରମ୍ଭ କରାଯାଇଥିଲା । ମାତ୍ର ପରବର୍ତ୍ତୀ ଅବସ୍ଥାରେ ସେସବୁ ବିଶେଷ ଅଗ୍ରଗତି କରିପାରିଲା ନାହିଁ । ତା'ର କାରଣ ହେଲା ଯେଉଁମାନେ ଏ କାର୍ଯ୍ୟ କଲେ ସେମାନଙ୍କର ଭିତ୍ତିଭୂମି ପାଠଚକ୍ର ନଥିଲା । ପାଠଚକ୍ର ଭିତ୍ତିଭୂମି ନଥାଇ ଯଦି ଆମେ କୌଣସି କାର୍ଯ୍ୟ କରୁ ତେବେ ତାହା କେବେ ବି ବେଶୀଦିନ ତିଷ୍ଠିବ ନାହିଁ, ଏଥିରେ ଆଉ ପ୍ରମାଣ ଖୋଜିବାର ଆବଶ୍ୟକତା ନାହିଁ । ମାତ୍ର ଆମେ ଦଶକର୍ମଧାରା ଅନ୍ତର୍ଗତ ଯେଉଁ 'କୁସାଗ' କରିବୁ ତାହାର ପ୍ରଥମ ସର୍ତ୍ତ ରହିବ ଯେ ସମ୍ପୃକ୍ତ ସମସ୍ତେ ନିଶ୍ଚୟ ପାଠଚକ୍ର କରୁଥିବେ । ପରେ ଯେପରି କେବଳ ବ୍ୟବସାୟହିଁ ମୁଖ୍ୟ ହୋଇ ନଯାଏ । ଆମର ମୂଳତଃ ଲକ୍ଷ୍ୟ ରହିବ ଯେପରି ସମସ୍ତ କିଛି ବ୍ୟବସାୟ ମା'ଙ୍କ ଦିଗରେହିଁ ପରିଚାଳିତ ହୁଏ । ଯଦିଓ ଏପରି କିଛି କାର୍ଯ୍ୟ ଅନେକ ଆଗରୁ କରାଯାଇଛି ତଥାପି ତାକୁ ଠିକ୍ ଦିଗରେ ପରିଚାଳିତ କରିବାକୁ ହେବ । ଅନେକ ପ୍ରକାରର ବସ୍ତୁ – ଯଥା : ଧୂପକାଠି, ମହମବତୀ, ବ୍ୟାଗ, ବିଛଣାଚାଦର, ପୋଷାକ ପ୍ରଭୃତି ସହିତ ଏକ୍ସରସାଇଜ୍ ଖାତା ଏବଂ ବିଭିନ୍ନ ପ୍ରକାର ଖେଳ ଉପକରଣ ମଧ୍ୟ କେହି କେହି ପ୍ରସ୍ତୁତ କରୁଛନ୍ତି । ଦଉଡ଼ିରେ ପାଆପୋଛ ବୁଣିବା, ଉଲ୍‌ରେ ବିଭିନ୍ନ ଶୀତବସ୍ତ୍ର ପ୍ରସ୍ତୁତ କରିବା, Wall hanger, ଘର ସଜ୍ଜା ହେବା ପାଇଁ ବିଭିନ୍ନ ପ୍ରକାର ପଦାର୍ଥ ସବୁ ମଧ୍ୟ ତିଆରି ଚାଲିଛି । ଏହା ବ୍ୟତୀତ ବାରମଜା, ବିଭିନ୍ନ ପ୍ରକାରର ଖାଦ୍ୟ, ଅନେକ ଦିନ ରହିବା ଭଳି ଶୁଖିଲା ମିଷ୍ଟାନ୍ନ, ପେଡ଼ା ପ୍ରଭୃତି ମଧ୍ୟ ତିଆରି ହୋଇ ବିକ୍ରୟ ଚାଲିଛି । ଆମକୁ ଏବେ ସେସବୁକୁ ବାସ୍ତବ ରୂପ ଦେବାକୁ ହେବ । ସେଥିପାଇଁ ନିମ୍ନଲିଖିତ ନିୟମଗୁଡ଼ିକୁ ଦୃଷ୍ଟି ଦେବାକୁ ହେବ ।

**୧.** ଅନ୍ତତଃ ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୋଟିଏ କରି 'କୁସାଗ'ର ୟୁନିଟ୍ ଖୋଲିବେ । କିଛି ନହେଲେ ଏକ ଛୋଟ ବିକ୍ରୟ କେନ୍ଦ୍ରଟିଏ ଆରମ୍ଭ କରିଥିବେ । ସେ ବିକ୍ରୟ କେନ୍ଦ୍ରରେ ପିଲାମାନଙ୍କର 'ନବଜୀବନ ଶିକ୍ଷା ସଂସଦ' ପ୍ରସ୍ତୁତ ପାଠ୍ୟପୁସ୍ତକ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରୁ ପ୍ରକାଶିତ ବିଭିନ୍ନ ପ୍ରକାର ପୁସ୍ତକ, ଧୂପକାଠି, ଫଟୋ, ଲକେଟ୍, ବ୍ୟାଚ୍ ପ୍ରଭୃତି ଏବଂ ତା' ବ୍ୟତୀତ ଖାଦ୍ୟ ପଦାର୍ଥ ଯଥା – ବାରମଜା, ପାଉଁରୁଟି, କଦଳୀ, ବିସ୍କୁଟ୍ ଇତ୍ୟାଦି ମଧ୍ୟ ରଖି ପାରିବେ । ଅନ୍ୟ କାହାଠାରୁ ବ୍ୟବସାୟରେ ଅଧିକ ଲାଭ ପାଇବା ପାଇଁ ନୁହେଁ ବରଂ ଅନ୍ୟମାନଙ୍କୁ ସାଙ୍ଗରେ ନେଇ ଚାଲିବାର ଅଭିପ୍ରାୟ ଥିବ । କେବେହେଲେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରି ବିଭିନ୍ନ ଜିନିଷ ତିଆରି କରିବେ ନାହିଁ ।

**୨.** ଦରଦାମ ଆପାତତଃ ସମସ୍ତଙ୍କର ପାଖାପାଖି ସମାନ ରହିବ । ନିଜ ନିଜର ଉତ୍ପାଦିତ ବସ୍ତୁ ଉପରେ ଖୁବ୍ ବେଶୀ ଲାଭ ନରଖି ମୂଲ୍ୟାୟନ କରିବେ ।

**୩.** ବାସ୍ତବିକ ମନେ ରଖିବାକୁ ହେବ ମା'ଙ୍କର ଏହି ବ୍ୟବସାୟ ସଂସ୍ଥା 'କୁସାଗ' ସମଗ୍ର ଓଡ଼ିଶାରେ ଗୋଟିଏ । ତେଣୁ ଯେଉଁ ପାଠଚକ୍ରରେ ବିକ୍ରୟ ହେଉ ପଛେ ଏହା ସମସ୍ତଙ୍କର ବିକ୍ରୟ ହେଲା ବୋଲି ମନେ ହେବ ଏବଂ ଯଦି କୌଣସି

କାରଣରୁ କାହାର କିଛି କ୍ଷତି ହୁଏ ତା' ମଧ୍ୟ ସମସ୍ତଙ୍କର ହେଲା ବୋଲି ବୁଝିବାକୁ ହେବ ।

୪. ଯେଉଁ ବସ୍ତୁମାନଙ୍କୁ ଆମେ ନିଜେ ପ୍ରସ୍ତୁତ କରିବା ତାକୁ ସୁନ୍ଦର କରି କରିବାକୁ ଚେଷ୍ଟା କରିବା । କେବେହେଲେ ଯଥେଚ୍ଛା ଭାବରେ କରି ବିକ୍ରୟ କରିବାକୁ ଚେଷ୍ଟା କରିବାନି । ସବୁ ଉପରେ 'କୁସାଗ' ବଡ଼ ବଡ଼ ଅକ୍ଷରରେ ଲେଖା ହୋଇ ତା' ତଳେ (A Unit of Sri Aurobindo Study Circle ...) ଲେଖା ହେବ । ତାହାହେଲେ 'କୁସାଗ' ସମ୍ପର୍କରେ ଏକ ଆପାତତଃ ଧାରଣା ସମସ୍ତଙ୍କର ଆସି ପାରିବ ।

୫. ବର୍ଷରେ ଥରେ ଅନ୍ତତଃ ସମସ୍ତ ବିକ୍ରୟ କେନ୍ଦ୍ରର ପ୍ରତିନିଧିମାନେ ଏକାଠି ହୋଇ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବେ ।

୬. ବିଭିନ୍ନ Product Manufacturing ସମ୍ପର୍କରେ Skill Development Trainingର ଆୟୋଜନ ମଧ୍ୟ କରିବେ ।

୭. "Best out of waste" ଜରିଆରେ ବିଭିନ୍ନ ବର୍ଜ୍ୟବସ୍ତୁକୁ ବ୍ୟବହାର ଉପଯୋଗୀ କରାଯାଇ ତାକୁ ବିକ୍ରୟ ମଧ୍ୟ କରାଯାଇ ପାରିବ – ପ୍ରଶିକ୍ଷଣ ଜରିଆରେ ଏହା ମଧ୍ୟ କରାଯାଇ ପାରିବ ।

୮. ସବାଶେଷରେ ଏହା ମା'ଙ୍କର ଏକ କାର୍ଯ୍ୟ ବୋଲି ହୃଦୟର ସହିତ ଅନୁଭବ କରିବେ । କେବେହେଲେ ଏହାକୁ କେବଳ ବ୍ୟବସାୟ ବୋଲି ଭାବିବେ ନାହିଁ କିଂବା ସେହି ମନୋବୃତ୍ତିରେ ଏହି କାର୍ଯ୍ୟ କରିବେ ନାହିଁ ।

କେତେ ଚମତ୍କାର କଥା ସତେ ନହେବ – ଆମେ ବ୍ୟବସାୟ କରୁଥିବା ଏବଂ ସେଇ କାର୍ଯ୍ୟ ହେଉଥିବ ମା'ଙ୍କ କାମ; ତେଣୁ ରୂପାନ୍ତର ଦିଗରେ ସାହାଯ୍ୟ କରୁଥିବ ଏବଂ ଏକ ନୂତନ ଜଗତ୍ ଗଠନରେ ଆମେ ନିର୍ଦ୍ଦିଷ୍ଟ ଭୂମିକା ନେଉଥିବା ।

ବର୍ତ୍ତମାନ ପରିସ୍ଥିତିକୁ ଅନୁଧ୍ୟାନ କଲେ ଦେଖିବା 'କୁସାଗ' ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶ୍ରୀଅରବିନ୍ଦ ପାଠଚକ୍ରଗୁଡ଼ିକ ବେଶ୍ କିଛି କାର୍ଯ୍ୟ କରି ସାରିଲେଣି । ଅନେକ ସ୍ଥାନରେ ଏହା ମଧ୍ୟରେ କେତେଗୁଡ଼ିଏ ବସ୍ତୁ ପ୍ରସ୍ତୁତ କରି ସେଗୁଡ଼ିକ ବିକ୍ରୟ କରାଯାଇ ଅନୁଷ୍ଠାନର ଆବଶ୍ୟକତା ପୂରଣ କରାଯାଇ ପାରୁଛି । ଡାଳିଯୋଡ଼ା ସମ୍ପର୍କରେ ଆମେ ଜାଣିଛୁ – ଏଠାରେ କେବଳ ଧୂପ ନୁହେଁ – ଅନେକ ପ୍ରକାର ଚାଉଳ (ଖୁବ୍ ଉପାଦେୟ ଏବଂ ସ୍ୱାସ୍ଥ୍ୟକର) ପ୍ରସ୍ତୁତ କରାଯାଇ ବିକ୍ରୟ କରାଯାଉଛି । ଏହା ବ୍ୟତୀତ ବର୍ଷକୁ ଲକ୍ଷାଧିକ ଟଙ୍କାର ଚାରାଗଛ ବିକ୍ରୟ କରାଯାଇ ଆଶ୍ରମ ପାଇଁ ଏକ ଆୟର ବ୍ୟବସ୍ଥା କରାଯାଇ ପାରିଛି । ପୁନଶ୍ଚ ଗ୍ରୀଷ୍ମଋତୁରେ ଆମ୍ବ, ପଣସ ଏବଂ ଅନ୍ୟାନ୍ୟ ଦିନମାନଙ୍କରେ ପରିବାପତ୍ର ମଧ୍ୟ ବିକ୍ରୟ କରାଯାଉଛି । ପୁଣି ପେଡ଼ା, କୋରା ମଧ୍ୟ ପ୍ରସ୍ତୁତ କରାଯାଇ ଭିନ୍ନ ଭିନ୍ନ ସମୟରେ ବିକ୍ରୟ କରାଯାଉଛି ।

ବାଲେଶ୍ୱର ଜିଲ୍ଲାର ମାଣିତ୍ରୀଠାରେ ଅତି ପରିଷ୍କାର ପରିଚ୍ଛନ୍ନ ଭାବରେ ବିଭିନ୍ନ ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, ଛତୁଆ, ବେସନ, ଧୂପ, ଆଚାର ପ୍ରଭୃତି ବିକ୍ରୟ କରି ସେଥିରୁ ଅନୁଷ୍ଠାନର ଖର୍ଚ୍ଚ ତୁଲାଇବାରେ ସହାୟତା ମିଳୁଛି । ବାଲେଶ୍ୱର ଛ'ମୌଜରେ ମଧ୍ୟ ଅନେକ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇ ବିକ୍ରି ହେଉଛି । କାଳୁପଡ଼ାଘାଟରେ ଲିକୁଇଡ୍ ଡିଟରଜେଣ୍ଟ୍, ଉଜାଲା, ଧୂପ, ଫିନାଇଲ୍ ପ୍ରଭୃତି; ରାୟଗଡ଼ାରେ ପିଲାମାନଙ୍କ ପାଇଁ ବିଭିନ୍ନ ବସ୍ତୁ; ଯାଜପୁରରେ ଅନେକ ପ୍ରକାରର ଖାଦ୍ୟପଦାର୍ଥ, ବାରମଜା; ନହରଣାରେ ତେଲ, ହଳଦୀ ଗୁଣ୍ଡ, ମସଲା ଗୁଣ୍ଡ; ଗୋପୀନାଥପୁର (କଟକ)ରେ ଧୂପ, ପେଡ଼ା, ପନିପରିବା; ଫୁଲବାଣୀର ଗୁଦାରୀଠାରେ ହଳଦୀ ଗୁଣ୍ଡ; ମାଲକାନଗିରିରେ ପାଲୁଅ, ମାଣ୍ଡିଆ ପ୍ରଭୃତି ପ୍ରସ୍ତୁତ କରାଯାଇ ବିକ୍ରୟ କରାଯାଉଛି । ଏସବୁ ବ୍ୟତୀତ ଅନେକ ସ୍କୁଲରେ ପିଲାମାନଙ୍କ ପାଇଁ ଏକ୍ସସରସାଇଜ୍ ଖାତା, ଝାରସୁଗୁଡ଼ାର ଭାତଲଇଡ଼ା ଏବଂ ଭାଲୁମାଲରେ ଧୂପ; କଟକ ସିଦ୍ଧେଶ୍ୱରପୁରଠାରେ ବାରମଜା, ଧୂପ ଇତ୍ୟାଦି ପ୍ରସ୍ତୁତ କରାଯାଉଛି । ଖଣ୍ଡଗିରିର 'ଶ୍ରୀମୟୀ ଷ୍ଟୋର' ଏବଂ କଟକର 'ଶ୍ରୀଅରବିନ୍ଦ ଆଶ୍ରମ ଷ୍ଟୋର'ରେ ପିଲାମାନଙ୍କ ପାଠ୍ୟପୁସ୍ତକ, ଶ୍ରୀଅରବିନ୍ଦ ଆଶ୍ରମ ପ୍ରସ୍ତୁତ ଅନେକ ବସ୍ତୁ ଏବଂ ଧୂପ, ଫଟୋ, ଲକେଟ୍ ଇତ୍ୟାଦି ବିକ୍ରୟ କରାଯାଉଛି । ଗନାଇଲୋ ସ୍କୁଲରେ ପନିପରିବା; ରାୟରପୁରରେ ନଡ଼ିଆ; କଟକରେ ବରିଷ୍ଠ କର୍ମୀମାନଙ୍କ ଦ୍ୱାରା ପ୍ରସ୍ତୁତ ଧୂପ 'ଦିବ୍ୟଉଷା'; କେନ୍ଦୁଝରର ମୁଗୁପୁରରେ ବଡ଼ି, ପାମ୍ପଡ଼, ମସଲା ଗୁଣ୍ଡ ଇତ୍ୟାଦି; ସୋନପୁରର ମାତୃପଲ୍ଲୀଠାରେ ଆମ୍ବ, ଲଙ୍କା ଇତ୍ୟାଦି; କଟକର ତଇଲିପଡ଼ା ଦ୍ୱାରା ପ୍ରସ୍ତୁତ କ୍ଷୀର, ପନିପରିବା ପ୍ରଭୃତି ବିକ୍ରୟ କରାଯାଉଛି ।

ପ୍ରାୟ ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗୋଟିଏ ଗୋଟିଏ ବିକ୍ରୟ କେନ୍ଦ୍ର ଅଛି । ମାତ୍ର ଏଥିରେ ନୂତନତା କ'ଣ ଅଛି ? ନୂତନତା ଏହା ଯେ ଏହା ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ଭାବରେ

କରାଯାଉଛି । କେବଳ ମା'ଙ୍କ କାର୍ଯ୍ୟରେ ଉତ୍ସର୍ଗୀକୃତ ମନୋଭାବରେ ଏହା କରାଯାଉଛି । ମା'ଙ୍କ ନିକଟରେ ପ୍ରାର୍ଥନା କରିବା ଆମକୁ ଶ୍ରୀଅରବିନ୍ଦ ପାଠଚକ୍ର ମାଧ୍ୟମରେ ଏହିପରି ବ୍ୟବସାୟରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦିଅନ୍ତୁ ।

ଶ୍ରୀମା କହିଛନ୍ତି – ''Work done in the true spirit is meditation.'' (CWM, Vol. 14, p. 298)

ଆମେ 'କୁସାଗ'ରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିବାରୁ ମା'ଙ୍କ ନିକଟରେ କୃତଜ୍ଞତା ନିବେଦନ କରୁଛୁ ।

(କ୍ରମଶଃ) ❑

## ଋତୁ ସମାହାର

ଦଳେ ଯୁବକ ପାର୍କରେ ମୁହାଁମୁହିଁ ଦୁଇଟି ବେଞ୍ଚରେ ବସି କେଉଁ ଋତୁ ସବୁଠାରୁ ସୁନ୍ଦର ଏହି ପ୍ରଶ୍ନ ଉପରେ ଆଲୋଚନା କରୁଥିଲେ । ଜଣେ କହିଲା, ''ଗ୍ରୀଷ୍ମରେ ମୁଁ ହାଲିଆ ହୋଇପଡ଼େ, ସବୁବେଳେ ମୋତେ ଶୋଷ କରେ ।'' ଆଉ ଜଣେ କହିଲା, ''ବର୍ଷାରେ ଭିଜିଲେ ମୋତେ ଜ୍ୱର ହୁଏ । ବସନ୍ତ ଋତୁହିଁ ସବୁଠୁଁ ଭଲ ।'' ତୃତୀୟ ଜଣକ କହିଲା, ''ଶୀତରେ ମୁଁ ଖୁବ୍ କଷ୍ଟ ପାଏ, ଶରତ ଋତୁହିଁ ମୋତେ ଭଲ ଲାଗେ ।''

ଜଣେ ବୃଦ୍ଧ ଅଟକି ଯାଇ ସେମାନଙ୍କର ଆଲୋଚନା ଶୁଣୁଥିଲେ । ଯୁବକଟିଏ ତାଙ୍କୁ ପ୍ରଶ୍ନ କଲା, ''ଆପଣଙ୍କ ଦୀର୍ଘଜୀବନର ଅଭିଜ୍ଞତାରୁ ଆପଣ କୁହନ୍ତୁ କେଉଁ ଋତୁ ଭଲ ?''

ବୃଦ୍ଧ ସେମାନଙ୍କ ମଝିରେ ବସି ପଡ଼ି କିଛି ସମୟ ନୀରବ ରହି କହିଲେ, ''ଦେଖୁଛି, ସେ ପ୍ରଶ୍ନ ଉପରେ ମୁଁ ଚିନ୍ତା କରି ନାହିଁ । ବୟସ ଥିବା ଯାଏଁ ଜୀବନ ସଂଗ୍ରାମରେ ବ୍ୟାପୃତ ଥିଲି । ଅବସର ପରେ ମୋ ଝରକା ପାଖରେ ବସି ଗୋଟାଏ ଗଛକୁ ଅନାଇ ଦେଖେ – ବସନ୍ତ ଋତୁରେ ପୁଷ୍ପମଣ୍ଡିତ ହୋଇ ସେ କେଡ଼େ ସୁନ୍ଦର ଦିଶୁଛି । ଭାବେ, ବସନ୍ତ କେଡ଼େ ମନୋରମ ! ଗ୍ରୀଷ୍ମ ଋତୁରେ ତା' ପତ୍ରଗହଳରୁ ଶୁଣେ ନାନାଦି ପକ୍ଷୀଙ୍କ ସ୍ୱର । ଭାବେ ଗ୍ରୀଷ୍ମ ଋତୁ କେଡ଼େ ମଧୁର ! ବର୍ଷା ଋତୁରେ ଗଛଟି ଏଡ଼େ ସତେଜ ଦେଖାଯାଏ – ସତେ ଯେମିତି ଆକାଶ ନିର୍ଗତ ଆଶିଷଧାରା ସେ ପିଇ ଯାଉଛି ! ସେତେବେଳେ ଭାବେ ବର୍ଷାଋତୁ କେଡ଼େ ମଙ୍ଗଳମୟ ! ଶରତରେ ଦେଖେ ଫଳର ସ୍ଫୁରଣ । ଭାବେ ଶରତ ଋତୁ କେଡ଼େ କମନୀୟ ! ଶୀତ ବେଳେ ପତ୍ରସବୁ ଝଡ଼ିଗଲେ ତା'ର ଶାଖାପ୍ରଶାଖା ମଧ୍ୟଦେଇ ରାତିରେ ଦେଖେ ଅସଂଖ୍ୟ ତାରା । ସତେ ଯେମିତି ସେମାନେ ସେହି ବୃକ୍ଷରେ ଫୁଟିଛନ୍ତି ! ମନେହୁଏ ଶୀତ ଋତୁ କେଡ଼େ ସୁନ୍ଦର !''

ଯୁବକମାନେ ସ୍ତବ୍ଧ ହେଲେ । ସେମାନେ ବୁଝିଲେ, ବୃଦ୍ଧ ନିଜକୁ କେନ୍ଦ୍ର କରି ଋତୁର ମୂଲ୍ୟ ନିରୂପଣ କରି ନାହାନ୍ତି ବୋଲି ସବୁ ଋତୁ ତାଙ୍କ ପାଇଁ ମୂଲ୍ୟବାନ୍ । ❑

# ଜଣେ ବନ୍ଧୁଙ୍କର ପ୍ରଶ୍ନ ଏବଂ ମୋର ଅନୁଚିନ୍ତା

## ଆର୍ତ୍ତତ୍ରାଣ ମିଶ୍ର

ବିଗତ ଶତାବ୍ଦୀର ଷଷ୍ଠ ଦଶକରେ ଭୁବନେଶ୍ୱରରେ ଯେତେବେଳେ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଆଶ୍ରମରୁ ବକ୍ତାମାନଙ୍କୁ ଆମନ୍ତ୍ରଣ କରାଯାଉ ଥିଲା, ମୋର ଜଣେ ପୂର୍ବ ପରିଚିତ ବନ୍ଧୁ ସାକ୍ଷାତ୍‌ରେ କହିଲେ : ''ମୁଁ ମଧ୍ଯ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମକୁ ଯାଇଛି । ସେତେବେଳେ ଶ୍ରୀମା ପ୍ଲେ-ଗ୍ରାଉଣ୍ଡକୁ ଆସୁଥିଲେ, ଚିନାବାଦାମ ପୁଡ଼ିଆ ହାତକୁ ଦେଉଥିଲେ । ମୁଁ ମଧ୍ଯ ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ କିଛି ଅଧ୍ୟୟନ କରିଛି । ଶ୍ରୀଅରବିନ୍ଦ ଯେ ଜଣେ ମହାଯୋଗୀ ଏଥିରେ ସନ୍ଦେହ ନାହିଁ, କିନ୍ତୁ ତାଙ୍କର ଯୋଗର ସିଦ୍ଧି ଅତି ସୁଦୂର ଭବିଷ୍ୟତର କଥା । ତେବେ ତାଙ୍କର ଯୋଗର ଅନୁସରଣ କଲେ କ'ଣ ଲାଭ ହେବ ?'' — ମୋର ବନ୍ଧୁଙ୍କର ପ୍ରଶ୍ନର ଆଲୋଡ଼ନରେ ମୋର ଅନୁଚିନ୍ତାକୁ ଲିପିବଦ୍ଧ କରିବାର ପ୍ରୟାସ କରୁଛି ।

ସେ ପ୍ରଶ୍ନର ଉତ୍ତର ମୋ ପାଖରେ ନଥିଲା, କାରଣ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି କ'ଣ, କିପରି ସିଦ୍ଧି ଲାଭ କରି ହେବ ଇତ୍ୟାଦି ବିଷୟରେ ମୋର କିଛି ଜ୍ଞାନ ନଥିଲା । କେବଳ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ପୃଥିବୀରେ ଯେଉଁ ଦିବ୍ୟଜୀବନ ସୃଷ୍ଟି ହେବ ଏବଂ ତା'ର ପରିଣାମରେ ସମସ୍ତ ମାନବିକ ସମସ୍ୟାର ସମାଧାନ ହେବ କେବଳ ତାହାହିଁ ଥିଲା ଆକର୍ଷଣର ବିଷୟ । ପାଖରେ ଥିଲା 'The Mother' ପୁସ୍ତକ ଏବଂ କେତେକ ଓଡ଼ିଆ ରଚନା ବହି । ପଣ୍ଡିଚେରୀ ଗଲା ପରେ 'The Life Divine' ଓ ଅନ୍ୟାନ୍ୟ କିଛି ବହି ସଂଗ୍ରହ କଲି ଏବଂ ତା' ମଧ୍ୟରେ କେମିତି କେଜାଣି ମୋ ହାତକୁ ଆସିଥିଲା ଶ୍ରୀଅରବିନ୍ଦଙ୍କ ରଚିତ 'The Supramental Manifestation upon Earth' ପୁସ୍ତକ ।

ଜାନୁଆରୀ ମାସ ୧୯୫୨ରେ ପ୍ରଥମେ ପ୍ରକାଶ ପାଇଥିବା ଏହି ପୁସ୍ତକଟି ଥିଲା ଜରାଜୀର୍ଣ୍ଣ ଅବସ୍ଥାରେ । ଶ୍ରୀଅରବିନ୍ଦଙ୍କ ପୁସ୍ତକ ପଢ଼ି ତାଙ୍କୁ ବୁଝିବାକୁ ମୋ ପାଇଁ ସମୟ ତଥା ମାନସିକ ଶକ୍ତିର ଅଭାବ ଥିଲା । ଅନେକ କାଳ ପରେ ଶ୍ରୀମା'ଙ୍କ କୃପାରୁ ଏ ସବୁ ବହିରୁ କିଛି କିଛି ବୁଝିବାର ସାମର୍ଥ୍ୟ ଲାଭ କଲି । ସେଥି ମଧ୍ୟରୁ 'The Supramental Menifestation upon Earth' ପୁସ୍ତକକୁ ପଢ଼ି ଯେତିକି ବୁଝି ପାରିଲି ମୋର ମନେ ହେଲା ଏହା ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗର ସାରସଂଗ୍ରହ ।

ସେ ପ୍ରଥମରୁ ସ୍ପଷ୍ଟ କରି ଦେଇଛନ୍ତି ଯେ ଅତିମାନସ ସତ୍ୟର ସିଦ୍ଧିରେ ସମଗ୍ର ମାନବଜାତି ଉନ୍ନୀତ ହେବେ ନାହିଁ । କେବଳ ଯେଉଁମାନେ ଅନ୍ତରର ବିବର୍ତ୍ତନ ଦ୍ୱାରା ଏହି ବିପୁଳ ପରିବର୍ତ୍ତନର ଯୋଗ୍ୟ ହୋଇ ପାରିଛନ୍ତି ସେମାନେ ଏହା ଲାଭ କରିପାରନ୍ତି । ତା' ସହିତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନଙ୍କର ଊର୍ଦ୍ଧ୍ୱକୁ ଉନ୍ନୀତ ହେବାର ସଙ୍କଳ୍ପ ଅଛି ସେମାନଙ୍କର ପାର୍ଥିବ ଜୀବନକୁ ଅତିମାନସ ସତ୍ୟ ଚେତନା ସ୍ପର୍ଶ କରିବ ଏବଂ ଅନ୍ୟ ସମସ୍ତଙ୍କ ଉପରେ ମଧ୍ୟ ପ୍ରଭାବ ପକାଇବ । ଅତିମାନସ ସତ୍ୟ-ଚେତନା ପୃଥିବୀ ଉପରେ ପ୍ରକାଶ ସୁନିଶ୍ଚିତ, ଏଥିରେ ସନ୍ଦେହର ଅବକାଶ ନାହିଁ । କିନ୍ତୁ ଏହା ବିବର୍ତ୍ତନର ପ୍ରଗତି ମଧ୍ୟ ଦେଇ ଗତି କରିବ ଏବଂ ଏହାର ଅଭ୍ରାନ୍ତ ପରିଣାମ ହେବ ଏକ ନୂତନ ମାନବଜାତିର ସୃଷ୍ଟି — Superman । ଏହା ମଧ୍ୟ ବର୍ତ୍ତମାନର ମନୁଷ୍ୟର ପରିବର୍ତ୍ତନ ଘଟାଇବ ଏବଂ ମନକୁ ଊର୍ଦ୍ଧ୍ୱାୟନ (uplift) କରିବ ।

ବର୍ତ୍ତମାନ ମୁଁ ଫେରୁଛି ପୁଣି ସେହି ବନ୍ଧୁଙ୍କର ପ୍ରଶ୍ନକୁ । ସେହି ସୁଦୂର ଭବିଷ୍ୟତର ସିଦ୍ଧି ଆଡ଼କୁ କିପରି ବର୍ତ୍ତମାନର ମନୁଷ୍ୟ ଯାଇପାରିବ ତା'ର ସୂଚନା ମଧ୍ୟ ଦେଇଛନ୍ତି ଏହିପରି ଭାବରେ :

''... there is a straining of mind and life on their heights towards their own perfection, towards some divine fulfilment, towards their own absolute. That and not only something beyond and elsewhere is the true sign, the meaning of this constant evolution and the labour of continual birth and rebirth. ...''

(CWSA, Vol. 16, p. 63)

ପୁନର୍ଜନ୍ମ (rebirth) ବିବର୍ତ୍ତନ ପ୍ରଗତିର ଏକ ପଥ । ଶଙ୍କରାଚାର୍ଯ୍ୟ ପୁର୍ନଜନ୍ମକୁ ଗୋଟିଏ ଦୋଷ ବୋଲି ବର୍ଣ୍ଣନା କରିଛନ୍ତି :

*(ଅବଶିଷ୍ଟାଂଶ ପୃଷ୍ଠା ୪୩ ରେ ଦେଖନ୍ତୁ)*

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ପ୍ରପତ୍ତି – ଏକ ଅମ୍ଳାନ ପ୍ରେରଣାର ଉତ୍ସ

## ପଞ୍ଚାନନ ମହାନ୍ତି

ଜୁନ୍ ମାସ ୨୮ ତାରିଖ, ୧୯୮୯ ମସିହା ଦିନ ପ୍ରପତ୍ତି ତାଙ୍କର ମାତୃଦତ୍ତ ନାମଟିକୁ ସାର୍ଥକ କରି ଦେଶ ଓ କାଳର ସୀମା ବାହାରେ ଦିବ୍ୟଜନନୀଙ୍କ ପାଦ ପଦ୍ମରେ ଚିର ଆଶ୍ରୟ ନେଇଛନ୍ତି । ଏମିତି ଆମ ସମାଜରେ ଚଳେ । କେହି ଯାଆନ୍ତି – ତାଙ୍କର ସ୍ମୃତିଚାରଣ କରାହୁଏ, ତାଙ୍କଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଏ । ଆଜି ଆମେ ସେହି ଏକା କଥା କରିବାକୁ ବସିଛୁ କିନ୍ତୁ ଭିନ୍ନ ନାମରେ – ''କୃତଜ୍ଞତା'', କିନ୍ତୁ କାହିଁକି ? କେହି କାହାରି କିଛି ଉପକାର କଲେ ତା'ର ଋଣ ଶୁଝିବାର ଚେଷ୍ଟା – ଅନ୍ତତଃ ପାଖକୁ ଯାଇ ଅନ୍ତରର ଗଭୀର କୃତଜ୍ଞତା ଜଣାଇବା ଦ୍ୱାରା ନିଜ ମୁଣ୍ଡର ବୋଝ ହାଲୁକା ହୁଏ ଓ ଆମେ ଭାବୁ ଯିଏ ଉପକାର କରିଛନ୍ତି ତାଙ୍କୁ ଖୁସି କଲୁ । ଏତିକିରେ କାମ ସରିଗଲା – ଆମେ ନିଶ୍ଚିତ, କାରଣ ଏହା ଦ୍ୱାରା ଆମର ସାମାଜିକ କର୍ତ୍ତବ୍ୟ ଅନ୍ତତଃ ଶିଷ୍ଟାଚାର ଦୃଷ୍ଟିରୁ ସମ୍ପନ୍ନ ହୋଇଗଲା ବୋଲି ଆମେ ଭାବୁ ଓ ମନେ ମନେ ବେଶ୍ ଆଶ୍ୱସ୍ତ ହେଉ । କିନ୍ତୁ ମନକୁ ଯେତେ ବୁଝାଇଲେ ମଧ୍ୟ ଆଜି ମୁଁ ତାହା କରିପାରୁ ନାହିଁ । ମୁଁ ତାଙ୍କ ଦ୍ୱାରା ଉପକୃତ, ମୋର ପରିବାର ଉପକୃତ, ମୋର ପିଲାମାନେ ତାଙ୍କ ପାଇଁ ଆଜି ମଣିଷ ହୋଇଛନ୍ତି, ମୋର ଓଡ଼ିଶାର ଭାଇ ଭଉଣୀମାନେ ତାଙ୍କ ଦ୍ୱାରା ବହୁଭାବେ ଉପକୃତ । ଆମେ ସମସ୍ତେ ତାଙ୍କଠାରେ କୃତଜ୍ଞ । କିନ୍ତୁ ମୁଁ ସେହି କୃତଜ୍ଞତାର ବୋଝ ମୋ ମୁଣ୍ଡରୁ ଉତାରି ତାଙ୍କ ପାଦ ପାଖରେ ଆଜି ରଖି ଦେବାକୁ ପ୍ରସ୍ତୁତ ନୁହେଁ । ମୁଁ ସାରା ଜୀବନ ସେ ବୋଝ ବୋହି ଚାଲିବି । ମୋ ମୁଣ୍ଡର ବୋଝ ମୋର ପାଦପାତକୁ ଦୃଢ଼ କରିବ, ଅନ୍ତରକୁ ଦୃଢ଼ କରିବ, ମନକୁ ମଧ୍ୟ । ଏହା ମୋର ବ୍ୟକ୍ତିଗତ ବିଶ୍ୱାସ । ସେହି ପ୍ରେମଚନ୍ଦନ ସିକ୍ତ ସ୍ମୃତିସମୂହ ଏଇ ମନ ଭିତରେ, ଅନ୍ତରର ନିଭୃତତମ ପ୍ରଦେଶରେ, ହୃଦୟର ପୂଜାବେଦୀ ଉପରେ ବସନ୍ତର ଶୁଭ୍ର ପଦ୍ମ ପରି ଆଜୀବନ ଅମ୍ଳାନ ରହିବ – ଏହା ମୋର ଦୃଢ଼ ବିଶ୍ୱାସ ।

ଓଡ଼ିଶାର ଶ୍ରୀ କାଙ୍ଗାଳି ଚରଣ ପତିଙ୍କର ଦ୍ୱିତୀୟବାର ଜନ୍ମ ୧୯୫୪ରେ, ଶ୍ରୀଅରବିନ୍ଦ ଆଶ୍ରମରେ, ଦିବ୍ୟ ଜନନୀଙ୍କ କ୍ରୋଡ଼ରେ । ସେହିଦିନୁ ମା' ତାଙ୍କୁ ଡାକିଛନ୍ତି ''ପ୍ରପତ୍ତି'' – ଆମେ ମଧ୍ୟ । ଶ୍ରୀକୃଷ୍ଣଙ୍କର ମଥୁରାରେ ଜନ୍ମ – କିନ୍ତୁ ଲୀଳା ବ୍ରଜରେ । ସେହିପରି ସେହିଦିନଠାରୁ ତାଙ୍କର ଆଖି ଓଡ଼ିଶା ଉପରେ, ତେଣୁ ବାକିତକ ଜୀବନରେ ତାଙ୍କର ଲୀଳାଭୂଇଁ ହୋଇଛି ଏହି ଓଡ଼ିଶା । ଆମେ ବ୍ରଜବାସୀର ପୁଅ ଝିଅମାନେ ତାଙ୍କ ସହିତ ଖେଳିଛୁ, ବୁଲିଛୁ ଓ କାମ କରିଛୁ । ତାଙ୍କର ଅନେକ ସ୍ୱପ୍ନ ଦିବ୍ୟଜନନୀଙ୍କ କରୁଣାରୁ ସାକାର ହୋଇଛି । ହଜାର ସଂଖ୍ୟାରେ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଯୁବଛାତ୍ର ସମାଜ, ପ୍ରାୟ ଶହେ ପର୍ଯ୍ୟନ୍ତ ପହଞ୍ଚିଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କେତୋଟି କେନ୍ଦ୍ରୀୟ ସାଧନାଳୟ, ୨୬ଟି ଶ୍ରୀଅରବିନ୍ଦଙ୍କ ଦେହାବଶେଷ ପ୍ରତିଷ୍ଠା କେନ୍ଦ୍ର ତାଙ୍କରି ପ୍ରଚେଷ୍ଟାରେ ପ୍ରତିଷ୍ଠିତ ହୋଇଛି । ପ୍ରାୟ ତିନି ଦଶନ୍ଧିରୁ ଅଧିକ କାଳ ସେ ଓଡ଼ିଶାରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀର ସ୍ଥାନୀୟ ପ୍ରତିନିଧି ଭାବେ ସବୁ କାର୍ଯ୍ୟ କରିଛନ୍ତି । ତାଙ୍କରି ବାଣୀ, ତାଙ୍କରି ଲେଖନୀ ଓ ସର୍ବୋପରି ତାଙ୍କରି ପରିବ୍ରାଜକ ଜୀବନ ମାଧ୍ୟମରେ ସେ ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନର ଆଧ୍ୟାତ୍ମିକ ପ୍ରବାହ ଖେଳାଇ ଦେଇଛନ୍ତି । ରୂପାନ୍ତର ଯୋଗର ମହାନ୍ ସାଧକ ବାବାଜି ମହାରାଜଙ୍କ ନେତୃତ୍ୱରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମଠାରେ ନବଜ୍ୟୋତି ଅନୁଷ୍ଠାନ ଗଢ଼ି ଓଡ଼ିଶାର ଭାଷା, ସଂସ୍କୃତି, ଜାତୀୟତା ଓ ଆଧ୍ୟାତ୍ମିକତାର ଟେକ ରଖିଛନ୍ତି । ତାଙ୍କରି ତ୍ୟାଗ ଓ ସାଧନା ଫଳରେ ଅନେକ ଓଡ଼ିଶାବାସୀ ଆଜି ଆଶ୍ରମରେ ସୁପରିଚିତ ଓ ସୁପ୍ରତିଷ୍ଠିତ ।

ପ୍ରପତ୍ତିଙ୍କ ସହିତ ମୋର ସମ୍ପର୍କ ୧୯୬୨ରୁ । ଏହାର ଦୁଇଟି ଦିଗ – ଗୋଟିଏ ଆନୁଷ୍ଠାନିକ, ଅନ୍ୟଟି ବ୍ୟକ୍ତିଗତ – ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ୧୯୭୦ ମସିହାରେ ଓଡ଼ିଶାରେ ପ୍ରଥମ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ ହେଲା ଦିନଠାରୁ ମୁଁ ପ୍ରଥମେ ଅଣଆନୁଷ୍ଠାନିକ ଭାବେ ଓ ପରେ ୧୯୭୭ରେ 'ନବଜୀବନ ଶିକ୍ଷା ଟ୍ରଷ୍ଟ' ଗଠିତ ହେଲା ପରେ ଆନୁଷ୍ଠାନିକ ଭାବେ ତାଙ୍କର ସହକାରୀଭାବେ କାର୍ଯ୍ୟ କରି ଆସିଛି । ଓଡ଼ିଶାର ଶିକ୍ଷା ଜାଗରଣରେ ସେ ଏକ ଅଭୂତପୂର୍ବ ବୈପ୍ଳବିକ ଅଭିଯାନ ଆରମ୍ଭ କରିଛନ୍ତି । ତାଙ୍କରି ଆହ୍ୱାନରେ ଓଡ଼ିଶାର ସହର, ମଫସଲ ଓ

ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳରେ ଶିକ୍ଷାକେନ୍ଦ୍ରମାନ ମୁଣ୍ଡ ଟେକିଛି । ବିରାମ ନାହିଁ – ପ୍ରାୟ ସବୁଦିନ ନୂଆ ନୂଆ ପ୍ରସ୍ତାବମାନ ଆସି ପହଞ୍ଚୁଛି । ସେହି ଶିକ୍ଷା ଆନ୍ଦୋଳନର ଇତିହାସ ବର୍ଣ୍ଣନା କରିବାର ସମୟ ଏହା ନୁହେଁ । ତେବେ ଏତିକି କହିବି ଯେ କେହି ବ୍ୟକ୍ତି ଚେଷ୍ଟା କରି ତା' ଜୀବନରେ ଗୋଟିଏ ହାଇସ୍କୁଲ ବା ଗୋଟିଏ କଲେଜ ବା ଗୋଟିଏ ଡାକ୍ତରଖାନା ଗଢ଼ିପାରେ; କିନ୍ତୁ ଶ୍ରୀ ପ୍ରପତ୍ତିଙ୍କ ଯୋଗୁଁ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଛି ୮ଟି ପୂର୍ଣ୍ଣାଙ୍ଗ ଶିକ୍ଷାର ହାଇସ୍କୁଲ, ଗୋଟିଏ କଲେଜ, ୨୦ଟି ଏମ୍.ଇ. ସ୍କୁଲ ଓ ପ୍ରାୟ ୭୦ଟି ପ୍ରାଥମିକ ସ୍ତରର ଶିକ୍ଷାକେନ୍ଦ୍ର । ତାଙ୍କର ନୀତି ସମ୍ପୂର୍ଣ୍ଣ ଅଭିନବ – ଶିକ୍ଷାକେନ୍ଦ୍ରମାନେ ଟ୍ରଷ୍ଟଭୁକ୍ତ ହେବେ କିନ୍ତୁ ସମ୍ପୂର୍ଣ୍ଣ ସ୍ୱାଧୀନ ରହିବେ । ଟ୍ରଷ୍ଟ କୌଣସି ଟଙ୍କା ପଇସା କାରବାରରେ ଲିପ୍ତ ରହିବ ନାହିଁ । ଟ୍ରଷ୍ଟର କାର୍ଯ୍ୟ କେବଳ ଯୋଗାଯୋଗ ରଖିବାରେ ସୀମିତ ହେବ । କହିବା ବାହୁଲ୍ୟ ଏହା ନୂତନ ଆଧ୍ୟାତ୍ମିକ ଧାରାର ଏକ ନୂତନ ପ୍ରୟୋଗ ।

୧୯୬୫ ମସିହା ଡିସେମ୍ବର ମାସ ଶେଷରେ ଦିନେ ମୁଁ ଅଚାନକ ଭାବେ ପତ୍ନୀ ବିଦ୍ୟୁତ୍‌ପ୍ରଭା ଓ ଚାରି ପୁତ୍ର-କନ୍ୟାଙ୍କୁ ନେଇ ନବଜ୍ୟୋତି ଗେଟ୍‌ଠାରେ ପହଞ୍ଚିଥିଲି । ସେଦିନ ସେ ତାଙ୍କର ଜଣେ ସାନଭାଇକୁ ଓ ତା'ର ପରିବାରକୁ ନିଜ ଘର ମଧ୍ୟକୁ ପାଛୋଟି ନେଇଥିଲେ ଓ ତିନିଦିନର ରହଣୀ ପରେ ଦିନେ ରାତି ପାହାନ୍ତାରେ ସାଇକେଲରେ ଆସି ଆମକୁ ବସ୍‌ରେ ବସାଇ ଯାଇଥିଲେ । ସେହିଦିନୁ ଆମ ପରିବାର ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ, ବହୁତ କଥା ଘଟିଛି । ପିଲା ଚାରୋଟିଙ୍କୁ ଆଶ୍ରମ ଶିକ୍ଷାକେନ୍ଦ୍ରରେ ରଖାଇଛନ୍ତି । ବର୍ଷ ବର୍ଷ ଧରି ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ଆଶ୍ରମରେ ରହିବା ଓ ଚଳିବାର ବ୍ୟବସ୍ଥା କରିଛନ୍ତି, ତାଙ୍କର ପ୍ରେରଣାରେ ବିଦ୍ୟୁତ୍‌ପ୍ରଭା ନିଜ ଜୀବନକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଇଁ ଉତ୍ସର୍ଗ କରିଥିଲେ । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ଯେତେବେଳେ ସାକ୍ଷାତ୍ ହୋଇଛି ସେତେବେଳେ ପିଲାମାନଙ୍କ କଥା ପଚାରି ବୁଝୁଥିଲେ । ବିଦ୍ୟୁତ୍‌ପ୍ରଭାଙ୍କ ଦେହାନ୍ତ ପରେ ଦିନେ ସନ୍ଧ୍ୟାରେ ଭୁବନେଶ୍ୱର ଶିକ୍ଷାକେନ୍ଦ୍ର ଠାରେ ମତେ କହିଥିଲେ, ''ପଞ୍ଚାନନ ବାବୁ, ଆଦୌ ଚିନ୍ତା କରିବେ ନାହିଁ । ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟର ଦ୍ୱାର ସବୁଦିନେ ଆପଣଙ୍କ ପାଇଁ ଖୋଲା ରହିଲା । ଆପଣ ଯେତେବେଳେ ଚାହିଁବେ ସେଠାରେ ରହିବେ ।'' କେବଳ କଥାରେ ବିଷୟଟିକୁ ଶେଷ କରି ନଥିଲେ, ବାବାଜି ମହାରାଜଙ୍କୁ କହି ଆଶ୍ରମରେ ତା'ର ବ୍ୟବସ୍ଥା ମଧ୍ୟ କରାଇଥିଲେ । ବିପଦ କାଳରେ ଯିଏ ଏପରି ଭରସା ଦେଇପାରେ ତା'ଠାରୁ ବଳି ବଡ଼ ବନ୍ଧୁ ଆଉ କିଏ ଅଛି ? ତାଙ୍କ ସହିତ କାମ କରିଛି, ଅନେକ ଅଫିସ ଓ ଅନୁଷ୍ଠାନକୁ ଯାଇଛି, ବହୁ ବ୍ୟକ୍ତିଙ୍କ ସହିତ ଯାଇ ଅନେକ ବାର ଭେଟିଛି । ଉଦାର ଓ ନମ୍ରତାର ପ୍ରତିମୂର୍ତ୍ତି ସେ – ବେଳେ ବେଳେ କହୁଥିଲେ, ''ମୋତେ ପଞ୍ଚାନନବାବୁ ଯୁଆଡ଼େ ନେଉଛନ୍ତି ମୁଁ ସିଆଡ଼େ ଯାଉଛି, ଯେଉଁଠି ଦରଖାସ୍ତ କରିବାକୁ କହିଛନ୍ତି ସେଇଠି କରୁଛି ଇତ୍ୟାଦି'' – କି ସରଳ ବିଶ୍ୱାସ !

ତାଙ୍କୁ ଦେଖା କରିବାକୁ ଭୁବନେଶ୍ୱର ରେଳଷ୍ଟେସନକୁ ବନ୍ଧୁମାନଙ୍କ ସହିତ ଯାଇଥିଲି । ଟ୍ରେନ ଦୁଆରକୁ ଆସିବେ, ଏତେ ଲୋକଙ୍କ ମଧ୍ୟରେ କାଗଜଗୁଡ଼ା ପୁଡ଼ିଆଟିଏ ମୋ ହାତରେ ଗୁଞ୍ଜି ଦେବେ । ଦର୍ଶନ ଦିନର ଗୋଟିଏ ପାଉଁରୁଟି, ମୁଁ ଭଲ ପାଏ, ସେ ଜାଣନ୍ତି । ପଟେଲ ହଲ୍‌ରେ ବନ୍ଧୁମାନଙ୍କ ଗହଣରେ ସନ୍ଧ୍ୟାବେଳେ ଖାଉଥିବେ, ପାଖ ପ୍ଲେଟ୍‌ରେ ଟିକେ ଛେନା ଓ ଦିଖଣ୍ଡ ବିସ୍କୁଟ ବଢ଼ା ହୋଇ ରହିଥିବ – ପଞ୍ଚାନନ ବାବୁ ଏହାକୁ ଖା'ନ୍ତି । ରୋଗଶଯ୍ୟାରେ ପଡ଼ି ମଧ୍ୟ ଦର୍ଶନ ସମୟରେ ଆଶ୍ରମକୁ ଯାଇଥିବେ ଓ କହିବେ, ''ଆଶ୍ରମ ଖାଦ୍ୟ ଆପଣ ଖାଇପାରୁ ନଥିବେ, ମୋ ରୋଷେଇରେ ଖାଉଥା'ନ୍ତୁ, ଯେତେଦିନ ଅଛନ୍ତି ।'' ତାଙ୍କଠାରୁ ବିଦାୟ ନେଇ ଆସୁଥିବୁଁ – କହିବେ, ''ପ୍ରସାଦ, ପଞ୍ଚାନନବାବୁଙ୍କୁ କେବେ ଏକୁଟିଆ ଛାଡ଼ିବ ନାହିଁ, ତାଙ୍କ ସାଙ୍ଗରେ କେହି ନିଶ୍ଚୟ ଯିବ ।'' ମୋତେ କହିବେ, ''ନିଜ ଦେହର ଯତ୍ନ ପ୍ରଥମେ ନବ, ତା'ପରେ କାମ କଥା ।'' ଗଲାବର୍ଷ ଅଗଷ୍ଟ ମାସରେ ଅସୁସ୍ଥତା ଯୋଗୁଁ ଆଶ୍ରମ ନର୍ସିଂ ହୋମ୍‌ରେ ଥିଲି । ସେତେବେଳେ ପ୍ରପତ୍ତି ଚଳତ୍‌ଶକ୍ତିରହିତ । ୨୩ ତାରିଖ ଦିନ ସନ୍ଧ୍ୟାବେଳେ ତାଙ୍କୁ ହଠାତ୍ ନର୍ସିଂ ହୋମ୍‌ର ଉପର ମହଲାରେ ଦେଖି ମୁଁ ଚମକି ପଡ଼ିଲି – ରାଓ ଏବଂ ଶେଷଦେବ ଦୁଇଡେଣା ଧରି ଆଣୁଛନ୍ତି । ପାଖରେ ଅଛନ୍ତି ଡାକ୍ତର ପ୍ରସାଦ ଓ ବ୍ରହ୍ମାନନ୍ଦ, କିଛି କଥାବାର୍ତ୍ତା ନାହିଁ, ପାଖ ଚଉକିରେ ବସିଲେ । ଦୁଇ ଆଖିରୁ ଧାରା ଶ୍ରାବଣ ପରି କ୍ରନ୍ଦନର ସ୍ରୋତ ଛୁଟିଲା । ମୁଁ ମଧ୍ୟ କାନ୍ଦୁଛି । କି ଅପାର୍ଥିବ ସ୍ନେହ ! ମୋ ଅଜାଣତରେ ମୋର ମୁଣ୍ଡ ତାଙ୍କ ପାଦ ଉପରକୁ ନଇଁ ଆସିଥିଲା । ଅନେକ ଦିନର ସମ୍ପର୍କ, ବନ୍ଧୁତା, ଅନେକ ଉପଦେଶ ଓ ଅନେକ ବିଚାର । ତାଙ୍କରି ପ୍ରେରଣାରେ ମୁଁ ଘର ଛାଡ଼ି ଶ୍ରୀମା'ଙ୍କ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି ଦେଇଛି । ଏବେ ସେ ରଙ୍ଗମଞ୍ଚର ଅନ୍ତରାଳକୁ ଚାଲି ଯାଇଥିବାରୁ ବ୍ୟକ୍ତିଗତ ଭାବରେ ମୋର

ଅପୂରଣୀୟ କ୍ଷତି ଘଟିଛି । ଜଣେ ଅଗ୍ରଜ, ବନ୍ଧୁ, ପରାମର୍ଶଦାତା, ହିତୈଷୀ ଓ ଆଧ୍ୟାତ୍ମିକ ଜୀବନର ଗୁରୁଙ୍କୁ ମୁଁ ହରାଇଛି । କିନ୍ତୁ ଉପାୟ ନାହିଁ, ଏହା ପଶ୍ଚାତରେ ଭଗବାନଙ୍କର କ'ଣ ଉଦ୍ଦେଶ୍ୟ ତାହା ସେହିଁ କେବଳ ଜାଣନ୍ତି । ତେବେ ତାଙ୍କର ପ୍ରେରଣା ମୋଠାରେ ଚିର ଅମ୍ଳାନ ରହୁ – ଏତିକି ମୋର ଆଜି ଦିବ୍ୟଜନନୀଙ୍କ ଠାରେ ପ୍ରାର୍ଥନା ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

---

*(ପୃଷ୍ଠା ୪୦ର ଅବଶିଷ୍ଟାଂଶ)*

ପୁନରପି ଜନନଂ ପୁନରପି ମରଣଂ
ପୁନରପି ଜନନୀ ଜଠରେ ଶୟନମ୍,
ଇତି ସଂସାରେ ସ୍ଫୁଟନର ଦୋଷ
କଥମିହ ମାନବ ତବ ସନ୍ତୋଷ ॥

କିନ୍ତୁ ଶ୍ରୀଅରବିନ୍ଦଙ୍କ ଭାଷାରେ ଜୀବନ ହେଉଛି Adventure of Consciousness । ଜନ୍ମ ପରେ ଜନ୍ମ ଗତି କରି ଅନ୍ତରାତ୍ମା ପୂର୍ଣ୍ଣତା ଆଡ଼କୁ ଗତି କରେ ଏବଂ ଭଗବାନଙ୍କ ସହ ମିଳନ ହେବାର ମୋକ୍ଷ ଲାଭ କରେ ।

ଏଠାରେ ଭଗବଦ୍ ଗୀତାର ଗୋଟିଏ ଧାଡ଼ି ଉଦ୍ଧାର କରୁଛି :

''ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।''
(ଗୀତା : ୩/୧୭)

ମନୁଷ୍ୟର ଅନ୍ତରାତ୍ମା ତଥା ଚୈତ୍ୟ ପୁରୁଷ ଶ୍ରଦ୍ଧାମୟ । ଯାହାର ଯେପରି ଶ୍ରଦ୍ଧା ସେ ସେହିପରି ହୁଏ । ଏହା ହେଉଛି ନିଜକୁ ଗଢ଼ି ତୋଳିବାର ମନ୍ତ୍ର । ଶ୍ରୀଅରବିନ୍ଦ 'Essays on the Gita' ପୁସ୍ତକରେ ଏହାର ଗୂଢ଼ ତତ୍ତ୍ୱ ପ୍ରକାଶ କରିଛନ୍ତି । 'The Synthesis of Yoga' ପୁସ୍ତକରେ ଏହା ଉପରେ ଯାହା ଲେଖିଛନ୍ତି ତାହାକୁ ଉଦ୍ଧାର କରୁଛି –

''What it believes itself to be by the whole active will of its consciousness in its instruments, that it is or tends to become, *yo yacchraddhah sa eva sah* : what it believes it can be and has full faith in becoming, that it changes to in nature, evolves or discovers.''

(CWSA, Vol. 23 - 24, p. 628)

ଜଣେ ଯଦି ତା'ର ବିଶ୍ୱାସକୁ ଅନ୍ତରାତ୍ମା ମଧ୍ୟରେ ସୁଦୃଢ଼ ଭାବେ ଧରି ରଖେ, ତେବେ ସେ ଜନ୍ମଜନ୍ମାନ୍ତର ଧରି ଅନ୍ତରାତ୍ମା ମଧ୍ୟରେ ଗତି କରି ଆନ୍ତର ସତ୍ତାକୁ ସେହିପରି ଭାବରେ ଗଢ଼ି ତୋଳେ – ଏହା ବିବର୍ତ୍ତନର ମନ୍ତ୍ର । ଆମେ ଯଦି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଅନୁସରଣ କରି ସେମାନଙ୍କର ତପୋଲବ୍ଧ ଅତିମାନସ ସତ୍ୟ ଶକ୍ତି ଉପରେ ବିଶ୍ୱାସ ରଖୁ, ତେବେ ତାହା ଯେତେ ସୁଦୂର ହେଉ, ଯେତେ ହଜାର ବର୍ଷ ଲାଗୁ ପଛେ ଆମେ ଯେ ସେଠାରେ ପହଞ୍ଚିବୁ ଏଥିରେ ସନ୍ଦେହ ନାହିଁ ।

ତେଣୁ ମୋର ଅନୁଚିନ୍ତାକୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କର 'ଗୀତାଞ୍ଜଳି'ରୁ ଉଦ୍ଧାର କରି ଶେଷ କରୁଛି –

କେତେ ଅଜଣାକୁ ଜଣାଇଲ ତୁମେ
କେତେ ଘରେ ଜାଗା ଦେଇ
ଦୂରକୁ କରିଲ ନିକଟ ବନ୍ଧୁ
ପରକୁ କରିଲ ଭାଇ ॥
ପୁରୁଣା ଆବାସ ଛାଡ଼ି ଯେବେ ଯାଏ
ଭାବେ ମରିଗଲେ କି ହେବ କେଜାଣି
ନୂତନ ମଧ୍ୟରେ ତୁମେ ପୁରାତନ
ସେକଥା ଯାଏ ମୁଁ ଭୁଲି ॥
ଦୂରକୁ କରିଲ ନିକଟ ବନ୍ଧୁ
ପରକୁ କରିଲ ଭାଇ ॥
ଜୀବନେ ମରଣେ ନିଖିଳ ଭୁବନେ
ଯେଉଁଠି ଯାହା ମୁଁ ଲଭେ,
ସବୁ ଜନମର ପରିଣତି ତାହା
ତୁମେ ଚିହ୍ନାଇବ ସର୍ବେ ॥
ତୁମକୁ ଜାଣିଲେ ନାହିଁ କେହି ପର
ନାହିଁ କିଛି ବାଧା, ନାହିଁ କିଛି ଭୟ –
ସବୁରି ମଝିରେ ତୁମେ ଅଛ ରହି
ଦେଖା ଯେହ୍ନେ ସଦା ପାଇ ।
ଦୂରକୁ କରିଲ ନିକଟ ବନ୍ଧୁ
ପରକୁ କରିଲ ଭାଇ ॥

❑❑❑

କାହାଣୀ :

# ଇନ୍ଦ୍ରଜାଲ ଓ ଦିବ୍ୟ ଇନ୍ଦ୍ରଜାଲ

## ମନୋଜ ଦାସ

ତରୁଣ ଯୁବରାଜ ଯେତିକି ବୁଦ୍ଧିମାନ୍ ସେତିକି ନମ୍ର । ସମସ୍ତେ ଆଶା କରୁଥିଲେ ସେ ହେବେ ଜଣେ ଆଦର୍ଶ ଶାସକ । ଗୁରୁକୁଳରେ ବିଦ୍ୟାଲାଭ ସମାପନ କରି ସେ ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କରିବାର କେଇ ମାସ ଭିତରେ ଅସୁସ୍ଥ ରାଜା ପ୍ରାଣତ୍ୟାଗ କଲେ ଓ ଯୁବରାଜଙ୍କ ଅଭିଷେକ ହେବାର ଆୟୋଜନ ଆରମ୍ଭ ହୋଇଗଲା ।

''ମହାମନ୍ତ୍ରୀ ! ରାଜ୍ୟଶାସନ ମୋର ସ୍ୱଧର୍ମ ନୁହେଁ । ମୋ ଅନୁଜ ବେଶ୍ ଯୋଗ୍ୟ । ଆପଣମାନଙ୍କ ଭଳି ବିଜ୍ଞ ଉପଦେଷ୍ଟାମାନେ ଥାଉଁ ଥାଉଁ ଚିନ୍ତା କ'ଣ ? ସେ ରାଜ-ସିଂହାସନରେ ବସିବ ।'' ଯୁବରାଜ ଜଣାଇ ଦେଲେ ।

ସ୍ତବ୍ଧ ହେଲେ ମହାମନ୍ତ୍ରୀ । ଆପଣ ଇଏ କ'ଣ କହୁଛନ୍ତି, ଯୁବରାଜ ? ଆପଣ ରାଜା ହେବେ ନାହିଁ – କରିବେ ତେବେ କ'ଣ ?'' ସେ ପ୍ରଶ୍ନ କଲେ ।

''ଯୋଗ ସାଧନା କରିବି । ହିମାଳୟର ଏକ ଆଶ୍ରମରେ ମୋ ଗୁରୁକୁଳର ଜଣେ ଅଧ୍ୟାପକ ବର୍ତ୍ତମାନ ମୁଖ୍ୟ ହୋଇଛନ୍ତି । ସେ ମୋତେ ଦିଗ୍‌ଦର୍ଶନ ଦେବେ ।''

''ଯୋଗ ସାଧନା ? ସେଥିରେ କ'ଣ ହେବ, ଛାମୁ ?''

''କ'ଣ ହେବ ? ମହାମନ୍ତ୍ରୀ, ଆପଣ ରାଜନୀତି, ଅର୍ଥନୀତି, କୂଟନୀତି – ଏସବୁର ମହତ୍ତ୍ୱ ବୁଝନ୍ତି, କେବଳ ଯୋଗର ମହତ୍ତ୍ୱ ବୁଝନ୍ତି ନାହିଁ ବୋଲି ମୁଁ ପରତେ ଯିବି ? ହେଉ, ସତରେ ଯଦି ଜାଣି ନାହାନ୍ତି, କହିଦିଏଁ – ମୁଁ ଦିବ୍ୟ ରହସ୍ୟ ବୁଝିବାକୁ ଆଗ୍ରହୀ ।''

''ଦିବ୍ୟ ରହସ୍ୟ କଥା କହୁଛନ୍ତି ଆଜ୍ଞା ? ମଣିଷ ଯେତେ ରହସ୍ୟ ସୃଷ୍ଟି କରିପାରେ, ତା'ର ଗୂଢ଼ତା ଭେଦ କରିବାରେ କ'ଣ ବାହାଦୁରି ନାହିଁ ? ଆପଣଙ୍କୁ ମୁଁ ମାନବ ରହସ୍ୟର କେତେକ ଦୃଷ୍ଟାନ୍ତ ଦେବି । ଅପେକ୍ଷା କରନ୍ତୁ ।'' – କହିଲେ ମହାମନ୍ତ୍ରୀ । ଯୁବରାଜ ଟିକିଏ ହସି ଦେଲେ; କିଛି ଆପତ୍ତି କଲେ ନାହିଁ ।

ପରଦିନ ରାଜସଭାରେ ମହାମନ୍ତ୍ରୀ ଜଣେ ଇନ୍ଦ୍ରଜାଲବିଦ୍‌ଙ୍କୁ ଉପସ୍ଥାପନ କଲେ ।

ଯାଦୁକର ସହ ତା' ସ୍ତ୍ରୀ ବି ଥିଲା । ମହାମନ୍ତ୍ରୀଙ୍କ ପ୍ରସ୍ତାବ କ୍ରମେ ଯୁବରାଜ ଓ ଅମାତ୍ୟବର୍ଗ ଯାଦୁକରଙ୍କୁ ଅନୁସରଣ କରି ରାଜ-ଉଦ୍ୟାନରେ ପହଞ୍ଚିଲେ ।

''ଯୁବରାଜ, ବର୍ତ୍ତମାନ ସ୍ୱର୍ଗପୁରୀରେ ଦେବ-ଦାନବ ଯୁଦ୍ଧ ଲାଗି ଯାଇଛି । ମୋତେ ଦେବଗଣଙ୍କ ସେବା କରିବା ନିମନ୍ତେ ସେଠାକୁ ଯିବାକୁ ହେବ । ଆପଣ ଅନୁଗ୍ରହ କରି ମୋ ସ୍ତ୍ରୀଙ୍କୁ ସୁରକ୍ଷା ଦେଇ ରଖିବେ ।''

ଏହା କହି ଯାଦୁକର ମନ୍ତ୍ର ପଢ଼ି ଖଣ୍ଡିଏ ଦଉଡ଼ିର ଗୋଟାଏ ପ୍ରାନ୍ତ ଶୂନ୍ୟକୁ ଛାଟି ଦେଲା । ଦଉଡ଼ି ଗୋଟାଏ ଶକ୍ତ ବାଉଁଶ ଭଳି ସିଧା ରହିଲା । ପରେ ପରେ ଯାଦୁକର ସେ ଦଉଡ଼ି ଚଢ଼ି ଚଢ଼ି ଉପରକୁ ଯିବାକୁ ଲାଗିଲା । ସେ ଯେତେ ଚଢୁଥାଏ, ଦଉଡ଼ି ସେତିକି ଲମ୍ବ ହୋଇ ଉପରକୁ ଉଠୁଥାଏ । ଚାହୁଁ ଚାହୁଁ ଯାଦୁକର ଅଦୃଶ୍ୟ ହୋଇଗଲା ମେଘମାଳା ଭିତରେ । ସମସ୍ତେ ହତବାକ୍ ହୋଇ ରହିଲେ ।

ମୁହୂର୍ତ୍ତକ ଉତ୍ତାରୁ ଶୂନ୍ୟରୁ ଶୁଭିଲା ନାନାପ୍ରକାର ହୁଙ୍କାର, ହଟ୍ଟଗୋଳ ଏବଂ ଆର୍ତ୍ତନାଦ । ପରେ ପରେ ତଳକୁ ଖସି ଆସିଲା ଯାଦୁକରର ରକ୍ତାକ୍ତ ଶରୀର । ମୃତ ।

''ହେ ମୋ ସ୍ୱାମି ! ଦାନବମାନେ ତୁମକୁ ମାରିଦେଲେ ତେବେ ! ମୁଁ ବଞ୍ଚି ରହିବି ବା କେମିତି ?'' – ଏହା କହି ଯାଦୁକରର ସ୍ତ୍ରୀ ଯାଦୁମନ୍ତ୍ର ବଳରେ ତତ୍‌କ୍ଷଣାତ୍ ଚିତାଟିଏ ପ୍ରସ୍ତୁତ କଲା ତା' ସ୍ୱାମୀର ଶବ ଉପରେ । ଚିତା ଦାଉ ଦାଉ ଜଳିଉଠିବା ମାତ୍ରେ ସେ ନିଜେ ତହିଁ ଭିତରେ ପଶିଗଲା । ସବୁ ଶେଷ ହୋଇଗଲା ଆଖି ପଲକରେ !

ହଠାତ୍ ଆନନ୍ଦସୂଚକ ରଡ଼ି ଛାଡ଼ି ତଳକୁ ଡେଇଁପଡ଼ି ହସି ହସି ଯୁବରାଜଙ୍କୁ ଅଭିବାଦନ କଲା ଯାଦୁକର ।

''ଯୁବରାଜ ! ଦେବ-ଦାନବ ଯୁଦ୍ଧରେ ଦେବଗଣଙ୍କ ଜୟ ହେଲା । ମୁଁ ଲେଉଟି ଆସିଲି । ବର୍ତ୍ତମାନ ମୋ ସ୍ତ୍ରୀଙ୍କୁ ଆପଣଙ୍କ ଜିମାରୁ ନେଇ ଘରକୁ ଯିବି । କାହିଁ ମୋ ସ୍ତ୍ରୀ ?'' ପ୍ରଶ୍ନ କଲା ଯାଦୁକର ।

ଯୁବରାଜ ପୂର୍ବରୁ କିଛି କହି ନଥିଲେ, ବର୍ତ୍ତମାନ ବି

ପାଟି ଫିଟାଇଲେ ନାହିଁ । କିନ୍ତୁ ଅମାତ୍ୟମାନେ ସଙ୍କୋଚଭରେ ଯାଦୁକରକୁ କହିଲେ କି ତା'ର ମାୟା-ଶବ ସହିତ ତା' ବାସ୍ତବ ସ୍ତ୍ରୀ ଚିତାରେ ଝାସ ଦେଲେ !

''ଅସମ୍ଭବ !'' ଧମକ ଦେବା କଣ୍ଠରେ କହିଲା ଯାଦୁକର । ''ମୁଁ ବଞ୍ଚି ଥାଉଁ ଥାଉଁ ମୋ ଚିତା ବା ସମ୍ଭବ କିପରି, ମୋ ସ୍ତ୍ରୀ ବା ସେଥିରେ ଝାସ ଦେବାର ପ୍ରଶ୍ନ ଉଠିବ କାହୁଁ ? ଆପଣମାନେ ମୋ ସହ ଖେଳୁଛନ୍ତି !''

ଏହା ପରେ ସେ ତା' ସ୍ତ୍ରୀର ନାମ ଧରି ଡାକ ଦେଲା । ଚାହୁଁ ଚାହୁଁ ବଗିଚାର ଗଛଲତା ଉହାଡ଼ରୁ ଦଉଡ଼ି ଆସିଲା ତା' ସ୍ତ୍ରୀ ।

କିୟତ୍‌କ୍ଷଣ ସ୍ତମ୍ଭୀଭୂତ ରହି ସମସ୍ତେ କରତାଳି ଧ୍ୱନି ଦେଲେ ଓ ଯାଦୁକରର ଜୟଜୟକାର କଲେ ।

ମହାମନ୍ତ୍ରୀ ଯୁବରାଜଙ୍କୁ କହିଲେ, ''ଦେଖିଲେ ତ ଛାମୁ ? ମଣିଷ କମ୍ ରହସ୍ୟ ସୃଷ୍ଟି କରିପାରେ ନାହିଁ ! ତେଣୁ ଆପଣ ଅନ୍ୟ କୌଣସି ରହସ୍ୟର ସନ୍ଧାନରେ ଯିବାର ଆବଶ୍ୟକତା ନାହିଁ ।''

''ଯଦି ସାଧାରଣ ମଣିଷଟିଏ ଏମିତି ରହସ୍ୟ ସୃଜନ କରିପାରେ, ଭଗବାନ୍ କେତେ ରହସ୍ୟର ଉତ୍ସ ହୋଇ ନଥିବେ !'' ଗୁଣୁଗୁଣୁ କରି କହିଲେ ଯୁବରାଜ । ତା'ପରେ ସେ ଯାଦୁକରକୁ ପଚାରିଲେ, ''ଆଚ୍ଛା ବାବୁ, ତୁମେ ଆମର ଏ ଅମାତ୍ୟମାନଙ୍କ ଭିତରୁ କେହି ବା ଅନ୍ୟ କୌଣସି ଲୋକ ଚାହିଁଲେ ତା' ଆଗରେ ତୁମର ଏ ରହସ୍ୟ ଉଦ୍‌ଘାଟନ କରିଦେବ ?''

''ନା ଯୁବରାଜ ! ତା' କେମିତି କରିବି !'' ହାତ ଯୋଡ଼ି କରି ନିଷ୍କପଟ ଉତ୍ତର ଦେଲା ଯାଦୁକର ।

''ଆଚ୍ଛା, ତୁମେ ତୁମର ଏ ରହସ୍ୟ ତୁମ ପୁଅ ପାଖରେ ଉଦ୍‌ଘାଟନ କରିବ ନା ନାହିଁ ?''

''ହଁ ଆଜ୍ଞା, ତାକୁ ତ ଶିଖାଇବାକୁ ହେବ ।''

ଯୁବରାଜ ମହାମନ୍ତ୍ରୀଙ୍କ ଆଡ଼େ ଅନାଇ କହିଲେ, ''ଶୁଣିଲେ ତ ?''

''ଶୁଣିଲି ଆଜ୍ଞା । କିନ୍ତୁ ଆପଣ କ'ଣ ବୁଝାଇବାକୁ ଚାହୁଁଛନ୍ତି ?''

''ମୁଁ ଯଦି ଭଗବାନଙ୍କ ସନ୍ତାନ ପଦବାଚ୍ୟ ହୋଇପାରିବି, ତେବେ ଯାଇ ତାଙ୍କ ରହସ୍ୟ ସେ ମୋତେ ଅବଗତ କରାଇବେ । ଯୋଗହିଁ ସେ ମାର୍ଗ । ଯୋଗହିଁ ତାଙ୍କ ସଦା ସଂଯୋଗର ଉପାୟ ।'' ବୁଝାଇ ଦେଲେ ଯୁବରାଜ ।

''ବର୍ତ୍ତମାନ ମୋ ଅନୁଜର ଅଭିଷେକ ସକାଶେ ଯଥାବିଧି ବ୍ୟବସ୍ଥା କରନ୍ତୁ । ବିଦାୟ ।''

ମହାମନ୍ତ୍ରୀଙ୍କ ପ୍ରତି ଏହା ଥିଲା ଯୁବରାଜଙ୍କ ଶେଷ ବାଣୀ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୨୩୪-୨୩୭) ❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ 'ଇନ୍ଦ୍ରଜାଲ ଓ ଦିବ୍ୟ ଇନ୍ଦ୍ରଜାଲ' କାହାଣୀ ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ସାଧାରଣ ଯୁକ୍ତି ଉପରେ ବି ମହତ୍ତର ଯୁକ୍ତି ଅଛି । ଯିଏ ମହତ୍ତର ଜୀବନ ପାଇଁ ପ୍ରସ୍ତୁତ, ତା' ପାଇଁ ସେ ଯୁକ୍ତି ସୁଲଭ ।''

(ତତ୍ରୈବ : ପୃଷ୍ଠା : ୩୩୭)

ଅତୀତର ଛାଞ୍ଚକୁ ଭାଙ୍ଗିଦିଅ, କିନ୍ତୁ ତା'ର ଅବଦାନ ଓ ଅନ୍ତର୍ନିହିତ ସତ୍ୟକୁ ନିରାପଦ ରଖ, ନଚେତ୍ ତୁମର କୌଣସି ଭବିଷ୍ୟତ୍ ରହିବ ନାହିଁ ।

— ଶ୍ରୀଅରବିନ୍ଦ

ପ୍ରଣାମ ନାରୀଶକ୍ତି (୨୦) :

# କିଟ୍ଟୁର ରାଣୀ ଚେନ୍ନାମା

## ସୂର୍ଯ୍ୟକାନ୍ତି ମହାନ୍ତି

ଅଷ୍ଟାଦଶ ଶତାବ୍ଦୀରେ ଯେଉଁ ସମୟରେ ଭାରତରେ ଖୁବ୍ କମ୍ ସଂଖ୍ୟକ ମହିଳା ଶାସିକା ଶାସନ କରୁଥିଲେ, ସେହି ସମୟରେ ଜଣେ ବୀରା ରାଣୀ ନିଜ ଶାସନାଧୀନ ରାଜ୍ୟର ସୁରକ୍ଷା ନିମିତ୍ତ ଶକ୍ତିଶାଳୀ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ସେନାବାହିନୀ ପରିଚାଳନା କରି ବ୍ରିଟିଶ ଉପନିବେଶବାଦର ଘୋର ବିରୋଧ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ସମସ୍ତ ନିୟମକୁ ଅବମାନନା କରିଥିଲେ । ସେହି ବୀରାଙ୍ଗନା ହେଉଛନ୍ତି କିଟୁର ରାଣୀ ଚେନ୍ନାମା । କିଟୁର ଥିଲା ବର୍ତ୍ତମାନର କର୍ଣ୍ଣାଟକ ରାଜ୍ୟର ଏକ ପ୍ରିନ୍‌ସଲି ଷ୍ଟେଟ୍ ।

ଚେନ୍ନାମାଙ୍କର ଜନ୍ମ ହୋଇଥିଲା ୧୭୭୮ ମସିହା ଅକ୍‌ଟୋବର ୨୩ ତାରିଖରେ କର୍ଣ୍ଣାଟକର ବେଲାଗାବି ଜିଲ୍ଲାରେ ଏକ ଛୋଟ ପ୍ରିନ୍‌ସିଲି ଷ୍ଟେଟ୍ କାକତିରେ । ତାଙ୍କ ପିତାଙ୍କ ନାମ ଧୁଲାପ୍ପା ଦେଶାଇ ଏବଂ ମା'ଙ୍କ ନାମ ପଦ୍ମାବତୀ । ସେମାନେ ଥିଲେ ଲିଙ୍ଗାୟତ ସମ୍ପ୍ରଦାୟର । ଶୈଶବାବସ୍ଥାରୁ ଚେନ୍ନାମା ଅଶ୍ୱାରୋହଣ, ଅସୀଚାଳନା ଓ ଧନୁର୍ବିଦ୍ୟାରେ ପାରଙ୍ଗମ ଥିଲେ । ତାଙ୍କର ବିବାହ ହୋଇଥିଲା ପନ୍ଦର ବର୍ଷ ବୟସରେ କିଟୁର ରାଜା ମାଲ୍ଲାସର୍‌ଜା ଦେଶାଇଙ୍କ ସହ ।

କିଟୁରର ପୂର୍ବ ରାଜଧାନୀ ଥିଲା ସମ୍ପାଗାଓଁ ଏବଂ ଏହାକୁ ଶାସନ କରିଥିଲେ ବାରଜଣ ପ୍ରଭାବଶାଳୀ ରାଜା । ସେମାନଙ୍କ ମଧ୍ୟରେ ଆଲ୍ଲାପ୍ପାଗୌଡ଼ ଦେଶାଇ, ମୁଦି ମାଲ୍ଲପ୍ପା ଗୌଡ଼ ଦେଶାଇ ଏବଂ ମାଲ୍ଲାସର୍ଜା ଦେଶାଇ ସବୁଠାରୁ ଅଧିକ ପ୍ରତିଷ୍ଠିତ ଥିଲେ । ୧୬୬୦ ମସିହାରୁ ୧୬୯୧ ମସିହା ମଧ୍ୟରେ କିଟୁର ଦୁର୍ଗ ଓ ରାଜପ୍ରାସାଦ ନିର୍ମିତ ହୋଇଥିଲା ଆଲ୍ଲାପ୍ପାଗୌଡ଼ଙ୍କ ରାଜତ୍ୱ କାଳରେ ।

ଚେନ୍ନାମାଙ୍କର ସ୍ୱାମୀ ମାଲ୍ଲାସର୍ଜାଙ୍କର ୧୮୧୬ ମସିହାରେ ଅକାଳ ବିୟୋଗ ହେବାରୁ ସମଗ୍ର ରାଜ୍ୟରେ ଅସ୍ଥିରତା ଦେଖାଦେଲା । ଏଣୁ ତାଙ୍କର ପୁତ୍ର ଶିବଲିଙ୍ଗ ରୁଦ୍ର ସର୍‌ଜା ସିଂହାସନ ଆରୋହଣ କରିଥିଲେ ମଧ୍ୟ ୧୮୨୪ ମସିହାରେ ଅସୁସ୍ଥତା କାରଣରୁ ତାଙ୍କର ବି ମୃତ୍ୟୁ ହେଲା । ମୃତ୍ୟୁ ପୂର୍ବରୁ ଶିବଲିଙ୍ଗ ରୁଦ୍ର ଜଣେ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ତାଙ୍କର ନାମ ଶିବଲିଙ୍ଗପ୍ପା । ସେତେବେଳେ ରାଣୀ ଚେନ୍ନାମାଙ୍କ ଦାୟିତ୍ୱ ଥିଲା କିପରି ବ୍ରିଟିଶ ଶାସକମାନଙ୍କଠାରୁ ନିଜ ରାଜ୍ୟର ସ୍ୱାଧୀନତା ରକ୍ଷା କରିବେ । ଏଣୁ ସେ ଶିବଲିଙ୍ଗପ୍ପାଙ୍କୁ ସେହି ବର୍ଷ ଅର୍ଥାତ୍ ୧୮୨୪ରେ ସିଂହାସନର ଉତ୍ତରାଧିକାରୀ ଘୋଷଣା କଲେ । ମାତ୍ର ବ୍ରିଟିଶ କମ୍ପାନୀ ଏହାକୁ ଗ୍ରହଣ କଲା ନାହିଁ, ଶିବଲିଙ୍ଗପ୍ପାଙ୍କୁ ବହିଷ୍କାର କଲା ଏବଂ କିଟୁରକୁ ଧାରୱାଡ୍ କଲେକ୍‌ଟରଙ୍କ ଶାସନାଧୀନ କରିଦେଲା । ଏହାର ଦାୟିତ୍ୱରେ ଥିଲେ ସେଣ୍ଟ୍ ଜନ୍ ଥାକରେ । ସେଠାରେ କମିସନର ଥିଲେ ମିଷ୍ଟର ଚାପ୍ଲେନ୍ । ଏ ଦୁଇ ଅଫିସର୍ କିଟୁରକୁ ବ୍ରିଟିଶ ଶାସନାଧୀନ କରିବାକୁ ବିଜ୍ଞପ୍ତି ପ୍ରକାଶ କଲେ ।

ପ୍ରାୟ ୧୮୨୦ ମସିହା ବେଳକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଆରମ୍ଭ କଲା ବ୍ରିଟିଶ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ । ଏଥିପାଇଁ ବିଭିନ୍ନ ପ୍ରକାର ଆଇନର ପ୍ରୟୋଗ କରିଥିଲା ଅନ୍ୟାୟ ଭାବରେ । ଏହି କ୍ରମରେ ଭାରତୀୟ ରାଜ୍ୟକୁ ବ୍ରିଟିଶ ଶାସନାଧୀନ କରିବା ପାଇଁ ଯେଉଁ କୂଟନୀତି ଲାଗୁ କରିଥିଲା, ତାହାକୁ କୁହାଗଲା 'Doctrine of Lapse Policy' । ଯଦି କୌଣସି ରାଜ୍ୟ ନିଃସନ୍ତାନ ହୁଅନ୍ତି, ସେହି ରାଜ୍ୟ ନିଜର ଶାସନ ହରାଇ ବସେ । ଅର୍ଥାତ୍, ନିଜର ସାର୍ବଭୌମତ୍ୱର ପତନ ହୁଏ ଏବଂ ଅନ୍ୟ ଏକ ସ୍ୱୟଂଶାସିତ କ୍ଷମତାକୁ ହସ୍ତାନ୍ତରିତ ହୁଏ । ଏହି ନିୟମକୁ ଲାଗୁ କରିଥିଲେ ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ ଡାଲହାଉସି, ଯିଏ ୧୮୪୮ରୁ ୧୮୫୬ ମସିହା ମଧ୍ୟରେ ଶାସନ ଦାୟିତ୍ୱରେ ଥିଲେ । ଅର୍ଥାତ୍, ଡାଲହାଉସିଙ୍କ ଲାପ୍‌ସ ପଲିସି ଲାଗୁ ହେବାର ବହୁ ପୂର୍ବରୁ କିଟୁର ଘଟଣା ହୋଇଥିଲେ ମଧ୍ୟ ବ୍ରିଟିଶ ସରକାର ଚେନ୍ନାମାଙ୍କର ପୋଷ୍ୟପୁତ୍ରକୁ ସିଂହାସନ ଅଧିକାର ଦେଲେ ନାହିଁ । ଏଣୁ ଏ ବିଷୟରେ ବମ୍ବେ ପ୍ରଭିନ୍‌ସର ଲେଫ୍‌ଟନାଣ୍ଟ୍ ଗଭର୍ଣ୍ଣର ମାଉଣ୍ଟ ଷ୍ଟୁଆର୍ଟ ଏଲ୍‌ଫିନ୍ ଷ୍ଟୋନ୍‌ଙ୍କୁ ରାଣୀ ଏକ ପତ୍ର ଲେଖିଲେ । ମାତ୍ର ତାଙ୍କର ଅନୁରୋଧକୁ ଗ୍ରହଣ କରାଗଲା ନାହିଁ । ଫଳରେ ଯୁଦ୍ଧ ଆରମ୍ଭ ହେଲା ୧୮୨୪ ମସିହା ଅକ୍‌ଟୋବର ୨୨ ତାରିଖରେ ।

ଆରମ୍ଭରୁହିଁ କିଟୁରର ରାଜ କୋଷାଗାର ଏବଂ ସମ୍ରାଟଙ୍କ

ରତ୍ନଭଣ୍ଡାରର ଚତୁଃପାର୍ଶ୍ୱରେ ବ୍ରିଟିଶ ସୈନ୍ୟ ଘେରାଉ କରି ରହିଲେ, ଯାହାର ମୂଲ୍ୟ ଥିଲା ପ୍ରାୟ ଦେଢ଼ ନିୟୁତ ଟଙ୍କା । ଏହା ଯୁଦ୍ଧ ସମୟରେ ରାଜ୍ୟକୁ ସୁରକ୍ଷା ଦେବାର କ୍ଷମତା ବହନ କରୁଥିଲା ।

ବ୍ରିଟିଶ ସରକାର ଯୁଦ୍ଧ ପରିଚାଳନା ପାଇଁ ମୁଖ୍ୟତଃ ମାଡ୍ରାସ ହର୍ସ ଆର୍ଟିଲାରି କମାଣ ବାହିନୀରୁ ୨୦ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟ ଏବଂ ୪ ଶହରୁ ଊର୍ଦ୍ଧ୍ୱ ବନ୍ଧୁକ ଏକତ୍ର କରିଥିଲେ । ଏହା ସତ୍ତ୍ୱେ ରାଣୀ ଭୟଭୀତ ନଥିଲେ । ପ୍ରଥମ ପର୍ଯ୍ୟାୟ ଯୁଦ୍ଧରେ ରାଣୀଙ୍କର ସାମରିକ ଦକ୍ଷତା ତାଙ୍କ ରାଜ୍ୟକୁ ସୁରକ୍ଷା ଦେବାରେ ସଫଳ ହୋଇଥିଲା । ଜଣେ ଦୁର୍ଜୟ ଯୋଦ୍ଧା ଏବଂ ଗରିଲା ଯୁଦ୍ଧରେ ପ୍ରବୀଣା ରାଣୀ ଚେନ୍ନାମା ସ୍ୱୟଂ ଯୁଦ୍ଧରେ ସୈନ୍ୟ ପରିଚାଳନା କରି ବ୍ରିଟିଶ ସେନାବାହିନୀକୁ ଚମକାଇ ଦେଇଥିଲେ । ଏଥିରେ ବ୍ରିଟଶ ସରକାର ପରାସ୍ତ ହେଲା ଏବଂ ତା'ର ବ୍ୟାପକ କ୍ଷୟକ୍ଷତି ହେଲା । ଏପରିକି ଧାରଓ୍ୱାଡ୍ କଲେକ୍ଟର ସେଣ୍ଟ୍ ଜନ୍ ଥାକରେଙ୍କ ମୃତ୍ୟୁ ମଧ୍ୟ ହେଲା । ତାଙ୍କୁ ମାରିବାରେ ଏବଂ ବ୍ରିଟିଶ ସେନାକୁ ହରାଇବାରେ ପ୍ରମୁଖ ଭୂମିକା ଥିଲା ଚେନ୍ନାମାଙ୍କ ସେନାବାହିନୀର ଜଣେ ବିଶ୍ୱସ୍ତ କର୍ମଚାରୀ ଆମାଟୁର ବାଲପ୍ପାଙ୍କର ।

କେବଳ ଏତିକି ନୁହେଁ, ଦୁଇ ବ୍ରିଟିଶ ଅଫିସର୍ ସାର୍ ଓ୍ୱାଟର୍ ଏଲିଏଟ୍ ଓ ମିଷ୍ଟର୍ ଷ୍ଟିଭେନ୍‌ସନଙ୍କୁ ମଧ୍ୟ କିଟୁର ସେନା ବନ୍ଦୀ କରିଥିଲେ । ମାତ୍ର ଚାପ୍ଲେନଙ୍କ ସହ ଏକ ବୁଝାମଣା ଭିତ୍ତିରେ ରାଣୀ ଏମାନଙ୍କୁ ମୁକ୍ତ କରି ଦେଲେ । ବୁଝାମଣା ଥିଲା ଯେ ଯୁଦ୍ଧ ଆଉ ହେବ ନାହିଁ, ଯୁଦ୍ଧର ସମାପ୍ତି ହେବ । ମାତ୍ର ଚାପ୍ଲେନ୍ ଅଧିକ ସୈନ୍ୟ ନେଇ ପୁନଶ୍ଚ କିଟୁର ଆକ୍ରମଣ କଲେ । ଏହି ଦ୍ୱିତୀୟ ଯୁଦ୍ଧରେ ସୋଲାପୁରର ସବ୍-କଲେକ୍ଟର ମୁର୍ନୋଙ୍କର ମୃତ୍ୟୁ ହେଲା । ରାଣୀଙ୍କର ପ୍ରତିନିଧି ସାଙ୍ଗୋଲି ରାୟନା ଗରିଲା ଯୁଦ୍ଧ ଚାଲୁ ରଖିବାରୁ ଭୟଙ୍କର ଭାବରେ ଯୁଦ୍ଧ ଲାଗି ରହିଲା । ମାତ୍ର କିଛି ବିଶ୍ୱାସଘାତକଙ୍କ ମାଧ୍ୟମରେ ବ୍ରିଟିଶ ସେନା ଡିସେମ୍ବର ୨ ତାରିଖ ଦିନ କିଟୁର ଦୁର୍ଗର ଏକ ଗୁପ୍ତ ଦ୍ୱାର ଖୋଲି ଦେଲା । ଫଳରେ ଦୁର୍ଗ ମଧ୍ୟକୁ ବ୍ରିଟିଶ ସୈନ୍ୟଙ୍କର ଅନୁପ୍ରବେଶ ହେଲା । ଏସବୁ ସତ୍ତ୍ୱେ ରାଣୀ ଭୟଙ୍କର ଭାବରେ ଯୁଦ୍ଧ ଚାଲୁ ରଖିଲେ । ମାତ୍ର ସର୍ବଶେଷରେ ତାଙ୍କୁ ବନ୍ଦୀ କରାଯାଇ ବେଲ୍‌ହୋଙ୍ଗାଲ ଦୁର୍ଗରେ ବନ୍ଦୀ ଭାବରେ ରଖାଗଲା । ତଥାପି ରାଣୀ ମାନସିକ ସ୍ତରରେ ଭାଙ୍ଗି ପଡ଼ି ନଥିଲେ କିଂବା ବ୍ରିଟିଶ ଆଗରେ କେବେ ବି ମଥାନତ କରି ନଥିଲେ । ବନ୍ଦୀ ଅବସ୍ଥାରେ ୧୮୨୯ ମସିହା ଫେବ୍ରୁଆରୀ ୨ ତାରିଖ ଦିନ ଏହି ସାହସିକ ମହିୟସୀ ମହିଳାଙ୍କର ଜୀବନାବସାନ ଘଟିଲା ଏବଂ ବେଲ୍‌ହୋଙ୍ଗାଲରେ ତାଙ୍କୁ ସମାଧି ଦିଆଗଲା । ଏହା ମଧ୍ୟରେ ସାଙ୍ଗୋଲି ରାୟନା ଓ ପୋଷ୍ୟପୁତ୍ର ଶିବଲିଙ୍ଗପ୍ପାଙ୍କୁ ମଧ୍ୟ ବନ୍ଦୀ କରାଯାଇ ଉଭୟଙ୍କୁ ଫାଶୀ ଦିଆଗଲା ।

ଏହା ପରେ ବ୍ରିଟିଶ ସୈନ୍ୟ କିଟୁର ରାଜପ୍ରାସାଦ ଏବଂ ଦୁର୍ଗର ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାପତ୍ୟର ଅଧିକାଂଶ ଅଂଶକୁ ଧ୍ୱଂସ କରି ଦେଇଥିଲେ । ଆଜି ସେଠାରେ ଏହାର ଭଗ୍ନାବଶେଷ ଦଣ୍ଡାୟମାନ ।

୧୯୯୭ ମସିହା ଅକ୍‌ଟୋବର ୨୩ ତାରିଖରେ ଭାରତ ସରକାର ରାଣୀ ଚେନ୍ନାମାଙ୍କ ଉପରେ ଏକ ସ୍ମାରକ ଡାକଟିକଟ ପ୍ରକାଶ କରିଥିଲେ, ଯାହାର ମୂଲ୍ୟ (denomination) ଥିଲା ୨୫ ପଇସା ।

ଏବେ ବି ରାଣୀଙ୍କର ପ୍ରଥମ ବିଜୟର ସ୍ମୃତି ରକ୍ଷା ପାଇଁ ପ୍ରତି ବର୍ଷ ଅକ୍‌ଟୋବର ୨୨ ତାରିଖରୁ ୨୪ ତାରିଖ ତିନିଦିନ ବ୍ୟାପୀ କିଟୁର ବିଜୟ ଉତ୍ସବ ପାଳିତ ହୁଏ । ୨୦୨୪ ମସିହା ଫେବ୍ରୁଆରୀ ୨୧ ତାରିଖରେ ଏହାର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତରେ ବିଭିନ୍ନ ସାମାଜିକ ଗୋଷ୍ଠୀ ଆୟୋଜିତ କରିଥିଲେ ଏକ ଜାତୀୟ ଅଭିଯାନ । ଏହାର ସ୍ଲୋଗାନ ଥିଲା 'ନାନୁ ରାଣୀ ଚେନ୍ନାମା', ଅର୍ଥାତ୍ 'ମୁଁ ମଧ୍ୟ ରାଣୀ ଚେନ୍ନାମା ଅଟେ' । ରାଣୀଙ୍କର ସ୍ମୃତିଚାରଣ କରି ଏହା ଦେଖାଇବାକୁ ଚାହୁଁଛି ଯେ ରାଜ୍ୟର ସାର୍ବଭୌମତ୍ୱ, ମର୍ଯ୍ୟାଦା ଓ ନ୍ୟାୟର ସୁରକ୍ଷା ନିମିତ୍ତ ନାରୀ ହୋଇପାରେ ପଥପ୍ରଦର୍ଶକ ଓ ଅଗ୍ରଣୀ ନେତା । ଏହି ଉପଲକ୍ଷେ ୨୦୨୪ ମସିହା ଅକ୍‌ଟୋବର ୨୩ ତାରିଖ ଦିନ ଭାରତ ସରକାର ପୁନଶ୍ଚ ଏକ ଡାକଟିକଟ ପ୍ରକାଶ କରିଛନ୍ତି, ଯାହାର ମୂଲ୍ୟ ପାଞ୍ଚ ଟଙ୍କା ରଖାଯାଇଛି । ଏହି ଉଭୟ ଡାକଟିକଟରେ ଯୁଦ୍ଧ ସମୟରେ ରାଣୀଙ୍କର ଅଶ୍ୱାରୋହଣର ଚିତ୍ର ରଖାଯାଇଛି ।

– ୧୯୮୩ ମସିହାରେ ଏକ କୋଷ୍ଟ୍ ଗାର୍ଡ୍ ସିପ୍ ନାମିତ ହୋଇଥିଲା 'କିଟୁର ଚେନ୍ନାମା' ଭାବରେ ।

– ଭାରତୀୟ ରେଳ ବିଭାଗ ଆନୁକୂଲ୍ୟରେ ବାଙ୍ଗାଲୋର ଓ ସାଙ୍ଗଲି ମଧ୍ୟରେ ଚାଲୁଥିବା ଟ୍ରେନର ନାମ Rani Chennama Express ରଖା ଯାଇଛି ।

– ରାଣୀଙ୍କ ସମ୍ମାନାର୍ଥେ ବେଲାଗାଭୀରେ ଥିବା ବିଶ୍ୱବିଦ୍ୟାଳୟକୁ 'Rani Chennama University' ଭାବରେ ନାମିତ କରାଯାଇଛି ।

— ଦୂରଦର୍ଶନ ସିରିଏଲ୍ 'The Expanse'ରେ ଏକ ମହାକାଶଯାନର ନାମ  କିଟୁର ଚେନ୍ନାମା ରଖାଯାଇଛି ।

— କର୍ଣ୍ଣାଟକର କନ୍ନଡ଼ ଭାଷାରେ ୧୯୬୧ ମସିହାରେ ଏକ ସିନେମା 'Kittur Chennama' ନିର୍ମିତ ହୋଇଥିଲା । ଏହାର ନିର୍ଦ୍ଦେଶକ ଥିଲେ ବି. ଆର୍. ପାନ୍ଥୁଲୁ ।

— ରାଇଗଞ୍ଜ ବିଶ୍ୱବିଦ୍ୟାଳୟ ପ୍ରଫେସର ପିନାକୀ ରାୟଙ୍କର ଏକ ପ୍ରବନ୍ଧ 'Alternative History : A Post Colonial Rereading of Naikar's The Queen of Kittur' ପ୍ରକାଶିତ ହୋଇଥିଲା ୨୦୧୪ ମସିହା ଅଗଷ୍ଟ ମାସରେ ।

— ଭାରତର ପାର୍ଲିଆମେଣ୍ଟ୍ ହାଉସ ପରିସରରେ ୨୦୦୭ ମସିହା ସେପ୍ଟେମ୍ବର ୧୧ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ ରାଣୀଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏଠାରେ ଉପସ୍ଥିତ ଥିଲେ ପ୍ରଧାନମନ୍ତ୍ରୀ ମନୋମୋହନ ସିଂ, ଶିବରାଜ ପାଟିଲ, ସୋମନାଥ ଚାଟାର୍ଜି, ଏଲ୍. କେ. ଆଡ଼ଭାନି, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍. ଡ଼ି. କୁମାରସ୍ୱାମୀ ଏବଂ ଅନ୍ୟମାନେ । ଏହି ପ୍ରତିମୂର୍ତ୍ତିକୁ କିଟୁରର ରାଣୀ ଚେନ୍ନାମା ମେମୋରିଆଲ କମିଟି ଦାନ କରିଥିଲା ଏବଂ ଏହାର ମୂର୍ତ୍ତି ଖୋଦକ ଶିଳ୍ପୀ ଥିଲେ ବିଜୟ ଗୌର ।

ରାଣୀଙ୍କର ପ୍ରତିମୂର୍ତ୍ତି ବାଙ୍ଗାଲୋର, ବେଲାଗାଭି, କିଟୁର ଏବଂ ହୁବାଲିରେ ମଧ୍ୟ ସ୍ଥାପିତ ହୋଇଛି ।

ବର୍ତ୍ତମାନ ସମୟରେ ଚେନ୍ନାମାଙ୍କ ବଂଶଜଙ୍କୁ କେହି ମନେ ରଖି ନାହାନ୍ତି । ତେବେ ରାଣୀଙ୍କର ପ୍ରତ୍ୟକ୍ଷ ବଂଶୋଦ୍ଭବ ଭାବେ ଏଗାରଟି ପରିବାରକୁ ଚିହ୍ନଟ କରାଯାଇଛି । ସେମାନେ କିଟୁର ଓ ଖାନାପୁରରେ ବାସ କରୁଛନ୍ତି । ସେମାନେ ସରକାରଙ୍କଠାରୁ କିଛି ସାହାଯ୍ୟ ପାଉ ନାହାନ୍ତି ।

ମହୀଶୂର ଦଶହରାରେ କଲିକତାରେ ଥିବା ଟିପୁ ସୁଲତାନ ପରିବାରର ବଂଶୋଦ୍ଭବମାନେ ସରକାରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲେ । ମାତ୍ର କିଟୁର ରାଣୀଙ୍କ ବଂଶଜଙ୍କୁ କେହି ମନେ ପକାଇ ନଥିଲେ । ୧୯୬୮ ମସିହାରେ ରାଣୀଙ୍କ ପରିବାରର ନେତା ତାତିଆ ସାହେବ ଦେଶାଇ କ୍ଷତିପୂରଣ ବାବଦରେ ଏଗାର କୋଟି ଟଙ୍କା ପାଇବେ ବୋଲି ସରକାରୀ ପତ୍ର ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ବି ଟଙ୍କା ପାଇପାରି ନାହାନ୍ତି । ଏଣୁ ସେମାନେ କୋର୍ଟରେ ନ୍ୟାୟ ପାଇବା ପାଇଁ ଅପିଲ କରିଛନ୍ତି ।

ନିଜ ରାଜ୍ୟର ସ୍ୱାଧୀନତାର ସୁରକ୍ଷା ପାଇଁ ବ୍ରିଟିଶର ସ୍ୱେଚ୍ଛାଚାରିତା, ପ୍ରତାରଣା ଏବଂ ସାମ୍ରାଜ୍ୟବାଦ ବିରୋଧରେ ଯେଉଁ ନିର୍ଭୀକ ଯୋଦ୍ଧାମାନେ ଲଢ଼େଇ କରିଥିଲେ ସେମାନଙ୍କ ମଧ୍ୟରେ କିଟୁର ରାଣୀ ଚେନ୍ନାମା ଅନ୍ୟତମ । ଏହି ମହାନ୍ ଆତ୍ମାଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ ।

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ । ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ବର୍ଷଣମୁଖର ଗୋଧୂଳିରେ

## ବନମାଳୀ ଆଚାର୍ଯ୍ୟ

ଗାଁ ଚାରିପାଖରେ ଥିବା ବିସ୍ତୃତ ଶସ୍ୟକ୍ଷେତ ଏକ ସବୁଜ ଗାଲିଚାର ଭ୍ରମ ସୃଷ୍ଟି କରୁଥିଲା । ଅନୁକୂଳ ପାଗରେ କିଷାନର ମନ ଜମିରୁ ଘାସ ଉପାଡ଼ିବା କାମରେ ଲାଗି ଯାଇଥିଲା । ତା'ର ପୈତୃକ ସମ୍ପତ୍ତି କହିଲେ ମୁଣ୍ଡ ଗୁଞ୍ଜିବାକୁ ଗୋଟିଏ ଛୋଟ ଘର ଓ ଚାଳିଶ ଡିସିମିଲିର ଚାଷ ଜମି । ସେଥିରେ ସେ ତା'ର ପରିବାରର ଭରଣପୋଷଣ କରୁଥିଲା । ଜମିର ସବୁଜିମା ତା'ର ସମସ୍ତ ଦୁଃଖକୁ ଲାଘବ କରୁଥିଲା ଏବଂ ମନରେ ନୂତନ ଆଶାର ସଞ୍ଚାର କରୁଥିଲା । ସମୟ ଜାଣିବା ସକାଶେ ସେ ଆକାଶ ଆଡ଼କୁ ଚାହିଁଲା । ମଧ୍ୟାହ୍ନ ଗଡ଼ି ଯାଇଥିଲା । ପଶ୍ଚିମ ଦିଗ୍‌ବଳୟ ଉପରକୁ ବାଦଲ ଖଣ୍ଡମାନ ଉଠି ଆସୁଥିବାର ସେ ଦେଖି ପାରିଲା । ସେଗୁଡ଼ିକର ରଙ୍ଗ ଓ ଦିଗ ବୃଷ୍ଟିର ସମ୍ଭାବନାକୁ ନିଶ୍ଚିତ କରୁଥିଲା । ନିଜର କାମ ବନ୍ଦ କରି ତରବରିଆ ଭାବରେ କିଷାନ ଘରମୁହାଁ ହେଲା । ମାତ୍ର ଜମିମୁଣ୍ଡରେ ଏକ ଅସ୍ୱାଭାବିକ ଦୃଶ୍ୟ ତାକୁ ଅପେକ୍ଷା କରୁଥିଲା । ଅଣନିଃଶ୍ୱାସୀ ହୋଇ ତା' ପୁଅ ତା'ରି ଆଡ଼କୁ ଦୌଡ଼ି ଆସୁଥିବାର ସେ ଦେଖିଲା । ଦଶବର୍ଷ ବୟସର ପିଲାଟି ଅଙ୍କାବଙ୍କା ହିଡ଼ରାସ୍ତା ଉପରେ ଅନେକ ବାଟ ଚାଲି ଆସିଥିଲା । କ୍ଳାନ୍ତ ହୋଇ ପଡ଼ିଥିବାରୁ ସେ କିଷାନ ଆଗରେ ତଳେ ବସି ରହିଲା ।

''କ'ଣ ହୋଇଛି ? ତୁମେ କାହିଁକି ଉତ୍ତେଜିତ ଜଣାପଡୁଛ ?''

''କିଛି ସମୟ ହେଲା ମା'ର ଦେହ ଅଧିକ ବିଗିଡ଼ିବାରେ ଲାଗିଛି । ପଡ଼ିଶାଘର ସ୍ତ୍ରୀଲୋକମାନେ ଆମ ଘରକୁ ଆସିଛନ୍ତି । ସେମାନେ ଏହିକଥା କହୁଛନ୍ତି – ତୁମେ ଘରକୁ ଆସି ଦେଖ ।''

''ତୋ ମା' କିଛି ଖାଇଛି ?''

''ନାଁ, କିଛି ବି ନୁହେଁ ।''

''ତୁ ... ?''

''ହଁ, ପଡ଼ୋଶୀଙ୍କ ଘରେ ଖାଇଛି ।''

ଘଟଣାଟି କ'ଣ ହୋଇପାରେ କିଷାନ ଅନୁମାନ କରିନେଲା । ତରବର ହୋଇ ପୁଅ ସାଥୀରେ ଘରକୁ ଫେରିଲା । ଘର ପାଖରେ ଥିବା ଆମ୍ବ ଗଛତଳେ କିଷାନର ପତ୍ନୀ ସୁମନ ଛଅଜଣ ସ୍ତ୍ରୀଲୋକଙ୍କ ଗହଣରେ ଗୋଟିଏ ଖଟିଆ ଉପରେ ଶୋଇ ରହିଥିଲା । ଜଣେ ବୟସ୍କା ମହିଳା ଆଗେଇ ଆସି କିଷାନକୁ କହିଲେ, ''ସୁମନର ଯନ୍ତ୍ରଣା ବଢ଼ି ଚାଲିଛି । ତାକୁ ଡାକ୍ତରଖାନାରେ ଭର୍ତ୍ତିକରିବା ଜରୁରୀ । ସେଠାରେ ନିରାପଦରେ ପ୍ରସବ କାର୍ଯ୍ୟ ହୋଇପାରିବ । କେଡ଼େ ଅଶୁଭ ବେଳା ଚାଲିଛି ! ଆକାଶରେ କଳାହାଣ୍ଡିଆ ମେଘ ଓହଳି ଆସିଲାଣି । ଲାଗୁଛି, ଅଧଘଣ୍ଟାଏ ଭିତରେ ବର୍ଷା ହେବ । ଯଦି ପ୍ରକୃତି ଆମ ବିରୋଧରେ ଯାଏ, ଆମେ କ'ଣ କରିପାରିବା ? ଖଟିଆକୁ ଧର, ଘର ଭିତରକୁ ନେଇଯିବା ।''

ସେମାନେ ଖଟିଆ ସହ ସୁମନକୁ ଘର ଭିତରକୁ ବୋହି ନେଲେ । ଗୋଟିଏ ଗ୍ଲାସ ଗରମ କ୍ଷୀର ତାକୁ ପିଇବାକୁ ଦେଲେ । ତା'ର ଅବସ୍ଥାରେ କୌଣସି ଉନ୍ନତି ଦେଖାଯାଉ ନଥିଲା । ବର୍ଷା ଆରମ୍ଭ ହୋଇ ଯାଇଥିଲା । ବୟସ୍କା ମହିଳାଙ୍କ ବ୍ୟତୀତ ଅନ୍ୟମାନେ ନିଜ ଘରକୁ ଫେରିଗଲେ । ଅବିରାମ ପ୍ରବଳ ବୃଷ୍ଟି କାରଣରୁ ପ୍ରକୃତି ଅଶାନ୍ତ ଲାଗୁଥିଲା । ସୁମନର ଯନ୍ତ୍ରଣାମିଶା କଣ୍ଠସ୍ୱର ବର୍ଷାର ଶବ୍ଦରେ ହଜି ଯାଉଥିଲା । ମହିଳା ଜଣକ ବିବ୍ରତ ହୋଇ କିଷାନକୁ କହିଲେ, ''ପ୍ରସବ ବେଦନା ବଢୁଛି । ଯାହା ମନେ ହେଉଛି, ଆଜି ରାତିରେ ପିଲାଟି ଜନ୍ମନେବ । ପ୍ରତିମୁହୂର୍ତ୍ତରେ ତା' ଜୀବନ ପ୍ରତି ବିପଦ ରହିଛି । ଏହି ପରିସ୍ଥିତିରେ ଡାକ୍ତରଙ୍କ ସାହାଯ୍ୟ ନିହାତି ଦରକାର ।''

ବାକ୍‌ଶୂନ୍ୟ କିଷାନ କ'ଣ କରିବାକୁ ହେବ ଜାଣି ନପାରି ଦ୍ୱାରବନ୍ଧକୁ ଆଉଜି ଠିଆ ହୋଇ ରହିଲା ।

ମହିଳାଙ୍କ କଥା ବାଳକଜଣକ ଆଢୁଆଳରେ ଥାଇ ଶୁଣି ପାରିଲା । ତା' ମା'ର ଜୀବନ ଯେ ସଂକଟାପନ୍ନ ଏହା ଜାଣି ସେ ଦୁଃଖରେ ଭାଙ୍ଗି ପଡ଼ିଲା । ତା' ବାପାଙ୍କ ହାତରେ ପଇସାଟିଏ ନଥିବା କଥା ସେ ଭଲ ଭାବରେ ଅନୁଭବ କରିପାରୁଥିଲା । ଏକଥା ବି ତାକୁ ଜଣାଥିଲା ଯେ କେବଳ ଅସହାୟ ଓ ଚିନ୍ତାଶୀଳ ଅବସ୍ଥାରେ ରହିବା ବ୍ୟତୀତ ତାଙ୍କ ପାଖରେ ଅନ୍ୟ କୌଣସି ଉପାୟ ନଥିଲା । ପଡ଼ୋଶିନୀଙ୍କ ସେହି କଠିନ ସତ୍ୟ କଥାଗୁଡ଼ିକ ତା' କାନ ପାଖରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା । ସେ ଭାବୁଥିଲା କେବଳ ଜଣେ ଡାକ୍ତର ତା'ର ମା'କୁ ବଞ୍ଚାଇ ପାରିବେ । ସେ ମନକୁ ମନ କହି ଚାଲିଲା :

''ମୁଁ କିପରି ମା'କୁ ଡାକ୍ତରଙ୍କ ପାଖରେ ପହଞ୍ଚାଇ ପାରିବି ? ଏହି ଗାଁରେ ଗାଡ଼ିଟିଏ ମିଳିବାର ସମ୍ଭାବନା ନାହିଁ । ପୁଣି ଏପରି ପାଗରେ ତ ଆଦୌ ନୁହେଁ । ବାହାରେ ମୂଷଳ ଧାରାରେ ବର୍ଷା ଲାଗି ରହିଛି । ସେହି ଧୂଳିପୂର୍ଣ୍ଣ ଲାଲ ରାସ୍ତାଟି କାଦୁଅ ହୋଇ ଯାଇଥିବ ଅଥବା ପାଣିରେ ବୁଡ଼ି ରହିଥିବ । ସେଥିରେ ଆଗକୁ ବଢ଼ିବା ସହଜ ହେବ ନାହିଁ ।'' ତା' ଚକ୍ଷୁରେ ଲୋତକ ଦେଖାଦେଲା, ତା' ଭିତରୁ ଆବେଗଭରା କୋହ ସ୍ୱତଃ ଉଠି ଆସିଲା । ସେ ନିଜେ କିଛି କରିବା ସକାଶେ ଆଗଭର ହେଲା । ତା'ର କଅଁଳ ମସ୍ତିଷ୍କ ଭିତରେ ଚିନ୍ତାରାଜିର ତରଙ୍ଗମାନ ଖେଳି ବୁଲିଲା ।

ପବନରେ ତୀରଟିଏ ଉଡ଼ିଯିବା ଭଳି ପିଲାଟି ଘର ଭିତରୁ ବାହାରକୁ ଦୌଡ଼ି ଆସିଲା । ବର୍ଷାରେ ଭିଜି ଗାଁ ଦାଣ୍ଡର ଶେଷମୁଣ୍ଡରେ ଥିବା ବୃକ୍ଷରାଜି ଭିତରେ ଅଦୃଶ୍ୟ ହୋଇଗଲା । ଚାରିଆଡ଼େ ଗୋଳିଆ ପାଣିର ଧୂସର ଆସ୍ତରଣ । କେନାଲ ବନ୍ଧକୁ ଛୁଇଁଥିବା ଲାଲମାଟିର ଗାଁ ରାସ୍ତାଟି ପାଣିତଳେ ବୁଡ଼ି ସାରିଥିଲା । କେନାଲ ବନ୍ଧରେ ପହଞ୍ଚି ସେ ଆଗକୁ ଦୌଡ଼ିବାରେ ଲାଗିଲା । ତା'ପରେ ଅରଣ୍ୟ ପଥଦେଇ ଆଗକୁ ବଢ଼ିଲା । ବର୍ଷାମୁଖର ଗୋଧୂଳିର ଆଲୋକ ଧୀରେ ଧୀରେ ହଟି ଯାଉଥିଲା । ବନଭୂମିଟି ଏକ ଅନ୍ଧାରି ଇଲାକା ଭଳି ପ୍ରତୀୟମାନ ହେଉଥିଲା । ଅସମତଳ ବନପଥରେ ବର୍ଷାଜଳର ଧାର ତଳେ ଜମିଥିବା କଣ୍ଟାଝଟା ଓ ଶୁଖିଲାପତ୍ର ପ୍ରତି ବାଳକଟିର ନଜର ନଥିଲା । ମା'ର ବେଦନାକ୍ଲିଷ୍ଟ ମୁଖମଣ୍ଡଳଟି କେବଳ ତାକୁ ଦେଖାଯାଉଥିଲା । ବନପଥରେ ପ୍ରାୟ ଛଅ କି.ମି. ଦୌଡ଼ିବା ପରେ ସେ ଡାକ୍ତରଖାନାରେ ପହଞ୍ଚିଲା । ତା'ର ସାରା ଦେହରେ କାଦୁଅର ଛିଟା ଲାଗିଥିଲା । ପାଦ ଦୁଇଟିରେ ବହୁ କ୍ଷତଚିହ୍ନ ଦେଖାଯାଉଥିଲା । ସେ ହସ୍ପିଟାଲ ବାରଣ୍ଡା ଉପରକୁ ଉଠିଲା । ତା'ର ଅବଶ ଶରୀରଟିକୁ ଚଟାଣ ଉପରେ ଲୋଟାଇ ଦେଇ ପାଣି ପାଇଁ ଚିତ୍କାର କଲା । ବାହାରେ ବର୍ଷାର ପ୍ରକୋପ ଥମି ଆସୁଥିଲା ।

ଜଣେ ନର୍ସ ପିଲାଟି ଆଡ଼କୁ ଆଗେଇ ଆସିଲେ । ତାକୁ ଦେଖି ଆଶ୍ଚର୍ଯ୍ୟରେ କହିଲେ, ''ହେ ଭଗବାନ୍, କିଏ ଏଠାରେ ଏପରି ଭାବେ ଶୋଇ ରହିଛି ? ତୁମର କ'ଣ ହୋଇଛି ପୁଅ ?'' ତା'ପରେ ସେ ପିଲାଟିକୁ ଡାକ୍ତରଙ୍କ କୋଠରିକୁ ନେଲେ । ଡାକ୍ତର ତା'ପାଇଁ ସାମୟିକ ବିଶ୍ରାମ ଓ ଔଷଧର ବ୍ୟବସ୍ଥା କରାଇଲେ । କିଛି ସମୟ ଉପରାନ୍ତେ ଡାକ୍ତର ବାଳକର ନିକଟକୁ ଆସି ସ୍ୱାଭାବିକ ଭାବେ ପ୍ରଶ୍ନ କଲେ :

''ତୁମେ କେଉଁଠାରୁ ଆସିଛ, ବାଳକ ?''

''ନରୁମା ।''

''ଜଙ୍ଗଲ ସେପାଖର ସେହି ଛୋଟ ଗାଁ ?''

''ଆଜ୍ଞା ସାର୍ । ବର୍ଷାରେ ଦୌଡ଼ି ଦୌଡ଼ି ସେଠାରୁ ଆସିଛି ।''

''ତୁମ ପାଇଁ ଏହା ଏକ ବିପଦପୂର୍ଣ୍ଣ କଷ୍ଟକର କାର୍ଯ୍ୟ । ଏପରି କରିବାର ବୟସ ତୁମର ହୋଇ ନାହିଁ । କିନ୍ତୁ କାହିଁକି ?''

''ଦୟାକରି ମୋ ମା'ର ଜୀବନ ରକ୍ଷା କରନ୍ତୁ ।''

''କେଉଁଠାରେ ତୁମ ମା' ଅଛନ୍ତି ?''

''ଘରେ ଅଛି । ପିଲାଜନ୍ମ କରିବାର କଷ୍ଟ ପାଉଛି । କେତେବେଳେ ବି ମରିଯାଇ ପାରେ । ବର୍ଷା କାରଣରୁ ସେ ଏଠାକୁ ଆସିପାରି ନାହିଁ ।''

ବାଳକର କଣ୍ଠ ରୁଦ୍ଧ ହୋଇ ଆସୁଥିଲା । ଅତିଶୟ ଦୁଃଖରେ ସେ ଭାଙ୍ଗି ପଡୁଥିଲା । ଡାକ୍ତର ଅବିଳମ୍ବେ ବାଳକକୁ ସାହାଯ୍ୟ କରିବାର ସିଦ୍ଧାନ୍ତ ନେଲେ । ଆବଶ୍ୟକୀୟ ସରଞ୍ଜାମ ଓ ଔଷଧ ସହ ପ୍ରସ୍ତୁତ ହେବାକୁ ନର୍ସକୁ ନିର୍ଦ୍ଦେଶ ଦେଲେ ।

ରାତି ନଅଟା ବାଜୁଥିଲା । ବିପଦସଙ୍କୁଳ ଅରଣ୍ୟପଥ ଦେଇ ସେମାନେ ହସ୍ପିଟାଲ ଗାଡ଼ିରେ ବାଳକର ଗାଁ ଅଭିମୁଖେ ଯାତ୍ରାକଲେ । ନିର୍ଜନ ବନପଥର ରାତ୍ରିକାଳୀନ ଭୟଙ୍କର ଶବ୍ଦ ପ୍ରତି ସେମାନଙ୍କର ଧ୍ୟାନ ନଥିଲା । ସମଗ୍ର ଗାଁଟି ନିଦ୍ରାଦେବୀଙ୍କ କୋଳରେ ଶୋଇପଡ଼ିଥିଲା । ଗାଁ ରାସ୍ତାକୁ ଲାଗି ଗୋଟିଏ ଘର ଭିତରେ ଲଣ୍ଠନବତୀଟିଏ ଜଳୁଥିଲା । କିଷାନର ପତ୍ନୀ ଗୋଟିଏ କୋଣରେ କାନ୍ଥକୁ ଆଉଜି ବସି ରହିଥିଲା । ବୟସ୍କା ମହିଳା ଜଣକ ନିଦରେ ଘୁଙ୍ଗୁଡ଼ି ମାରୁଥିଲେ । ଦ୍ୱାରବନ୍ଧକୁ ଲାଗି କିଷାନ ବସି ରହିଥିଲା । ସେ ତା'ର ପତ୍ନୀ ଓ ପୁତ୍ରର ଭାବନାରେ ବୁଡ଼ି ରହିଥିଲା । ନିରାଶ ମନରେ ସକାଳ ହେବାକୁ ଅପେକ୍ଷା କରୁଥିଲା । ଡାକ୍ତର ଓ ନର୍ସ ଘର ଭିତରକୁ ପ୍ରବେଶ କଲେ । ପିତାଙ୍କୁ ଡାକ୍ତରଙ୍କ ଆସିବା ଖବର ଦେଇ ପୁତ୍ର ସାନ୍ତ୍ୱନା ଦେଲା । ଗୋଟିଏ ଘଣ୍ଟା ପରେ ଡାକ୍ତର ବାହାରକୁ ଆସିଲେ ଏବଂ ବାଳକକୁ ଲକ୍ଷ୍ୟ କରି କହିଲେ, ''ତୁମର ଭଉଣୀଟିଏ ଜନ୍ମ ହୋଇଛି । ତୁମର ସାହସ ଓ ଭଲପାଇବା ତୁମ ମା'ର ଜୀବନକୁ ବଞ୍ଚାଇ ପାରିଛି । ଡାକ୍ତରଖାନାରେ ଏକ ସପ୍ତାହ ପାଇଁ ଉଭୟଙ୍କୁ ରହିବାର ବନ୍ଦୋବସ୍ତ କରାଯାଇଛି । ଆସନ୍ତାକାଲି ସେମାନେ ସେଠାକୁ ଏହି ଗାଡ଼ିରେ ଯିବେ । ତୁମେ ଚାହିଁଲେ ସେମାନଙ୍କ ପାଖରେ ରହିପାରିବ ।''

ପିଲାଟିର ଚକ୍ଷୁରୁ ଆନନ୍ଦ ଓ କୃତଜ୍ଞତାର ଅଶ୍ରୁ ଝରି ଆସୁଥିଲା । ତା' ପାଇଁ ଓ ତା'ର ପରିବାର ପାଇଁ ଡାକ୍ତର ଜଣେ ଦେବଦୂତ ଥିଲେ । ବାସ୍ତବରେ ସେ ଅର୍ଥ ଓ ପୁରସ୍କାର ପ୍ରତି ଅନାସକ୍ତ ଜଣେ ହୃଦୟବାନ୍ ବ୍ୟକ୍ତି ଥିଲେ । ଗଭୀର ଭକ୍ତି ସହ ପିଲାଟି ତାଙ୍କର ପାଦ ଛୁଇଁ ପ୍ରଣାମ କଲା । ଡାକ୍ତର ସ୍ମିତ ହସିଦେଲେ । ଆକାଶ ମେଘମୁକ୍ତ ଥିଲା । ସୁଶୀତଳ ଚନ୍ଦ୍ରକିରଣ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ନିଶାର୍ଦ୍ଧର ନୀରବତା ମଧ୍ୟରେ କିଷାନର ଘୁଙ୍ଗୁଡ଼ି ଶବ୍ଦ ଶୁଭୁଥିଲା ।

କାହାଣୀରେ ବାଳକଟିର ସାହସ ଓ ଡାକ୍ତରଙ୍କ ଉଦାରତା ମୁଖ୍ୟ ବିଷୟବସ୍ତୁ ହୋଇଛି । ଉତ୍ତମ ଓ ନିଃସ୍ୱାର୍ଥ କର୍ମର ଫଳ ସର୍ବଦା ଉତ୍ତମହିଁ ହୋଇଥାଏ । ପରିଣାମତଃ ଏଥିରେ କେବଳ ମା' ଓ ଝିଅର ଜୀବନ ଯେ ରକ୍ଷା ପାଇଛି, ତାହା ନୁହେଁ, ବରଂ ଗୋଟିଏ ପରିବାରର ଖୁସି ଓ ଆନନ୍ଦ ଅତୁଟ ରହିଛି । ଡାକ୍ତରଙ୍କ ଅନୁଭବ ଶକ୍ତି, ଆତ୍ମୀୟ ଭାବ ଓ ଇଚ୍ଛାକୃତ ସାହାଯ୍ୟ ବାଳକର ହୃଦୟରେ ତାଙ୍କୁ ଜଣେ ମହାନ୍ ବ୍ୟକ୍ତିତ୍ୱର ଆସନ ଦେଇଛି । ବାଳକଟିର ସ୍ୱତଃସ୍ଫୂର୍ତ୍ତ ସାହସ ଡାକ୍ତରଙ୍କୁ ଚମତ୍କୃତ କରିଛି । ସେ ତାଙ୍କ ଉଦାର ହୃଦୟରେ ତାକୁ ସାହାଯ୍ୟ କରିବାର ନିଷ୍ପତ୍ତି ନେଇଛନ୍ତି ।

ଦିବ୍ୟଜନନୀ ଶ୍ରୀମା 'ଗଳ୍ପଶ୍ରୀ' ପୁସ୍ତକରେ ତିନୋଟି ସ୍ତରର ସାହସ କଥା କହିଛନ୍ତି ।

- ଆତ୍ମରକ୍ଷାଜନିତ ସ୍ଥୂଳ ଶାରୀରିକ ସାହସ ।
- ଆତ୍ମୀୟସ୍ୱଜନ, ବନ୍ଧୁ, ପ୍ରପୀଡ଼ିତ ପ୍ରତିବେଶୀ ଓ ବିପଦଗ୍ରସ୍ତ ମାତୃଭୂମି ନିମିତ୍ତ ସାହସ ।
- ନୈତିକ ସାହସ ଯାହା ସତ୍ୟ ଓ ନ୍ୟାୟ ସପକ୍ଷରେ ଠିଆ ହୁଏ ।

କାହାଣୀରେ ବାଳକ ଜଣକ ନିଜ ମା'ର ଜୀବନ ବଞ୍ଚାଇବାକୁ ଯାଇ ଏହି ଦ୍ୱିତୀୟ ପ୍ରକାରର ସାହସ ଦେଖାଇଛି । ଡାକ୍ତରଙ୍କ ଉଦାର ମନୋଭାବ ଓ ସାହାଯ୍ୟ ଭିତରେ ମଧ୍ୟ ଏହା ପ୍ରତିଫଳିତ ହୋଇଛି ।

ଶ୍ରୀମା ଉଲ୍ଲେଖ କରିଛନ୍ତି : ''ସାହସ ହେଉଛି ଆତ୍ମାର ଭୂମିରେ ରହିଥିବା ଉଦାରତାର ଏକ ସଙ୍କେତ ।''

(ମାତୃରଚନାବଳି-୧୪) ❑

**କଳ୍ପନା :**

ମୁଁ ତୁମକୁ କହିରଖୁଛି — କେବେ ବି ନିରୁତ୍ସାହିତ ବୋଧ କର ନାହିଁ ଓ କେବେ ବି ନିରାଶ ହୋଇଯାଅ ନାହିଁ । ତୁମର କଳ୍ପନା ସର୍ବଦା ଆଶାନ୍ୱିତ ହୋଇ ରହୁ ଏବଂ ଉଚ୍ଚତର ସତ୍ୟକୁ ବହନ କରିବା ଲାଗି ଆନନ୍ଦରେ ନମନୀୟ ହୋଇ ରହୁ । ତା'ହେଲେ ଯାଇ ସେଇ ଉଚ୍ଚତର ସତ୍ୟ ତୁମ ଭିତରେ ତା'ର ସୃଜନଶୀଳ ଆଲୋକ ଧରିରଖିବା ପାଇଁ ଆବଶ୍ୟକ ଗଠନମାନ ପାଇପାରିବ ।

କଳ୍ପନା ହେଲା ଏକ ଛୁରୀ ସଦୃଶ । ଏହା ଭଲ ଓ ମନ୍ଦ ଉଭୟ ଦିଗରେ ବ୍ୟବହୃତ ହୋଇପାରେ । ତୁମେ ଯଦି ସବୁବେଳେ ଏପରି ଏକ ଧାରଣା ଭିତରେ ରହିପାରିବ — ତା'ମାନେ, ତୁମେ ଯଦି ସବୁବେଳେ ମନେ ମନେ ଭାବିବ ଯେ ତୁମେ ରୂପାନ୍ତରିତ ହେବା ଦିଗରେ ଗତିକରୁଛ, ତା'ହେଲେ ତୁମେ ଯୋଗ ପ୍ରକ୍ରିୟାରେ ସାହାଯ୍ୟ କରିପାରିବ । ଯଦି, ଅନ୍ୟ ଦିଗରେ ତୁମେ ଉତ୍ସାହହୀନ ହୋଇପଡ଼ିବ, ଏବଂ ବିଳାପ କରି ବସିବ ଯେ ତୁମର କିଛି ଯୋଗ୍ୟତା ନାହିଁ, ତୁମେ କୌଣସି ଉଚ୍ଚ ଉପଲବ୍ଧି କରିବା ପାଇଁ ଅସମର୍ଥ, ତା'ହେଲେ ତୁମେ ତୁମର ସତ୍ତାକୁ ବିଷାକ୍ତ କରିଦେବ । ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟଟିକୁ ତୁମେ ସଠିକ୍ ଭାବେ ଉପଲବ୍ଧି କରିବ ବୋଲି ମୁଁ ଏଇ କଥାଟିକୁ ବାରଂବାର ଅକ୍ଳାନ୍ତଭାବେ ତୁମକୁ କହିଆସୁଛି ଯେ, ତୁମର ଯାହାକିଛି ଘଟୁପଛେ — ଭଗବାନଙ୍କ ଦ୍ୱାହି — ତୁମେ କେବେ ବି ଅବସନ୍ନ ହୋଇପଡ଼ିବ ନାହିଁ । ନିରବଚ୍ଛିନ୍ନ ଭାବେ ଆଶା ମଧ୍ୟରେ ବଞ୍ଚି ରୁହ ଏବଂ ସ୍ଥିର ସିଦ୍ଧାନ୍ତରେ ରୁହ ଯେ ଆମ୍ଭେମାନେ ଯାହା କରୁଛୁ ତାହା ନିଶ୍ଚେ ଦିନେ ସଫଳ ହେବ । ଅନ୍ୟ ଭାଷାରେ କହିଲେ — ଶ୍ରୀଅରବିନ୍ଦଙ୍କଠାରେ ବିଶ୍ୱାସ ରଖ — ସେହି ବିଶ୍ୱାସରେ ତୁମର ସମସ୍ତ ଶୁଭ କଳ୍ପନାଗୁଡ଼ିକ ଗଢ଼ିଉଠୁ ।

— ଶ୍ରୀମା

# କୌତୁକପୂର୍ଣ୍ଣ ୨୦୨୫ : ସ୍ୱାଗତମ୍

## ଧର୍ମକୁମାର ଶତପଥି

ନୂଆ ସକାଳଟେ ଆସିଛି । ଚାରିଆଡ଼େ କାଠୁଆ ଶୀତ । ସେଥିରେ ପୁଣି ସକାଳଟା ଘୋଡ଼ାଇ ହେଇଛି କୁହୁଡ଼ିର ଏକ ସଫେଦ ଚଦର । ଶିଶିରବିନ୍ଦୁଗୁଡ଼ିକ ଗଛର ପତ୍ର ଉପରେ ଝରି ପଡୁଛି ଟପ୍ ଟପ୍ ଶବ୍ଦ କରି ପ୍ରଭୁଙ୍କ ଆଶିଷ ବାରି ପରି । ଅଳସ ସୂର୍ଯ୍ୟଟା ସୁଦ୍ଧା ଶୀତରେ ଥୁରୁଥୁରୁ ହେଇ ଜୀବନ ନଥିବା ପରି ଦୁର୍ବଳ ଦେହରେ ପୂର୍ବାଶାରୁ ଉଠିବାର ଉଦ୍ୟମ କରୁଛି ... ଓଃ, କି ଶୀତ ! ମୁଁ ମୋ ଅଗଣାରେ ପୂର୍ବ ଦିଗକୁ ପଛ କରି ସୂର୍ଯ୍ୟକିରଣ ପିଠିରେ ପଡ଼ିବା ଚେଷ୍ଟାରେ ବସିଛି । ଖବର କାଗଜବାଲା ଏଯାଏଁ ଖବର କାଗଜ ଦେଇ ନାହିଁ । ସେଥିରୁ ହେଲେ କିଛି ଗରମାଗରମ ଖବର ଦେହ ଓ ମନକୁ ଉଷୁମ କରନ୍ତା । ଏମିତି ଏକ ନୂତନ ଦିନର ଆରମ୍ଭ ହେଉଛି । ...

ମନ ତଳେ ଏମିତି ଆବୁରୁଜାବୁରୁ ଭାବନା ଘୂରି ବୁଲୁଛି । ଆଜିର ଏଇ ସାତ ଡିଗ୍ରୀ ପାରଦରେ ଭାରତର କାଶ୍ମୀର ଅଞ୍ଚଳ ଅଥବା ଓଡ଼ିଶାର ଦାରିଙ୍ଗିବାଡ଼ିରେ ଜନଜୀବନ କେମିତି ଥିବ ? ସେଠିକାର ଜନମାନବ ଏ କାଠୁଆ ଶୀତକୁ କେମିତି ସମ୍ମୁଖ କରୁଥିବେ ! – ଏମିତି ଭାବି ହେଉଛି, ଝିଅ ଆମର ଶୀତବସ୍ତ୍ର ପିନ୍ଧି ଜୋତା, ଟୋପି ସହ ଘରୁ ବାହାରି ଆସି ମୋତେ ସମ୍ଭାଷଣ ଜଣାଇଲା – ''ବାପା ! Happy New Year !'' ମୁଁ ତା'ର ପଟ୍ ପଟ୍ ଜୋତା ଆବାଜ ସହ ପ୍ରତିସମ୍ଭାଷଣ ଜଣାଇଲି, ''Same to you ! ମୋ ଗେହ୍ଲା ଝିଅ !''

ସେ ଉତ୍ସାହିତ ହେଲା । ମୋ ପାଦ ଛୁଇଁ ମୁଣ୍ଡରେ ଲଗାଇଲା । ପୁଣି ଦୋହରାଇଲା – "Happy New Year 2025, papa !" ମୁଁ ଯୋଗ କଲି – "Thank you, stay blessed my dear !"

ଝିଅ ମୋ ପଛପଟକୁ ବୁଲି କୁଆଡ଼େ ଅଦୃଶ୍ୟ ହୋଇଗଲା । ମୁଁ ସେଯାଏଁ ଖିଆଲ କରି ପାରି ନଥିଲି, ଆଜି ନୂଆ ବର୍ଷର ନୂଆ ସକାଳଟା ଆସି ଯାଇଛି । ନୂଆ ହୋଇ ଆସିଥିବା ସକାଳଟା ସେଥିପାଇଁ ବୋଧହୁଏ ନୂଆ ନୂଆ ବୋଧ ହେଉଛି । ଗତରାତି ୧୨ଟା ଯାଏ ୨୦୨୪ ମସିହା ଥିଲା, ଆଜି ସକାଳକୁ ତାହା ଇତିହାସ ମଧ୍ୟରେ । ଆଉ ୨୦୨୫ ମସିହା ଉପସ୍ଥିତ ହୋଇ ଯାଇଛି, ୨୦୨୪ କୁ ଅତୀତକୁ ଠେଲି ଦେଇ । ସମୟର ମାପକାଠିରେ ଆଜି ୨୦୨୫ ମସିହାର ଶୀତଳସ୍ପର୍ଶ; ମନରେ, ଦେହରେ ଓ ଆମ ଚାରିପାଖରେ ଏକ ଉଦ୍ଦାମ ଉତ୍ତେଜନା, ଉତ୍ତାପ ଓ ଅଦୃଶ୍ୟ ନୂତନତ୍ୱର ଭାବ । ସବୁ ଯେପରି ଭୌତିକ ଦୃଷ୍ଟିରେ ଥିଲା, ସେପରି ଥିଲେ ମଧ୍ୟ ନୂତନ ବର୍ଷର ମୃଦୁ ପାହୁଣ୍ଡ, ମନ ସ୍ତରରେ ନୂତନତ୍ୱର ଏକ ଭିନ୍ନ ଉନ୍ମାଦନା, ଏକ ଭିନ୍ନ ଉତ୍ତାପ ! ଭାବି ହେଲି, କ୍ୟାଲେଣ୍ଡରର ଫର୍ଦ୍ଦକୁ ଫର୍ଦ୍ଦ, ତାରିଖକୁ ତାରିଖ ପ୍ରତିଦିନ ପରିବର୍ତ୍ତନ ହୋଇ ହୋଇ ଶେଷକୁ କ୍ୟାଲେଣ୍ଡରକୁ ସୁଦ୍ଧା ବଦଳାଇବାକୁ ହୁଏ । ଆଜି ସେଇ କ୍ୟାଲେଣ୍ଡର ବଦଳାଇବାର ଦିନ । କାଲି ଯେଉଁଠି ୨୦୨୪ର କ୍ୟାଲେଣ୍ଡର ଝୁଲୁଥିଲା, ଆଜି ସେଠାରେ ନୂଆ ସୁଦୃଶ୍ୟ ୨୦୨୫ର କ୍ୟାଲେଣ୍ଡର ସ୍ଥାନ ପାଇବ । ଠିକ୍ ଭଗବଦ୍ ଗୀତାର ସେଇ ଅବିନଶ୍ୱର, ମାର୍ମିକ ଉକ୍ତି ''... ନବାନି ଗୃହ୍ଣାତି ନରୋଽପରାଣି ... ...'' ପରି । ହାୟରେ ସମୟ ! ହାୟ, ତୁ କେତେ ବଳବାନ୍ ସତେ ! ଏମିତି କେତେ କ'ଣ କଥା ଓ ବିଷୟବସ୍ତୁ ଏଇ ନବବର୍ଷର ପ୍ରଥମ ଦିନରେ ଭାବି ହେଉଛି, ଚମତ୍କୃତ ବି ହେଉଛି ।

ହେଲେ ମୋ ଭାବନାର ରାସ୍ତାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା, ଯେତେବେଳେ ଝିଅ ଖାତା କଲମ ଧରି ଲେଉଟି ଆସିଲା ମୋ ପାଖକୁ । ମୋ ନିକଟରେ ହାଜର ହୋଇ ଉପସ୍ଥାପନ କଲା, ''ବାପା, ଏଇ ନୂଆବର୍ଷ ୨୦୨୫ର ଅଙ୍କମାନଙ୍କ ମଧ୍ୟରେ କି କୌତୁକ ରହିଛି ତୁମେ ଜାଣିଛ ! କହିବ ! ଗତବର୍ଷ ୨୦୨୪ ସଂଖ୍ୟାର ଅଦ୍ଭୁତ ଗୁଣ ମୋତେ ଖୁବ୍ ଆନନ୍ଦିତ କରିଥିଲା । ବାସ୍ତବିକ ଏଇ କେତେ ବର୍ଷ ମଧ୍ୟରେ ମୁଁ ଜାଣିଲି, ଏଇ ମସିହାମାନେ ସାଧାରଣ ସଂଖ୍ୟା ନୁହଁନ୍ତି । ବେଶ୍ କୌତୁକିଆ, ମନମତାଣିଆ ଆଉ ଖୁବ୍ ଛନଛନିଆ ତୃଣଭୋଜୀ ପ୍ରାଣୀମାନଙ୍କ ପରି ସରଳ ଓ ସୁଧାର ।

ମୁଁ ତାକୁ ଟିକେ ନିରେଖି ନେଲି । ତା' କଥା ଓ ମୋ ଉପରେ ତା'ର ଭରସାକୁ ସମର୍ଥନ କରିବାକୁ ମୁଁ କେତେ ସମର୍ଥ, ନିଜକୁ ନିଜେ ପଚାରିଲି । ସେ ତା'ର ଖାତା କଲମକୁ ଏ ହାତରୁ ସେ ହାତକୁ ବଦଳାବଦଳି କରିବାରେ ଲାଗିଥାଏ ଓ ମୋତେ ଏକ ଲୟରେ ଅନାଇଥାଏ । ମୁଁ ତାକୁ କି ଉତ୍ତର ଦେବି !

କହିଲି – ''ତୁ ସିନା ପ୍ରସ୍ତୁତ ଅଛୁ ମୋ'ଠୁଁ କୌତୁକ ଅଙ୍କ ବିଷୟରେ ଜାଣିବାକୁ, ମାତ୍ର ମୁଁ କ'ଣ ପ୍ରସ୍ତୁତ ଅଛି ? କୌତୁକ ଅଙ୍କ ବିଷୟରେ କହିବା କ'ଣ ମଲ୍ଲଯୋଦ୍ଧାମାନଙ୍କର ଦଣ୍ଡବୈଠକ ମାରିବା ଭଳି ହୋଇଛି ଯେ ଯେତେବେଳେ ଇଚ୍ଛା ସେତେବେଳେ କହିହେବ !'' ଝିଅ କିନ୍ତୁ ଅଚଳ ମହାମେରୁ, ନୀରବରେ ଠିଆ ହୋଇଛି । ତା'ର ଭରସା ମୋ ଉପରେ ଆକାଶ ପରି ଅସୀମ ଆଉ ସାଗର ପରି ଅନନ୍ତ !

ଏଣୁ ଚିନ୍ତା କଲି ଝିଅର ଫରମାଇସ୍ ମୁତାବକ ଏଇ ୨୦୨୫ ସଂଖ୍ୟା ବିଷୟରେ କିଛି କୌତୁକିଆ ଜିନିଷ ! କହିଲି – ''ଝିଅ ! ଆଜିର ଏଇ ୨୦୨୫, ଯାହା ଏକ ପୂର୍ଣ୍ଣବର୍ଗ ସଂଖ୍ୟା, ବେଶ୍ କୌତୁକିଆ ! ଅର୍ଥାତ୍, ବିଶ୍ୱବାସୀଙ୍କ ପାଖରେ ଆଜି ଯେଉଁ ବର୍ଷଟି ସମୟର ମାପକାଠିରେ ଉପସ୍ଥିତ ହୋଇଛି ତାହା ଏକ ପୂର୍ଣ୍ଣବର୍ଗ ସଂଖ୍ୟା । କାରଣ ୪୫ x ୪୫ = ୨୦୨୫ । ଏହା ଆଗରୁ ଯେଉଁ ମସିହାଟି ଠିକ୍ ଏହିପରି ପୂର୍ଣ୍ଣବର୍ଗ ସଂଖ୍ୟା ଥିଲା, ତାହା ହେଉଛି ୧୯୩୬ ମସିହା । ଆଜିଠାରୁ ୮୯ ବର୍ଷ ପୂର୍ବେ । ପୁଣି ୨୦୨୫ = ୧୯୩୬ + ୮୯ = ୪୪ର ବର୍ଗ + ୮ର ବର୍ଗ + ୫ର ବର୍ଗ । ଆଉ ଏହାର ପରବର୍ତ୍ତୀ ମସିହା ଯାହା ପୂର୍ଣ୍ଣବର୍ଗର ନୂତନ ରୂପରେଖ ନେଇ ଆସିବାର ଅଛି ତାହା ହେଉଛି ୨୧୧୬ ମସିହା, ଏବେ ଠାରୁ ଆହୁରି ୯୧ ବର୍ଷ ପରେ ଆସିବ । ୨୦୨୫ = ୨୧୧୬ –୯୧ = ୨୧୧୬ – ୬୪ – ୩୬ + ୯ = ୪୬ର ବର୍ଗ – ୮ର ବର୍ଗ – ୬ର ବର୍ଗ + ୩ର ବର୍ଗ ।

ଇତିମଧ୍ୟରେ ଝିଅ ମୋର ବାମ ପାଖକୁ ଏକରୈଖିୟ ହୋଇ ପଟାଖଟରେ ବସି ସାରିଥିଲା ତା'ର ଜଙ୍ଘ ଉପରେ ଖାତା ଓ କଲମ ରଖି । ମୋର ଏଇ ପ୍ରାରମ୍ଭିକ ସୂଚନାରେ ତା'ର ଆଖି ଦୁଇଟା ବଡ଼ ବଡ଼ ହୋଇଗଲା । ମୁହଁରେ ଶୀତଳ ସୁନେଲି ଖରା ମେଞ୍ଚାଏ ଲାଖି ରହିଥାଏ । କହିଲା, ''ଓ୍ୱାଓ ! କେତେ ମଜାଦାର ସତରେ, ବାପା !''

ମୁଁ ଆରମ୍ଭ କଲି – ''୨୦୨୫ ସଂଖ୍ୟାରେ ଅଙ୍କମାନଙ୍କର ଯୋଗଫଳ ୨+୦+୨+୫ = ୯, ଏକ ପୂର୍ଣ୍ଣବର୍ଗ ସଂଖ୍ୟା । ପୁଣି ୨୦୨୫କୁ ୯ ଦ୍ୱାରା ଭାଗ କଲେ ଆମେ ପାଇବା ୨୦୨୫ ÷ ୯ =୨୨୫, ଏହା ବି ଏକ ପୂର୍ଣ୍ଣବର୍ଗ ସଂଖ୍ୟା । ଆହୁରି ମଧ୍ୟ ୨୦୨୫କୁ ଆମେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ପରିଣତ କଲେ ପାଇବା ୨୦ ଓ ୨୫ । ଏମାନଙ୍କୁ ମିଶାଇଲେ ୨୦ + ୨୫ = ୪୫, ପୁଣି ୪୫ x ୪୫= ୨୦୨୫ । ଜାଣିଲୁ ।'' ତା'ର ପାଟିଟା ଅଜାଣତରେ 'ଆଁ' ହୋଇ ରହିଲା ।

ସେ ତା' ଖାତାରେ ଏହାକୁ ଟିପି ନେଲା । ପରେ ମୁଁ କ'ଣ କହୁଛି ଶୁଣିବାକୁ ଅପେକ୍ଷା କଲା । ମୁଁ କହିଲି, ''ଏଇ ୨୦୨୫ ସଂଖ୍ୟାକୁ ଦୁଇଟି ସଂଖ୍ୟାର ବର୍ଗର ଅନ୍ତର ରୂପେ ନିମ୍ନମତେ ଲେଖିପାରିବା : (୭୫ର ବର୍ଗ – ୬୦ର ବର୍ଗ), (୫୧ର ବର୍ଗ – ୨୪ର ବର୍ଗ), (୫୩ର ବର୍ଗ – ୨୮ର ବର୍ଗ), (୧୧୭ର ବର୍ଗ – ୧୦୮ର ବର୍ଗ), (୨୦୫ର ବର୍ଗ – ୨୦୦ର ବର୍ଗ), (୩୩୯ର ବର୍ଗ – ୩୩୬ର ବର୍ଗ) ଏବଂ (୧୦୧୩ର ବର୍ଗ – ୧୦୧୨ର ବର୍ଗ) = ୨୦୨୫ । ଏମାନଙ୍କ ମଧ୍ୟରୁ ୧୦୧୩ ଓ ୧୦୧୨ ଦୁଇଟି କ୍ରମିକ ସଂଖ୍ୟା ! ଏମାନଙ୍କ ବର୍ଗ ବାହାର କରି ତୁ ସତ୍ୟତା ପରୀକ୍ଷା କରିପାରୁ ।''

ଏଇ ଦୁଇଟି ସଂଖ୍ୟାର ବର୍ଗର ଅନ୍ତର ରୂପେ ପ୍ରକାଶ କରିବା ରୂପଟିକୁ ସେ ବେଶ୍ ଖୁସ୍ ନଜରରେ ନିରେଖି ନେଲା । ସେ ସବୁକୁ ତା' ଖାତାରେ ସୁଦ୍ଧା ଟିପି ନେଲା । କହିଲା, ''ସତରେ ବାପା ! ଏଇ ୨୦୨୫ ସଂଖ୍ୟାଟିକୁ ଏମିତି ଏତେ ପ୍ରକାରରେ ପ୍ରକାଶ କରାଯାଇ ପାରେ ! ପୁଣି ଏତେ କୌତୁକିଆ ଢଙ୍ଗରେ !'' ମୁଁ ଆଗକୁ ବଢ଼ିଲି, କହିଲି – ''ଏଇ ୨୦୨୫ର ବିଭାଜକଗୁଡ଼ିକ ହେଲେ ୧, ୩, ୫, ୯, ୧୫, ୨୫, ୨୭, ୪୫, ୭୫, ୮୧, ୧୩୫, ୨୨୫, ୪୦୫, ୬୭୫ ଓ ୨୦୨୫ । ମାମୁଲି ଦିଶୁଥିବା ଏଇ ୨୦୨୫ର ୧୫ଟି ବିଭାଜକ ରହିଛି । ଜାଣିଲୁ !'' ଝିଅ ପ୍ରଶ୍ନ କଲା, ''ବାପା, ବିଭାଜକ କ'ଣ ?'' ମୁଁ ଉତ୍ତର ଦେଲି – ''୨୦୨୫ ସଂଖ୍ୟାଟିକୁ ଯେଉଁ ଯେଉଁ ସଂଖ୍ୟା ଦ୍ୱାରା ହରଣ କଲେ ଭାଗଶେଷ '୦' ରହିବ, ତାହା ବିଭାଜକ ଅଟେ । ଏହାକୁ ଆମେ ଅନ୍ୟ ପ୍ରକାରେ ବୁଝିପାରିବା, ଯଥା : ୨୦୨୫= ୨୦୨୫x୧, ୬୭୫x୩, ୪୦୫x୫, ୨୨୫x୯, ୧୩୫x୧୫, ୮୧x୨୫, ୭୫x୨୭ ଓ ୪୫x୪୫ । ଏମାନଙ୍କର ଗୁଣଫଳ ହେଲା ୨୦୨୫ । ଏଇପରି ଆଠଯୋଡ଼ା ଗୁଣ୍ୟ ଓ ଗୁଣକର ଗୁଣଫଳହିଁ ୨୦୨୫ ହୋଇଥାଏ । ଝିଅ ଏଇ ଗୁଣ୍ୟ ଓ ଗୁଣକମାନଙ୍କୁ ଚିହ୍ନୁଥିଲା ଗୋଟି ଗୋଟି କରି – କୌଣସି ଏକ ମେଳାରେ ମହିଳାମାନଙ୍କର ଭିଡ଼ ଭିତରେ ତା' ବୋଉକୁ ଚିହ୍ନିବା ପରି ! ମୁଁ ପୁଣି ଯୋଗ କଲି – ''ଲକ୍ଷ୍ୟ କର, ଏଇ ଗୁଣ୍ୟ ଓ ଗୁଣକ ଯୋଡ଼ା ମଧ୍ୟରେ ଆଉ ଏକ କୌତୁକ ଲୁଚି ରହିଛି !''

''ସେଇଟା କ'ଣ ? ମୁଁ ତ ଜାଣି ପାରୁ ନାହିଁ ।''– ଝିଅର ପୁଣି ଅଛିଣ୍ଡା ଜିଜ୍ଞାସା ।

''ଜାଣିପାରୁ ନାହୁଁ ? ୧ x ୨୦୨୫, ୯ x ୨୨୫, ୨୫ x ୮୧ ଲକ୍ଷ୍ୟ କର । ଏଇ ଗୁଣ୍ୟ ଗୁଣକମାନେ ସମସ୍ତେ ଗୋଟିଏ ଗୋଟିଏ ପୂର୍ଣ୍ଣବର୍ଗ ସଂଖ୍ୟା ।'' – ମୁଁ ଈଷତ୍ ଚଢ଼ା ଗଳାରେ କହିଲି !

''ଆରେ, ସତେ ତ !'' – ଝିଅ ଆର୍ତ୍ତନାଦ କଲା ପରି ଭଙ୍ଗୀରେ କହିଲା ।

''ଖାଲି ସେତିକି ନୁହେଁ, ୨୦୨୫ = ୩x୩x୩x୩x୫x୫, ଅର୍ଥାତ୍ ୩ର ଚତୁର୍ଥ ଘାତ ଓ ୫ର ଦ୍ୱିତୀୟ ଘାତର ଗୁଣଫଳ ନେଲେ ସମାନ ହୁଏ । ଅର୍ଥାତ୍, ୨୦୨୫=$୩^{୪}$x$୫^{୨}$ । ଅର୍ଥାତ୍, ୨, ୩, ୪ ଓ ୫ ସଂଖ୍ୟାକୁ ବ୍ୟବହାର କରି ସୂଚକୀୟ ଅଙ୍କ ମାଧମରେ ଆମେ ୨୦୨୫କୁ ପ୍ରକାଶ କରି ପାରିବା ।''

ଝିଅର ଆଶ୍ଚର୍ଯ୍ୟର ସୀମା ଟପିବା ଉପରେ । ପାଟିରେ କଥା ନାହିଁ । ଆଖି ଓ ମୁହଁରେ ଏକ ନୂତନ ଅନୁଭୂତି, ବିସ୍ମିତ ଭାବର ଏକ ଅପୂର୍ବ ଭଙ୍ଗିମା !

''ଆଗକୁ ଜାଣିରଖ – ୨୦୨୫ ହେଉଛି ୫ଟି କ୍ରମିକ ସଂଖ୍ୟାର ସମଷ୍ଟି । ସେସବୁ କ'ଣ, କ'ଣ କହିବୁ ?'' ଝିଅ ତଥାପି ନୀରବ । ୨୦୨୫ ସଂଖ୍ୟାର ପରିପ୍ରକାଶରେ ଯେଉଁ ଅଦ୍ଭୁତ ସଂଖ୍ୟାର ସୌନ୍ଦର୍ଯ୍ୟ ରହିଛି, ସେଇ ଅଦ୍ଭୁତତାହିଁ ତାକୁ ନିର୍ବାକ୍ କରିଦେଇଛି । ସେଥିରୁ ମୁକୁଳି ଆସି ମୋର ଉତ୍ତର ଦେବାକୁ ସେ ସକ୍ଷମ ନୁହେଁ । ମୁଁ ଠିକ୍ ଅନୁଭବ କରିପାରୁଥିଲି । ସୁତରାଂ ମୁଁ ଉତ୍ତର ଦେଲି – ''୨୦୨୫ = ୪୦୩ + ୪୦୪ +୪୦୫ + ୪୦୬ + ୪୦୭ ।''

''ତୁ ଜାଣିଲେ ପୁଣି ଆନନ୍ଦିତ ହେବୁ ଯେ ୧ ଠାରୁ ୯ ପର୍ଯ୍ୟନ୍ତ କ୍ରମିକ ସଂଖ୍ୟାମାନଙ୍କ ସମଷ୍ଟିର ବର୍ଗ ନେଲେ ଆମେ ୨୦୨୫ ପାଇବା । ଅର୍ଥାତ୍, ୨୦୨୫ = (୧ + ୨ + ୩ + ୪ + ୫ + ୬ + ୭ + ୮ + ୯)ର ବର୍ଗ ହୁଏ । ଆହୁରି ମଧ୍ୟ ଏଇ ୧ ଠାରୁ ୯ ପର୍ଯ୍ୟନ୍ତ ସଂଖ୍ୟାମାନଙ୍କର ଘନ (Cube) ନେଇ ମିଶାଇଲେ, ମିଶାଣ ଫଳ ସେଇ ୨୦୨୫ହିଁ ହୋଇଥାଏ । ଅର୍ଥାତ୍, ୧ର ଘନ + ୨ର ଘନ + ୩ର ଘନ + ୪ର ଘନ + ୫ର ଘନ + ୬ର ଘନ + ୭ର ଘନ + ୮ର ଘନ + ୯ର ଘନ = ୨୦୨୫ ଅଟେ ।''

ଝିଅ ଏକ ପ୍ରକାର ସ୍ତମ୍ଭୀଭୂତା, ପାଟିରେ କଥା ନାହିଁ କିଂବା ହଲଚଲ ନାହିଁ । ଲକ୍ଷ୍ୟ କଲି ସଂଖ୍ୟା ଜଗତରୁ ବୁଲି ବୁଲି ସେ କେଉଁ ଏକ ଅଜଣା ଆଶ୍ଚର୍ଯ୍ୟକର ଦୁନିଆଁରେ ଘୂରି ବୁଲୁଛି । ପ୍ରଖ୍ୟାତ ନିବନ୍ଧକାର Lewis Carollଙ୍କ 'Alice in the Wonderland' ପୁସ୍ତକରେ ଝିଅ Alice ପରି !

ଏଥର ମୁଁ ତାକୁ ଅନ୍ୟ ଏକ ପ୍ରସଙ୍ଗକୁ ଟାଣିଲି । କହିଲି, ''ତୁ ଜାଣିଛୁ, ସମକୋଣୀ ତ୍ରିଭୁଜରେ ସମକୋଣ ସଂଲଗ୍ନ ବାହୁଦ୍ୱୟ ଲମ୍ବ ଓ ଭୂମି ହେଲେ, ପିଥାଗୋରାସଙ୍କ ମତରେ ଲମ୍ବର ବର୍ଗ+ଭୂମିର ବର୍ଗ=କର୍ଣ୍ଣର ବର୍ଗ ହୁଏ । ସମକୋଣୀ ତ୍ରିଭୁଜରେ କର୍ଣ୍ଣର ଦୈର୍ଘ୍ୟ ୨୦୨୫ ଏକକ ମନେ କଲେ ଲମ୍ବ ଓ ଭୂମିର ଦୈର୍ଘ୍ୟକୁ ଦୁଇ ପ୍ରକାରରେ ପ୍ରକାଶ କରିପାରିବା । ଅର୍ଥାତ୍ :

(କ) ଲମ୍ବ ଓ ଭୂମିର ଦୈର୍ଘ୍ୟ ଯଥାକ୍ରମେ ୫୬୭ ଏକକ ଓ ୧୯୪୪ ଏକକ ହେଲେ କର୍ଣ୍ଣର ଦୈର୍ଘ୍ୟ ୨୦୨୫ ଏକକ ହେବ । ଅର୍ଥାତ୍, ୨୦୨୫ର ବର୍ଗ = ୫୬୭ର ବର୍ଗ+୧୯୪୪ର ବର୍ଗ ।

(ଖ) ଲମ୍ବ ଓ ଭୂମିର ଦୈର୍ଘ୍ୟ ଯଥାକ୍ରମେ ୧୨୧୫ ଏକକ ଓ ୧୬୨୦ ଏକକ ହେଲେ କର୍ଣ୍ଣର ଦୈର୍ଘ୍ୟ ସେଇ ୨୦୨୫ ଏକକ ହେବ । ଅର୍ଥାତ୍, ୨୦୨୫ର ବର୍ଗ = ୧୨୧୫ର ବର୍ଗ + ୧୬୨୦ର ବର୍ଗ ।''

ଦୀର୍ଘ ନୀରବତା ପରେ ଝିଅ ପାଟି ଫିଟାଇଲା । କହିଲା – ''ସତରେ କେତେ କୌତୁକ ଭରି ରହିଛି ଏଇ ୨୦୨୫ ସଂଖ୍ୟାରେ । ଏହାର ବର୍ଣ୍ଣନା ଓ ବୁଝାଇବା ପ୍ରଣାଳୀରେ ମୁଁ ହତବାକ୍ ! କ'ଣ କହିବି ଭାଷା ପାଉ ନାହିଁ !''

ମୁଁ କହିଲି – ''ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟଟି ହେଲା ଯେ ୨୦୨୫କୁ ଆମେ ଚାରୋଟି କିଂବା ତିନୋଟି ସଂଖ୍ୟାର ବର୍ଗର ସମଷ୍ଟି ରୂପେ ୧୦ାରୁ ଆରମ୍ଭ କରି ୪୫ ପ୍ରକାରରେ ଭିନ୍ନ ଭିନ୍ନ ଢଙ୍ଗରେ ଲେଖି ପାରିବା । କେବଳ ଗୋଟିଏ ମାତ୍ର ପ୍ରକାରରେ ତାହା Linear combination ରେ ରହିବ । ସେଇ ୪୫ ପ୍ରକାର ବର୍ଗର ଯୋଗଫଳକୁ ଲକ୍ଷ୍ୟ କର :

୨୦୨୫=୧ର ବର୍ଗ+୨ର ବର୍ଗ+୨୪ର ବର୍ଗ+୩୮ର ବର୍ଗ
୨୦୨୫=୨ର ବର୍ଗ+୧୨ର ବର୍ଗ+୧୪ର ବର୍ଗ+୪୧ର ବର୍ଗ
୨୦୨୫=୩ର ବର୍ଗ+୪ର ବର୍ଗ+୮ର ବର୍ଗ+୪୪ର ବର୍ଗ
୨୦୨୫=୪ର ବର୍ଗ+୩ର ବର୍ଗ+୨୦ର ବର୍ଗ+୪୦ର ବର୍ଗ
୨୦୨୫=୫ର ବର୍ଗ+୨୦ର ବର୍ଗ+୨୪ର ବର୍ଗ+୩୨ର ବର୍ଗ
୨୦୨୫=୬ର ବର୍ଗ+୧୫ର ବର୍ଗ+୪୨ର ବର୍ଗ

୨୦୨୫=୭ର ବର୍ଗ+୪ର ବର୍ଗ+୧୪ର ବର୍ଗ+୪୨ର ବର୍ଗ
୨୦୨୫=୮ର ବର୍ଗ+୫ର ବର୍ଗ+୪୪ର ବର୍ଗ
୨୦୨୫=୯ର ବର୍ଗ+୨ର ବର୍ଗ+୨ର ବର୍ଗ+୪୪ର ବର୍ଗ
୨୦୨୫=୧୦ର ବର୍ଗ+୧ର ବର୍ଗ+୧୮ର ବର୍ଗ+୪୦ର ବର୍ଗ
୨୦୨୫=୧୧ର ବର୍ଗ+୮ର ବର୍ଗ+୪୩ର ବର୍ଗ–(୩)ର ବର୍ଗ
୨୦୨୫=୧୨ର ବର୍ଗ+୧୦ର ବର୍ଗ+୧୦ର ବର୍ଗ+୪୧ର ବର୍ଗ
୨୦୨୫=୧୩ର ବର୍ଗ+୧୬ର ବର୍ଗ+୪୦ର ବର୍ଗ
୨୦୨୫=୧୪ର ବର୍ଗ+୧ର ବର୍ଗ+୮ର ବର୍ଗ+୪୨ର ବର୍ଗ
୨୦୨୫=୧୫ର ବର୍ଗ+୧୦ର ବର୍ଗ+୧୦ର ବର୍ଗ+୪୦ର ବର୍ଗ
୨୦୨୫=୧୬ର ବର୍ଗ+୫ର ବର୍ଗ+୧୨ର ବର୍ଗ+୪୦ର ବର୍ଗ
୨୦୨୫=୧୭ର ବର୍ଗ+୬ର ବର୍ଗ+୧୦ର ବର୍ଗ+୪୦ର ବର୍ଗ
୨୦୨୫=୧୮ର ବର୍ଗ+୬ର ବର୍ଗ+୧୨ର ବର୍ଗ+୩୯ର ବର୍ଗ
୨୦୨୫=୧୯ର ବର୍ଗ+୮ର ବର୍ଗ+୪୦ର ବର୍ଗ
୨୦୨୫=୨୦ର ବର୍ଗ+୨୦ର ବର୍ଗ+୩୫ର ବର୍ଗ
୨୦୨୫=୨୧ର ବର୍ଗ+୧୨ର ବର୍ଗ+୧୨ର ବର୍ଗ+୩୬ର ବର୍ଗ
୨୦୨୫=୨୨ର ବର୍ଗ+୪ର ବର୍ଗ+୯ର ବର୍ଗ+୩୮ର ବର୍ଗ
୨୦୨୫=୨୩ର ବର୍ଗ+୧୦ର ବର୍ଗ+୧୦ର ବର୍ଗ+୩୬ର ବର୍ଗ
୨୦୨୫=୨୪ର ବର୍ଗ+୪ର ବର୍ଗ+୮ର ବର୍ଗ+୩୭ର ବର୍ଗ
୨୦୨୫=୨୫ର ବର୍ଗ+୧୦ର ବର୍ଗ+୨୦ର ବର୍ଗ+୩୦ର ବର୍ଗ
୨୦୨୫=୨୬ର ବର୍ଗ+୨ର ବର୍ଗ+୧୬ର ବର୍ଗ+୩୩ର ବର୍ଗ
୨୦୨୫=୨୭ର ବର୍ଗ+୩୬ର ବର୍ଗ=୪୫ର ବର୍ଗ
(ପୀଥାଗୋରୀୟ ସଂଖ୍ୟା ତ୍ରୟୀ)
୨୦୨୫=୨୮ର ବର୍ଗ+୪ର ବର୍ଗ+୨୧ର ବର୍ଗ+୨୮ର ବର୍ଗ
୨୦୨୫=୨୯ର ବର୍ଗ+୨୦ର ବର୍ଗ+୨୮ର ବର୍ଗ
୨୦୨୫=୩୦ର ବର୍ଗ+୧ର ବର୍ଗ+୧୦ର ବର୍ଗ+୩୨ର ବର୍ଗ
୨୦୨୫=୩୧ର ବର୍ଗ+୮ର ବର୍ଗ+୧୦ର ବର୍ଗ+୩୦ର ବର୍ଗ
୨୦୨୫=୩୨ର ବର୍ଗ+୨ର ବର୍ଗ+୬ର ବର୍ଗ+୩୧ର ବର୍ଗ
୨୦୨୫=୩୩ର ବର୍ଗ+୬ର ବର୍ଗ+୩୦ର ବର୍ଗ
୨୦୨୫=୩୪ର ବର୍ଗ+୨ର ବର୍ଗ+୯ର ବର୍ଗ+୨୮ର ବର୍ଗ
୨୦୨୫=୩୫ର ବର୍ଗ+୪ର ବର୍ଗ+୨୮ର ବର୍ଗ
୨୦୨୫=୩୬ର ବର୍ଗ+୨ର ବର୍ଗ+୧୪ର ବର୍ଗ+୨୩ର ବର୍ଗ
୨୦୨୫=୩୭ର ବର୍ଗ+୧୬ର ବର୍ଗ+୨୦ର ବର୍ଗ
୨୦୨୫=୩୮ର ବର୍ଗ+୯ର ବର୍ଗ+୧୦ର ବର୍ଗ+୨୦ର ବର୍ଗ
୨୦୨୫=୩୯ର ବର୍ଗ+୨ର ବର୍ଗ+୪ର ବର୍ଗ+୨୨ର ବର୍ଗ
୨୦୨୫=୪୦ର ବର୍ଗ+୫ର ବର୍ଗ+୨୦ର ବର୍ଗ
୨୦୨୫=୪୧ର ବର୍ଗ+୨ର ବର୍ଗ+୪ର ବର୍ଗ+୧୮ର ବର୍ଗ
୨୦୨୫=୪୨ର ବର୍ଗ+୧ର ବର୍ଗ+୨ର ବର୍ଗ+୧୬ର ବର୍ଗ
୨୦୨୫=୪୩ର ବର୍ଗ+୪ର ବର୍ଗ+୪ର ବର୍ଗ+୧୨ର ବର୍ଗ
୨୦୨୫=୪୪ର ବର୍ଗ+୫ର ବର୍ଗ+୮ର ବର୍ଗ
୨୦୨୫=୪୫ର ବର୍ଗ !!

ଲକ୍ଷ୍ୟ କଲି, ଝିଅର ଟିକି ମସ୍ତିଷ୍କରେ ଏତେ ସବୁ କୌତୁକ ଖୁନ୍ଦାଖୁନ୍ଦି ହୋଇ ରହି ଗଲେଣି । ତେଣୁ ସେ ଆଉ ଆଶ୍ଚର୍ଯ୍ୟକର ଟିପ୍ପଣୀ ଦେବାକୁ ସକ୍ଷମ ନୁହେଁ । ଭାବିଲି ଆଜି ପାଇଁ ଏଇଠି ବିରତି ରଖିବା । ୨୦୨୫ର ଆହୁରି ଅନେକ କୌତୁକ ଅଛି । ମାତ୍ର ସେସବୁ ବାରାନ୍ତରେ ଅଳ୍ପ ଅଳ୍ପ କରି ଆଲୋଚନା କରିବି । ଖରା ବି ପାଉଁଶିଆରୁ କ୍ରମଶଃ ଟାଣ ହୋଇ ଆସିଲାଣି । ଏଣୁ ମୁଁ ଏଠାରେ ଆଜି ପାଇଁ ଏ କୌତୁକକୁ ବିରାମ ଦେବାକୁ କହିଲି । ସିଏ ବି ମୋ ପ୍ରସ୍ତାବକୁ ସାଦରେ ଗ୍ରହଣ କରି ତା' ପଢ଼ା କୋଠରିକୁ ମୁହାଁଇଲା ।

ମୁଁ ଦେଖିଲି ଖବରକାଗଜ ଖଣ୍ଡିକ କେତେବେଳେ ସେଇ ପିଲାଟି ଦେଇ କରି ଚାଲି ଯାଇଛି ମୋ ଅଲକ୍ଷ୍ୟରେ । ଖବରସବୁର ଆବୁରୁଜାବୁରୁ ଦୁନିଆଁକୁ ପଶିଗଲି ଏହା ପରେ । ❑

ତୁମ ପ୍ରକୃତିରେ କ'ଣ ସବୁ ତ୍ରୁଟି ରହିଛି ସେଥିରେ କିଛି ଯାଏ ଆସେ ନାହିଁ । ଯେଉଁ ଏକମାତ୍ର କଥା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ନିଜକୁ ଦିବ୍ୟଶକ୍ତି ଦିଗରେ ଉନ୍ମୀଳିତ ରଖିବା । ଦିବ୍ୟ ସାହାଯ୍ୟ ବିନା କେହି କେବେ ନିଜକୁ ନିଜ ଚେଷ୍ଟାରେ ରୂପାନ୍ତର କରିପାରିବ ନାହିଁ । କେବଳ ଦିବ୍ୟଶକ୍ତିହିଁ ବ୍ୟକ୍ତିକୁ ରୂପାନ୍ତର କରିପାରେ । ଯଦି ତୁମେ ନିଜକୁ ଉନ୍ମୁକ୍ତ ରଖ, ଅନ୍ୟ ସବୁକିଛି ତୁମ ପାଇଁ କରି ଦିଆଯିବ ।

— ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ହିଂସା-ଭିତ୍ତିକ ଦୃଶ୍ୟାବଳି ପ୍ରଭାବ ଓ ପ୍ରତିଷେଧକ

ନିବିଡ଼ ଅରଣ୍ୟ ପାଖ ଦେଇ ଏକ ଜନପଦରୁ ଅନ୍ୟ ଜନପଦକୁ ପଥ । ଦିନେ ଅପରାହ୍ଣରେ ସେ ପଥରେ ଯାତ୍ରା କରୁଥିଲେ ଦେବର୍ଷି ନାରଦ (ମତାନ୍ତରେ ସପ୍ତଋଷି) । ହଠାତ୍ ଅରଣ୍ୟ ଭିତରୁ କେତୋଟି ଲମ୍ଫ ଯୋଗେ ତାଙ୍କ ଆଗରେ ଉଦ୍ୟତ ଲାଠି ହସ୍ତେ ଉଭା ଜଣେ ଭୀଷଣ-ଦର୍ଶନ ଦସ୍ୟୁ ।

ଦସ୍ୟୁ ରତ୍ନାକର କିଂବଦନ୍ତି କିଏ ବା ନଜାଣେ । ଦିନ ପରେ ଦିନ ସେ ଯାତ୍ରୀମାନଙ୍କୁ ଲୁଣ୍ଠନ କରି ସେହି ସମ୍ପଦ ଯୋଗେ ପରିବାର ପ୍ରତିପୋଷଣ କରେ । ପ୍ରଥମ ଥର ପାଇଁ ସେ ଏକ ମୌଳିକ ପ୍ରଶ୍ନ ସାମନା କରୁଛି ।

ପ୍ରଶ୍ନକର୍ତ୍ତା ନାରଦ : ଅନ୍ୟାୟ ଉପାୟରେ ଉପାର୍ଜନ କରି ସେ ଯେଉଁ ପାପ ଅର୍ଜନ କରୁଛି, ତା'ର ପ୍ରଚଣ୍ଡ ଭାର ବହନ କରିବା ସକାଶେ ସେ ପ୍ରସ୍ତୁତ ତ ?

''ଭାର ପ୍ରଚଣ୍ଡ ହେବ ନାହିଁ । କାରଣ ଯେଉଁମାନଙ୍କ ଭରଣପୋଷଣ ସକାଶେ ମୁଁ ଏ ଧନ୍ଦା କରୁଛି, ସେମାନେ ସମସ୍ତେ ସେ ଭାର ଭାଗ କରି ନେବେ ।'' – ଉତ୍ତର ଦେଲା ରତ୍ନାକର ।

ନାରଦଙ୍କ ପରାମର୍ଶ କ୍ରମେ ସେ ଯାଇ ପରିବାରର ସଦସ୍ୟମାନଙ୍କୁ ପ୍ରଶ୍ନ କରନ୍ତେ ସେମାନେ କିନ୍ତୁ କେହି ହେଲେ ତା' ପାପ ଭାରରେ ଅଂଶୀଦାର ହେବେ ନାହିଁ ବୋଲି ଜଣାଇ ଦେଲେ । ପରିବାର ପୋଷଣ ତା'ର ଦାୟିତ୍ୱ । ଯେଉଁ ପନ୍ଥାରେ ସେ ତାହା କରୁଛି, ସେ ପାଇଁ ତା' ନିଜ ବ୍ୟତିରେକେ ଆଉ କେହି ଦାୟୀ ହେବାର କାରଣ ନାହିଁ ।

ରତ୍ନାକରର ଜ୍ଞାନ ଚକ୍ଷୁ ଉନ୍ମୀଳିତ ହେଲା । ନାରଦଙ୍କ ଦ୍ୱାରା ଅନୁପ୍ରାଣିତ ଓ ଦୀକ୍ଷିତ ହୋଇ ସେ ତପସ୍ୟା-ନିମଗ୍ନ ହେଲା । ବଲ୍ମିକ(ଉଇହୁଙ୍କା) ରୂପକ ତା' ବ୍ୟକ୍ତିତ୍ୱର ବାହାର ଆବରଣ ଖସି ପଡ଼ିଲା; ପ୍ରକଟିତ ହେଲେ ମହାନ୍ ଋଷି ବାଲ୍ମୀକି ।

ସେ ଥିଲେ ଜଣେ ବିକଶିତ ଆତ୍ମାବନ୍ତ ମଣିଷ । କିନ୍ତୁ ଘଟଣାକ୍ରମେ ଆବାଲ୍ୟ ସେ ଏକ ଦସ୍ୟୁ ପଲ୍ଲିର ବାସିନ୍ଦା ହୋଇ ଯାଇଥିଲେ । ତାଙ୍କ ପରିପକ୍ୱ ଅନ୍ତଶ୍ଚେତନା ଅନ୍ୟ ଏକ ଦିବ୍ୟଚେତନାର ସ୍ପର୍ଶ ଲାଭ କରିବା ମାତ୍ରେ ଅଚିରେ ନିଜ ସ୍ୱଧର୍ମର ସନ୍ଧାନ ପାଇଗଲା । ସେ ବଲ୍ମିକ ଭିତରୁ ଆତ୍ମପ୍ରକାଶ କରିବାର ତାତ୍ପର୍ଯ୍ୟ ତାଙ୍କର ମୋହଗ୍ରସ୍ତ ଚେତନାର ଅବସାନ ଓ ସତ୍ୟ ଚେତନାର ଉଦ୍ଭାସନ ।

ରାମାୟଣର ରଚୟିତା ଆମର ଏହି ଆଦିକବିଙ୍କ ଜୀବନ ସମ୍ପର୍କରେ ଏହା ଜନଶ୍ରୁତି ମାତ୍ର, ତଥ୍ୟଭିତ୍ତିକ ଇତିହାସ ନୁହେଁ । କିନ୍ତୁ ଏହା ତାତ୍ପର୍ଯ୍ୟପୂର୍ଣ୍ଣ । ମଣିଷ ଭିତରେ ସୁପ୍ତ ରହିଥାଏ ତା'ର ମନୁଷ୍ୟତ୍ୱର ମହିମା; ସଙ୍ଗେ ସଙ୍ଗେ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ତା'ର ବ୍ୟାବହାରିକ ସ୍ଥୂଳ ଜୀବନର ଚରିତ୍ର ନିର୍ଣ୍ଣୀତ ହୁଏ ।

ଆମ ବିକାଶ ସକାଶେ ମୁଖ୍ୟତଃ ତିନୋଟି ପ୍ରଭାବ ଦାୟୀ : ଉତ୍ତରାଧିକାରୀ ସୂତ୍ରେ, ମାତାପିତା ଓ ପୂର୍ବପୁରୁଷଙ୍କଠାରୁ ଆନୀତ ଗୁଣ, ଦୁର୍ଗୁଣ; ଦ୍ୱିତୀୟରେ ପରିବେଶ ଓ ପରିସ୍ଥିତିର ଚରିତ୍ର ଏବଂ ସର୍ବୋପରି ଆମ ବ୍ୟକ୍ତିଗତ କ୍ରମବିକାଶ ବା ଜନ୍ମ ଜନ୍ମ ଧରି ଆମର ସଞ୍ଚିତ ଚୈତ୍ୟ-ଅଭିଜ୍ଞତାର ପରବର୍ତ୍ତୀ ଦାବି । ଏହି ତୃତୀୟ ବିଷୟଟିର ପରିଚୟ ପ୍ରଦାନ ସହଜ ନୁହେଁ । ଜାଣତରେ ହେଉ ବା ଅଜାଣତରେ ହେଉ, ପ୍ରତି ଜନ୍ମରେ ଆମେ ଦୁଃଖସୁଖର ବହୁ ଅଭିଜ୍ଞତା ଅର୍ଜନ କରୁଛୁଁ । ଆମ ଶେଷ ଲକ୍ଷ୍ୟରେ ଉପନୀତ ହେବା ଦିଗରେ ସେସବୁର କିଛି ନା କିଛି ଅବଦାନ ଥିବା ଅନିବାର୍ଯ୍ୟ । ଗୋଟାଏ ଜୀବନ-କାଳର ସମାପ୍ତି ପରେ ଯେଉଁ ପରିବେଶ, ପରିସ୍ଥିତିରେ ନବଜନ୍ମ ଗ୍ରହଣ କଲେ ପରବର୍ତ୍ତୀ ଆବଶ୍ୟକୀୟ ଅଭିଜ୍ଞତା ଅର୍ଜନ ସମ୍ଭବ ହେବ, ସେହି ଅନୁସାରେ ଆମ ନୂତନ ଜୀବନର ସ୍ଥାନ, କାଳ ନିରୂପିତ ହୋଇଯାଏ । ଆମେ ସଚେତନ ରହିଲେ ପ୍ରଗତି ଦ୍ରୁତ ହେବ, ଅଚେତନ ରହିଲେ ମନ୍ଥର ହେବ । ଲକ୍ଷ୍ୟ ଦିଗରେ ଗତି କିନ୍ତୁ ଅନିବାର୍ଯ୍ୟ ।

ଅଧିକାଂଶ ମଣିଷ ପରିବେଶ ଓ ପରିସ୍ଥିତିର ଦାସ ହୋଇ ରହିଥା'ନ୍ତି । ପରିବେଶ ଓ ପରିସ୍ଥିତି ଶୁଭଙ୍କର ହୋଇଥିଲେ ସେମାନେ ସମାଜରେ ସୁନାଗରିକ ଭାବେ ପରିଗଣିତ ହୁଅନ୍ତି । ପରିବେଶ ଓ ପରିସ୍ଥିତି ଖରାପ ହୋଇଥିଲେ (ଯାହା ରତ୍ନାକର ଭାବରେ ବାଲ୍ମୀକିଙ୍କ ଆଦ୍ୟ ଜୀବନରେ ହୋଇଥିଲା) ସେମାନେ ମନ୍ଦ ସ୍ୱଭାବ ସର୍ବସ୍ୱ ହୁଅନ୍ତି ।

ପରିବେଶ ଓ ପରିସ୍ଥିତିରେ ଶୁଭ ଶକ୍ତି ଓ ଅଶୁଭ ଶକ୍ତି ଉଭୟର ପ୍ରଭାବ ଥିଲେ କେତେକ ଲୋକ ଶୁଭ ଶକ୍ତି ଦ୍ୱାରାହିଁ ପ୍ରଭାବିତ ହୁଅନ୍ତି, କିନ୍ତୁ ଅଶୁଭ ଶକ୍ତି ଦ୍ୱାରା ପ୍ରଭାବିତ ହେବା ଲୋକଙ୍କ ସଂଖ୍ୟା ଅଧିକ ।

ଦୁଇ ପ୍ରତିବେଶୀଙ୍କ ଘରେ ଦୁଇଟି ଶୁଆ ଚଢ଼େଇ ଥିଲେ । ପ୍ରଥମ ଗୃହସ୍ୱାମୀ ଜଣେ କୃଷ୍ଣଭକ୍ତ ଏବଂ ତାଙ୍କ ଶୁଆ ସ୍ୱଷ୍ଟ ଭାବରେ କୃଷ୍ଣ ନାମ ଆବୃତ୍ତି କରୁଥାଏ । ଦ୍ୱିତୀୟ ଗୃହସ୍ୱାମୀ ତାଙ୍କ ଘରଟିକୁ ଜଣେ ଭଦ୍ରଲୋକଙ୍କୁ ଭଡ଼ାରେ ଦେଇ ବର୍ଷକ ସକାଶେ ବିଦେଶ ଯାଇଥିଲେ । ଆସି ଦେଖିଲେ ତାଙ୍କ ଶୁଆ ଅଶ୍ଳୀଳ ଓ ଲଜ୍ଜାଜନକ ଗାଳିମାନ ଆବୃତ୍ତି କରିଯାଉଛି । କଥା ହେଲା, ପ୍ରତ୍ୟହ ତାଙ୍କ ଘରେ ମଦ୍ୟପମାନଙ୍କ ଆଡ଼ା ହେଉଥାଏ ।

ବ୍ୟଥିତ ଭଦ୍ରଲୋକ ତାଙ୍କ ପ୍ରତିବେଶୀଙ୍କ ଅନୁମତି କ୍ରମେ ତାଙ୍କ ଶୁଆଟିକୁ ପ୍ରଥମ ଶୁଆ ପାଖରେ ରଖାଇଲେ – ସେ ନିଜ ଅଭ୍ୟାସ ପରିହାର କରି କୃଷ୍ଣ ନାମ ଉଚ୍ଚାରଣ କରିବ ବୋଲି ଆଶାରେ । କିଛିଦିନ ପରେ ଦେଖାଗଲା, ପ୍ରଥମ ଶୁଆଟି ଆଉ କୃଷ୍ଣ ନାମ ନକହି ଅଶ୍ଳୀଳ ଶବ୍ଦମାନ କହି ଚାଲିଛି – ଦ୍ୱିତୀୟଟି ଭଳି ।

ଖରାପ ପ୍ରଭାବ ଶୀଘ୍ର କାର୍ଯ୍ୟକାରୀ ହୁଏ – ଆମେ ଯଦି ଆମ ଆନ୍ତର ସତ୍ତାରେ କିଞ୍ଚିତ୍ ବିକାଶ ଲାଭ କରି ନଥିବୁଁ ।

ପୃଥିବୀ ବ୍ୟାପୀ ଅଧିକାଂଶ ସମାଜରେ, ପରିବାରମାନଙ୍କରେ ଏକ ନୂତନ ପ୍ରଭାବ ବେଶ୍ ଶକ୍ତିଶାଳୀ ହୋଇଉଠିଛି । ତାହାହେଲା ଟେଲିଭିଜନ୍ ଏବଂ ଇଣ୍ଟରନେଟ୍ । ବିଭିନ୍ନ ସମ୍ବାଦ ସରବରାହ ସଂସ୍ଥା ଏବଂ ଫେସ୍‌ବୁକ୍ ଇତ୍ୟାଦି ତଥାକଥିତ ସୋସିଆଲ ମିଡ଼ିଆ ମାଧ୍ୟମରେ ହତ୍ୟା, ସନ୍ତ୍ରାସବାଦୀ ଆକ୍ରମଣ ଓ ପ୍ରତି-ଆକ୍ରମଣ, ଗୃହଦାହ, ବୋମାମାଡ଼ ଇତ୍ୟାଦି ହିଂସାତ୍ମକ ଛବିର ବହୁଳ ପ୍ରଚାର ଦ୍ୱାରା ଦର୍ଶକମାନଙ୍କ ଉପରେ ସେସବୁର ପ୍ରତିକ୍ରିୟା କ'ଣ ହେଉଛି, ସେସମ୍ପର୍କରେ ଇଂଲଣ୍ଡର ବ୍ରାଡଫୋର୍ଡ୍ ବିଶ୍ୱବିଦ୍ୟାଳୟର ଦଳେ ମନସ୍ତତ୍ତ୍ୱବିତ୍ ଗବେଷଣା କରୁଥିଲେ । ସମ୍ପ୍ରତି ବ୍ରିଟିଶ ମନସ୍ତାତ୍ତ୍ୱିକ ସମ୍ମିଳନୀରେ ସେ ଗବେଷଣାଲବ୍ଧ ସିଦ୍ଧାନ୍ତ ପରିବେଷିତ ହୋଇଛି । ବାଳକ-ବାଳିକାମାନଙ୍କ ଉପରେ ସେ ହିଂସାତ୍ମକ ଦୃଶ୍ୟାବଳିର ପ୍ରଭାବ ଦୁର୍ଭାଗ୍ୟଜନକ । ଉତ୍କଣ୍ଠା, ଭୟ, ଅବିଶ୍ୱାସ – ଏସବୁ ପ୍ରାଥମିକ ପ୍ରତିକ୍ରିୟା ପରେ ସେମାନଙ୍କ ମନରେ ଆସେ ଅବସାଦବୋଧ ଓ ତା'ପରେ ଅସହାୟତାବୋଧ ।

ଯାହା ଆହୁରି ଚିନ୍ତାର ବିଷୟ, କ୍ରମେ ଏସବୁ ଦୃଶ୍ୟ ଦର୍ଶକମାନଙ୍କ ଚେତନା ହିଂସା ଭଳି ଭୟଙ୍କର ଦୃଶ୍ୟସବୁ ପ୍ରତି ଅଭ୍ୟସ୍ତ ହୋଇଯାଏ ଏବଂ ଫଳରେ ସେମାନଙ୍କର ସୂକ୍ଷ୍ମ ଅବବୋଧ ଏବଂ ସହାନୁଭୂତି-ପ୍ରବଣତା ଭଳି ମହତ୍ ଗୁଣମାନ ନିଷ୍ପ୍ରଭ ହୋଇଯା'ନ୍ତି ।

କଲମ୍ବିଆ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ ଡା. ଆନ୍ ମାରି ଆଲବାନୋ (ଉତ୍କଣ୍ଠା-ଚିକିତ୍ସା ବିଶେଷଜ୍ଞ) ଜଣାଇଛନ୍ତି ନାନାଦି ହିଂସାଚାରର ଦୃଶ୍ୟ ସୋସିଆଲ ମିଡ଼ିଆରେ ଆମେ ଯେତେ କମ୍ ଦେଖିବା, ସେତେ ମଙ୍ଗଳ । ଖବର ଜାଣିବାହିଁ ଯଥେଷ୍ଟ ।

କିନ୍ତୁ ସେସବୁର ପ୍ରତିକ୍ରିୟା ଏଡ଼ାଇବା ଦିଗରେ ଗଠନମୂଳକ ପଦକ୍ଷେପ ହେଲା ଆମେ ଆମ ଚତୁର୍ଦ୍ଦିଗର ବହୁ ସୁନ୍ଦର ଦୃଶ୍ୟ ପ୍ରତି ପ୍ରତ୍ୟହ ସୁଯୋଗ ପାଇବା ମାତ୍ରେ ମନୋଯୋଗ ଦେବା – ଆକାଶ, ସମୁଦ୍ର, ଜଳାଶୟ, ଉଦ୍ୟାନ – ଏପରିକି ଫୁଲଟିଏ ଉପରେ କିଛି କିଛି ମୁହୂର୍ତ୍ତ ଏକାଗ୍ର ହେବା; ସେମାନେ ବିତରଣ କରୁଥିବା ଶାନ୍ତି ଓ ସୌନ୍ଦର୍ଯ୍ୟ ଅନୁଭବ କରିବା, ମଧ୍ୟେ ମଧ୍ୟେ ବିଭିନ୍ନ ରାଗରାଗିଣୀ-ସମୃଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ଶୁଣିବା, ସତ୍-ସାହିତ୍ୟ ପଢ଼ିବା ଇତ୍ୟାଦି ।

ସମ୍ବାଦପତ୍ରମାନଙ୍କରେ ଅନେକ ସମୟରେ ସାହସ, ତ୍ୟାଗ, ଉଦାରତା ଇତ୍ୟାଦି ସମ୍ପର୍କୀୟ ଘଟଣାମାନ ମଧ୍ୟ ପ୍ରକାଶିତ ହୁଏ । ମାତାପିତା, ଶିକ୍ଷକ ଏବଂ ଅଭିଭାବକ ପର୍ଯ୍ୟାୟର ଲୋକେ ପିଲାମାନଙ୍କର ଦୃଷ୍ଟି ସେସବୁ ପ୍ରତି ଆକର୍ଷଣ କରିବା ଏବଂ ନିଜ ଜୀବନରେ ଜାଣିଥିବା ସେଭଳି ଘଟଣାମାନ ବର୍ଣ୍ଣନା କରିବା ଦ୍ୱାରା ସେମାନେ ବିକାଶଶୀଳ ମାନସ ପ୍ରତି ସେମାନଙ୍କର ଅମୂଲ୍ୟ ଅବଦାନ ଦେଇପାରିବେ ।

**– ମନୋଜ ଦାସ** ❑

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜର ଆତ୍ମା ସହ ଯୁକ୍ତ ହୋଇ ପରମଙ୍କ ମଧ୍ୟରେ ନିମଗ୍ନ ହୋଇ ରହିବା ।

– ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**

(See Rule 8)

| | | | |
|---|---|---|---|
| 1. | Place of Publication | ··· | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ··· | Monthly |
| 3. | Printer's Name | ··· | Swadhin Chatterjee |
| | Nationality | ··· | Indian |
| | Address | ··· | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ··· | Manoj Das Gupta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 5. | Editor's Name | ··· | Gopal Chandra Mahana |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2025* *Signature of Publisher*

**Vol. LVI, No. 3** **R.N.I. No. 18163/70.**
Navaprakash (Monthly), March, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ଦ୍ୱିତୀୟ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**